RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-340 ◆MONDAY ◆8 JUNE 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୩୪୦ ◆ସୋମବାର ◆୮ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଅଟକିଛି ରାକା

▶ପୃଷ୍ଠା ୧୧ ଦେଖନ୍ତୁ...

## ୟୁରୋପରେ ଜିପିଏସ୍ ସିଗନାଲ୍ ଜାମ୍ କରୁଛି ଋଷିଆ ଉପଗ୍ରହ

■ ଲଣ୍ଡନ,୭ ।୬ (ଏଜେନ୍ସି): ମହାକାଶ ଏବେ ଏକ ନୂଆ ଯୁଦ୍ଧକ୍ଷେତ୍ରରେ ପରିଣତ ହେବାକୁ ଯାଉଛି । ଋଷିଆର ଉପଗ୍ରହଗୁଡ଼ିକ ସମଗ୍ର ୟୁରୋପରେ ଜିପିଏସ୍ ସିଗନାଲ୍‌ରେ ବାଧା ସୃଷ୍ଟି କରୁଥିବା ନେଇ ବୈଜ୍ଞାନିକମାନେ ଦାବି କରିଛନ୍ତି । ଆମେରିକାର 'ୟୁନିଭର୍ସିଟି ଅଫ୍ ଟେକ୍ସାସ' ପକ୍ଷରୁ ପ୍ରକାଶିତ ଏକ ଗବେଷଣା ପତ୍ରରୁ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି, ଯାହା ବିଶ୍ୱର ସୁରକ୍ଷା ଚିନ୍ତାକୁ ବଢ଼ାଇ ଦେଇଛି । ଏହି ସିଗନାଲ୍ ଜାମିଂ ଯୋଗୁଁ ୟୁରୋପର ବିଭିନ୍ନ ଅଞ୍ଚଳରେ ଉଡ଼ାଣ ଭରୁଥିବା ବିମାନ ଏବଂ ସମୁଦ୍ରରେ ଯାତ୍ରା କରୁଥିବା ଜାହାଜଗୁଡ଼ିକର ନେଭିଗେସନ୍ ସିଷ୍ଟମ ପ୍ରଭାବିତ ହେଉଛି । ଋଷିଆ ପକ୍ଷରୁ କୃତ୍ରିମ ଉପଗ୍ରହ ମାଧ୍ୟମରେ ମୂଳ ସିଗନାଲ୍‌କୁ ବିକୃତ ବା ଦୁର୍ବଳ କରିଦିଆଯାଉଛି, ଯାହାଫଳରେ ଗ୍ରାଉଣ୍ଡରେ ଥିବା ରିସିଭରଗୁଡ଼ିକ ସଠିକ୍ ସ୍ଥାନ ନିରୂପଣ କରିବାରେ ବିଫଳ ହେଉଛନ୍ତି ।

**ମହାକାଶରେ ଡିଜିଟାଲ୍ ୱାର୍**

ବିଶେଷଜ୍ଞଙ୍କ କହିବାନୁସାରେ, ଏହା ପାରମ୍ପରିକ ସାମରିକ ଯୁଦ୍ଧ ବଦଳରେ ଡିଜିଟାଲ୍ ଏବଂ ମହାକାଶ ଭିତ୍ତିଭୂମିକୁ ଟାର୍ଗେଟ୍ କରିବାର ଏକ ଆଧୁନିକ 'ଇଲେକ୍ଟ୍ରୋନିକ ୱାରଫେୟାର୍' ବା ବୈଦ୍ୟୁତିକ ଯୁଦ୍ଧ କୌଶଳ । ୨୦୨୨ ମସିହାରେ ୟୁକ୍ରେନ୍ ଉପରେ ଋଷିଆର ଆକ୍ରମଣ ପରଠାରୁ ୟୁରୋପରେ ଏଭଳି ସିଗନାଲ୍ ସମସ୍ୟା ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି । ଶାରୀରିକ ଆକ୍ରମଣ ତୁଳନାରେ ଏହି ସିଗନାଲ୍ ଜାମିଂର ମୂଳ ଉତ୍ସ ଖୋଜିବା ବେଶ୍ କଷ୍ଟକର । ଏହି ବିପଦକୁ ଦୃଷ୍ଟିରେ ରଖି ୟୁରୋପୀୟ କର୍ତ୍ତୃପକ୍ଷ ଏବେ ଏକ ବିକଳ୍ପ ବ୍ୟାକଅପ୍ ନେଭିଗେସନ୍ ସିଷ୍ଟମ ଏବଂ ଅଧିକ ସୁରକ୍ଷିତ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ।


## ୧୪୦୦ କିଲୋମିଟର ଦୂରରୁ ଆସି ଦିଲ୍ଲୀ ପ୍ରଫେସରଙ୍କୁ ହତ୍ୟା

■ ନୂଆଦିଲ୍ଲୀ,୭ ।୬(ଏଜେନ୍ସି): ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜଣେ ମହିଳା ପ୍ରଫେସରଙ୍କ ରହସ୍ୟଜନକ ହତ୍ୟାକାଣ୍ଡର ପରଦାଫାଶ କରିଛି ପୋଲିସ । ମାତ୍ର ୩ ଦିନ ମଧ୍ୟରେ ପୋଲିସ ପଶ୍ଚିମବଙ୍ଗରୁ ଜଣେ ଦମ୍ପତିଙ୍କୁ ଗିରଫ କରିବାରେ ସଫଳ ହୋଇଛି । କୋଟି କୋଟି ଟଙ୍କାର ସମ୍ପତ୍ତି ବିବାଦକୁ ନେଇ ପ୍ରଫେସର ଦେବସ୍ମିତା ପଲ୍‌ଙ୍କୁ ହତ୍ୟା କରିବା ପାଇଁ ଏହି ଦମ୍ପତି ପଶ୍ଚିମବଙ୍ଗରୁ ପ୍ରାୟ ୧୪୦୦ କିଲୋମିଟର ଦୂର ଯାତ୍ରା କରି ଦିଲ୍ଲୀ ଆସିଥିଲେ । ଗତ ବୁଧବାର ଦିନ ପୂର୍ବ ଦିଲ୍ଲୀର ଏକ ଆପାର୍ଟମେଣ୍ଟରେ ରହୁଥିବା ଦେବସ୍ମିତାଙ୍କୁ ତାଙ୍କ ଘର ଭିତରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ହତ୍ୟାକାରୀମାନେ ନିଜର ନାବାଳକ ପୁଅକୁ ସାଙ୍ଗରେ ଆଣିଥିଲେ ଯେପରି କାହା ମନରେ ସନ୍ଦେହ ନହେବ । ସେମାନେ ମୁହଁରେ ମାସ୍କ ପିନ୍ଧି ଘର ଭିତରକୁ ପ୍ରବେଶ କରିଥିଲେ ଏବଂ ହତ୍ୟା କରିବା ପରେ ମାତ୍ର ୩୦ ମିନିଟ୍ ମଧ୍ୟରେ ପୋଷାକ ବଦଳାଇ ସେଠାରୁ ଫେରାର ହୋଇଯାଇଥିଲେ ।

**ସଂପତ୍ତି ହଡ଼ପ ଷଡ଼ଯନ୍ତ୍ର**

ପୁଲିସ ସୂତ୍ରରୁ ପ୍ରକାଶ ଯେ ପଶ୍ଚିମବଙ୍ଗରେ ଦେବସ୍ମିତାଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ରହିଥିଲା । ଗିରଫ ହୋଇଥିବା ଦମ୍ପତି ସେହି ଘରେ ଭଡ଼ାଟିଆ ଭାବେ ରହୁଥିଲେ ଏବଂ ସେହି ସମ୍ପତ୍ତିକୁ ହଡ଼ପ କରିବାକୁ ଚାହୁଁଥିଲେ । ଦେବସ୍ମିତା ସେମାନଙ୍କୁ ଘର ଖାଲି କରିବାକୁ ଚାପ ପକାଉଥିବାରୁ ସେମାନେ ଏହି ସାଙ୍ଘାତିକ ଯୋଜନା କରିଥିଲେ । ପୋଲିସ ସିସିଟିଭି ଯାଞ୍ଚ କରିବା ସହ ସେହି ଅଞ୍ଚଳକୁ ଆସିଥିବା ଏକ କାର୍‌ର ଚାଳକକୁ ଅଟକ ରଖି ପଚରାଉଚରା କରିଥିଲା । ଏହାପରେ ପ୍ରାୟ ୭ଟି ପୋଲିସ ଟିମ୍ ୪ଟି ରାଜ୍ୟରେ ଚଢ଼ାଉ କରି ଶେଷରେ ପଶ୍ଚିମବଙ୍ଗର ବର୍ଦ୍ଧମାନରୁ ଅଭିଯୁକ୍ତ ରାମପ୍ରସାଦ ଦାସ ଏବଂ ବନଶ୍ରୀ ଦାସଙ୍କୁ ଗିରଫ କରିଛି ।

## ହାଣ୍ଡିଶାଳକୁ ଗ୍ୟାସ୍ ସିଲିଣ୍ଡର ଚିନ୍ତା



### ୯୦ ଦିନରେ ୮୯ ଟଙ୍କା ମହଙ୍ଗା

■ ନୂଆଦିଲ୍ଲୀ, ୭।୬ (ଏଜେନ୍ସି): ମଧ୍ୟ ପ୍ରାଚ୍ୟ ସଙ୍କଟ ପରେ ଖାଉଟିଙ୍କୁ ନିସ୍ତାର ମିଳିନାହିଁ । ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍ ସବୁ ମହଙ୍ଗା । କ୍ରମାଗତ ଭାବେ ଏଲ୍‌ପିଜି ସିଲିଣ୍ଡର ଦର ବୃଦ୍ଧି ଖାଉଟିଙ୍କ ପରିବାର ବଜେଟ ବଢ଼ାଇଦେଇଛି । ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ପରେ ପରେ ବିକଳ୍ପ ଉତ୍ସରୁ ତେଲ ଏବଂ ଗ୍ୟାସ୍ ଆମଦାନୀ କରୁଥିଲେ ସୁଦ୍ଧା ଭାରତ ଉପରୁ ସଙ୍କଟ ଟଳୁନି । କାରଣ କ୍ରମାଗତ ଭାବେ ଦେଶରେ ପୋଟ୍ରାଲ,ଡିଜେଲ ସହ ଗ୍ୟାସ୍ ସିଲିଣ୍ଡର ମହଙ୍ଗା ହେବାରେ ଲାଗିଛି । କେନ୍ଦ୍ର ସରକାର ଘରୋଇ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ପୁଣି ଥରେ ବୃଦ୍ଧି କରିଛନ୍ତି । ସରକାର ଅଧ ରାତିରେ ଏହି ଦର ବୃଦ୍ଧି କରିଛନ୍ତି । ଏଥିଯୋଗୁ ଏଲପିଜି ସିଲିଣ୍ଡର ପିଛା ଦର ୨୯ ଟଙ୍କା ବୃଦ୍ଧି ପାଇଛି । ରବିବାର ମଧ୍ୟ ରାତ୍ରରୁ ନୂଆ ଦର ଲାଗୁ ହୋଇଛି । ମାତ୍ର ୩ ମାସ ମଧ୍ୟରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ୮୯ ଟଙ୍କା ମହଙ୍ଗା ହୋଇଛି ।

**ଘରୋଇ ସିଲିଣ୍ଡର ୨୯ ଟଙ୍କା ବଢ଼ିଲା**

ଦର ବୃଦ୍ଧି ପରେ ରାଜଧାନୀ ଦିଲ୍ଲୀରେ ୧୪.୨ କେଜି ବିଶିଷ୍ଟ ଘରୋଇ ସିଲିଣ୍ଡର ପିଛା ମୂଲ୍ୟ ୨୯ ଟଙ୍କା ବୃଦ୍ଧି ଘଟି ୯୧୩ ଟଙ୍କାରୁ ୯୪୨ ଟଙ୍କାରେ ପହଞ୍ଚିଛି । ଏହାପୂର୍ବରୁ ମାର୍ଚ୍ଚ ୭ ତାରିଖରେ ଘରୋଇ ସିଲିଣ୍ଡର ମୂଲ୍ୟ ୬୦ଟଙ୍କା ବୃଦ୍ଧି ପାଇଥିଲା । ଏହାକୁ ମିଶାଇଲେ ୯୦ ଦିନରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୮୯ ଟଙ୍କା ବୃଦ୍ଧି ଘଟିଛି । ଏହାଫଳରେ ଭୁବନେଶ୍ୱରରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ପିଛା ଦର ୯୩୯ ଟଙ୍କାରୁ ୯୬୮ ଟଙ୍କାରେ ପହଞ୍ଚିଛି । ଟଙ୍କା ମହଙ୍ଗା ହୋଇଛି । ସୂଚନାଯୋଗ୍ୟ, ଏହା ପୂର୍ବରୁ ସରକାର ୧୯କେଜି ବିଶିଷ୍ଟ ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ବୃଦ୍ଧି ▶ପୃଷ୍ଠା-୭

# ୮ ରାଜ୍ୟରେ ପହଞ୍ଚିଲା ମୌସୁମୀ

■ ନୂଆଦିଲ୍ଲୀ, ୭ ।୬ (ଏଜେନ୍ସି): ଦେଶରେ ମୌସୁମୀ ବାୟୁ ଏବେ ଦ୍ରୁତ ଗତିରେ ଆଗକୁ ବଢ଼ିବାରେ ଲାଗିଛି । ମାତ୍ର ୪ ଦିନ ମଧ୍ୟରେ ଏହା ଭାରତର ୭ଟି ରାଜ୍ୟକୁ ସ୍ପର୍ଶ କରି ସାରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ମହାରାଷ୍ଟ୍ର ସମେତ ୮ଟି ରାଜ୍ୟରେ ମୌସୁମୀ ପହଞ୍ଚି ଯାଇଛି । ଏହାର ପ୍ରଭାବରେ କେରଳ, କର୍ଣ୍ଣାଟକ, ଗୋଆ ଏବଂ ତାମିଲନାଡୁର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିଛି । ଅନ୍ୟପଟେ ଗୁଜରାଟକୁ ବାଦ୍ ଦେଲେ ଦେଶର ବାକି ସମସ୍ତ ରାଜ୍ୟରେ ପ୍ରାକ୍-ମୌସୁମୀ ବର୍ଷା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ତେବେ ବର୍ଷା ସତ୍ତ୍ୱେ କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ କମି ନାହିଁ । ତାମିଲନାଡୁର ରାଜଧାନୀ ଚେନ୍ନାଇରେ କ୍ରମାଗତ ୫ମ ଦିନ ପାଇଁ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ପାର୍ କରିଥିବା ବେଳେ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ପାଇଁ ଗ୍ରୀଷ୍ମ ପ୍ରବାହର 'ଅରେଞ୍ଜ ଆଲର୍ଟ' ଜାରି କରାଯାଇଛି । ଓଡ଼ିଶାରେ ରାତି ସମୟରେ ମଧ୍ୟ ଗରମ ପବନ ବହିବାର ଆଶଙ୍କା ରହିଛି ।

ୟୁରୋପୀୟ ପାଣିପାଗ ସଂସ୍ଥା ଅନୁଯାୟୀ, ପ୍ରଶାନ୍ତ ମହାସାଗରରେ 'ଏଲ୍ ନିନୋ' ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ, ଏହା ଯୋଗୁଁ ଚଳିତ ବର୍ଷ ▶ପୃଷ୍ଠା-୭

## ୩-୪ ଦିନ ମଧ୍ୟରେ ଓଡ଼ିଶା ଛୁଇଁବ

■ ଭୁବନେଶ୍ୱର, ୭।୬ (ସମିସ): ଓଡ଼ିଶା ମୁହାଁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୬-୮ ଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁବ ବୋଲି ଆଇଏମ୍‌ଡି କହିଥିଲା । ହେଲେ ଏହି ସମୟ ଆହୁରି କମି ଯାଇଛି । ଆସନ୍ତା ୩-୪ ଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁବା ନେଇ ପାଗ ଅନୁକୂଳ ଥିବା ଆଜି ଆଇଏମ୍‌ଡି କହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ଏକ୍ସ ଯୋଗେ କହିଛନ୍ତି ଯେ ଓଡ଼ିଶାର କିଛି ଅଞ୍ଚଳରେ ମୌସୁମୀ ସକ୍ରିୟ ହେବା ପାଇଁ ପାଗ ଅନୁକୂଳ ହୋଇଛି । ତେଣୁ ଆସନ୍ତା ୩-୪ ଦିନ ମଧ୍ୟରେ ରାଜ୍ୟର କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହେବ ବୋଲି ସେ କହିଛନ୍ତି ।

ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ ଆସନ୍ତା ୩-୪ ଦିନ ମଧ୍ୟରେ ଆରବ ସାଗରର ଆହୁରି କିଛି ଅଞ୍ଚଳ, ମହାରାଷ୍ଟ୍ର, କର୍ଣ୍ଣାଟକ, ତେଲେଙ୍ଗାନାର କିଛି ଭାଗ, ଆନ୍ଧ୍ର ପ୍ରଦେଶର ଅଧିକ ଅଞ୍ଚଳ, ତାମିଲନାଡୁର ଅବଶିଷ୍ଟ ଅଞ୍ଚଳ, ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ସହ ପଶ୍ଚିମ-ମଧ୍ୟ ଓ ଉତ୍ତର-ପଶ୍ଚିମ ▶ପୃଷ୍ଠା-୭

### କାଳବୈଶାଖୀ ତାଣ୍ଡବରେ କଟକ ବେହାଲ

## ବଜ୍ରପାତରେ ଭାଙ୍ଗିଲା ଚଣ୍ଡୀ ମନ୍ଦିର ଦଧିନଉତି



■ କଟକ, ୭।୬ (ସମିସ): ରୌପ୍ୟନଗରୀ କଟକ ସମେତ ସମଗ୍ର ଜିଲ୍ଲାରେ ଆଜି ଅପରାହ୍ଣରେ କାଳବୈଶାଖୀ ଜନିତ ଝଡ଼ବର୍ଷା ସହ ଭୟଙ୍କର ବଜ୍ରପାତର ତାଣ୍ଡବ ଦେଖିବାକୁ ମିଳିଛି । ଏହି ପ୍ରାକୃତିକ ବିପର୍ଯ୍ୟୟରେ କଟକର ଅଧିଷ୍ଠାତ୍ରୀ ମା' କଟକ ଚଣ୍ଡୀଙ୍କ ମନ୍ଦିରର ଗୁରୁତର କ୍ଷତି ହୋଇଛି । ପ୍ରଚଣ୍ଡ ବଜ୍ରପାତରେ ମନ୍ଦିର ଉପରେ ନୂଆ କରି ସ୍ଥାପନ କରାଯାଇଥିବା ସୁଉଚ୍ଚ 'ଦଧିନଉତି'ଟି ଆଂଶିକ ଭାବେ ଭାଙ୍ଗି ଫାଟି ଯାଇଛି । ବଜ୍ରପାତ ଏତେ ଭୟଙ୍କର ଓ ଶକ୍ତିଶାଳୀ ଥିଲା ଯେ ମନ୍ଦିର ଚୂଡ଼ାରୁ କିଛି ପଥର ଭାଙ୍ଗି ସିଧା ତଳକୁ ଖସି ପଡ଼ିଥିବା ବେଳେ ଆଉ କିଛି ପଥର ବିପଜ୍ଜନକ ଅବସ୍ଥାରେ ଝୁଲି ରହିଛି । ତେବେ, ସୌଭାଗ୍ୟବଶତଃ ଏଥିରେ କୌଣସି ଶ୍ରଦ୍ଧାଳୁ କିମ୍ବା ସେବାୟତଙ୍କର କୌଣସି କ୍ଷୟକ୍ଷତି ଘଟିନାହିଁ । କଟକ ଚଣ୍ଡୀ ମନ୍ଦିରର ଦୀର୍ଘ ବର୍ଷର ଇତିହାସରେ ଏଭଳି ଦେବପୀଠ ▶ପୃଷ୍ଠା-୭

### ୨୦୪ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

## ବକୁଳବନ ଢାଞ୍ଚାରେ ପ୍ରାଥମିକ ବିଦ୍ୟାଳୟ: ମୁଖ୍ୟମନ୍ତ୍ରୀ




■ ଖୋର୍ଦ୍ଧା/ଭୁବନେଶ୍ୱର, ୭ ।୬ (ସମିସ): ସତ୍ୟବାଦୀର ବକୁଳବନ ବିଦ୍ୟାଳୟ ପରି ରାଜ୍ୟର ପ୍ରାଥମିକ ବିଦ୍ୟାଳୟର ରୂପରେଖ ବଦଳିବ । ସେଥିପାଇଁ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାରେ ରାଜ୍ୟର ୨୨୦୦ଟି ବିଦ୍ୟାଳୟକୁ ବିକଶିତ କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଖୋର୍ଦ୍ଧା ଜିଲ୍ଲା କୁମାରବସ୍ତ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ୧୧୮ଟି ବିଦ୍ୟାଳୟକୁ ବିକଶିତ କରାଯାଉଛି । ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୦୪ଟି ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଆଜି ଭିତ୍ତିପ୍ରସ୍ତର ରଖାଯାଇଛି । ପ୍ରାଥମିକ ଶିକ୍ଷା ହେଉଛି ଜଣେ ଛାତ୍ରର ଶିକ୍ଷାଗ୍ରହଣର ମୂଳଦୁଆ । ତେଣୁ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସରକାର ଏହି ଯୋଜନା କରିଛନ୍ତି । ନିଯୁକ୍ତି ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ପାଠପଢ଼ା ସହ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଯିବ । ରାଜ୍ୟରେ ଜାତୀୟ ଶିକ୍ଷାନୀତି ଲାଗୁ, ପିଏମ୍‌ଶ୍ରୀ ବିଦ୍ୟାଳୟ ସ୍ଥାପନ, ଶିଶୁ ବାଟିକା, ଐତିହ୍ୟ ବିଦ୍ୟାଳୟ ଯୋଜନା, ଜନଜାତି ଛାତ୍ରଛାତ୍ରୀଙ୍କ ଡ୍ରପ୍-ଆଉଟ୍ ହାର ରୋକିବା ପାଇଁ ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରଥମରୁ ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ପରି ଅନେକ ଯୋଜନା କରି ଶିକ୍ଷାର ସାମଗ୍ରିକ ବିକାଶ ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି । ଶିକ୍ଷକ ଅଭାବ ସମସ୍ୟାକୁ ଗମ୍ଭୀରତାର ସହ ନେଇ ୨ ବର୍ଷ ମଧ୍ୟରେ ୨୬,୬୧୫ ଶିକ୍ଷକ ଓ ଅଣଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି ଓ ଆଗାମୀ ୩ ବର୍ଷ ମଧ୍ୟରେ ୪୫,୦୦୦ ଶିକ୍ଷକଙ୍କ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ▶ପୃଷ୍ଠା-୭

**୩ ବର୍ଷରେ ୪୫ ହଜାର ଶିକ୍ଷକ ନିଯୁକ୍ତି**

## ଦିଲ୍ଲୀରୁ ଫେରିଲେ ନବୀନ



■ ଭୁବନେଶ୍ୱର, ୭।୬ (ସମିସ): ୭ ଦିନିଆ ଦିଲ୍ଲୀ ଗସ୍ତ ସମାପ୍ତ କରି ରବିବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ । ଆଜି ବିମାନବନ୍ଦରରେ ପହଞ୍ଚିବା ପରେ ଦଳର ଅନେକ ଛାମୁଆ ନେତା ତଥା ବିଧାୟକ ନବୀନଙ୍କୁ ସ୍ୱାଗତ କରିଛନ୍ତି । ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିଧାୟକ ସୁଶାନ୍ତ ରାଉତ ଓ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମୁଖପାତ୍ର ଡ. ଲେନିନ୍ ମହାନ୍ତି ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ । ସପ୍ତାହବ୍ୟାପୀ ଦିଲ୍ଲୀ ଗସ୍ତ ସମୟରେ ନବୀନ ବିଭିନ୍ନ ନିର୍ଦ୍ଧାରିତ ଓ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ପ୍ରେମିକାକୁ ମାରି ପୋତିଦେଲା



■ ଯୋଡ଼ା, ୭।୬ (ସମିସ): ପ୍ରେମିକାକୁ ହତ୍ୟା କରି ମାଟି ତଳେ ପୋତିଦେଲା । କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅଞ୍ଚଳରୁ ଏପରି ଏକ ଜଘନ୍ୟ ଆପରାଧିକ ଘଟଣା ପଦାକୁ ଆସିଛି । ମୃତ ଯୁବତୀଜଣଙ୍କ ହେଲେ, ଭଦ୍ରାସାହି ପଞ୍ଚାୟତସ୍ଥିତ ଝାଡ଼ଗାଁ ଗ୍ରାମର ଅନିତା ମହାକୁଡ଼ । ୨୩ ଦିନ ହେଲା ସେ ନିଖୋଜ ଥିଲେ । ଆଜି ସକାଳେ ପୁଲିସ୍ ରୋଇଡ଼ାସ୍ଥିତ ଏକ ଖଣି ଡମ୍ପ ନିକଟରେ ମାଟି ତଳୁ ଅନିତାଙ୍କ କଙ୍କାଳ ଜବତ କରି ପରୀକ୍ଷା ପାଇଁ ପଠାଇଛି । ଏହାସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ପ୍ରେମିକକୁ ଗିରଫ କରିଛି । ସେ ହେଲା, ସଂଗ୍ରାମ ଆଲଦା । ତ୍ରିକୋଣୀୟ ପ୍ରେମ ସଂପର୍କରୁ ଏହି ହତ୍ୟାକାଣ୍ଡ ଘଟିଥିବା ଆଲୋଚନା ହେଉଥିବା ବେଳେ ପୁଲିସ ପ୍ରକୃତ କାରଣ ଖୋଜିବା ପାଇଁ ତନାଘନା ଚଳାଇଛି । ତଦନ୍ତ ପରେ ଘଟଣା ସମ୍ପର୍କରେ ଅଧିକ ସୂଚନା ଦିଆଯିବ ବୋଲି ଥାନାଧିକାରୀ କହିଛନ୍ତି ।

**୨୩ ଦିନ ପରେ ମାଟି ତଳୁ କଙ୍କାଳ ଜବତ**

**ଅଭିଯୁକ୍ତ ପ୍ରେମିକ ଗିରଫ**

ଗତ ମେ' ୧୪ ତାରିଖରୁ ଅନିତା ହଠାତ୍ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ । ପରିବାରଲୋକ ବହୁ ଖୋଜାଖୋଜି କରି ନ ପାଇବାରୁ ତାଙ୍କ ମା' ପ୍ରମିଳା ମହାକୁଡ଼ ଏ ସଂପର୍କରେ ବଡ଼ବିଲ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୁଲିସ ତଦନ୍ତ କରିବା ସହ ପ୍ରେମିକ ସଂଗ୍ରାମ ଆଲଦାକୁ ଥାନାକୁ ଟେକି ଆଣି ଜେରା କରିଥିଲା । ଜେରା ବେଳେ ସେ ଅନିତାଙ୍କୁ ହତ୍ୟା କରି ମାଟିରେ ପୋତିଛି ବୋଲି ସ୍ୱୀକାର କରିଥିଲା । ତା' ସୂଚନା ଆଧାରରେ ଆଜି ସକାଳେ ପୁଲିସ ରୋଇଡ଼ାସ୍ଥିତ ଏକ ଖଣି ଡମ୍ପ ନିକଟରୁ ଅନିତାଙ୍କ କଙ୍କାଳ ମାଟି ତଳୁ ଉଦ୍ଧାର କରିଥିଲା ।

# ଭାରତରେ ହ୍ରାସ ପାଇଲା ପ୍ରଜନନ ହାର

### ଜନସଂଖ୍ୟା ସ୍ଥିର ରଖିବା ସ୍ତରଠାରୁ ବି ତଳକୁ ଖସିଲା ସଂଖ୍ୟା

■ ନୂଆଦିଲ୍ଲୀ, ୭।୬ (ଏଜେନ୍ସି): ଭାରତରେ ଜନସଂଖ୍ୟା ବୃଦ୍ଧି ହାର ଏବେ ମନ୍ଥର ହେବାରେ ଲାଗିଛି । ଭାରତ ସରାକରଙ୍କ ରେଜିଷ୍ଟ୍ରାର ଜେନେରାଲ ଏବଂ ଜନଗଣନା କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ 'ନମୁନା ପଞ୍ଜୀକରଣ ପ୍ରଣାଳୀ ପରିସଂଖ୍ୟାନ ରିପୋର୍ଟ ୨୦୨୪' ଅନୁଯାୟୀ, ଦେଶର ମୋଟ ପ୍ରଜନନ ହାର ପ୍ରଥମ ଥର ପାଇଁ ଜନସଂଖ୍ୟା ସ୍ଥିର ରଖିବାର ସୀମା (ରିପ୍ଲେସମେଣ୍ଟ ଥ୍ରେସ୍‌ହୋଲ୍ଡ) ୨.୧ ରୁ ତଳକୁ ଖସି ଆସି ୧.୯ ରେ ପହଞ୍ଚିଛି । ଏହାର ଅର୍ଥ ଜଣେ ମହିଳା ତାଙ୍କ ଜୀବନକାଳ ମଧ୍ୟରେ ଜନ୍ମ କରୁଥିବା ହାରାହାରି ପିଲାଙ୍କ ସଂଖ୍ୟା ଏବେ ସନ୍ତୁଳନ ରକ୍ଷା କରିବା ପାଇଁ ଆବଶ୍ୟକ ହେଉଥିବା ସଂଖ୍ୟା ଠାରୁ କମ୍ ରହିଛି । ବର୍ତ୍ତମାନ ଭାରତର ଜନସଂଖ୍ୟା ୧୪୫ କୋଟିରେ ପହଞ୍ଚିଥିଲେ ମଧ୍ୟ ପ୍ରଜନନ ହାର ହ୍ରାସ ପାଇବା କାରଣରୁ ଆଗାମୀ ଦିନରେ ଜନସଂଖ୍ୟା ହ୍ରାସ ପାଇବା ନିଶ୍ଚିତ ହୋଇଯାଇଛି ।



**ଫିନଲ୍ୟାଣ୍ଡଠାରୁ କମିଲା ଦିଲ୍ଲୀର ହାର**

**ଚିନ୍ତା ପ୍ରକଟ କଲେ ଏଲନ୍ ମସ୍କ**

ୱାସିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ଆଗାମୀ ୨୧ ବର୍ଷ ମଧ୍ୟରେ ଭାରତର ଜନସଂଖ୍ୟା ସର୍ବୋଚ୍ଚ ସ୍ତର ଛୁଇଁବା ପରେ ଏଥିରେ ବ୍ୟାପକ ହ୍ରାସ ଦେଖାଦେବ ଏବଂ ଶତାବ୍ଦୀର ଶେଷ ଆଡ଼କୁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇପାରେ । ରିପୋର୍ଟ ଅନୁଯାୟୀ, ବିହାରରେ ସର୍ବାଧିକ ପ୍ରଜନନ ହାର ୨.୯ ରହିଥିବା ବେଳେ ଉତ୍ତର ପ୍ରଦେଶରେ ୨.୬, ମଧ୍ୟପ୍ରଦେଶରେ ୨.୪ ଏବଂ ରାଜସ୍ଥାନରେ ୨.୩ ରହିଛି । କେବଳ ଏହି ବଡ଼ ରାଜ୍ୟଗୁଡ଼ିକରେ ହାର ସୀମା ଉପରେ ରହିଛି । ଅନ୍ୟପଟେ ଦିଲ୍ଲୀରେ ଏହି ହାର ସବୁଠାରୁ କମ୍ ଅର୍ଥାତ୍ ୧.୨ ରହିଛି, ଯାହା ଫିନଲ୍ୟାଣ୍ଡ ଦେଶର ହାର ଠାରୁ ବି କମ୍ । ଓଡ଼ିଶା, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ କେରଳ ଭଳି ରାଜ୍ୟଗୁଡ଼ିକରେ ମଧ୍ୟ ପ୍ରଜନନ ହାର ଯଥେଷ୍ଟ କମ୍ ରହିଛି । ସୀମିତ ଆୟ ଥିବା ପରିବାରଗୁଡ଼ିକ ପିଲାଙ୍କୁ ଉତ୍ତମ ଶିକ୍ଷା ଦେବା ପାଇଁ ଗୋଟିଏ ପିଲା ହିଁ ଯଥେଷ୍ଟ ବୋଲି ଶ୍ରେୟସ୍କର ମଣୁଛନ୍ତି । ସହରୀକରଣ ଯୋଗୁଁ ପ୍ରାୟ ୭୦ ପ୍ରତିଶତ ଲୋକ ଏବେ ଏକକ ପରିବାରରେ ରହୁଛନ୍ତି, ଯାହାଦ୍ୱାରା ପିଲା ବଢ଼ାଇବା ପିତାମାତାଙ୍କ ▶ପୃଷ୍ଠା-୭

## +୩ ଆଡମିସନ୍ ପାଇଁ ପରଘରେ ମୂଲ

■ କେନ୍ଦୁଝର/ତେଲକୋଇ, ୭।୬ (ସମିସ): ଘର ପାଖରେ ଜଙ୍ଗଲ । ସେଠାରେ ଏକ ଦରଭଙ୍ଗା ଗଛ ଉପରେ ବସିଛନ୍ତି ଜଣେ ଛାତ୍ର । ଏକାଗ୍ର ଚିତ୍ତରେ ପାଠ ପଢୁଛନ୍ତି । ଘରୁ ବାହରି ଜଙ୍ଗଲରେ ଛେଳି ଚରାଇବା ସହ ସେଠାରେ ବସି ପାଠ ମଧ୍ୟ ପଢୁଛନ୍ତି । ଏଥିସହ ପରଘରେ ମୂଲ ଲାଗି ନିଜ +୩ ଆଡମିସନ୍ ପାଇଁ ସେ ଟଙ୍କା ଯୋଗାଡ଼ କରୁଛନ୍ତି । ଏ ହେଉଛି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ନୟାକୋଟ ପଞ୍ଚାୟତ ସୁଡ଼ଙ୍ଗ ଗାଁର ମାନସ ଦେହୁରୀଙ୍କର କରୁଣ କାହାଣୀ ।



**ଆର୍ଥିକ ଅନଟନରେ ଶିକ୍ଷାର ଆଲୁଅ ଖୋଜୁଛନ୍ତି**

**+୨ କଳାରେ ୮୫ ପ୍ରତିଶତ ମାର୍କ ରଖିଥିଲେ**

**ମୂଲ ଲାଗିବା ସହ ଛେଳି ଚରାଇ ଭବିଷ୍ୟତକୁ ସାକାର କରିବାକୁ ସ୍ୱପ୍ନ**

ମାନସ ଜଣେ ମେଧାବୀ ଛାତ୍ର । ସେ ଧରଣୀଧର ବିଶ୍ୱବିଦ୍ୟାଳୟରୁ ଏ ବର୍ଷ ୮୫ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ମାନସଙ୍କ ବାପା ବେଣୁଧର ଆରପାରିକୁ ଚାଲିଯିବା ପରେ ତାଙ୍କ ଘରର ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି । ବଡ଼ଭାଇ ଟୁକୁନା ବାହାରେ ଦାଦନ ଖଟୁଛନ୍ତି । ଆଗକୁ ପ୍ରଶାସନିକ ସେବାରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଥିବା ମାନସ ନିଜର +୩ ଆଡ଼ମିସନ୍ ପାଇଁ ଛେଳି ଚରାଇବା ସହିତ ପର ଘରେ ମୂଲ ଲାଗୁଛନ୍ତି । ସରକାର ତାଙ୍କ ପ୍ରତି ସହାୟତାର ହାତ ବଢ଼ାଇଲେ ମାନସ ତାଙ୍କ ସ୍ୱପ୍ନ ସାକାର କରିପାରିବେ ବୋଲି କହିଛନ୍ତି । ୨୦୨୪ ମସିହାରେ କାଦକଳା ଉଚ୍ଚବିଦ୍ୟାଳୟରୁ ସେ ୭୦% ମାର୍କ ରଖି ପାସ୍ କରିଥିଲେ । ଏହାପରେ ଧରଣୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୮୫ ପ୍ରତିଶତ ମାର୍କ ରଖି ପାସ୍ କଲେ । +୨ ପରୀକ୍ଷା ସମୟରେ ବାପା ବେଣୁଧର ଆରପାରିକୁ ଚାଲିଗଲେ । ତେଣୁ ଅର୍ଥ ଅଭାବରୁ ବଡ଼ଭାଇ ପାଠ ଛାଡ଼ି ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି । ତେବେ ପାଠପଢ଼ି ପ୍ରଶାସନିକ ସେବାରେ ନିଜକୁ ନିୟୋଜିତ କରିବାକୁ ଲକ୍ଷ୍ୟ ରଖିଥିବା ମାନସ ଅର୍ଥ ▶ପୃଷ୍ଠା-୭

# ଅଭୟାରଣ୍ୟରେ ୮ଟି ଏସୀୟ ସିଂହ ଛୁଆଙ୍କ ମୃତ୍ୟୁ

## ସଂକ୍ରମଣ ନୁହେଁ; ପ୍ରଚଣ୍ଡ ଗରମ ସାଜିଲା କାଳ

ଗାନ୍ଧୀନଗର,୭ ।୬(ଏଜେନ୍ସି): ଗୁଜରାଟର ପ୍ରସିଦ୍ଧ ଗିର୍ ଅଭୟାରଣ୍ୟରେ ୮ ଟି ଏସୀୟ ସିଂହ ଛୁଆଙ୍କ ମୃତ୍ୟୁ କୌଣସି ଭୂତାଣୁ କିମ୍ବା 'ବାବେସିଆ' ସଂକ୍ରମଣ ଯୋଗୁଁ ହୋଇନାହିଁ, ବରଂ ପ୍ରଚଣ୍ଡ ଗରମ ଏବଂ ଅଂଶୁଘାତ ଜନିତ ଦୁର୍ବଳତା ଯୋଗୁଁ ହୋଇଛି ବୋଲି ରାଜ୍ୟ ବନ ମନ୍ତ୍ରୀ ଅର୍ଜୁନ ମୋଢ଼ବାଡ଼ିଆ ସୂଚନା ଦେଇଛନ୍ତି । କମ୍ ରୋଗ ପ୍ରତିରୋଧକ ଶକ୍ତି ଥିବା ସିଂହ ଛୁଆମାନେ ଏହି ଅତ୍ୟଧିକ ଉତ୍ତାପ ସହ୍ୟ କରିନପାରି ପ୍ରାଣ ହରାଇଛନ୍ତି । ମନ୍ତ୍ରୀଙ୍କ କହିବା ଅନୁଯାୟୀ, ଏହି ଘଟଣା ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଅସୁସ୍ଥ ଥିବା ୧୭ଟି ସିଂହଙ୍କୁ କ୍ୱାରେଣ୍ଟାଇନ୍‌ରେ ରଖାଯାଇ ଚିକିତ୍ସା କରାଯାଉଥିଲା । ସେମାନଙ୍କ ମଧ୍ୟରୁ ୧୨ଟି ସିଂହ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ପୁଣି ଜଙ୍ଗଲକୁ ଛାଡ଼ି ଦିଆଯାଇଛି ଏବଂ ବାକି ୫ଟି ସିଂହ ମଧ୍ୟ ଶୀଘ୍ର ସୁସ୍ଥ ହୋଇ ନିଜ ପ୍ରାକୃତିକ ବାସସ୍ଥଳୀକୁ



ଫେରିବେ । ସିଂହମାନଙ୍କ ସୁରକ୍ଷା ପାଇଁ ଆଖପାଖ ଅଞ୍ଚଳର ପ୍ରାୟ ୬୦୦ ସିଂହଙ୍କୁ ପରଜୀବୀ ମୁକ୍ତ ଅର୍ଥାତ ଡିୱାର୍ମି କରାଯାଇଛି ।

# ସୁରଟରେ ସେପ୍ଟିକ୍ ଟାଙ୍କି ସଫା ବେଳେ ୪ ଜଣଙ୍କ ମୃତ୍ୟୁ


ସୁରଟ, ୭ ।୬ (ଏଜେନ୍ସି): ଗୁଜରାଟର ସୁରଟ ସହରରେ ରବିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି । ଅଶ୍ୱିନୀ କୁମାର ଅଞ୍ଚଳରେ ଥିବା ଏକ ଅଳଙ୍କାର ନିର୍ମାଣ କାରଖାନାର ସେପ୍ଟିକ୍ ଟାଙ୍କି ସଫା କରିବାକୁ ଭିତରକୁ ପଶିଥିବା ୩ ଜଣ ଶ୍ରମିକ ଏବଂ ଜଣେ ସୁପରଭାଇଜରଙ୍କର ବିଷାକ୍ତ ଗ୍ୟାସ୍ ଶ୍ୱାସରୁଦ୍ଧ ହେବା ଯୋଗୁଁ ମୃତ୍ୟୁ ଘଟିଛି । ପୋଲିସ ଡିସିପି ଆଲୋକ କୁମାରଙ୍କ ସୂଚନା ଅନୁଯାୟୀ, ପ୍ରାଥମିକ ସୂଚନାରୁ ଜଣାପଡ଼ିଛି ଯେ ଶ୍ରମିକମାନେ କୌଣସି



ସୁରକ୍ଷା ଉପକରଣ ବିନା ଟାଙ୍କି ଭିତରକୁ ପ୍ରବେଶ କରିଥିଲେ । ଭିତରେ ସେମାନେ ଅଚେତ ହୋଇ ପଡ଼ିଯିବା ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ଡାକ୍ତରଖାନା ନେଇଥିଲା, ହେଲେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ସୁରକ୍ଷା ନିୟମର ଉଲ୍ଲଂଘନ ଏବଂ କାହାର ଅବହେଳା ଯୋଗୁଁ ଏହି ଦୁର୍ଘଟଣା ଘଟିଲା, ସେ ନେଇ ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

# ଆମେରିକାରେ ଭାରତୀୟ ଯୁବକଙ୍କୁ ଗୁଳି କରି ହତ୍ୟା

ନୂଆଦିଲ୍ଲୀ, ୭ ।୬(ଏଜେନ୍ସି): ଆମେରିକାର ଫିଲାଡେଲଫିଆରେ ଜଣେ ୨୮ ବର୍ଷୀୟ ଭାରତୀୟ ଯୁବକଙ୍କୁ ଗୁଳି କରି ନିର୍ମମ ଭାବେ ହତ୍ୟା କରାଯାଇଛି । ମୃତ ଯୁବକ ଜଣକ ହେଲେ ତେଲେଙ୍ଗାନାର ଅଂଶୁଲ କୁଞ୍ଚା । ସେ ସେଠାରେ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରି କରିବା ସହ ଅଧିକ ରୋଜଗାର ପାଇଁ ସପ୍ତାହନ୍ତରେ ପାର୍ଟ-ଟାଇମ୍ ପିଜା ଡେଲିଭରି କାମ କରୁଥିଲେ । ଗତ ଶନିବାର ରାତିରେ ଏକ ନିଛାଟିଆ ସ୍ଥାନରୁ ଆସିଥିବା ପିଜା ଅର୍ଡର ପହଞ୍ଚାଇବାକୁ ଅଂଶୁଲ ସେଠାକୁ ଯାଇଥିଲେ । ସେଠାରେ ପୂର୍ବରୁ ଲୁଚି ରହିଥିବା ଜଣେ ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ଏକାଧିକ ଗୁଳି କରି ଫେରାର ହୋଇଯାଇଥିଲା । ତେବେ ଅଂଶୁଲଙ୍କ ପାଖରୁ କୌଣସି ଜିନିଷ ଚୋରି ହୋଇନଥିବାରୁ, ଏହା ଏକ ପୂର୍ବ ପ୍ରସ୍ତୁତ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି । ଅଂଶୁଲଙ୍କ ଭଉଣୀ ତନଭୀ ଅଭିଯୋଗ କରିଛନ୍ତି ଯେ, ଏହି ପିଜା ଅର୍ଡରଟି କେବଳ ତାଙ୍କ ଭାଇଙ୍କୁ ଜାଲରେ ଫସାଇ ହତ୍ୟା କରିବା ପାଇଁ କରାଯାଇଥିଲା । ସେ ଭାବପ୍ରବଣ ହୋଇ ଅନ୍ୟ ପିତାମାତାଙ୍କୁ ନିଜ ପିଲାମାନଙ୍କୁ ଆମେରିକା ନ ପଠାଇବାକୁ ଅନୁରୋଧ କରିଛନ୍ତି । ଅଂଶୁଲ ହାଇଦ୍ରାବାଦରୁ ବି.ଟେକ୍ ସାରି ଉଚ୍ଚଶିକ୍ଷା ପାଇଁ ଆମେରିକା ଯାଇଥିଲେ । ଏହି ଦୁଃଖଦ ଘଟଣା ପରେ ସେଠାରେ ଥିବା ତେଲୁଗୁ ସମ୍ପ୍ରଦାୟ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।



# ଟ୍ରମ୍ପଙ୍କ ଉପରେ ଇସ୍ରାଏଲର ଗୁଇନ୍ଦାଗିରି

ୱାଶିଂଟନ,୭ ।୬(ଏଜେନ୍ସି):

ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଥିବା ଦୀର୍ଘ ଦିନର ସାମରିକ ବନ୍ଧୁତା ମଧ୍ୟରେ ଏବେ ଏକ ବଡ଼ ଧରଣର ବିବାଦ ସାମ୍ନାକୁ ଆସିଛି । ଇରାନ ସହିତ ଆମେରିକାର ଚାଲିଥିବା ଗୁପ୍ତ ବୁଝାମଣା ଏବଂ ଆଲୋଚନା ଉପରେ ନଜର ରଖିବା ପାଇଁ ଇସ୍ରାଏଲର ଗୁପ୍ତଚର ସଂସ୍ଥାଗୁଡ଼ିକ ଆମେରିକାର ବରିଷ୍ଠ ଅଧିକାରୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିବା ନେଇ ଆମେରିକା ଗୁପ୍ତଚର ବିଭାଗ ଆଶଙ୍କା ପ୍ରକଟ କରିଛି । ଏହି ଘଟଣା ସାମ୍ନାକୁ ଆସିବା ପରେ ଆମେରିକାର ସୁରକ୍ଷା ବ୍ୟବସ୍ଥାରେ ଚାଞ୍ଚଲ୍ୟ ଖେଳିଯାଇଛି । ଆମେରିକାର ପ୍ରତିରକ୍ଷା ଗୁପ୍ତଚର ସଂସ୍ଥା ପକ୍ଷରୁ ପ୍ରସ୍ତୁତ ଏକ ଗୁପ୍ତ ରିପୋର୍ଟ ଅନୁଯାୟୀ, ଇସ୍ରାଏଲ ପକ୍ଷରୁ ସୁରକ୍ଷା ପ୍ରତି ଥିବା ବିପଦର ମାତ୍ରାକୁ "ଉଚ୍ଚ' ଶ୍ରେଣୀରୁ ବଢ଼ାଇ "ସଂକଟଜନକ' ସ୍ତରକୁ ନିଆଯାଇଛି । ବିଶେଷ କରି ଇରାନ ସହିତ ଆଲୋଚନା କରୁଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୁଖ୍ୟ ପ୍ରତିନିଧି ଷ୍ଟିଭ୍ ୱିଟକଫ୍, ପ୍ରତିରକ୍ଷା ବିଭାଗର ବରିଷ୍ଠ ଅଧିକାରୀ ଏଲବ୍ରିଜ୍ କୋଲବି ଏବଂ ମାଇକେଲ୍ ଡିମିନୋଙ୍କ ଭଳି ଶୀର୍ଷ

**ଗୁଇନ୍ଦା ସଂସ୍ଥାର ଚେତାବନୀ**

**ଇରାନ ବୁଝାମଣା କମିଟି ସଭ୍ୟଙ୍କ ଉପରେ ନଜର**



ନେତାମାନଙ୍କ ଗତିବିଧି ଏବଂ ବାର୍ତ୍ତାଳାପ ଉପରେ ନଜର ରଖାଯାଉଥିବା ଅଭିଯୋଗ ହୋଇଛି । ଇସ୍ରାଏଲରେ କାର୍ଯ୍ୟରତ ଆମେରିକାର ପ୍ରତିରକ୍ଷା କର୍ମଚାରୀଙ୍କ ମୋବାଇଲ୍ ଫୋନରେ ବାର୍ତ୍ତାଳାପ ରେକର୍ଡ କଲାଭଳି କିଛି ସନ୍ଦେହଜନକ ସଫ୍ଟୱେର୍ ମିଳିବା ପରେ ଏହି ସନ୍ଦେହ ଆହୁରି ଦୃଢ଼ ହୋଇଛି । ଆମେରିକା ଓ ଇସ୍ରାଏଲ ପରସ୍ପର ବିଷୟରେ ସୂଚନା ସଂଗ୍ରହ କରୁଥିବା କଥା ପୂର୍ବରୁ ଜଣାଥିଲେ ମଧ୍ୟ ଚଳିତ ଥର ଇସ୍ରାଏଲ୍ ସମସ୍ତ ସୀମା ପାର୍ କରିଥିବା ଆମେରିକାର କିଛି ଅଧିକାରୀ ପ୍ରକାଶ କରିଛନ୍ତି । ପ୍ରକୃତରେ, ଇରାନକୁ ନେଇ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଭିମୁଖ୍ୟ କ'ଣ ରହିଛି ଏବଂ ଆଲୋଚନାରେ ଆମେରିକା କେଉଁ ସର୍ତ୍ତ ରଖୁଛି, ତାହା ଜାଣିବା ପାଇଁ ଇସ୍ରାଏଲ ବ୍ୟାକୁଳ ଅଛି । ଯେଉଁ ସମୟରେ ଟ୍ରମ୍ପ ଇରାନ ସହ ଆଲୋଚନା ମାଧ୍ୟମରେ ସମାଧାନ ଚାହୁଁଛନ୍ତି, ସେହି ସମୟରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଇରାନ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବା ସହ ତାହାର ଶକ୍ତିକୁ ସମ୍ପୂର୍ଣ୍ଣ ଭାବେ ଦୁର୍ବଳ କରିବା ସପକ୍ଷରେ ରହିଛନ୍ତି । ଏହି ଗୁପ୍ତଚର କାର୍ଯ୍ୟକଳାପ ଯୋଗୁଁ ଆଗାମୀ ଦିନରେ ଦୁଇ ଦେଶ ମଧ୍ୟରେ ଗୁପ୍ତ ତଥ୍ୟ ଆଦାନପ୍ରଦାନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇପାରେ । ଆମେରିକାର ପ୍ରତିରକ୍ଷା ବିଭାଗ ଏବେ ଇସ୍ରାଏଲକୁ ଦିଆଯାଉଥିବା ସାମରିକ ଓ ଗୁପ୍ତ ସୂଚନା ଉପରେ କିଛି କଟକଣା ଲଗାଇବାକୁ ଚିନ୍ତା କରୁଛି । ତେବେ ଏହି ଘଟଣାକୁ ନେଇ ଦୁଇ ପକ୍ଷରୁ ମତାମତ ମଧ୍ୟ ଆସିଛି । ତେବେ ଆମେରିକାର ଜଣେ ପ୍ରତିନିଧି ଏହି ରିପୋର୍ଟକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛନ୍ତି । ସେହିପରି ୱାଶିଂଟନରେ ଥିବା ଇସ୍ରାଏଲ ଦୂତାବାସ ଏହି ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି । ଇସ୍ରାଏଲ କେବେହେଲେ ନିଜର ବନ୍ଧୁରାଷ୍ଟ୍ର ଉପରେ ଗୁପ୍ତଚର ବୃତ୍ତି କରେ ନାହିଁ ଏବଂ ତାଙ୍କର ସମସ୍ତ ଗୁପ୍ତଚର କାର୍ଯ୍ୟ କେବଳ ଶତ୍ରୁ ଦେଶମାନଙ୍କ ବିରୋଧରେ ଉଦ୍ଦିଷ୍ଟ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି ।

# ସଙ୍ଗୀତ କାର୍ଯ୍ୟକ୍ରମରେ ଅତ୍ୟଧିକ ମଦ୍ୟପାନ: ଯୁବକ ମୃତ, ମହିଳା ଗୁରୁତର

ନୂଆଦିଲ୍ଲୀ,୭ ।୬(ଏଜେନ୍ସି): ମୁମ୍ବାଇର ୱର୍ଲି ଅଞ୍ଚଳରେ ଆୟୋଜିତ ଏକ ସଙ୍ଗୀତ କାର୍ଯ୍ୟକ୍ରମ (କନସର୍ଟ)ରେ ଅତ୍ୟଧିକ ମଦ୍ୟପାନ ଯୋଗୁଁ ଜଣେ ୨୮ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳା ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ମୃତ ଯୁବକ ଜଣକ ମାହିମ ଅଞ୍ଚଳର ବୃଷଭ ଗାଙ୍ଗୁର୍ଡେ ବୋଲି ଜଣାପଡ଼ିଛି । ପୋଲିସ ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଏନଏସସିଆଇ ଡୋମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତ୍ୟଧିକ ଗହଳି ଯୋଗୁଁ ଉଭୟ ଅସୁସ୍ଥ ଅନୁଭବ କରିଥିଲେ । ସେମାନଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା, ହେଲେ ସେଠାରେ ଡାକ୍ତର ବୃଷଭଙ୍କୁ ମୃତ ଘୋଷଣା କରିଥିଲେ । ପ୍ରାଥମିକ ତଦନ୍ତରୁ ଏହା ହୃଦଘାତ ଜନିତ ମୃତ୍ୟୁ ବୋଲି ସନ୍ଦେହ କରାଯାଉଛି । ଏହି ଘଟଣାକୁ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଆୟୋଜକଙ୍କ ସମେତ ୮ ଜଣଙ୍କୁ ପଚରାଉଚରା କରୁଛି ।

# ଆମ ଦୟାରେ ବିଜୟଙ୍କ ସରକାର; ୩ ମାସ ବି ଚାଲିବନି: ଷ୍ଟାଲିନ୍


ଚେନ୍ନଇ, ୭ ।୬ (ଏଜେନ୍ସି): ତାମିଲନାଡୁ ରାଜନୀତିରେ ଏବେ ବାକ୍‌ଯୁଦ୍ଧ ତେଜିବାରେ ଲାଗିଛି । ଡିଏମକେ ସୁପ୍ରିମୋ ଏମକେ ଷ୍ଟାଲିନ୍ ରବିବାର ଦିନ ଅଭିନେତାରୁ ନେତା ସାଜିଥିବା ମୁଖ୍ୟମନ୍ତ୍ରୀ ବିଜୟଙ୍କ



ଦଳ 'ତାମିଲଗା ଭେଟ୍ରି କାଝାଗାମ' (ଟିଭିକେ) ସରକାରଙ୍କ ସ୍ଥାୟୀତ୍ୱ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ବିଜୟଙ୍କ ସରକାର ୩ ମାସ ମଧ୍ୟ ତିଷ୍ଠି ପାରିବ କି ନାହିଁ, ସେ ନେଇ ଜନସାଧାରଣଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଗଲାଣି ବୋଲି ଷ୍ଟାଲିନ୍ କହିଛନ୍ତି । ଷ୍ଟାଲିନ୍ କହିଛନ୍ତି ଯେ, ନୂଆ ସରକାର ଗଠନ ହେବା ପରେ ଆମେ ପ୍ରଥମ ୬ ମାସ ପର୍ଯ୍ୟନ୍ତ କୌଣସି ସମାଲୋଚନା ନକରିବାକୁ ନିଷ୍ପତ୍ତି ନେଇଥିଲୁ । କିନ୍ତୁ ସେହି ସମୟ ସରିବା ପୂର୍ବରୁ ହିଁ ରାଜ୍ୟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଯେ, ଲୋକେ ଏହି ସରକାରର ଆୟୁଷକୁ ନେଇ ସନ୍ଦେହ କରୁଛନ୍ତି । ଏହାପୂର୍ବରୁ ମେ ମାସରେ ମଧ୍ୟ ଷ୍ଟାଲିନ୍ ଅଭିଯୋଗ କରିଥିଲେ ଯେ, ଟିଭିକେ କୌଣସି ଦୃଢ଼ ସାଂଗଠନିକ ଭିତ୍ତିଭୂମି ବିନା କେବଳ ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମ ବଳରେ କ୍ଷମତାକୁ ଆସିଛି । ସେମାନେ ଭୋଟରଙ୍କୁ ଭେଟିନାହାନ୍ତି କିମ୍ବା ବୁଥ୍ ଏଜେଣ୍ଟ ମଧ୍ୟ ନିଯୁକ୍ତ କରିନାହାନ୍ତି, ତଥାପି ସରକାର ଗଢ଼ିଛନ୍ତି । ଷ୍ଟାଲିନ୍ କହିଛନ୍ତି ଯେ, ଡିଏମକେ ୨୦୨୪ ଲୋକସଭା ନିର୍ବାଚନ ପରଠାରୁ ହିଁ ସମସ୍ତ ଗ୍ରାଉଣ୍ଡ ୱର୍କ ଏବଂ କ୍ୟାମ୍ପେନ ଜାରି ରଖିଥିଲା ।

# ହର୍ମୁଜ୍‌ରେ ଇରାନର ଡ୍ରୋନ୍‌କୁ ଖସାଇଲା ଆମେରିକା

ଦୁବାଇ,୭ ।୬(ଏଜେନ୍ସି): ସଂଘର୍ଷପୂର୍ଣ୍ଣ ହର୍ମୁଜ୍ ପ୍ରଣାଳୀ ଦେଇ ଯାତାୟାତ କରୁଥିବା ଆନ୍ତର୍ଜାତୀୟ ବାଣିଜ୍ୟିକ ଜାହାଜଗୁଡ଼ିକ ପାଇଁ ବିପଦ ସୃଷ୍ଟି କରୁଥିବା ଇରାନର ଦୁଇଟି ଆଟାକ୍ ଡ୍ରୋନକୁ ଆମେରିକୀୟ ସେନା ଗୁଳି କରି ଖସାଇ ଦେଇଛି । ମଧ୍ୟ-ପ୍ରାଚ୍ୟରେ ଆମେରିକାର ସାମରିକ ଗତିବିଧି ଉପରେ ନଜର ରଖୁଥିବା 'ୟୁଏସ୍ ସେଣ୍ଟ୍ରାଲ କମାଣ୍ଡ' (ସେଣ୍ଟକମ୍) ଶନିବାର ବିଳମ୍ବିତ ରାତିରେ ଏହି ସୂଚନା ଦେଇଛି । ଏହାପୂର୍ବରୁ ମଧ୍ୟ ଆମେରିକା ଇରାନର ୪ଟି ଡ୍ରୋନକୁ ନଷ୍ଟ କରିବା ସହ ତା'ର ଉପକୂଳ ରାଡାର କେନ୍ଦ୍ରଗୁଡ଼ିକୁ ଧ୍ୱଂସ କରିଥିଲା । ବିଗତ ୩ ମାସ ହେବ ଚାଲିଥିବା ଏହି ଯୁଦ୍ଧକୁ ରୋକିବା ପାଇଁ ଗୋଟିଏ ପଟେ ୱାଶିଂଟନ ଏବଂ ଟେହେରାନ ମଧ୍ୟରେ ପରୋକ୍ଷ ଶାନ୍ତି ଆଲୋଚନା ଜାରି ରହିଛି, ହେଲେ ଅନ୍ୟପଟେ ଦୁଇ ଦେଶ ମଧ୍ୟରେ ସଂଘର୍ଷ ତେଜିବାରେ ଲାଗିଛି । ଶନିବାର ଦିନ ଇରାନ ପକ୍ଷରୁ ଆମେରିକାର ମିତ୍ର ଦେଶ ବାହାରିନ



ଏବଂ କୁଏତ ଉପରକୁ ମଧ୍ୟ ଅନେକ ମିସାଇଲ ମାଡ଼ କରାଯାଇଛି । ଯୁଦ୍ଧ ପୂର୍ବରୁ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତେଲ ପରିବହନ ଏହି ହର୍ମୁଜ୍ ପ୍ରଣାଳୀ ଦେଇ ହେଉଥିଲା । କିନ୍ତୁ ବର୍ତ୍ତମାନ ଇରାନ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥକୁ ସମ୍ପୂର୍ଣ୍ଣ ଅବରୋଧ କରି ରଖିଛି, ଯାହାକୁ ନେଇ ବିଶ୍ୱ ବଜାରରେ ଚିନ୍ତା ବଢ଼ିଛି । ଇରାନ ନିଜ ଉପରୁ ଆମେରିକାର କଟକଣା ହଟାଇବା, ବ୍ୟାନ୍ ହୋଇଥିବା ବିଲିୟନ ଡଲାରର ତେଲ ରାଜସ୍ୱ ଫେରସ୍ତ ପାଇବା ଏବଂ ଏହି ଜଳପଥ ଉପରେ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଜିଦ୍ ଧରିଛି ।

# ଦୁବାଇରେ ହସ୍ପିଟାଲ୍ ବନ୍ଦ; ଜୀବିକା ହରାଉଛନ୍ତି କେରଳର ଶହ ଶହ ନର୍ସ

ନୂଆଦିଲ୍ଲୀ,୭ ।୬(ଏଜେନ୍ସି): ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା କାରଣରୁ ଦୁବାଇରେ ଥିବା ଇରାନୀ ହସ୍ପିଟାଲ୍ ହଠାତ୍ ବନ୍ଦ ହୋଇଯାଇଛି । ଫଳରେ ସେଠାରେ କାର୍ଯ୍ୟରତ ଶହ ଶହ ଭାରତୀୟ ସ୍ୱାସ୍ଥ୍ୟକର୍ମୀ, ବିଶେଷ କରି କେରଳର



ନର୍ସମାନେ ବର୍ତ୍ତମାନ ଚାକିରି ହରାଇବା ସହ ଭିସା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଏହି ମାନବୀୟ ସଙ୍କଟର ସମାଧାନ ପାଇଁ କେରଳର ମୁଖ୍ୟମନ୍ତ୍ରୀ ଭିଡି ସତୀଶନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖି ଜରୁରୀ ହସ୍ତକ୍ଷେପ ଲୋଡ଼ିଛନ୍ତି । ଚିଠିରେ ଦର୍ଶାଯାଇଛି ଯେ, ବହୁ ବର୍ଷ ଧରି ସେଠାରେ ରହି ସେବା ଯୋଗାଇ ଆସୁଥିବା ମାଲାୟାଲୀ ପରିବାରଗୁଡ଼ିକ ଏବେ ଆର୍ଥିକ ଓ ମାନସିକ ଚିନ୍ତାରେ ଅଛନ୍ତି । ନୂତନ ଚାକିରି ପାଇବା କିମ୍ବା ପରିବାର ପାଇଁ ଭିସା ସଂପ୍ରସାରଣ କରିବାରେ ସେମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି । ଏହି ସମସ୍ୟାର ସମାଧାନ ପାଇଁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଓ ଦୂତାବାସ ଜରିଆରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସରକାରଙ୍କ ସହ ଆଲୋଚନା କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି ।

# ଦିଲ୍ଲୀରେ ମମତା, ଅଭିଷେକ | ଅସନ୍ତୁଷ୍ଟ ସାଂସଦଙ୍କ ଉପରେ ନଜର

ନୂଆଦିଲ୍ଲୀ, ୭ ।୬ (ଏଜେନ୍ସି): ଲୋକସଭା ନିର୍ବାଚନରେ ପରାଜୟ ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟରେ ବିଦ୍ରୋହ ତେଜିବାରେ ଲାଗିଛି । ପଶ୍ଚିମବଙ୍ଗ ବିଧାନସଭା ପରେ ଏବେ ଦଳର କେତେକ ସାଂସଦ ମଧ୍ୟ ଅଲଗା ଗୋଷ୍ଠୀ ଗଠନ ପାଇଁ ସମର୍ଥନ ଜୁଟାଉଥିବା ଖବର ମିଳିଛି । ତେବେ ଟିଏମସି ନେତୃତ୍ୱ ଚେତାବନୀ ଦେଇଛନ୍ତି ଯେ, ଦଳବଦଳ ବିରୋଧୀ ଆଇନ ଯୋଗୁଁ ସାଂସଦମାନଙ୍କ ପାଇଁ ଏଭଳି କରିବା ଆଦୌ ସହଜ ହେବନାହିଁ । ଲୋକସଭାରେ ଟିଏମସିର ୨୮ ଜଣ ସଦସ୍ୟ ଅଛନ୍ତି । ଆଇନ ଅନୁଯାୟୀ, ଦଳରୁ ଅଲଗା ହେବା ପାଇଁ ଅତିକମରେ ଦୁଇ-ତୃତୀୟାଂଶ ଅର୍ଥାତ୍ ୧୯ ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ । କିନ୍ତୁ ବରିଷ୍ଠ ନେତାଙ୍କ କହିବା କଥା ଯେ, ଯଦି ୧୯ ଜଣ ସାଂସଦ ଅଲଗା ମଧ୍ୟ ହୁଅନ୍ତି, ତଥାପି



ସେମାନେ ସ୍ୱତନ୍ତ୍ର ଗୋଷ୍ଠୀ ଭାବେ ରହିପାରିବେ ନାହିଁ, ବରଂ ସେମାନଙ୍କୁ ଅନ୍ୟ କୌଣସି ଦଳ ସହ ମିଶ୍ରଣ କରିବାକୁ ପଡ଼ିବ । ରାଜ୍ୟସଭାରେ ମଧ୍ୟ ଦଳର ୧୩ ଜଣ ସଦସ୍ୟ ଅଛନ୍ତି । ଗତ ସପ୍ତାହରେ ପଶ୍ଚିମବଙ୍ଗ ବିଧାନସଭାରେ ଟିଏମସିର ୮୦ ଜଣ ବିଧାୟକଙ୍କ ମଧ୍ୟରୁ ୫୮ ଜଣ (ଦୁଇ-ତୃତୀୟାଂଶରୁ ଅଧିକ) ଦଳରୁ ଅଲଗା ହୋଇ ବହିଷ୍କୃତ ନେତା ରିତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ବିଧାନସଭାରେ ମୁଖ୍ୟ ବିରୋଧୀ ଦଳ ଭାବେ ମାନ୍ୟତା ହାସଲ କରିଛନ୍ତି । ଏହି ସଂକଟ ଜନକ ସ୍ଥିତିର ସମୀକ୍ଷା କରିବା ପାଇଁ ଏବଂ ସୋମବାର ହେବାକୁ ଥିବା ବିରୋଧୀ ମେଣ୍ଟର ବୈଠକ ପାଇଁ ଟିଏମସି ମୁଖ୍ୟ ମମତା ବାନାର୍ଜୀ ଏବଂ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି ।

# ୨୮୬୦ ନାଗରିକଙ୍କ ପରିଚୟ ଯାଞ୍ଚ କରିବ ବାଂଲାଦେଶ

ନୂଆଦିଲ୍ଲୀ,୭ ।୬(ଏଜେନ୍ସି): ଭାରତରେ ବେଆଇନ ଭାବେ ରହୁଥିବା ୨୮୬୦ ରୁ ଅଧିକ ସନ୍ଦିଗ୍ଧ ବାଂଲାଦେଶୀ ନାଗରିକଙ୍କ ପରିଚୟ ଯାଞ୍ଚ କରିବା ପାଇଁ ଭାରତ ସରକାର ବାଂଲାଦେଶକୁ ଅନୁରୋଧ କରିଛନ୍ତି । ସେମାନଙ୍କର ନାଗରିକତ୍ୱ ସ୍ପଷ୍ଟ



ହେବା ପରେ ସେମାନଙ୍କୁ ନିଜ ଦେଶକୁ ଫେରସ୍ତ ଅର୍ଥାତ ଡିପୋର୍ଟ କରାଯିବ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ ସୂଚନା ଦେଇଛନ୍ତି । ପଶ୍ଚିମବଙ୍ଗର ନବନିର୍ବାଚିତ ବିଜେପି ସରକାର 'ଚିହ୍ନଟ, ବାଦ୍ ଏବଂ ବେଦଖଲ' (ଡିଟେକ୍ଟ, ଡିଲିଟ୍ ଏବଂ ଡିପୋର୍ଟ) ନୀତି ଆପଣାଇଥିବାରୁ ଅନୁପ୍ରବେଶକାରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଦ୍ୱିପାକ୍ଷିକ ବ୍ୟବସ୍ଥା ଅଧୀନରେ ବାଂଲାଦେଶକୁ ଅନେକ ଅନୁରୋଧ ପଠାଯାଇଛି ଏବଂ ପ୍ରକ୍ରିୟାକୁ ଶୀଘ୍ର ଶେଷ କରିବା ପାଇଁ ଭାରତ ଆଶା ପ୍ରକଟ କରିଛି, ଯାହାଦ୍ୱାରା ବେଆଇନ ଭାବେ ରହୁଥିବା ଲୋକଙ୍କୁ ସୁରୁଖୁରୁରେ ନିଜ ଦେଶକୁ ପଠାଯାଇପାରିବ ।

# ଭାରତ ସହ ଆଲୋଚନା ସପକ୍ଷରେ ନେପାଳ

ନୂଆଦିଲ୍ଲୀ,୭ ।୬(ଏଜେନ୍ସି): ଭାରତ ଏବଂ ନେପାଳ ମଧ୍ୟରେ ଥିବା ସୀମା ବିବାଦର ସମାଧାନ ପାଇଁ କୌଣସି ତୃତୀୟ ପକ୍ଷର ହସ୍ତକ୍ଷେପ ଆବଶ୍ୟକ ନାହିଁ ଏବଂ ଏହା ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମ୍ଭବ ବୋଲି ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ ପ୍ରକାଶ କରିଛନ୍ତି । ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ ଏହି ବିବାଦରେ ଚୀନ୍ ଏବଂ ବ୍ରିଟେନ୍‌କୁ ସାମିଲ କରିବାକୁ ଦେଇଥିବା ପ୍ରସ୍ତାବକୁ ଭାରତ ପ୍ରତ୍ୟାଖ୍ୟାନ କରିବା ପରେ ବୈଦେଶିକ ମନ୍ତ୍ରୀଙ୍କ ଏହି ବୟାନ ବେଶ୍ ଗୁରୁତ୍ୱ ବହନ କରୁଛି । ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଖାନାଲ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ସହ ବ୍ୟାପକ ଆଲୋଚନା କରିବା ପରେ କହିଛନ୍ତି ଯେ, ନେପାଳ ଭାରତକୁ ଆର୍ଥିକ ପ୍ରଗତିର ଏକ ମାଧ୍ୟମ ଭାବେ ଦେଖୁଛି । ବ୍ରିଟେନ୍‌ର ସହାୟତା କେବଳ ସେଠାକାର ଗ୍ରନ୍ଥାଗାରରୁ ଐତିହାସିକ ଦଲିଲ୍ ସଂଗ୍ରହ ପାଇଁ ଉଦ୍ଦିଷ୍ଟ ଥିଲା, ମଧ୍ୟସ୍ଥତା ପାଇଁ ନୁହେଁ । ଲିପୁଲେଖ, ଲିମ୍ପିୟାଧୁରା ଓ କାଲାପାନି ଅଞ୍ଚଳକୁ ନେଇ ଦୁଇ ଦେଶ ମଧ୍ୟରେ ବିବାଦ ରହିଥିଲେ ହେଁ ଉଭୟ ପକ୍ଷ ଖୋଲା ମନ ଏବଂ ପାରସ୍ପରିକ ସମ୍ମାନର ସହ ବସିଲେ ଯେକୌଣସି ଜଟିଳ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି ।

# ଉତ୍ସବରେ ଗୁଳିକାଣ୍ଡ; ବିଜେପି ବିଧାୟକ ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ,୭ ।୬(ଏଜେନ୍ସି): ଉତ୍ସବ ସମୟରେ ଆନନ୍ଦରେ ଫାଙ୍କା ଗୁଳି ଚାଳନା (ସେଲିବ୍ରିଟି ଫାୟାରିଂ) କରିବା ବିହାରର ସାହେବଗଞ୍ଜ ବିଧାୟକ ରାଜୁ କୁମାର ସିଂହଙ୍କୁ ମହଙ୍ଗା ପଡ଼ିଛି । ୨୦୧୮ ମସିହା ନୂତନ ବର୍ଷ ପାର୍ଟିରେ ଗୁଳିଫୁଟାଇ ଜଣେ ମହିଳାଙ୍କ ମୃତ୍ୟୁ ଘଟାଇବା ମାମଲାରେ ଦିଲ୍ଲୀର ଏକ ଅଦାଲତ ଶନିବାର ଦିନ ବିଜେପି ବିଧାୟକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଆସନ୍ତା ୯ ଜୁନ୍ ଦିନ ଦଣ୍ଡ ବିଧାନ ଉପରେ ଶୁଣାଣି ହେବ । ଏକ ୯୭ ପୃଷ୍ଠାର ନିର୍ଦ୍ଦେଶନାମାରେ ସ୍ପେଶାଲ କୋର୍ଟ କହିଛନ୍ତି ଯେ, ପାର୍ବଣ ଓ ଉତ୍ସବ ସମୟରେ ଏଭଳି ଆନନ୍ଦ ଉଲ୍ଲାସରେ ଗୁଳି ଚାଳନା କରିବା ଦେଶ ପାଇଁ ଏକ ଅଭିଶାପ । ୨୦୧୮ ଡିସେମ୍ବର ୩୧ ରାତିରେ ଦିଲ୍ଲୀର ଏକ ଫାର୍ମହାଉସରେ ଚାଲିଥିବା ଭିଡ଼ ଭିତରେ ବିଧାୟକ ନିଜର ବନ୍ଧୁକରୁ ଏକାଧିକ ରାଉଣ୍ଡ ଗୁଳି ଚଳାଇଥିଲେ, ଯାହା ଅର୍ଚ୍ଚନା ଗୁପ୍ତା ନାମକ ଜଣେ ମହିଳା ଅତିଥିଙ୍କ ଦେହରେ ବାଜିଥିଲା ଏବଂ ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବିଧାୟକଙ୍କୁ ମିଳିଥିବା ବନ୍ଧୁକ ଲାଇସେନ୍ସ କେବଳ କ୍ରୀଡ଼ା, ଆତ୍ମରକ୍ଷା କିମ୍ବା ପ୍ରଦର୍ଶନ ପାଇଁ ଉଦ୍ଦିଷ୍ଟ ଥିଲା । ଏଭଳି ସର୍ବସାଧାରଣ ସ୍ଥାନରେ ଗୁଳି ଫୁଟାଇବା ଆଇନଗତ ନିୟମର ସ୍ପଷ୍ଟ ଉଲ୍ଲଂଘନ ଅଟେ । ତେବେ ପ୍ରମାଣ ଅଭାବରୁ ଅଦାଲତ ବିଧାୟକଙ୍କ ପତ୍ନୀ ରେଣୁ ସିଂହ ଏବଂ ଅନ୍ୟ ଦୁଇଜଣଙ୍କୁ ଦୋଷମୁକ୍ତ କରିଛନ୍ତି ।

# ସିକିମ୍‌ରେ ଅଗ୍ନିକାଣ୍ଡ: ଜଳିଗଲା ପୁରାତନ ବୌଦ୍ଧ ମଠ

ଗାଙ୍ଗଟକ୍,୭ ।୬(ଏଜେନ୍ସି): ଉତ୍ତର ସିକିମ୍‌ର ଲାଚେନ୍ ଅନ୍ତର୍ଗତ ଥଙ୍ଗୁ ଅଞ୍ଚଳରେ ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି । ଏହି ଦୁର୍ଘଟଣାରେ ପ୍ରାୟ ୬୦ ବର୍ଷର ପୁରାତନ 'ଥଙ୍ଗୁ ସେରତୋକ୍ ଗୁମ୍ଫା' ବୌଦ୍ଧ ମଠ ଏବଂ ଏହା ସହିତ ଲାଗିରହିଥିବା ଦୁଇଟି ଆବାସିକ ଘର ସମ୍ପୂର୍ଣ୍ଣ ରୂପେ ପୋଡ଼ି ପାଉଁଶ ହୋଇଯାଇଛି । ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧୧ଟା ସମୟରେ ବିଦ୍ୟୁତ ସର୍ଟ ସର୍କିଟ୍ ଯୋଗୁଁ ଏହି ନିଆଁ ଲାଗିଥିବା ଆଶଙ୍କା କରାଯାଉଛି । ନିଆଁ ଏତେ ଶୀଘ୍ର ବ୍ୟାପିଯାଇଥିଲା ଯେ ମଠ ଭିତରେ ଥିବା କୌଣସି ବି ପବିତ୍ର ଧାର୍ମିକ ସାମଗ୍ରୀ, ମୂର୍ତ୍ତି କିମ୍ବା ପ୍ରାଚୀନ ଶାସ୍ତ୍ରଗୁଡ଼ିକୁ ଉଦ୍ଧାର କରାଯାଇ ପାରିନାହିଁ । ଭୌଗୋଳିକ ଦୁର୍ଗମତା ଯୋଗୁଁ ସେଠାରେ ଦମକଳ ଗାଡ଼ି ପହଞ୍ଚି ପାରିନଥିଲା, ଫଳରେ ସ୍ଥାନୀୟ ଲୋକେ ନିଜେ ଉଦ୍ୟମ କରି ନିଆଁକୁ ଆୟତ୍ତ କରିଥିଲେ । ଏହି ଘଟଣାରେ କେହି ମୃତାହତ ହୋଇନଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳର ଏକ ପ୍ରମୁଖ ସାଂସ୍କୃତିକ ଓ ଆଧ୍ୟାତ୍ମିକ କେନ୍ଦ୍ର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଶୋକର ଛାୟା ଖେଳିଯାଇଛି ।

# ହ୍ୱାଟ୍ସଆପ୍‌ରେ 'ତିନି ତଲାକ': ସ୍ୱାମୀଙ୍କ ବିରୋଧରେ ମାମଲା

ଜୟପୁର,୭ ।୬(ଏଜେନ୍ସି): ରାଜସ୍ଥାନର ବାଂଶୱାଡ଼ା ଜିଲ୍ଲାରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ହ୍ୱାଟ୍ସଆପ୍ ମାଧ୍ୟମରେ 'ତିନି ତଲାକ' ଦେଇଥିବା ଅଭିଯୋଗ ହୋଇଛି । କୁଏତରେ ଚାକିରି କରୁଥିବା ଆଶିକ ଇକବାଲ ନାମକ ଜଣେ ବ୍ୟକ୍ତି ଗତ ମେ ୧୭ ତାରିଖରେ ନିଜ ପତ୍ନୀଙ୍କୁ ଏହି ମେସେଜ୍ ପଠାଇ ସମ୍ପର୍କ ଛିନ୍ନ କରିବାକୁ ଚେଷ୍ଟା କରିଥିଲେ । ଏହା ପରେ ପୀଡ଼ିତା ମହିଳା ଜଣକ ମହିଳା ଥାନାରେ ଏକ ମାମଲା ରୁଜୁ କରିଛନ୍ତି । ମହିଳାଙ୍କ ଅଭିଯୋଗ ଅନୁଯାୟୀ, ବିବାହ ପରଠାରୁ ସେ ଶାରୀରିକ ଓ ମାନସିକ ନିର୍ଯାତନାର ସମ୍ମୁଖୀନ ହୋଇଆସୁଥିଲେ ଏବଂ ବର୍ତ୍ତମାନ ନିଜର ଦୁଇ ପୁଅଙ୍କ ସହ ଅଲଗା ରହୁଛନ୍ତି । ସୂଚନାଯୋଗ୍ୟ ଯେ, ଭାରତରେ ୨୦୧୯ ମସିହାରୁ ମୁସଲିମ୍ ମହିଳା ଆଇନ (ବିବାହ ଅଧିକାର ସୁରକ୍ଷା) ଅଧୀନରେ ତିନି ତଲାକ ପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ବେଆଇନ ଏବଂ ଦଣ୍ଡନୀୟ ଅପରାଧ ଭାବେ ଘୋଷଣା କରାଯାଇଛି । ଅଭିଯୁକ୍ତ ସ୍ୱାମୀ ବର୍ତ୍ତମାନ ବିଦେଶରେ ରହୁଥିବାରୁ, ପୋଲିସ ଆଇନଗତ ପ୍ରକ୍ରିୟା ଅନୁଯାୟୀ ତାଙ୍କୁ ନୋଟିସ୍ ପଠାଇବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।





ରବିବାର ଅପରାହ୍ଣରେ କାଳବୈଶାଖୀ ବର୍ଷାରେ ବେହାଲ କଟକର ରାଜପଥ ଓ ଜନବସତି

### ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଫାଇଲ ହଜିବା ଘଟଣା

# ଫାଇଲ ହଜିଛି ନା ମୋହନ ସରକାର ଜାଣିଶୁଣି ହଜାଇଛନ୍ତି: ବିଜେଡି

ଭୁବନେଶ୍ୱର,୭।୬(ସମିସ): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଦୁଇଟି ଫାଇଲ ହଜିଯାଇଥିବା ପ୍ରସଙ୍ଗରେ ସରକାରଙ୍କୁ କଟୁ ସ୍ୱରରେ ନିନ୍ଦା କରିଛି ବିଜେଡି। ଏହା କେବଳ ଏକ ଫାଇଲ ହଜିବା ଘଟଣା ନୁହେଁ, ବରଂ ରାଜ୍ୟର ପ୍ରଶାସନିକ ବ୍ୟବସ୍ଥା ଏବଂ ସୁରକ୍ଷା ପ୍ରଣାଳୀ ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି ବୋଲି ବିଜେଡି କହିଛି। ବିଜେଡି ବିଧାୟକ ତଥା ବରିଷ୍ଠ ନେତା ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କେଉଁ ଫାଇଲ୍ ହଜିଛି ତାହା ସରକାର ସ୍ପଷ୍ଟ କରନ୍ତୁ। ଫାଇଲ ସତରେ ହଜିଛି ନା ଜାଣିଶୁଣି ହଜେଇ ଦିଆଯାଇଛି? ଯଦି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଭଳି ସର୍ବୋଚ୍ଚ ପ୍ରଶାସନିକ କେନ୍ଦ୍ର ସୁରକ୍ଷିତ ନୁହେଁ, ତେବେ ସାଧାରଣ ଲୋକଙ୍କ ଧନଜୀବନ ଓ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ କେତେ ସୁରକ୍ଷିତ ? ରାଜ୍ୟ ସରକାର ଦାବି କରୁଛନ୍ତି ଯେ ଅନଲାଇନ୍ ଫାଇଲ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେଉଛି। ଯଦି ଏହା ସତ ତେବେ ହାର୍ଡ କପି ଫାଇଲ କିପରି ହଜିଲା? ଏହାର ସମ୍ପୂର୍ଣ୍ଣ ତଥ୍ୟ ରାଜ୍ୟବାସୀଙ୍କ ସମ୍ମୁଖରେ ରଖିବା ଆବଶ୍ୟକ। ପ୍ରତ୍ୟେକ ସରକାରୀ ଫାଇଲ



ନିର୍ଦ୍ଦିଷ୍ଟ ପ୍ରକ୍ରିୟାରେ ବିଭିନ୍ନ ସ୍ତର ଦେଇ ଗତି କରିଥାଏ। ସେକ୍ସନ ଅଫିସରଠାରୁ ଆରମ୍ଭ କରି ସେକ୍ରେଟାରୀ, ଚିଫ୍ ସେକ୍ରେଟାରୀ, ମନ୍ତ୍ରୀ ଏବଂ ଶେଷରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଫାଇଲ ଗତି କରିବାର ସମସ୍ତ ତଥ୍ୟ ରେକର୍ଡ ହୋଇ ରହିଥାଏ। ଏହି ଫାଇଲ କେଉଁ ପର୍ଯ୍ୟାୟରେ ହଜିଲା ? ଫାଇଲ ମୁଭମେଣ୍ଟ ରେଜିଷ୍ଟରରେ କ'ଣ ତଥ୍ୟ ରହିଛି? ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଛି କି? ସିସିଟିଭି ବ୍ୟବସ୍ଥା କାର୍ଯ୍ୟକ୍ଷମ ଥିଲା କି ନାହିଁ? ଏହି ସମସ୍ତ ପ୍ରଶ୍ନର ଉତ୍ତର ସରକାର ଦେବା ଉଚିତ ବୋଲି ଡ. ସାହୁ କହିଛନ୍ତି। ଏ ସରକାର କହିଛି; କିନ୍ତୁ ଏପର୍ଯ୍ୟନ୍ତ କୌଣସି ରିପୋର୍ଟ ପ୍ରକାଶିତ ହୋଇନାହିଁ। ବାସ୍ତବରେ ଏ ସରକାର କ'ଣ ଲୁଚାଇବାକୁ ଚାହୁଁଛନ୍ତି ବା କୌଣସି ବ୍ୟକ୍ତିକୁ ବଞ୍ଚାଇବାକୁ ଚାହୁଁଛନ୍ତି କି, ଯେଉଁଥିପାଇଁ ଏହି ଫାଇଲ ହଜିବାର ନାଟକ

- ରଥଯାତ୍ରା ବେଳେ ବଡ ଠାକୁରଙ୍କୁ କଚାଡି ପକାଇ ଦେଲେ, ସେ ରିପୋର୍ଟ ଆସିବ କେବେ ?
- ଏଏସ୍‌ଓଙ୍କୁ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ଜୋତା ଚଟାଇଲେ, ତଦନ୍ତ ରିପୋର୍ଟ ଗଲା କୁଆଡେ?
- କାହାକୁ ସୁରକ୍ଷା ଦେବାକୁ ଯାଇ ଫାଇଲ ହଜାଇବାର ନାଟକ କରୁଛନ୍ତି ରାଜ୍ୟ ସରକାର

ସେ ପୁଣି କହିଛନ୍ତି ଯେ ଏ ସରକାରରେ ବଡ ଠାକୁରଙ୍କୁ କଚାଡିକି ପକାଇ ଦିଆଗଲଣ, ତାହାର ରିପୋର୍ଟ ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇପାରିଲା ନାହିଁ। ଜଣେ ଏଏସ୍‌ଓଙ୍କୁ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ମାଡ ମାରି ଜୋତା ଚଟାଇଲେ, ସେ ସଂପର୍କରେ କୌଣସି ତଦନ୍ତ ରିପୋର୍ଟ ଆସିଲା ନାହିଁ। କେବଳ ଏତିକି ନୁହେଁ ବହୁ ମାମଲାର ରିପୋର୍ଟ ପ୍ରକାଶ କରିବେ ବୋଲି ହେଉନାହିଁ ତ ବୋଲି ଡ. ସାହୁ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ ନିଖୋଜ ହେବା ଘଟଣା କେବଳ ପ୍ରଶାସନିକ ବିଫଳତା ନୁହେଁ, ବରଂ ଜନସାଧାରଣଙ୍କ ବିଶ୍ୱାସ ସହ ଜଡିତ ଏକ ଗମ୍ଭୀର ପ୍ରସଙ୍ଗ । ସରକାର ଏହି ଘଟଣାକୁ ହାଲୁକା ଭାବରେ ନ ନେଇ ତୁରନ୍ତ ସତ୍ୟ ଉନ୍ମୋଚନ କରନ୍ତୁ ଏବଂ ନୈତିକ ଦାୟିତ୍ୱ ବହନ କରନ୍ତୁ ବୋଲି ବିଜେଡି ଦାବି କରିଛି।

## ଅଭିଯୋଗ ଆସିଲେ ସରକାର ତଦନ୍ତ କରିବେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୬(ସମିସ): ଗତ ସରକାର ସମୟରେ ମୁଖ୍ୟମନ୍ତ୍ରୀ ଦପ୍ତରରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ କମିଶନ ରିପୋର୍ଟ ଚୋରି ହୋଇଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ। ଏହାକୁ ନେଇ ସାଧାରଣରେ ଚର୍ଚ୍ଚା, ଆଲୋଚନା ଜୋର୍ ଧରିଥିବା ବେଳେ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଯଦି ସେମିତି ଅଭିଯୋଗ ଆସେ ତା ହେଲେ ସରକାର ଏହାର ତଦନ୍ତ କରିବେ। କେଉଁ ବିଧାୟକ କେଉଁ କଥା କହୁଛନ୍ତି; ସତ୍ୟତା ଅଛି ନା ନାହିଁ ଅନୁଧ୍ୟାନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏକ ଘରୋଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ହରିଚନ୍ଦନ କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକାଳରେ ତାଙ୍କ ଅଫିସରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିଶନ୍ ରିପୋର୍ଟ ଚୋରି ହୋଇଥିଲା। ଏହାର ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡ ଦିଆଯିବ ବୋଲି ଆଇନ ମନ୍ତ୍ରୀ କହିଥିଲେ।

## ନିଟ୍ ୟୁଜି ପୁନଃପରୀକ୍ଷା ପାଇଁ ସିଟି ଇଣ୍ଟିମେସନ୍ ସ୍ଲିପ୍ ଜାରି

ଭୁବନେଶ୍ୱର, ୭।୬(ସମିସ): ପ୍ରଶ୍ନପତ୍ର ଲିକ୍ ହେବା ପରେ ବାତିଲ୍ ହୋଇଥିବା ନିଟ୍ ୟୁଜି ପୁନଃ ପରୀକ୍ଷା ପାଇଁ ସିଟି ଇଣ୍ଟିମେସନ୍ ସ୍ଲିପ୍ ଜାରି କରାଯାଇଛି। ଆସନ୍ତା ୨୧ ରେ ହେବାକୁ ଥିବା ପୁନଃ ପରୀକ୍ଷା କେଉଁ ସହରରେ ଅନୁଷ୍ଠିତ ହେବ, ତାହା ପରୀକ୍ଷାର୍ଥୀମାନେ ଜାଣିପାରିବେ। ନିଜ ଆଇଡି ଓ ପାସୱାର୍ଡ ବ୍ୟବହାର କରି ଛାତ୍ରଛାତ୍ରୀମାନେ ସିଟି ଆଲଟ୍‌ମେଣ୍ଟ ସ୍ଲିପ୍ ଡାଉନଲୋଡ୍ କରିପାରିବେ ବୋଲି ପରୀକ୍ଷା ପରିଚାଳନା କରୁଥିବା ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ନିଜ ସହର ବାହାରେ ପରୀକ୍ଷା କେନ୍ଦ୍ର ପଡ଼ିଥିବା ଛାତ୍ରଛାତ୍ରୀମାନେ ଯାତାୟାତ ଓ ରହଣି ବ୍ୟବସ୍ଥା ପୂର୍ବରୁ କରିପାରିବେ। ଏହି ସିଟି ଇଣ୍ଟିମେସନ୍ ସ୍ଲିପ୍ ଆଡମିଟ୍ କାର୍ଡ ନୁହେଁ, ପ୍ରବେଶପତ୍ର ବା ଆଡମିଟ୍ କାର୍ଡ ପୃଥକ ଭାବେ ପରବର୍ତ୍ତୀ ସମୟରେ ଜାରି କରାଯିବ ବୋଲି ଏନ୍‌ଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ, ମେ ୩ ତାରିଖରେ ଅନୁଷ୍ଠିତ ନିଟ୍ ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ହେବା ପରେ ଏନ୍‌ଟିଏ ପରୀକ୍ଷାକୁ ବାତିଲ୍ କରିଥିଲା। ଏହାପରେ ଜୁନ୍ ୨୧ରେ ପୁନଃପରୀକ୍ଷା କରିବାକୁ ଘୋଷଣା ହୋଇଛି।

## ଟ୍ରକ୍ ଚାପାରେ ବାପା-ଝିଅ ମୃତ

ସୋର/ବାରିକପୁର, ୭।୬ (ସମିସ): ବାଲେଶ୍ୱର ଜିଲ୍ଲା ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥର ସୋର ଥାନା ଅନ୍ତର୍ଗତ ଉତ୍ତରେଶ୍ୱର ବସଷ୍ଟାଣ୍ଡ ନିକଟରେ ଏକ ଦୁଃଖଦ ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ବାପା-ଝିଅଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନା ରହଣିଆ ଗ୍ରାମର ମନୋଜ କୁମାର ଦାସ (୩୬) ଓ ତାଙ୍କ ଝିଅ ସାଇଶ୍ରିଦ୍ଧି ଦାସ (୬)। ସୂଚନାନୁସାରେ, ମନୋଜ ବାଲେଶ୍ୱରରେ ରହି ଏସି ମିସ୍ତ୍ରୀ ଭାବେ କାମ କରନ୍ତି। ଏବେ ଗ୍ରୀଷ୍ମ ଛୁଟି ଅବସରରେ ତାଙ୍କ ସ୍ତ୍ରୀ, ପୁଅ ଓ ଝିଅ ବାଲେଶ୍ୱର ଆସିଥିଲେ। ଆଜି ସେମାନେ ଘରକୁ ଫେରୁଥିଲେ। ଆଜି ମଧ୍ୟାହ୍ନରେ ସ୍ତ୍ରୀ-ପୁଅକୁ ବାଲେଶ୍ୱରରୁ ବସ୍‌ରେ ବସାଇ ଝିଅ ସାଇଶ୍ରିଦ୍ଧିକୁ ବାଇକ୍‌ରେ ନେଇ ମନୋଜ ଭଦ୍ରକ ଆସୁଥିଲେ। ଉତ୍ତରେଶ୍ୱର ବସ୍‌ଷ୍ଟାଣ୍ଡ ନିକଟରେ ଏକ ଟ୍ରକ୍ (ଏନ୍‌ଏଲ୍ ୦୧ଏଡି ୪୨୩୭) ମନୋଜଙ୍କ ବାଇକ୍‌କୁ ପଛରୁ ଧକ୍କା ଦେଇ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ବାପ-ଝିଅଙ୍କ ମୃତ୍ୟୁ ହୋଇଯାଇଥିଲା। ସୋର ପୁଲିସ ଘଟଣାସ୍ଥଳରୁ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଟ୍ରକ୍ ଚାଳକକୁ ଥାନାରେ ଅଟକ ରଖିଛି। ପରିବାରଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ନମ୍ବର ୪୮୦/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## 'କାନଛିଣ୍ଡା'ରେ ଅନୁଗୋଳର ନରହନ୍ତା ଦନ୍ତା

ବାରିପଦା, ୭।୬ (ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳର କାନଛିଣ୍ଡା ଉଦ୍ଧାର କେନ୍ଦ୍ରରେ ଅନୁଗୋଳର ନରହନ୍ତା ଦନ୍ତା। କରଞ୍ଜିଆ ବନଖଣ୍ଡର ସାତକୋଶିଆ ରେଞ୍ଜ ଦୁଆରଶୁଣୀ ଅଞ୍ଚଳରେ ହାତୀଟିକୁ ଛାଡ଼ିବା ଯୋଜନା ବିଫଳ ହେବା ପରେ ବନ ବିଭାଗ ତାକୁ ଏଠାରେ ଥଇଥାନ କରିଛି।



ଦୀର୍ଘ ୩୬ଘଣ୍ଟା ଧରି ଦନ୍ତାଟି 'ଐରାବତ ରେସକ୍ୟୁ' ଟ୍ରକ୍‌ରେ ରହିବା ପରେ ଦନ୍ତାକୁ ବାରିପଦା ବନଖଣ୍ଡର ବାଙ୍ଗିରିପୋଷି ତାଳବନ୍ଧ ରେଞ୍ଜ କାନଛିଣ୍ଡା ବିଟ୍ ଉଦ୍ଧାର କେନ୍ଦ୍ରକୁ ଆଣି ଚିକିତ୍ସା କରାଯାଉଛି। ହାତୀର ସୁରକ୍ଷା ଓ ଚିକିତ୍ସା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତା'ର ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସକ ନିୟୋଜିତ ଅଛନ୍ତି। ହାତୀର ଶାରୀରିକ ସମସ୍ୟା ଓ ଅସୁସ୍ଥତାକୁ ଦୂର କରିବା ପାଇଁ ପ୍ରାଥମିକ ଭାବେ ତାର ଉପଯୁକ୍ତ ଚିକିତ୍ସା କରାଯାଉଛି। ହାତୀଟି ଯେପରି ସୁରକ୍ଷିତ ଏବଂ ସୁସ୍ଥ ରହିବ, ସେଥିପାଇଁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି।

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି ଶନିବାର କାନଛିଣ୍ଡା ବନ୍ୟଜନ୍ତୁ ଉଦ୍ଧାର କେନ୍ଦ୍ର ପରିଦର୍ଶନ କରିବା ସହ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ହାତୀକୁ ନେଇ ସ୍ଥାନୀୟ ଲୋକ ଭୟଭୀତ ଅବସ୍ଥାରେ ଅଛନ୍ତି ଏବଂ ଆଗାମୀ ଦିନରେ ହାତୀର ହିଂସ୍ର ବ୍ୟବହାରରେ କୌଣସି ପରିବର୍ତ୍ତନ ନ ଆସିଲେ, ତାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଶ୍ରୀ ମାରାଣ୍ଡି ବନ ବିଭାଗ ଅଧିକାରୀଙ୍କ ନିକଟରେ ଦାବି ରଖିଛନ୍ତି।

ଏ ସଂପର୍କରେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରିକା ସଞ୍ଜୁକ୍ତା ବସା କହିଛନ୍ତି, ଲୋକଙ୍କ ବିରୋଧ ଯୋଗୁଁ ଦନ୍ତାକୁ ସିନା ସାତକୋଶିଆରୁ କାନଛିଣ୍ଡା ଅଣାଗଲା, କିନ୍ତୁ ସେଠାରେ ସେ ଭଲରେ ରହିଥା'ନ୍ତା। ସାତକୋଶିଆ ଅଞ୍ଚଳରେ ଶିକାରୀ ନାହାନ୍ତି। କିନ୍ତୁ ତାଳବନ୍ଧ ରେଞ୍ଜ ଅଞ୍ଚଳରେ ଶିକାରୀ ରହିଛନ୍ତି। ହାତୀ ଉତ୍ପାତ ହେଲେ ଲୋକେ କିମ୍ବା ଶିକାରୀ ହାତୀକୁ

### ଅଞ୍ଚଳବାସୀଙ୍କ ସୁରକ୍ଷାକୁ ସୁଦାମଙ୍କ ଗୁରୁତ୍ୱ

ଶିକାର କରିଦେବାର ଭୟ ରହିଛି। ହାତୀକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମନରେ ଭୟ ଉପୁଜିବା ସ୍ୱାଭାବିକ। ହାତୀଟିର ସ୍ୱାସ୍ଥ୍ୟ ଓ ମନର ଅବସ୍ଥାକୁ ନିରୀକ୍ଷଣ କରି ତୁରନ୍ତ ତା'ର ଚିକିତ୍ସା କରିବା ଦରକାର ବୋଲି ସେ କହିଛନ୍ତି। ସେହିପରି, ହାତୀଟି ଯେପରି ସୁରକ୍ଷାବଳୟ ଭିତରୁ ବାହାରି ଜନବସତି ଆଡ଼କୁ ନ ଯାଏ, ସେଥିପ୍ରତି ସଜାଗ ରହିବା ସହ ପ୍ରତିଦିନ ଡାକ୍ତରୀଦଳ ତା'ର ଗତିବିଧି ଉପରେ ନଜର ରଖିବା ଆବଶ୍ୟକ ବୋଲି ସେ କହିଛନ୍ତି।

### ଚାଉଳ ମିଲିଂ ଖର୍ଚ୍ଚ ଦୁଇଗୁଣା ବୃଦ୍ଧି ପରେ ବର୍ଷିଲା କଂଗ୍ରେସ

## ମିଲରଙ୍କ ପ୍ରତି ସରକାରଙ୍କ ଉଦାରତା; ଚାଷୀଙ୍କ ପ୍ରତି କାଣିଚାଏ ନାହିଁ

ଭୁବନେଶ୍ୱର,୭।୬(ସମିସ): ମିଲରଙ୍କ ପ୍ରତି ଢେର ଉଦାରତା ଦେଖାଇ ରାଜ୍ୟ ସରକାର ଏକାଥରକେ ଚାଉଳ ମିଲିଂ ଖର୍ଚ୍ଚ ଦୁଇଗୁଣା ବଢ଼ାଇଛନ୍ତି। ଉଷୁନା ଚାଉଳ ମିଲିଂ ଖର୍ଚ୍ଚ କ୍ୱିଣ୍ଟାଲ ପିଚ୍ଛା ୨୦ ଟଙ୍କା ଥିବା ବେଳେ ତାହାକୁ ୪୦ଟଙ୍କା ଏବଂ ଅରୁଆ ଚାଉଳ ମିଲିଂ ଖର୍ଚ୍ଚ ୧୦ଟଙ୍କା ଥିବା ବେଳେ ତାହାକୁ ୨୦ ଟଙ୍କାକୁ ବୃଦ୍ଧି କରି ଚାଷୀଙ୍କ ଧାନକିଣା କାର୍ଯ୍ୟ ସୁରୁଖୁରୁରେ ହେବ ବୋଲି ସରକାର କହିଛନ୍ତି। ଏହି ଘଟଣା ଦ୍ୱାରା ବର୍ତ୍ତମାନର ଡବଲ ଇଞ୍ଜିନ୍ ସରକାରର ମିଲରଙ୍କ ପ୍ରତି ଥିବା ଉଦାରତା ଓ ଚାଷୀଙ୍କ ସ୍ୱାର୍ଥ ପ୍ରତି କାଣିଚାଏ ଚିନ୍ତା ନ ଥିବା ପ୍ରମାଣିତ କରିଛି ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କହିଛନ୍ତି।

ଏକ ପ୍ରେସ ଇସ୍ତାହାରରେ ଶ୍ରୀ ପଟ୍ଟନାୟକ କହିଛନ୍ତି, ଚାଷୀଙ୍କ ସ୍ୱାର୍ଥପାଇଁ ସ୍ୱାମୀନାଥନ କମିଟି ସୁପାରିଷ ଆଧାରରେ ପ୍ରତିଶ୍ରୁତି ଅନୁଯାୟୀ ଆଜି ପର୍ଯ୍ୟନ୍ତ ଏମଏସପିର ଦେଢ଼ଗୁଣା ବୃଦ୍ଧି ହେଲା ନାହିଁ କିମ୍ବା ଏମଏସପିକୁ ଆଇନଗତ ଗ୍ୟାରେଣ୍ଟି ଦିଆଗଲା ନାହିଁ। ରାଜ୍ୟରେ ଆଜି ପର୍ଯ୍ୟନ୍ତ ମଧ୍ୟ ମଣ୍ଡି ସଶକ୍ତ ଓ ମଣ୍ଡି ଆଇନ କରାଗଲା ନାହିଁ। ଫଳରେ ଚାଷୀ ଧାନ ବିକ୍ରି କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଧାନ ଏମଏସପି ଉପରେ ଚାଷୀଙ୍କୁ ୮୦୦ଟଙ୍କା ଇନପୁଟ୍ ସହାୟତା ଦିଆଯିବ ଏବଂ ଚାଷୀଙ୍କର ସବୁ ବଳକା ଧାନ ନିର୍ଦ୍ଧାରିତ ଏମଏସପିରେ କ୍ରୟ କରାଯିବ ବୋଲି କହିଥିଲେ। କିନ୍ତୁ ଚତୁରତାର ସହିତ ଗତ ଖରିଫ୍ ଓ ବର୍ତ୍ତମାନ ରବିରେ ପୂର୍ବରୁ ଯେଉଁ ଚାଷୀ ୧୦୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଧାନ ବିକ୍ରୟ ପାଇଁ ଟୋକନ ପାଉଥିଲେ ଏବେ ସେହି ଚାଷୀଙ୍କଠାରୁ ୨୦ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଟୋକନ ଆସୁଛି। ଫଳରେ ଚାଷୀ ପୂର୍ବ ଭଳି ଅଭାବୀ ବିକ୍ରିର ଶିକାର ହେଉଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ସେହିପରି ପୂର୍ବ ଏମଏସପି ଉପରେ ବର୍ତ୍ତମାନର ବର୍ଦ୍ଧିତ ଏମଏସପି ଚାଷୀଙ୍କୁ ଦିଆଯାଉ ନାହିଁ। ସରକାର ଧାନ କିଣିବା ପରିବର୍ତ୍ତେ ସରକାର-ମିଲର ମଧୁଚନ୍ଦ୍ରିକାରେ ସିଧା ସଳଖ ମିଲର ଧାନ କିଣୁଛି। ଖରିଫ ଓ ରବିରେ ମିଲର ବାଧ୍ୟତାମୂଳକ ଭାବେ ୫ରୁ ୧୦କେଜି ପର୍ଯ୍ୟନ୍ତ ବିଭିନ୍ନ ଆଳ ଦେଖାଇ ଯେଉଁ କଟନି ଛଟନି କରିଛନ୍ତି ସେ ବାବଦର ଅର୍ଥ ୫ହଜାର କୋଟିରୁ ଉର୍ଦ୍ଧ୍ୱ। ଏହି ଟଙ୍କା ସରକାର ଓ ମିଲରଙ୍କ ମିଳିଭଗତରେ କାରବାର କରାଯାଉଛି। ଏବେ ମିଲର ପାଖରେ ସରକାର ବନ୍ଧା ପଡ଼ିଥିବାରୁ ମିଲରଙ୍କ ପ୍ରତି ସରକାରଙ୍କ ଉଦାରତା ଜଳ ଜଳ ଦେଖାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଯଦି ସରକାର ଚାଷୀଙ୍କ ପ୍ରତି ଅତ୍ୟନ୍ତ ଦରଦୀ ତେବେ ପ୍ରଥମେ ଚାଷୀଙ୍କୁ ପ୍ରାଧାନ୍ୟ ଦେଇ ସେମାନଙ୍କ ସବୁ ବଳକା ଧାନକୁ ଯୁଦ୍ଧକାଳୀନ ଭିତ୍ତିରେ ନିର୍ଦ୍ଧାରିତ ଏମଏସପିରେ କ୍ରୟ କରିବାକୁ ସେ ଦାବି କରିଛନ୍ତି।

### ■ ପାରିବାରିକ କଳହର କରୁଣ ପରିଣତି

## ୫ ବର୍ଷର ଶିଶୁକୁ ମିଠାରେ ବିଷ ଦେଇଦେଲେ ପଡ଼ୋଶୀ

ସାଲେପୁର, ୭।୬ (ସମିସ): ପୂର୍ବ ପାରିବାରିକ ଶତ୍ରୁତାକୁ କେନ୍ଦ୍ର କରି ଜଣେ ୫ବର୍ଷର ନିଷ୍ପାପ ଶିଶୁପୁତ୍ରକୁ ପଡ଼ୋଶୀ ଖାଇବାରେ ବିଷ ଦେଇ ମାରିଦେବାକୁ ଚେଷ୍ଟା କରିବା ଭଳି ଏକ ଅତି ଅମାନୁଷିକ ଘଟଣା ସାଲେପୁର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏ ନେଇ ସାଲେପୁର ଥାନାରେ ଏକ ଲିଖିତ

### କଟକ ଶିଶୁଭବନ ଆଇସିୟୁରେ ଚାଲିଛି ଶିଶୁପୁତ୍ରର ଚିକିତ୍ସା



ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ, ବିଷାକ୍ତ ମିଠା ଖାଇ ଗୁରୁତର ହୋଇପଡ଼ିଥିବା ଶିଶୁପୁତ୍ରଟି ଦୀର୍ଘ ୧୭ଦିନରୁ ଉର୍ଦ୍ଧ୍ୱ ସମୟ ହେବ କଟକ ଶିଶୁଭବନର ଆଇସିୟୁରେ ମୃତ୍ୟୁ ସହ ସଂଗ୍ରାମ କରୁଛି।

ଅଭିଯୋଗ ଅନୁଯାୟୀ, ସାଲେପୁର ଥାନା ଅନ୍ତର୍ଗତ ବାହାବଳପୁର ଗ୍ରାମର ରୋହିତ କୁମାର ମଲ୍ଲିକଙ୍କ ୫ ବର୍ଷର ପୁଅ ଦିବ୍ୟରଞ୍ଜନ ମଲ୍ଲିକ ଗତ ମେ' ୨୨ ତାରିଖ ସକାଳେ ଘରସାମ୍ନା ଦାଣ୍ଡରେ ଖେଳୁଥିଲା। ଏହି ସମୟରେ ପୂର୍ବରୁ ପାରିବାରିକ ବିବାଦ ଥିବା ପଡ଼ୋଶୀ ଲିପି ଦାସ, ତାଙ୍କ ସ୍ୱାମୀ ପ୍ରଶାନ୍ତ କୁମାର ଦାସ ଏବଂ ଅନ୍ୟ ୩ ଜଣ ମିଶି ଦିବ୍ୟରଞ୍ଜନକୁ ପ୍ରଲୋଭନ ଦେଖାଇ ନିଜ ଘରକୁ ଡାକିଥିଲେ ଏବଂ ଖାଇବାକୁ ମିଠା ଦେଇଥିଲେ। ମିଠା ଖାଇବାର କିଛି ସମୟ ପରେ ଶିଶୁଟି ପ୍ରବଳ ମାତ୍ରାରେ ବାନ୍ତି କରି ଅଚେତ ହୋଇପଡ଼ିଥିଲା। ପରିବାରଲୋକେ ତୁରନ୍ତ ତାକୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଅବସ୍ଥା ଅତି ସଂକଟାପନ୍ନ ହେବାରୁ ତାକୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ସେବେଠାରୁ ଶିଶୁଟି ଆଇସିୟୁରେ ମୃତ୍ୟୁ ସହ ଲଢ଼େଇ କରୁଛି। ରୋହିତଙ୍କ ପରିବାର ଏବଂ ଲିପି ଦାସଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନରୁ ବିବାଦ ଚାଲିଥିବାରୁ ପ୍ରତିଶୋଧ ପରାୟଣ ହୋଇ ଶିଶୁଟିକୁ ମିଠାରେ ବିଷ ଦିଆଯାଇଥିବା ନେଇ ଦିବ୍ୟରଞ୍ଜନଙ୍କ ପିତା ରୋହିତ ମଲ୍ଲିକ ଗତ ମାସ ୩୦ରେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏହି ସମ୍ବେଦନଶୀଳ ଘଟଣାକୁ ଗ୍ରହଣ କରି ସାଲେପୁର ଥାନାରେ ନଂ ୩୩୫/୨୬ରେ ଏକ ମାମଲା ରୁଜୁ କରିଛି। ଘଟଣା ପରଠାରୁ ଅଭିଯୁକ୍ତମାନଙ୍କ ଭୂମିକାକୁ ନେଇ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପୁଲିସ ବିଭିନ୍ନ ଦିଗକୁ ଆଧାର କରି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି।

### ବିଜେପିକୁ ନିର୍ବାଚନ ଗ୍ୟାରେଣ୍ଟି ମନେ ପକାଇଦେଲେ ଗାନ୍ଧୀବାଦୀ

## ୨୦୨୯ ବେଳକୁ ରାଜ୍ୟରେ ୮୦ କୋଟି ଲିଟର ମଦ ବନ୍ୟା

ଭୁବନେଶ୍ୱର,୭।୬(ସମିସ): ବିଜେପି ସଂକଳ୍ପ ପତ୍ରରେ ଓଡ଼ିଶାକୁ ନିଶାମୁକ୍ତ କରାଯିବ ବୋଲି ଘୋଷଣା ହୋଇଥିଲା। ୨୦୨୪ ମେ' ୫ ତାରିଖରେ ତତ୍କାଳୀନ ବିଜେପି ଜାତୀୟ ସଭାପତି ଜେପି. ନଡ୍ଡା ଦଳର ସଂକଳ୍ପପତ୍ର ଉନ୍ମୋଚନ କରି ଏହି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଓଡ଼ିଶା ପାଇଁ ଘୋଷିତ ଏହି ଗ୍ୟାରେଣ୍ଟିର ଦୁଇବର୍ଷ ପୂରଣ ହୋଇଥିଲେ ମଧ୍ୟ ଏହା ଆଜିଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହାକୁ ନେଇ ବିଶିଷ୍ଟ ଗାନ୍ଧୀବାଦୀ ତଥା ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ପୂର୍ବତନ ଅଧ୍ୟକ୍ଷ ପ୍ରହ୍ଲାଦ କୁମାର ସିହ୍ନା କ୍ଷୋଭ ପ୍ରକାଶ କରିଛନ୍ତି ଓ ଚିଠି ଲେଖି ନିର୍ବାଚନ ସଂକଳ୍ପକୁ ମନେ ପକାଇ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ସେ ଲେଖିଥିବା ଚିଠିରେ କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ଦଳ ଦେଇଥିବା ଗ୍ୟାରେଣ୍ଟି ତଥା ସଂକଳ୍ପ ପତ୍ରର ୩୮ ପୃଷ୍ଠାରେ ୨୦୨୯ ସୁଦ୍ଧା ନିଶାମୁକ୍ତ ଓଡ଼ିଶା ସୃଷ୍ଟି ଓ ଧାରା ୪୭କୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରି ବିଷାକ୍ତ ପାନୀୟ ତଥା ଡ୍ରଗ୍ସକୁ ନିୟନ୍ତ୍ରଣ କରାଯିବ ବୋଲି ଉଲ୍ଲେଖ ରହିଥିଲା। ଏହା ସହ ନିଶା ବିରୋଧୀ ସଚେତନତା ସହ ନିଶା ନିବାରଣ କେନ୍ଦ୍ର ସ୍ଥାପନ

- ୨୦୨୦ରେ ୨୦ କୋଟି ଲିଟର ମଦ ବିକ୍ରି, ୨୦୨୫ରେ ୪୦ କୋଟି ଲିଟର
- କେବେ ସାକାର ହେବ ସମ୍ପୂର୍ଣ୍ଣ ନିଶା ମୁକ୍ତ ଓଡ଼ିଶା ସଂକ୍ରାନ୍ତ ବିଜେପି ସଂକଳ୍ପ

ପାଇଁ ଉଲ୍ଲେଖ ଥିଲା। ମାତ୍ର ସରକାର ଗଢ଼ିବା ପରେ ନିର୍ବାଚନ ଗ୍ୟାରେଣ୍ଟି ମୁତାବକ ନିଶା ନିବାରଣ କଥାକୁ ଓଡ଼ିଶା ସରକାର ଭୁଲିଯିବା ଭଳି ମନେ ହେଉଛି। ତେଣୁ ଦୁଇ ବର୍ଷ ପୂର୍ତ୍ତି ପୂର୍ବରୁ ରାଜ୍ୟ ସରକାର 'ଗୁଜରାଟ ଢାଞ୍ଚା'ରେ ଓଡ଼ିଶାରେ ସଂପୂର୍ଣ୍ଣ ନିଶା ନିବାରଣ ଲାଗୁ କରିବାକୁ ସେ ଅନୁରୋଧ କରିଛନ୍ତି ।

ସେ କହିଛନ୍ତି ଯେ ୨୦୨୦-୨୧ ବର୍ଷରେ ରାଜ୍ୟରେ ଲାଇସେନ୍ସ ପ୍ରାପ୍ତ ସଂସ୍ଥାଗୁଡ଼ିକ ମାଧ୍ୟମରେ ପ୍ରାୟ ୨୦ କୋଟି ଲିଟର ମଦ ବିକ୍ରି ହେଉଥିଲା। ମାତ୍ର ୨୦୨୪-୨୫ରେ ଏହାର ପରିମାଣ ୪୦ କୋଟି ୧୭ଲକ୍ଷ ଲିଟରରୁ ଅଧିକ ଥିବା ବିଧାନସଭାରେ ଉପସ୍ଥାପିତ ତଥ୍ୟରୁ ଜଣାପଡିଛି। ଏହି ଧାରା ଅବ୍ୟାହତ ରହିଲେ ୨୦୨୯ ବେଳକୁ ବାର୍ଷିକ ପ୍ରାୟ ୮୦ କୋଟି ଲିଟର ମଦ ବନ୍ୟା ଲାଇସେନ୍ସପ୍ରାପ୍ତ ମଦ ଦୋକାନଗୁଡ଼ିକ ମାଧ୍ୟମରେ ବୋହିବାର ଆଶଙ୍କା ସୃଷ୍ଟି ହୋଇଛି। ଏଯାଏ ଓଡ଼ିଶା ନିଶା ନିବାରଣ ଆଇନ୍-୧୯୫୬କୁ କାର୍ଯ୍ୟକାରୀ ହେଲା ନାହିଁ। ରାଜ୍ୟ ଯୁବ ନୀତିରେ ପୂର୍ବରୁ ଆଲ୍‌କହଲ୍ ମୁକ୍ତ ଗ୍ରାମ ଗଠନ କଥା ଲେଖା ଯାଇଥିଲା, ମାତ୍ର ଏବେ ସରକାର ଆଲ୍‌କହଲ୍ ଓ ଅନ୍ୟାନ୍ୟ ନିଶା ବିକ୍ରି ବଢ଼ାଇ ଚାଲିଛନ୍ତି ବୋଲି ସେ କହିଛନ୍ତି ।

## ଲଣ୍ଡା ହୋଇ ମଦ ଛାଡ଼ିବାକୁ ଶପଥ



ଆନନ୍ଦପୁର, ୭।୬ (ସମିସ): ସ୍ୱଇଚ୍ଛାରେ ମଦ ପରିତ୍ୟାଗ କରି ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଲଣ୍ଡା ହୋଇଛନ୍ତି। ଏଥିସହ ନଦୀରେ ବୁଡ଼ ପକାଇ ଗାଁକୁ ମଦମୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଦରଡ଼ିପାଳ ପଞ୍ଚାୟତ ଜଳସୁଆଁ ଗାଁର ଏହି ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। କୁଶେଇ ନଦୀରେ ବୁଡ଼ ପକାଇ ଆଗାମୀ ଦିନରେ ମଦ ଛୁଇଁବେ ନାହିଁ ବୋଲି ସେମାନେ ଶପଥ ନେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିମାନେ ସ୍ଥାନୀୟ ଜଳେଶ୍ୱର ଶିବମନ୍ଦିର ସମ୍ମୁଖରେ ପୂଜକ ଶ୍ରୀଧର ମହାପାତ୍ରଙ୍କ

### ଜଳସୁଆଁ ଗାଁକୁ ମଦମୁକ୍ତ କରିବାକୁ ନିଷ୍ପତ୍ତି

ତତ୍ତ୍ୱାବଧାନରେ ଶପଥ ପାଠ କରିଥିଲେ। ଜଳସୁଆଁ ଗାଁ କିପରି ସମ୍ପୂର୍ଣ୍ଣ ମଦମୁକ୍ତ ହୋଇପାରିବ, ସେଥିପାଇଁ ଘରକୁଘର ବୁଲି ଲୋକଙ୍କୁ ବୁଝାଇବେ ବୋଲି କହିଛନ୍ତି। ମଦ ବିରୋଧରେ ସମସ୍ତେ ଏକାଠି ହେବାକୁ ନାରା ଦେଇଛନ୍ତି। ଗାଁର ସଞ୍ଜୟ ଜେନା, କୃଷ୍ଣଚନ୍ଦ୍ର କୁଅଁର, ହାଡ଼ିବନ୍ଧୁ ରାଉତ, ରଞ୍ଜନ ରାଉତ, ସନାତନ ନାୟକ, ଚଗୁଲୁ ବେହେରା, କେଶବଚନ୍ଦ୍ର ସାହୁ, ଗଣେଶ୍ୱର ସାହୁ, ସନ୍ତୋଷ ବିହାରୀଙ୍କ ଏଭଳି ନିଷ୍ପତ୍ତିକୁ ଗ୍ରାମବାସୀ ସ୍ୱାଗତ କରିବା ସହ ଖୁସିବ୍ୟକ୍ତ କରିଛନ୍ତି। ଯୁବକଙ୍କ ଏଭଳି ପଦକ୍ଷେପ ଆଗାମୀ ଦିନରେ ଜଳସୁଆଁ ଗାଁ ସମେତ ଆଖପାଖ ଅଞ୍ଚଳରେ ମଦ ବିରୋଧରେ ଏକ ସଂଗ୍ରାମୀ ଅଭିଯାନ ଆରମ୍ଭ ହୋଇଥିବା ଚର୍ଚ୍ଚାକୁ ଆସିଛି।

### ସୀମାନ୍ତରେ ଜଙ୍ଗଲ ବିବାଦ

# ସୀମା ଚିହ୍ନଟ କଲା ବନ ବିଭାଗ



ନବରଙ୍ଗପୁର, ୭।୬(ସମିସ): ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ବ୍ଲକ ଅନ୍ତର୍ଗତ ବହୁ ପ୍ରତିକ୍ଷୀତ ଦୀର୍ଘ ବର୍ଷ ଧରି ଚାଲିଥିବା ନାକଟିସିମଡ଼ା ଏବଂ କୁସୁମପୁର ସଂରକ୍ଷିତ ଜଙ୍ଗଲ ବିବାଦର ସମାଧାନ ପାଇଁ ବାଟ ଫିଟିଲା । ପ୍ରାୟ ବର୍ଷେ ଧରି ଲାଗି ରହିଥିବା ବିବାଦର ସମାଧାନ ନିମନ୍ତେ ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ନ୍ୟାୟ ପାଇବା ନିମନ୍ତେ ନାକଟିସିମଡ଼ା ବନ ସୁରକ୍ଷା ସମିତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ଜଙ୍ଗଲ ସୀମା ନିର୍ଦ୍ଧାରଣ କରିବା ପାଇଁ ବନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ବିବାଦୀୟ ଅଞ୍ଚଳରେ ବ୍ୟାପକସ୍ତରରେ ସୀମା ନିର୍ଦ୍ଧାରଣ ଓ ଯାଞ୍ଚ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ନବରଙ୍ଗପୁର ଏସିଏଫ୍ ସୁବାସ ଚନ୍ଦ୍ର ଖୁଣ୍ଟିଆ, ଅତିରିକ୍ତ ତହସିଲଦାର ମୌସୁମୀ ସଜନ, ରାଇଘର ରେଞ୍ଜର ମହମ୍ମଦ ଅବଦୁଲ ସମ୍ମଦ,କୋଷାଗୁମୁଡା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କ ସମେତ ଜିଲ୍ଲାର ଛଅଟି ରେଞ୍ଜର ଶହେରୁ ଅଧିକ ବନ କର୍ମଚାରୀ ସୀମା ଚିହ୍ନଟ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଦୁଇ ପ୍ଲାଟୁନ୍ ପୁଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଥିଲା। ବନ ବିଭାଗ ଅଧିକାରୀଙ୍କ ସହ ସମସ୍ତ ଅଧିକାରୀ ବିବାଦୀୟ ଅଞ୍ଚଳରେ ପହଞ୍ଚି ସୀମା ଚିହ୍ନଟ, ପୁରୁଣା ରେକର୍ଡ ଓ ମାନଚିତ୍ର ଯାଞ୍ଚ କରିଥିଲେ। ସ୍ଥାନୀୟ ଲୋକଙ୍କ ମତାମତ ମଧ୍ୟ ସଂଗ୍ରହ କରାଯାଇଥିଲା। ସମଗ୍ର ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସମ୍ପନ୍ନ କରିବାକୁ ପ୍ରଶାସନ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବନ ବିଭାଗ ସୂଚନା ଅନୁଯାୟୀ, ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଏଭଳି ଜଙ୍ଗଲ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଓଡ଼ିଶାରେ ପ୍ରଥମ ଥର ହୋଇଛି। ତଦନ୍ତ ସମୟରେ ସଂଗୃହୀତ ସମସ୍ତ ତଥ୍ୟ ଆଧାରରେ ବିସ୍ତୃତ ରିପୋର୍ଟ ହାଇକୋର୍ଟରେ ଦାଖଲ କରାଯିବ ବୋଲି ଏସିଏଫ୍ କହିଛନ୍ତି। ବିବାଦୀୟ ଜମିରେ ରହିଥିବା ୭ ଘରକୁ ଖାଲି କରିବାକୁ ନୋଟିସ୍ ଦିଆଯାଇଥିବା ଜଣାପଡ଼ିଛି। ବିବାଦର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ଯୋଗୁଁ ଆଗାମୀ ଦିନରେ କୌଣସି ବିବାଦ ସୃଷ୍ଟି ହେବ ନାହିଁ ବୋଲି କୁସୁମପୁର ଓ ନାକଟିସିମଡା ଗ୍ରାମବାସୀମାନେ ମତବ୍ୟକ୍ତ କରିଛନ୍ତି।

## କଲରାପତରିଆ ବାଘ ଛାଲ ଜବତ ଘଟଣା, ଶିକ୍ଷକ ସମ୍ପୃକ୍ତ

ରାୟଗଡ,୭।୬(ସମିସ):



ରାୟଗଡ ବନଖଣ୍ଡ ଅନ୍ତର୍ଗତ କଲ୍ୟାଣସିଂହପୁର ବନାଞ୍ଚଳ ଅଧୀନ ରିଭଲକଣା ଗ୍ରାମ ଛକରେ ଗତ ଶନିବାର ଦିନ ବନ ବିଭାଗର ଦୁଇଟି ଟିମ୍ ପକ୍ଷରୁ ଚଢ଼ଉ କରାଯାଇ ଗୋଟିଏ ଚିତା ବାଘ ଛାଲକୁ ଜବତ କରାଯାଇଥିଲା । ଘଟଣାରେ ୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ଥିବା ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ବନ ବିଭାଗ। ଏହି ଘଟଣାରେ ବନ ବିଭାଗ ପକ୍ଷରୁ କଳାହାଣ୍ଡି ଜିଲ୍ଲାର ୫ ଜଣ ଓ ରାୟଗଡ ଜିଲ୍ଲାର ୪ ଜଣଙ୍କୁ ଗିରଫ୍ କରାଯାଇଥିବା ନେଇ ଆଜି ରାୟଗଡ ଏସିଏଫ ସନ୍ଦୀପ ପୃଷ୍ଟି ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନଙ୍କ ଠାରୁ ୪ଟି ବାଇକ୍ ଓ ୯ ଗୋଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏହି ବାଘ ଛାଲ ଚୋରା ଚଲାଣ ଘଟଣାରେ ସମ୍ପୃକ୍ତ ଥିବା କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ଜିରାଗଛ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଜିତେନ୍ଦ୍ର ବେନିଆଙ୍କୁ ଗିରଫ କରାଯାଇଛି। ଗତ ବର୍ଷ ନଭେମ୍ବର ମାସରେ ବାଘକୁ ଶିକାର କରାଯାଇ ହାଡ, ନଖ ସବୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଏହି ଅଭିଯୁକ୍ତମାନେ କମ୍ ଦାମରେ ବାଘ ଛାଲ କିଣି ବାହାର ରାଜ୍ୟକୁ ଚାଲାଣ କରିବା

### ଗିରଫ ସଂଖ୍ୟା ୯କୁ ବୃଦ୍ଧି

ବିକ୍ରି କରାଯାଇଥିଲା। ବର୍ତ୍ତମାନ ଏହାର ଛାଲକୁ ଆନ୍ତଃ ରାଜ୍ୟ ବନ୍ୟଜନ୍ତୁ ଚୋରା ଚାଲାଣକାରୀକୁ ବିକ୍ରି କରାଯିବା ପାଇଁ ଉଦ୍ୟମ ସମୟରେ ବନବିଭାଗ ସେମାନଙ୍କୁ ପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ରିଭଲକଣା ଛକରେ ଓ ଏକ ଘରେ ଚଢ଼ଉ କରିଥିଲା।

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ରାୟଗଡ଼,୭।୬(ସମିସ): ରବିବାର ଦିନ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ମାଟିକଣା ଠାରେ ଦ୍ୱିତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀପକ କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ପଞ୍ଚାୟତ ସମିତି ରାୟଗଡର ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, ସମ୍ମାନିତ ଅତିଥି ରୂପେ ସରପଞ୍ଚ ସୁଶ୍ରୀ କାମି ତାଡ଼ିଙ୍ଗି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବଳରାମ ହୁଇକା, ସମାଜସେବୀ ଭୀମ କଣ୍ଡଗରି,ନାୟବ ସରପଞ୍ଚ ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀପକ କୁମାର ବେହେରା ଏହି ବିଦ୍ୟାଳୟ ନିର୍ମାଣର ରୂପରେଖ ସମ୍ବନ୍ଧରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ଓଡ଼ିଶା ମୋହନ ଚରଣ ମାଝୀ ଭର୍ଚୁଆଲ ମାଧ୍ୟମରେ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ , ଅନ୍ୟକର୍ମଚାରୀ, ସିଆରସିସି ସଂଗ୍ରାମ ବେହେରା ପରିଚାଳନା କରିଥିଲେ।

## ଜିଲ୍ଲାରେ ୫,୯୫,୯୦୭ ମତଦାତାଙ୍କୁ ଫର୍ମ ବିତରଣ

ନବରଙ୍ଗପୁର,୭।୬(ସମିସ): ନବରଙ୍ଗପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଏସଆଇଆର କାର୍ଯ୍ୟ ଚାଲିଛି। ବିଏଲଓ ମାନେ ଘରକୁ ଘର ଯାଇ ବର୍ତ୍ତମାନ ସୁଦ୍ଧା ୫,୯୫,୯୦୭ ଜଣବା ୬୯.୪୨ ପ୍ରତିଶତ ଭୋଟରଙ୍କୁ ପରିଗଣନା ଫର୍ମ ପ୍ରଦାନ କରିଛନ୍ତି। ଆଜି ସୁଦ୍ଧା ଉମରକୋଟ ନିର୍ବାଚନ ମଣ୍ଡଳୀରେ ୬୩ ପ୍ରତିଶତ, ଝରିଗାଁ ନିର୍ବାଚନ ମଣ୍ଡଳୀରେ ୭୪ ପ୍ରତିଶତ, ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ୭୧ ପ୍ରତିଶତ ଏବଂ ଡାବୁ ଗାଁ ନିର୍ବାଚନ ମଣ୍ଡଳୀରେ ୬୮ ପ୍ରତିଶତ ପରିଗଣନା ଫର୍ମ ବିତରଣ କରାଯାଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରାଯାଉଛି। ବିଏଲଓ ମାନେ ପରିଗଣନା ଫର୍ମ ଗୃହସ୍ତଙ୍କୁ ପ୍ରଦାନ ସହ ଫର୍ମ ପୂରଣରେ ମାର୍ଗଦର୍ଶନ କରୁଛନ୍ତି। ଫର୍ମ ପୂରଣ ପରେ ଭୋଟରଙ୍କ ଠାରୁ ଗ୍ରହଣ କରି ଏକ ପ୍ରାପ୍ତି ସ୍ୱୀକାର ପତ୍ର ଭୋଟରଙ୍କୁ ଦେଉଛନ୍ତି। ଏହି ସମ୍ବନ୍ଧୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପ୍ରତ୍ୟେକ ଦିନ ଇଆରଓ ଏବଂ ଏଇଆରଓ କ୍ଷେତ୍ର ପରିଦର୍ଶନ କରୁଛନ୍ତି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ. ମହେଶ୍ୱର ସ୍ୱାଇଁଙ୍କ ପ୍ରତ୍ୟକ୍ଷତତ୍ତ୍ୱାବଧାନରେଅତିରିକ୍ତଜିଲ୍ଲାପାଳରାଜସ୍ୱବିଶ୍ୱଜିତ୍‌ଚନ୍ଦ୍ରବର୍ମନଏବଂଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ବିଏଲଓ, ସୁପରଭାଇଜର କାର୍ଯ୍ୟକୁ ନିରୀକ୍ଷଣ କରୁଛନ୍ତି। ଏ ସମସ୍ତ କାର୍ଯ୍ୟରେ ଜିଲ୍ଲାର ପ୍ରତ୍ୟେକ ଭୋଟର ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ବୈପାରିଗୁଡ଼ା,୭।୬(ସମିସ ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କୋଲାର ପଞ୍ଚାୟତର ବାରିଆଗୁଡା ଜଙ୍ଗଲ ଭିତରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ବଜ୍ରପାତରେ ତାଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ମୃତକ ବାରିଆଗୁଡା ଗଜେନ୍ଦ୍ର ରାମପୁରିଆ(୪୭)। ଗତକାଲି ଜାଳେଣି କାଠ ସଂଗ୍ରହ କରିବା ପାଇଁ ଜଙ୍ଗଲକୁ ଯାଇଥିବା ଗଜେନ୍ଦ୍ର ରାମପୁରିଆ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଓ ସ୍ଥାନୀୟ ଲୋକମାନେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇନଥିଲେ। ଆଜି ଅପରାହ୍ନ ପ୍ରାୟ ଦୁଇଟା ସମୟରେ ଜଙ୍ଗଲ ଭିତରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ବଜ୍ରପାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି।

## ଶିକ୍ଷୟିତ୍ରୀଙ୍କ ଶିକ୍ଷାଭିତ୍ତିକ କର୍ମଶାଳ



ଜୟପୁର, ୭।୬ (ସମିସ) : ଜୟପୁର ସହରର ପାଇକସାହିସ୍ଥିତ ସାରସ୍ୱତ ବାଲ ମନ୍ଦିରର ବିଦ୍ୟାଳୟର ବାର୍ଷିକ ଶିକ୍ଷା ଭିତ୍ତିକ କର୍ମଶାଳା ଅଧକ୍ଷା, ଶିକ୍ଷୟିତ୍ରୀମାନେ, ପରିଚାଳନା କମିଟି ଏବଂ ଅଭିଭାବକମାନଙ୍କର ପୂର୍ଣ୍ଣ ସହଯୋଗରେ ଆୟୋଜିତ ହେଉଛି । ଗତ ୫ ତାରିଖରେ ଆରମ୍ଭ ହୋଇଥିବା ଏହି କର୍ମଶାଳା ୧୦ ଦିନ ଧରି ଚାଲିବ। ଏହି କର୍ମଶାଳାକୁ ଅନୁଷ୍ଠାନର ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ, ଅଧକ୍ଷା ରୀତାଲି ସାହୁ, ନାଟ୍ୟକାର ଉଦୟ ଶଙ୍କର ଜାନୀ, ବିଦ୍ୟାଳୟର ସଭାପତି ଅନୁପ କୁମାର ସମନ୍ତରାୟ, ସରକାରୀ ବିଦ୍ୟାଳୟର ସିଆରସିସି ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ, ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶିକ୍ଷକ ଭାବେ ଏନ ସୁଧାକର, ନୃସିଂହ ପ୍ରସାଦ ଷଡଙ୍ଗୀ, ପଦ୍ମନାଭ ଚୌଧୁରୀ, ମନୋରଞ୍ଜନ ଦାଶ, ପଞ୍ଚାନନ ମିଶ୍ର, ରାଧାମୋହନ ପଣ୍ଡା, ମହମ୍ମଦ ସରିଫ ପ୍ରମୁଖ ଯୋଗଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ରୀତିକଳା, ନିଶାରାଣୀ ସାହୁ, ମୈତ୍ରୀ ତ୍ରିପାଠୀ ଲୋପାମୁଦ୍ରାଜେନା, ବୈଜୟନ୍ତୀପଟନାୟକ, ସ୍ମିତାରଥ, ଟିକିନାତ୍ରିପାଠୀ, ତନୁଶ୍ରୀୟାଚୌଧୁରୀ, ମାମୁନି ସ୍ୱାଇଁ, ସ୍ୱର୍ଣ୍ଣଲତା ମଲ୍ଲିକ ଓ ରୀନା ଗୌଡ଼ ଏବଂ ଅଭିଭାବକଙ୍କ ଉପସ୍ଥିତ ରହିଥିଲେ।

## ଗଞ୍ଜେଇ ଜବତ,ଜଣେ ଗିରଫ

ରାୟଗଡ,୭।୬(ସମିସ): ରାୟଗଡରୁ ବିଜୟୱାଡାକୁ ବେଆଇନ ଭାବେ ଗଂଜେଇ ଚୋରା ଚାଲାଣ କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରି ୬କେଜି ୫୦୦ ଗ୍ରାମର ଗଞ୍ଜେଇ ଜବତ କରିଛି ରାୟଗଡ ସରକାରୀ ରେଳବାଇ ପୁଲିସ। ଗିରଫ ଅଭିଯୁକ୍ତ ହେଲେ କର୍ଣ୍ଣାଟକ ରାଜ୍ୟର ସାହିଲ ଖାନ (୨୩)। ଜିଆରପି ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ଆଜି ରାୟଗଡ ରେଳ ଷ୍ଟେସନ ପ୍ଲାଟଫର୍ମ -୧ରେ ଜିଆରପି ଥାନା ଆଇଆଇସି ବିନୟ ପ୍ରକାଶ ମିଂଜ,ଏସଆଇ ସନ୍ତୋଷ କୁମାର ପରିଡା,ଏଏସଆଇ ମାଣିକ ଚନ୍ଦ୍ର ଗୌଡ,ଅନୁଜ ବଦ୍ୟଭୂଷଣ ପ୍ରମୁଖ ନିୟମିତ ଯାଞ୍ଚ କରୁଥିବା ସମୟରେ ବ୍ୟାଗରେ ଗଂଜେଇ ଥିବା ଜଣାପଡିଥିଲା। ରାୟଗଡ ଜିଆରପି ଥାନାରେ ଏକ ଏନଡିପିଏସ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା କୁହାଯାଇଛି।

## ନିଖୋଜ ବୃଦ୍ଧାଙ୍କ ଶବ ଉଦ୍ଧାର

ନନ୍ଦପୁର,୭।୬(ସମିସ): ଗତ କାଲି ସନ୍ଧ୍ୟାରେ ନନ୍ଦପୁର ବ୍ଲକ ଭେଜା ପଞ୍ଚାୟତ ହଞ୍ଜୀରପେଣ୍ଠ ଗ୍ରାମର ସହଦେବ ପାଙ୍ଗିଙ୍କ ପତ୍ନୀ ଗୋରିମଣି ପାଙ୍ଗି(୫୯) ଗାରାଡ଼ି ନଦୀରେ ବୁଡି ପ୍ରାଣ ହରାଇଛନ୍ତି। ସହଦେବଙ୍କ ଏତଲା ଅନୁସାରେ ତାଙ୍କ ପତ୍ନୀ ଗୋରିମଣୀ ଗତକାଲି ରାତି ୮ଟା ସମୟରେ ଶୌଚ ନିମନ୍ତେ ନଦୀକୁ ଆସିଥିଲେ। କିନ୍ତୁ ସିଏ ନିଖୋଜ ରହିଥିଲେ। ରବିବାର ତାଙ୍କ ମର ଶରୀର ନଦୀରେ ଭାସୁଥିବା ଖବର ପାଇ ଉଭୟ ନନ୍ଦପୁର ଓ ପାଡୁଆ ପୋଲିସ ତଥା ପାଡୁଆ ଥାନା ଆଇଆଇସି ଟୁନା ପୀଡିକା ସହଙ୍କ ସହ ନନ୍ଦପୁର ଥାନା ଏଏସଆଇ ଗୁପ୍ତେଶ୍ୱର ଗୌଡଙ୍କ ଉପସ୍ଥିତିରେ ନନ୍ଦପୁର ଅଗ୍ନିଶମ ବାହିନୀ ପହଞ୍ଚି ଶବ ଉଦ୍ଧାର କରାଯାରିଥିଲେ। ସନ୍ଧ୍ୟା ହୋଇଯିବାରୁ ଆସନ୍ତା କାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ପାଡୁଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଏସଆଇ ସୁରେନ୍ଦ୍ର କୁମାର ସେଠୀ ଅଧିକ ତଦନ୍ତ ଜାରି ରଖିଛନ୍ତି।

## ଇନ୍ସପେକ୍ଟର ପ୍ରସନ୍ନ ମିଶ୍ରଙ୍କ ଅକାଳ ବିୟୋଗ

ରାୟଗଡ, ୭।୬(ସମିସ): ଆଜି ରାୟଗଡରେ ପୁଲିସ ଇନ୍ସପେକ୍ଟରଙ୍କ ପ୍ରସନ୍ନ ମିଶ୍ରଙ୍କ ଅକାଳ ବିୟୋଗ ଘଟିଛି।



ସେ କୋରାପୁଟ ଜିଲ୍ଲାରେ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। ଆଜି ଅପରାହ୍ନରେ ରାୟଗଡ଼ ସହର ଡିଏଫଓ ଅଫିସ ଚତୁର୍ଥ ଗଳିରେ ରହୁଥିବା ତାଙ୍କ ସାନ ଭାଇ ପ୍ରକାଶ ମିଶ୍ରଙ୍କ ଘରେ ଥିବା ଅବସ୍ଥାରେ ଅସୁସ୍ଥ ଅନୁଭବ କରିବା ଯୋଗୁଁ ତାଙ୍କୁ ରାୟଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଶୁଚିକିତ୍ସା ନିମନ୍ତେ ନିଆଯାଇଥିଲା। ତେବେ ସେଠାରେ ଚିକିତ୍ସା ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ମୃତ୍ୟୁ ପରେ ଆଜି ସନ୍ଧ୍ୟାରେ ରାୟଗଡ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ଏଏସପି ଏବଂ କୋରାପୁଟ ଜିଲ୍ଲାର ଉପ ଆରକ୍ଷୀ ଅଧିକ୍ଷକ ଏବଂ ପୋଲିସ ଅଫିସରଙ୍କ ସମେତ ଅନ୍ୟ କର୍ମଚାରୀ ତାଙ୍କର ଶେଷ ଦର୍ଶନ କରିଥିଲେ।

## ବିଭିନ୍ନ ସ୍ଥାନରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ



କୁନ୍ଦୁରା, ୭।୬(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ମସିଗାଁ ପଞ୍ଚାୟତ ଯନ୍ତାପୁଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଦ୍ୱାରା ଭର୍ଚୁଆଲରେ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ ବ୍ଲକ ସଦର ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ ଉଚ୍ଚ ବିଦ୍ୟାଳୟ ଓ ମସିଗାଁ ପଞ୍ଚାୟତ ଯନ୍ତାପୁଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛ। ଯନ୍ତାପୁଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏସଏନ ଅମିତାଭ ପଣ୍ଡାଙ୍କ ତତ୍ତ୍?ାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ ଏବଂ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା କନକ ଲତା ପେଣ୍ଠିଆ,ସରପଞ୍ଚ କମଳା ପୂଜାରୀ,ଏବିଇଓ ପପେୟା ବେହେରା,ଏସଏମସି ସଭାପତି ଈଶ୍ୱର ପାତ୍ର, ପୂର୍ବତନ ସଭାପତି ତଥା ପ୍ରତିଷ୍ଠାତା ସଭ୍ୟ ଗୁପ୍ତ ଜଡ଼କମିଆ, ଶିକ୍ଷାବିତ ନିରଞ୍ଜନ ମିଶ୍ର,ପୂର୍ବତନ ପ୍ରଧାନ ଶିକ୍ଷକ ରାମସ୍ୱାମୀ ହରିଜନ, ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ନାଗରିକ ଆନନ୍ଦ ମିଶ୍ର ଏବଂ ବିଜେପି ମଣ୍ଡଳ ସଭାପତି ଧନପତି ପରଜା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମ ପର୍ଯ୍ୟାୟରେ ବ୍ଲକର କେରମେଟି ଓ ରାଣୀଗୁଡ଼ା ବିଦ୍ୟାଳୟରେ ଭିତିପ୍ରସ୍ତର ସ୍ଥାପିତ ହୋଇଛି। ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ କରାଯିବ ବୋଲି ଅତିଥି ମାନେ କହିଥିଲେ। ଆଜିର କାର୍ଯ୍ୟକ୍ରମରେ ଏସଏମସି କମିଟି ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀ ଓ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସୀମାଞ୍ଚଳ ବେହେରା, ଜି.ରମେଶ ଏବଂ ଶିକ୍ଷୟିତ୍ରୀ ଲିପ୍ସା ଜେନା ପ୍ରମୁଖ ସହଯୋଗ କରିଥିଲେ।



**କୋଟପାଡ଼ :** କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟପାଡ଼ ବ୍ଲକର ଗୁଆଳି ପଞ୍ଚାୟତ ଅଧିନସ୍ଥ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଆସନା ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କୋଟପାଡ଼ ବିଧାୟକ ରୁପୁ ଭତରା, ସମ୍ମାନିତ ଅତିଥିଭାବେ ସାଂସଦ ପ୍ରତିନିଧି ଚନ୍ଦ୍ରଶେଖର ଦାସ, ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚମେଲୀ ମଜୁମଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ ସବିତାରାଣୀ ଷଡ଼ଙ୍ଗୀ,ଏବିଇଓ ପଦ୍ମନ ରନ୍ଧାରୀ, ଗୁଆଳି ସରପଞ୍ଚ ରାଜମୋହନ ଭଣ୍ଡାରୀ ପ୍ରମୁଖ ଉପସ୍ଥିତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭିଡିଓ କନଫରେନସ ମାଧ୍ୟମରେ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। କୋରାପୁଟ ଜିଲ୍ଲାରେ ମୋଟ ୧୨ଗୋଟି ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ମଧ୍ୟରୁ କୋଟପାଡ଼ ନିର୍ବାଚନ ମଣ୍ଡଳୀରେ କୋଟପାଡ଼ ଗୁଆଳି ପଞ୍ଚାୟତର ଆସନା ବିଦ୍ୟାଳୟରେ ଏକମାତ୍ର ଭିତ୍ତିପ୍ରସ୍ତର ବିଧାୟକ ରୁପୁ ଭତରାଙ୍କ କରକମଳରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମସ୍ତ ସିଆରସି, ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ ବିଦ୍ୟାଳୟ ଛାତ୍ର, ଛାତ୍ରୀ ମାନଙ୍କ ସହିତ ଅଭିଭାବକ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ଦୁର୍ବେ ସହଯୋଗ କରିଥିଲା ବେଳେ ମଞ୍ଚ ପରିଚାଳନା ବରିଷ୍ଠ ଶିକ୍ଷକ ପବିତ୍ରାନନ୍ଦ ସନ୍ତୋଷ କୁମାର ନାୟକ କରିଥିଲେ।

ରାମନାଗୁଡ଼,୭।୬(ସମିସ): ରାୟଗଡ଼ ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଶୁଣ୍ଡିଧାମୁଣି ପଞ୍ଚାୟତ ଅଧୀନରେ ଥିବା ବାଟପୁଲିସି ସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହାକୁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗୋମାଙ୍ଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ସରପଞ୍ଚ ଭାସ୍କର କାଡ୍ରାକା, ସମିତି ସଭ୍ୟ କମଳ ଲୋଚନ ମୁଟିକା, ଅତିରିକ୍ତ ତହସିଲଦାର ଦୀପା ରାଣୀ ବେହେରା, ଗୋଷ୍ଠି ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାମୋଦର ହିମିରିକା, ବିଆରସିସି ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ଏଏସଆଇ ଜଗନ୍ନାଥ ବେହେରା ଯୋଗ ଦେଇଥିଲେ। ସେହିପରି ସ୍ୱତନ୍ତ୍ର ଅତିଥି ଭାବେ ବିଜେଡି ବ୍ଲକ ସଭାପତି ବାତ୍ରୀ ମାଣ୍ଡାଙ୍ଗି, ଯୁବ ଭାଜପା ନେତା ଆଶିଷ କୁମାର ବେହେରା,ଶକ୍ତି ପ୍ରସାଦ ପାତ୍ରଙ୍କ ସମେତ ଶିକ୍ଷକ,ଶିକ୍ଷୟିତ୍ରୀ ଏବଂ ଗ୍ରାମବାସୀ ମାନେ ଉପସ୍ଥିତ ରହି ବିଦ୍ୟାଳୟ ନିର୍ମାଣ ପାଇଁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ଶେଷରେ



ବିଦ୍ୟାଳୟର ଶୀଘ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଛାତ୍ର ଛାତ୍ରୀଙ୍କ ସେବାରେ ଉତ୍ସର୍ଗୀକୃତ ହେବ ବୋଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ଗୋମାଙ୍ଗ କହିଥିଲେ।

## ଗୁଣୁପୁର ପୁଲିସର ସାଇକଲ୍ ଶୋଭାଯାତ୍ରା



ଗୁଣୁପୁର,୭।୬(ସମିସ): ଜାତୀୟ ଏକତା ଏବଂ ଫିଟନେସ୍‌ର ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ରାୟଗଡା ଜିଲ୍ଲା ଏସପି ରାଜ ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ଗୁଣୁପୁର ପୁଲିସ ପକ୍ଷରୁ ଥାନା ଆଇଆଇସି କେକେବିକେ କହଁରଙ୍କ ନେତୃତ୍ୱରେ ଏକ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରବିବାର ସକାଳେ ସାଇକଲ ଶୋଭାଯାତ୍ରା ସଫଳତାର ସହ ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରାରେ ଯୁବକ, କ୍ରୀଡ଼ାପ୍ରେମୀ ଓ ସମାଜ ର ବିଭିନ୍ନ ବର୍ଗର ଲୋକ ଅଂଶଗ୍ରହଣ କରିଥିଲେ। ସହରର ବିଭିନ୍ନ ପ୍ରମୁଖ ରାସ୍ତା ପରିକ୍ରମା କରି ଅଂଶଗ୍ରହଣକାରୀମାନେ ସ୍ୱାସ୍ଥ୍ୟ ସଚେତନତା, ପରିବେଶ ସୁରକ୍ଷା ଏବଂ ଏକତାର ବାର୍ତ୍ତା ପ୍ରଦାନ କରିଥିଲେ। ନିୟମିତ ସାଇକେଲ ଚାଳନା ଶାରୀରିକ ସୁସ୍ଥତା ବଜାୟ ରଖିବା ସହ ପରିବେଶ ପ୍ରଦୂଷଣ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ। ତେଣୁ ବହୁଳ ମାତ୍ରାରେ ସାଇକେଲ୍ ବ୍ୟବହାର କରନ୍ତୁ ଏବଂ ଫିଟ ରୁହନ୍ତୁ ବୋଲି ଗୁଣୁପୁର ପୁଲିସ ପକ୍ଷରୁ ଏକ ନିଆରା ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ବିଧାୟକଙ୍କ ସହଯୋଗରେ ଆସିଲା ମୃତଦେହ

ପୋଡାଗଡ଼,୭।୬(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର ସଦର ପୋଡ଼ାଗଡ଼ ପଞ୍ଚାୟତର ଆଦିବାସୀ ସାହିର ଦେବରାଜ ଭୋଇ(୪୪) ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ହୋଇ ପାଲାସା ରେଳ ଷ୍ଟେସନରେ ମୃତଦେହ ପଡିଥିବା ଜଣାପଡିଥିଲା। ମୃତଦେହ ଆଣିବା ପାଇଁ ଅର୍ଥର ଅଭାବ ଥିବା ହେତୁ ବିଧାୟକ ପବିତ୍ର ସାଉନ୍ତାଙ୍କୁ ପରିବାର ଲୋକେ ଯୋଗାଯୋଗ କରିଥିଲେ। ମୃତଦେହ ନିଜ ଗାଁ ପୋଡ଼ାଗଡ ଆସିବା ପର୍ଯ୍ୟନ୍ତ ଯାହା ଅର୍ଥ ଆବଶ୍ୟକ ହେବ ତାହା ବିଧାୟକ ପ୍ରଦାନ କରିଥିଲେ। ବିଧାୟକଙ୍କ ଏଭଳି କାର୍ଯ୍ୟକୁ ସରପଞ୍ଚଙ୍କ ସ୍ୱାମୀ ଚୟତନ ଭୋଇ ପ୍ରଶଂସା କରିଛନ୍ତି।

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଶିକ୍ଷକଙ୍କ ଉଲ୍ଲଂଘନ

ମାଥିଲି,୭।୬(ସମିସ): ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ଶିକ୍ଷାର ବିକାଶ ପାଇଁ ଏକ ଅଭିନବ ପ୍ରୟାସ କରିଛନ୍ତି ଜିଲ୍ଲାପାଳ। ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ ୨୦ ଦିନିଆ ଶିକ୍ଷାଦାନ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। କିନ୍ତୁ ଯାହା ଜିଲ୍ଲାର ଶିକ୍ଷାବିତ ମାନେ ଘୁରି ଘୁରି ପ୍ରଶଂସା କରିଛନ୍ତି। କିନ୍ତୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନ କରି ଉଚ୍ଚ ବିଦ୍ୟାଳୟ ର ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ସକାଳ ୭ ରୁ ୯ ଟା ଦୁଇ ଘଣ୍ଟା ପର୍ଯ୍ୟନ୍ତ ଶିକ୍ଷାଦାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ମାଥିଲି ବ୍ଲକରେ ମାତ୍ର ହାତଗଣତି ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ ଦିଆଯାଉଛି। ବାକି ଉଚ୍ଚ ବିଦ୍ୟାଳୟ ମାନଙ୍କରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ଅଭିଯୋଗ ଆସିଛି। ଏବିଷୟରେ ଆମେ ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରାଯିବା ବେଳେ ସେ ଆମର ଫୋନ ଉଠାଇ ନଥିଲେ। ଏ ନେଇ ମାଥିଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ସେ ଏ ବିଷୟରେ ଅବଗତ ନାହାନ୍ତି। ସିଆରସିସିଙ୍କୁ ପଚାରି ସେ ଜଣାଇବେ ବୋଲି କହିଥିଲେ। କିନ୍ତୁ ଦୁଇ ଦିନ ବିତି ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଗ୍ରୀଷ୍ମ ଛୁଟିରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ନିଜ ନିଜର କାର୍ଯ୍ୟରୁ ବିରତି ନେଇ ଛୁଟି ବନେଇବା ପାଇଁ ନିଜ ନିଜର ଘରକୁ ଚାଲି ଯାଇଛନ୍ତି। ଅନୁପସ୍ଥିତ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ କରାଯାଉଛି ତାହା ଦେଖିବାକୁ ରହିଛି।

# ଜିଲ୍ଲାକୁ ଉପେକ୍ଷା ନେଇ କାର୍ଯ୍ୟକାରିଣୀ ବୈଠକ




ଜୟପୁର, ୭।୬ (ସମିସ) : ରାଜ୍ୟ ଅମଲା ସଂଘ ୧୭ ତମ ତ୍ରୟୋବାର୍ଷିକି ସମ୍ମିଳନୀକୁ କୋରାପୁଟ ଜିଲ୍ଲା ସଂଘ ବିରୋଧ କରିଥିବା ନେଇ ଆଜିର ବୈଠକରେ ରାଜ୍ୟ ସ୍ତରୀୟ ନେତା ସମାଲୋଚନା କରିଛନ୍ତି। ଜୟପୁର ଯାଦବ ଭବନ ଠାରେ ଏକ କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସଂଘର ଆଞ୍ଚଳିକ ସମ୍ପାଦକ କୈଳାସ ସାମନ୍ତରା, ରାଜ୍ୟ ଅତିରିକ୍ତ ସମ୍ପାଦକ ଶଶିଭୂଷଣ ଦାଶ ଏବଂ ସଂଘର ଅନ୍ୟାନ୍ୟ କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ରାଜ୍ୟ ଅମଲା ସଂଘର ତ୍ରୟୋବାର୍ଷିକି ସମ୍ମିଳନୀ ଆୟୋଜନ ପାଇଁ କୋରାପୁଟ ଜିଲ୍ଲାକୁ ଉପେକ୍ଷା କରାଯାଇଥିବା ନେଇ ଶ୍ରୀ ଦାଶ ବାରମ୍ବାର ରାଜ୍ୟ ସଂଘର ଦୃଷ୍ଟି ଆକର୍ଷଣ କରିଥିଲେ। ଅପର ପକ୍ଷରେ କିଛି କୁ-ଚକ୍ରାନ୍ତକାରୀ ଅମଲା,ରାଜସ୍ୱ ଅମଲା ଓ ଜଣେ ଅବସରପ୍ରାପ୍ତ ରାଜସ୍ୱ ଅମଲା ଯେଉଁ ଭଳି ଭାବରେ କୁଚକ୍ରାନ୍ତ କରି ହଜାର ହଜାର ଅମଲା ଆଖିରେ ଧୂଳି ଦେଇ ପୁରୀ ଠାରେ ଏକ ତ୍ରୟବାର୍ଷିକି ସମ୍ମିଳନି ଲୁକ୍କାୟିତ ଭାବେ କରି କର୍ମକର୍ତ୍ତା ଚୟନ କରାଯାଇଛି। ଉକ୍ତ ଚୟନ ପ୍ରକ୍ରିୟାରେ ୫ ଲକ୍ଷ ଟଙ୍କା କାରବାର ହୋଇଥିବା ଅଭିଯୋଗ କରାଯାଇଛି। ଜଣେ ଅବସରପ୍ରାପ୍ତ ରାଜସ୍ୱ ଅମଲା ଏ ସବୁ କରାଇଥିବା ନେଇ ଶ୍ରୀ ଦାଶ ସୂଚନା ଦେଇଛନ୍ତି। ଏନେଇ ଉଚ୍ଚ ନ୍ୟାୟାଳୟ ଠାରେ ଏକାଧିକ ମାମଲା ରୁଜୁ ହୋଇଛି। ତେଣୁ ସମସ୍ତଙ୍କ ମତାମତକୁ ଆଧର କରି ବିଭିନ୍ନ ଜିଲ୍ଲାର କର୍ମକର୍ତ୍ତାଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ସମସ୍ତଙ୍କ ମତାମତକୁ ଆଧାର କରିରେ ପରବର୍ତ୍ତୀ ପଦକ୍ଷପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ୩୨ ବିଦ୍ୟାର୍ଥୀ ପୁରସ୍କୃତ



ସୁନାବେଡ଼ା, ୭।୬(ସମିସ): ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ପୌର ପରିଷଦ ପଡିଆରେ 'ଅରୂପା'ର ସର୍ବ ଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଅବସରରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଅୟୋଜନ କରାଯାଇଛି। ଏହି ପ୍ରତିଯୋଗିତା ୩ଟି ବର୍ଗରେ ହୋଇଥିଲା। ପ୍ରତିଯୋଗିତାରେ ୫୦୦ରୁ ଅଧିର୍କ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ତନ୍ମଧରୁ ଚିତ୍ରାଙ୍କନର 'କ' ବର୍ଗରେ ,ରିଲିପ୍ସା ମହାପାତ୍ର ପ୍ରଥମ ସ୍ଥାନ, ଦର୍ଶନୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଜୟେଶ ଯ୍ୟାଂଶୁ ଜେନା, ଆରାଧ୍ୟା ସାହୁ, ସମୃଦ୍ଧି ସାମଲ, ମୋନାଲି ଟିକାଦାର, ମନିଶା ମାନଭିକା, ଇଶିକା ରାଉତ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରାପ୍ତ କରିଥିଲେ। "ଖ' ବର୍ଗରେ ଜାଗୃତି ଦାସ ପ୍ରଥମ ସ୍ଥାନ, ମାନନ୍ୟା ଚାନ୍ଦ ଦ୍ୱିତୀୟ ସ୍ଥାନ, ଜାଙ୍କସିନୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଦେବାଂଶୀ କୁଲଦୀପ, ଶୁଭ୍ରାଂଶୁ ବେହେରା, ଆସ୍ଥା ସମ୍ମାରେଡି, ରୋଶନି ମଣ୍ଡଳ, ପ୍ରୀୟାଂଶୁ ମାଇତି, ନନ୍ଦିନୀ ଆଇକତ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରାପ୍ତ କରିଥିଲେ। "ଗ' ବର୍ଗରେ ଶୁଭସ୍ମିତା ତ୍ରିପାଠୀ ପ୍ରଥମ ସ୍ଥାନ, ଶୁଭ୍ରଜ୍ୟୋସ୍ନା ତ୍ରିପାଠୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ନୃତ୍ୟରେ ଇତିଶ୍ରୀ ଆଚାର୍ଯ୍ୟ, ଶୁଭସ୍ମିତା ନାୟକ, ଆସ୍ଥା ସମ୍ମାରେଡି, ବର୍ଷା ରାଣୀ ବଡେଇ, ହଂଶିକା କେଲାଡ଼ି, ଜାଗୃତି ସାହୁ, ଯଜ୍ଞସିନୀ ସାହୁ, ରାଣୀ ଖିଲ, ନନ୍ଦିନୀ ଆଇକତ, ଇପ୍ସିତା ପ୍ରଧାନ, ଅନୁଷ୍କା ରାଣୀ ଦାସ, ସୋନାକ୍ଷୀ ରାଉତ , କୁହୁ ମଣ୍ଡଳ ଗ୍ରୁପ୍ ଡାନ୍ସରେ ଦ୍ୱିତୀୟ ସ୍ଥାନ ଓ ପାଶ୍ଚାତ୍ୟ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଫ୍ୟାନ୍ସି ଡ୍ରେସ୍ ଓ ମଡେଲ ରାମ୍ପ ୱାକ୍‌ରେ ଆସ୍ଥା ସମ୍ମାରେଡି ପ୍ରଥମ ସ୍ଥାନ, ମାନନ୍ୟା ଚାନ୍ଦ, ମାନ୍ୟତା ଚାନ୍ଦ, ମୋନାଲି ଟିକାଦାର ସାନ୍ତ୍ୱନା ମୂଳକ ଭାବେ ପୁରସ୍କାର ପାଇଛନ୍ତି। ସେହିପରି ବକ୍ତୃତା ପ୍ରତିଯୋଗିତା ରେ "କ" ବର୍ଗରେ ଆସ୍ଥା ସମ୍ମାରେଡି ପ୍ରଥମ ସ୍ଥାନ, "ଖ" ବର୍ଗରେ ଜାଗୃତି ଦାସ ଦ୍ୱିତୀୟ ସ୍ଥାନ, "ଗ' ବର୍ଗରେ ଶୁଭସ୍ମିତା ତ୍ରିପାଠୀ ସାନ୍ତ୍ୱନା ମୂଳକ ଭାବେ ପୁରସ୍କାର ପାଇଛନ୍ତି। ଛାତ୍ର ଛାତ୍ରୀ ଙ୍କ ଏହି ସଫଳତା ପାଇଁ ପ୍ରାଚୀନ କଳା ଓ ସଂସ୍କୃତି ପରିଷଦ ର ସଭାପତି ଶେଖ ଇବ୍ରାହିମ, ସମ୍ପାଦକ ମନୋଜ କୁମାର ମୁଦୁଲି , ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଅନୁରାଗ ପାତ୍ର, ପରିଚାଳନା ସଚିବ ତାପସ କୁମାର ମଲ୍ଲିକ , ନୃତ୍ୟ ଶିକ୍ଷୟିତ୍ରୀ ହୃଦାଞ୍ଜଳୀ ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

## ଯୁବକଙ୍କୁ ଛୁରାମାଡ଼ ପରେ ଉତ୍ତେଜନା

# ରାସ୍ତାରୋକ ସହ ଦୋକାନ ପୋଡ଼ାଜଳା



ଲକ୍ଷ୍ମୀପୁର, ୭।୬(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାରେ ରବିବାର ଦିନ ଦେଖିବାକୁ ମିଳିଛି ଆଦିବାସୀଙ୍କ ଉଗ୍ରରୂପ। ଏହାର କାରଣ ହେଉଛି ଶନିବାର ଦିନ ବଡଶଙ୍ଖା ଗ୍ରାମର ଆଦିବାସୀ ଯୁବକଙ୍କୁ ଲକ୍ଷ୍ମୀପୁର ରେଲି ସାହିର ଯୁବକ କୌଣସି ଏକ ବସତକୁ ନେଇ ଛୁରା ମାଡ଼ କରିଥିଲେ। ଏହାର ପ୍ରତିବାଦରେ ବଡଶଙ୍ଖା ଗ୍ରାମର ଶତାଧିକ ଲୋକ ଲକ୍ଷ୍ମୀପୁର ଆସି ଲକ୍ଷ୍ମୀପୁର ଥାନାରେ ଲିଖିତ ଅଭିଯୋଗ କରିବା ସହ ଆକ୍ରମଣକାରୀଙ୍କୁ ଖୋଜି ବୁଲିଥିଲେ। ଏହା ପରେ ଅନ୍ୟ ଜଣେ ବ୍ୟକ୍ତିକୁ ଧରି ମାରପିଟ କରିଥିଲେ। ଏତିକିରେ କଥା ସରି ନଥିଲା । ରବିବାର ଅପରାହ୍ନରେ ପୁଣି ଶହ ଶହ ଲୋକ ଆସି ରାଜରାସ୍ତା ଉପରେ ପୋଡ଼ାଜଳା କରି ଆକ୍ରମଣକାରୀ ସମ୍ପର୍କୀୟଙ୍କ ୫ଟି ପରିବା ଦୋକାନକୁ ଭଙ୍ଗାରୁଜା କରି ପୋଡ଼ି ଦେଇ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। କିଛି ସମୟ ପାଇଁ ରାଜରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇ ଥିଲା। ଦୀର୍ଘ ସମୟ ବୁଝାସୁଝା ପରେ ଅବରୋଧକାରୀ ହଟି ଥିଲେ ଏବଂ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏହା ପରେ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ ଲକ୍ଷ୍ମୀପୁର ଆସି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏହା ସହ କୋରାପୁଟ ଦାୟିତ୍ୱରେ ଥିବା ନବରଙ୍ଗପୁର ଏସ୍‌ପି ପାର୍ଥପ ଜଗଦୀଶ କଶ୍ୟପ, କୋରାପୁଟ ଅତିରିକ୍ତ ଏସ୍‌ପି ଅମ୍ରିତ ମହାନ୍ତି ସହ ଏକ ଟିମ୍ ଆସି ସ୍ଥାନୀୟ ଏସଡିପିଓ ମନୋଜ ବେହେରା, ଆଇଆଇସି ସୁଜ୍ଞାନି ସାହୁ ଓ ଥାନା ସମସ୍ତ କର୍ମଚାରୀଙ୍କ ମିଳିତ ଭାବେ ସବୁ ଘଟଣା ଉପରେ ନଜର ରଖିଥିବା କହିଛନ୍ତି। ଯେଉଁ ମାନଙ୍କ ନାମରେ କେସ ହୋଇଛି, ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟକୁ ଖୁବ୍‌ଶୀଘ୍ର ଖୋଜି ବାହାର କରାଯିବ ବୋଲି ପୁଲିସ କହିଛି। ସ୍ଥାନିୟ ତହସିଲଦାର ନୈବେଦ୍ୟ କୁମାର ଭୋଇ, ଅତିରିକ୍ତ ତହସିଲଦାର ମାଧବ ଭତ୍ରା, ବିଡିଓ ସବ୍ୟସାଚୀ ବେହେରା ଏହି ଘଟଣା ଉପରେ ନଜର ରଖି ଏହା ଆଗକୁ କିପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ଏବେକାର ଲକ୍ଷ୍ମୀପୁର ହେଉଛି ଶାନ୍ତିପୂର୍ଣ୍ଣ ସ୍ଥାନ। ଏଠି କିଛି ଅସାମାଜିକ ବ୍ୟକ୍ତି ବିଶେଷଙ୍କ ପାଇଁ ଅଶାନ୍ତି ସୃଷ୍ଟି ହେଉଛି । ତାକୁ ମୂଳପୋଛ କରିବାକୁ ପୁଲିସକୁ ସାଧାରଣ ଲୋକଙ୍କ ଦାବି ହେଉଛି। ଆଜି ଯେଉଁ ପରିସ୍ଥିତି ଲକ୍ଷ୍ମୀପୁରରେ ଘଟିଛି ଏଭଳି ବିଗତ ଦିନରେ କେବେ ଘଟି ନାହିଁ। ତେଣୁ ପୋଲିସ୍‌ର ପଦକ୍ଷେପ ଉପରେ ଏବେ ଲୋକଙ୍କ ନଜର ରହିଛି।

# ବିଏସ୍‌ଏଫ୍‌ର ବ୍ୟାପକ ଚାରାରୋପଣ ଅଭିଯାନ



ମାଲକାନଗିରି, ୭।୬(ସମିସ): ବିଶ୍ୱ ପରିବେଶ ଦିବସ-୨୦୨୬ ଅବସରରେ ସେକ୍ଟର ମୁଖ୍ୟାଳୟ ବିଏସ୍‌ଏଫ ମାଲକାନଗିରି ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ୟାପକ ଚାରାରୋପଣ ଅଭିଯାନ ଆୟୋଜନ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ପରିବେଶ ସଂରକ୍ଷଣ, ସବୁଜିମା ବୃଦ୍ଧି ଏବଂ ସ୍ଥାୟୀ ବିକାଶ ପ୍ରତି ବିଏସଏଫର ପ୍ରତିବଦ୍ଧତାକୁ ପୁନଃଦୃଢ଼ କରାଯାଇଛି। ସେକ୍ଟର ମୁଖ୍ୟାଳୟ ବିଏସଏଫ ମାଲକାନଗିରି, ଏମ୍‌ଭି-୦୩, ବାଲିମେଳା, ଚିତ୍ରକୋଣ୍ଡା ସମେତ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ଷମ ବିଏସଏଫ ଘାଟିରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଭିଯାନର ଅଂଶ ସ୍ୱରୂପ ସେକ୍ଟର ମୁଖ୍ୟାଳୟ ଓ ଏହା ଅଧୀନସ୍ଥ ୧୦୩, ୧୧୦ ଏବଂ ୧୭୭ ବାଟାଲିୟନ ବିଏସଏଫର ସାମୂହିକ ପ୍ରୟାସରେ କ୍ୟାମ୍ପସ ପରିସରରେ ପ୍ରାୟ ୨,୯୦୦ଟି ଫଳଦାୟକ ଓ ଅନ୍ୟାନ୍ୟ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ଏହି ବୃକ୍ଷରୋପଣ ଅଭିଯାନର ନେତୃତ୍ୱ ସେକ୍ଟର ମୁଖ୍ୟାଳୟ ବିଏସଏଫ ମାଲକାନଗିରିର ଡେପୁଟି ଇନ୍ସପେକ୍ଟର ଜେନେରାଲ ବିଜୟ ସିହ୍ନା କରିଥିଲେ। କାର୍ଯ୍ୟକ୍ରମରେ ବିଏସଏଫର ଅଧିକାରୀ ଓ ଯବାନମାନେ ଉତ୍ସାହର ସହ ଅଂଶଗ୍ରହଣ କରି ପରିବେଶ ସୁରକ୍ଷା ପ୍ରତି ସେମାନଙ୍କର ଦାୟିତ୍ୱବୋଧ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ପରିବେଶ ସଚେତନତା ବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଅଂଶ ଗ୍ରହଣକାରୀମାନେ ବୃକ୍ଷରୋପଣ ଏବଂ ଗଛର ଯତ୍ନ ମାଧ୍ୟମରେ ପରିବେଶର ସନ୍ତୁଳନ ରକ୍ଷା କରିବା ସହ ଭବିଷ୍ୟତ ପିଢ଼ି ପାଇଁ ଏକ ସବୁଜ ଓ ସୁସ୍ଥ ପରିବେଶ ଗଢ଼ି ତୋଳିବାର ସଂକଳ୍ପ ନେଇଥିଲେ। ବିଏସଏଫ ପକ୍ଷରୁ କୁହାଯାଇଛି ଯେ, ଏପରି ପରିବେଶ ମୁଖୀ କାର୍ଯ୍ୟକ୍ରମ କେବଳ ସବୁଜିମା ବୃଦ୍ଧିରେ ସହାୟକ ହେବ ନାହିଁ, ବରଂ ସାଧାରଣ ଲୋକଙ୍କ ମଧ୍ୟରେ ପରିବେଶ ସୁରକ୍ଷା ପ୍ରତି ସଚେତନତା ମଧ୍ୟ ବୃଦ୍ଧି କରିବ। ଏହି ପଦକ୍ଷେପ ଭବିଷ୍ୟତ ପିଢ଼ି ପାଇଁ ଏକ ସବୁଜ, ସୁସ୍ଥ ଏବଂ ସ୍ଥାୟୀ ପରିବେଶ ଗଠନ ଦିଗରେ ବିଏସଏଫର ନିରନ୍ତର ସମର୍ପଣର ପ୍ରତିଫଳନ ବୋଲି କୁହାଯାଇଛି।

# ଜୁଆ ଆଡ୍ଡାରେ ପୁଲିସ ଚଢ଼ଉ, ୭ ଗିରଫ

ଉମରକୋଟ, ୭।୬(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳ ଡଙ୍ଗରୀ ସାହିଠାରେ ବିଳମ୍ବିତ ରାତିରେ ଜୁଆ ଆ‡। ଉପରେ ପୁଲିସ ଚଢ଼ଉ କରିଛି। ଘଟଣାସ୍ଥଳରୁ ୭ଜଣଙ୍କୁ ଗିରଫ କରିବା ସହ ୨ଟି ବୋଲେରୋ ଗାଡ଼ି ୪ ମୋବାଇଲ ଫୋନ ଜବତ କରାଯାଇଛି। ଘଟଣାସ୍ଥଳରୁ ନଗଦ ୫୫, ୩୧୦ ଟଙ୍କା, ଜୁଆ ଖେଳ ସାମଗ୍ରୀ ଜବତ ହୋଇଛି । ଏସ୍‌ପି କଶ୍ୟପ ପାର୍ଥ ଜଗଦୀଶଙ୍କ ସୂଚନା ଆଧାରରେ ପୋଲିସ ଜୁଆ ଆ‡। ଉପରେ ଅଚାନକ ଚଢ଼ାଉ କରିଥିଲା। ଚଢ଼ଉ ବେଳେ ସେଠାରେ ଜୁଆ ଖେଳୁଥିବା ୭ ଜଣ ପୋଲିସ ହାତରେ ଧରାପଡ଼ିଥିଲେ। ସାତ ଜଣଙ୍କ ମଧ୍ୟରୁ ୬ ଜଣ ଜୁଆଡ଼ି ପଡୋଶୀ ଛତିଶଗଡ଼ ରାଜ୍ୟର ହୋଇଥିବା ବେଳେ ଜଣେ ଚନ୍ଦାହାଣ୍ଡି ବ୍ଲକର ବୋଲି ସୂଚନା ମିଳିଛି। ଅଭିଯୁକ୍ତମାନଙ୍କଠାରୁ ନଗଦ ଟଙ୍କା, ତାସ ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ସେହିପରି ଘଟଣାସ୍ଥଳରେ ଥିବା ୨ଟି ବୋଲେରୋକୁ ମଧ୍ୟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ କେସ୍ ନଂ.୧୭୮/୨୬ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଜିଲ୍ଲାରେ ବେଆଇନ ଜୁଆ କାରବାର ବିରୋଧରେ ପୋଲିସର ଏହି କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ସ୍ୱାଗତ କରାଯାଇଛି। ଆଗାମୀ ଦିନରେ ଚଢ଼ଉ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ



କୋଷାଗୁମୁଡ଼ା, ୭।୬(ସମିସ): ଆଜି ନବରଙ୍ଗପୁର ଜିଲ୍ଲାରେ ୧୧ଟି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ମଧ୍ୟରୁ କୋଷାଗୁମୁଡ଼ା ବ୍ଲକର ମାଝୀଧନୁଆରେ ଏକ ଆଦର୍ଶ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସି ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀଧନୁଆରେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ନବରଙ୍ଗପୁର, କୁଞ୍ଜ ବିହାରୀ ଦାସ ସମାଜସେବୀ, ଶିକ୍ଷାମନ୍ତ୍ରୀ ପ୍ରତିନିଧି, ନବରଙ୍ଗପୁର ସାଂସଦ ପ୍ରତିନିଧି ସୁରେଶ ପାତ୍ର, ଡ଼ାବୁଗାଁ ବିଧାୟକଙ୍କ ପ୍ରତିନିଧି, ଏସ୍‌ଡିପିଓ ସତ୍ୟଜିତ କଣ୍ଡେଲକେଲ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନବରଙ୍ଗପୁର ସୁପ୍ରିୟା ନାୟକ ,ଗୋଷ୍ଠୀ ଉନ୍ନୟନ ଅଧିକାରୀ କୋଷାଗୁମୁଡ଼ା ଆଶିଷ ତ୍ରିପାଠୀ ,କୋଷାଗୁମୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ସର୍ବେଶ୍ୱରି ମାଝୀ ,କୋଷାଗୁମୁଡ଼ା ଥାନାଧିକାରୀ ବାଙ୍ଗି ମାଂଝୀ, ସ୍ଥାନୀୟ ସରପଞ୍ଚ ଦୟାରାମ ପୂଜାରୀ, ମାଝୀଧନୁଆ ସମିତି ସଭ୍ୟ ଯୁଗ୍ଗର ହରିଜନ ପ୍ରମୁଖଙ୍କ ଉପସ୍ଥିତିରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ପ୍ରସ୍ତର ସ୍ଥାପନ କରାଗଲା। ଏହି ଅବସରରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଯୋଜନା ସହ ଗୁଣାନକ ଶିକ୍ଷା ବ୍ୟବସ୍ଥା ବିଷୟରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଉଦ୍‌ବୋଧନ ଦେଇଥିଲେ। ଏହି ଅଞ୍ଚଳର ଛାତ୍ରଛାତ୍ରୀ ମାନେ କିପରି ଅଧିକରୁ ଅଧିକ ସୁବିଧା ପାଇପାରିବେ ଏବଂ ମାନସିକ ସ୍ତରରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ହବ ତାହା ବିଧାୟକ ଗୌରୀ ଶଙ୍କର ମାଝୀ ବୁଝାଇଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଏସ୍‌ଏମ୍‌ସି ସଭାପତି, ମୋ ସ୍କୁଲ୍ ସଭାପତି, ଆଞ୍ଚଳିକ ଗୋଷ୍ଠୀ ଶିକ୍ଷା କେନ୍ଦ୍ରର ମୁଖ୍ୟ ସିଆରସିସି, କୋଷାଗୁମୁଡ଼ା ବ୍ଲକ ଟିସି ଶ୍ରୀ ବିଶୋଇ , ବ୍ଲକର ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ଚୋରି ଅଭିଯୋଗରେ ଦୁଇ ଯୁବକ ଗିରଫ

ଉମରକୋଟ, ୭।୬ (ସମିସ): ପାଣି ମୋଟରରୁ ବିଦ୍ୟୁତ ତାର ଚୋରି କରୁଥିବା ଅଭିଯୋଗରେ ଉମରକୋଟ ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଢେପଗୁଡାର ରାଜକୁମାର ହରିଜନ (୨୬) ଓ ଡଙ୍ଗରି ସାହିର ସମୀର ହରିଜନ (୨୪)। ପୁଲିସ ସୂତ୍ରରୁ ପ୍ରକାଶ, ଭାମିନି ପଞ୍ଚାୟତ ବାଟିବେଡା ଗାଁରେ ବସୁଧା ଯୋଜନାରେ ପାଣି ମୋଟର ଲଗାଯାଇଛି। ମୋଟରରେ ଲାଗିଥିବା ୪୦ ମିଟର ତାରକୁ କାଟି ଅଭିଯୁକ୍ତମାନେ ନେଇଯାଉଥିବା ବେଳେ ଗ୍ରାମବାସୀଙ୍କୁ ଦେଖି ନିକଟ ଏକ ମକାବାଡକୁ ଦୌଡି ପଳାଇଥିଲେ। ଗ୍ରାମବାସୀ ସେମାନଙ୍କୁ କାବୁ କରି ସରପଞ୍ଚ ଓ ସମିତି ସଭ୍ୟଙ୍କ ଉପସ୍ଥିତିରେ ପୁଲିସ ଜିମାରେ ଦେଇଥିଲେ। ଉଭୟଙ୍କୁ ଥାନାରେ ପଚରାଉଚରା କରିବା ପରେ ତାର ଚୋରି କରୁଥିବା ସେମାନେ ସ୍ୱୀକାର କରିଥିଲେ। ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ କହିଛନ୍ତି। ସୂଚନାଥାଉକି କିଛି ଦିନ ହେବ ଉମରକୋଟ ଅଞ୍ଚଳର ଚାଷଜମିରେ ଥିବା ବୋୱେଲରୁ ଦୁର୍ବୃତ୍ତମାନେ ମୋଟର ପମ୍ପ ସହ ତାର କାଟି ନେଉଥିଲେ। ଚାଷୀମାନେ ଚାଷ କରି ନପାରି ହଇରାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା।

# ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ପରଜା ସମାଜର ସମ୍ବର୍ଦ୍ଧନା



କାକିରିଗୁମା, ୭।୬(ସମିସ): ଜିଲ୍ଲା ପରଜା ସମାଜ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦଶମ ଓ ଯୁକ୍ତ ଦୁଇ ପରୀକ୍ଷାରେ ପାସ୍ କରିଥିବା ୨୬୦ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଲକ୍ଷ୍ମୀପୁର ବ୍ଲକ୍ ପରଜା ସମାଜ ସଭାପତି ଡମ୍ବରୁଧର ମୁଦୁଲିଙ୍କ ସଭାପତିତ୍ୱରେ ରବିବାର ଦିନ ଗୈଡଗୁଡା ପରଜା ସମାଜ ଗୃହରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାୟଗଡ଼ାର ପୂର୍ବତନ ବିଧାୟକ ମକରନ୍ଦ ମୁଦୁଲି, ମୁଖ୍ୟ ବକ୍ତା ଭାବେ ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ ପ୍ରଭୁ ଜାନୀ, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶିବ ମୁଦୁଲି, ଗୌଡ଼ଗୁଡ଼ା ସରପଞ୍ଚ ଭଗବତୀ ମୁଦୁଲି, ପ୍ରିୟଙ୍କା ଜାନୀ ଯୋଗ ଦେଇଥିଲେ। ବାଲ୍ୟ ବିବାହ ରୋକିବା ସହ ଶିକ୍ଷାର ବିକାଶ ଦିଗରେ ଗୁରୁତ୍ୱ ଦେବା ପାଇଁ ଅତିଥି ମାନେ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକ ଲକ୍ଷ୍ମୀପୁର, ନାରାୟଣପାଟଣା, ବନ୍ଧୁଗାଁ, ଦଶମନ୍ତପୁରର ସରପଞ୍ଚ , ଲକ୍ଷ୍ମୀପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୁ ମୁଦୁଲି, ମଦନ ମୁଦୁଲି ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ, ଶିକ୍ଷକ, ଶିକ୍ଷୟତ୍ରୀ, ବୃଦ୍ଧିଜୀବି ଅଭିଭାବକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଲକ୍ଷ୍ମୀପୁର ପରଜା ସମାଜ ସମ୍ପାଦକ ଘାସିରାମ ମୁଦୁଲି, ସାଧବ ଜଦାମି, ଭାସ୍କର ମୁଦୁଲି, ସିମାଚଳ ବହେପାରି, ଲୁକୁନାଥ ଦାମ୍, ସୁବାଷ ନନ୍ଦିବାଡି, ଟଣସୁନ୍ଦର ମୁଦୁଲି, ବଳରାମ ମୁଦୁଲି, ଦୁଯ୍ୟ ଜାନୀ, ଜୟ ସେନ୍ ଚାଲାଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ମଦନ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଦଳରୁ ୨୫ କର୍ମୀଙ୍କ ବିଜେଡିରେ ଯୋଗଦାନ

ଉମରକୋଟ, ୭।୬ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ୱାର୍ଡର ୨୫ରୁ ଅଧିକ କର୍ମୀ ଅନ୍ୟ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ବ୍ଲକ୍ ସଦର ମହୁକମାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ରାଇଘର ବ୍ଲକ୍ ଅଧ୍ୟକ୍ଷ ଗୁପ୍ତପ୍ରସାଦ ଝାଙ୍କର, ପୌରାଧକ୍ଷା ରାଧା ଭତ୍ରା, ନବୀନା ନାୟକ, ଝାଡ଼େଶ୍ୱର ମହାନ୍ତି, ଚନ୍ଦନ ବେହେରା, କୈଳାସ ନାୟକ, ଭିକି ନାୟକ, ନିଲମ ହରିଜନ ପ୍ରମୁଖ ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନରେ ଅନୁପ୍ରାଣିତ ହୋଇ ସେମାନେ ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ଏହି ଅବସରରେ ଅଘୋଷିତ ବିଦ୍ୟୁତ କାଟ୍‌କୁ ନେଇ ସୋମବାର ବିଦ୍ୟୁତ୍ ବିଭାଗ ବିରୋଧରେ ବିକ୍ଷୋଭ କରାଯିବ ବୋଲି ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଦଳୀୟ ନେତାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଚେରଚେଟାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ପାପଡାହାଣ୍ଡି, ୭।୬ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଚେରଚେଟା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷ ଲିଙ୍ଗରାଜ ଭତରା, ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ବିଡ଼ିଓ କପିଳଦେବ ସାହୁ, ବିଇଓ ସୁଦୀପ୍ତ କୁମାର ଦାସ, ସରପଞ୍ଚ ଉର୍ମିଳା ମାଝୀ, ସମିତିସଭ୍ୟ ପ୍ରହଲ୍ଲାଦ ଚଲାଣ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଭାସୀ ଦ୍ୱାରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରି ଉଦଘାଟନ କରିଥିଲେ। ଗୁଣାଁକ ଶିକ୍ଷାର ଉନ୍ନତି, ଭିତ୍ତି ଭୂମି ବୃଦ୍ଧି, ଛାତ୍ରଛାତ୍ରୀଙ୍କ ବିକାଶର ଉନ୍ନତି ଯୋଗ୍ୟତା ହେବ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରାଧନ ଶିକ୍ଷୟିତ୍ରୀ ସାଗରୀକା ଦାସ, ଏବିଓ ପୂର୍ଣଚନ୍ଦ୍ର ପୂଜାରୀ, ଏବିଓ ବାଳକ ଦାସ ରନ୍ଧାରୀ ପରିଚାଳନା ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

# ବିଜୟ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କୋରାପୁଟ, ୭।୬(ସମିସ): କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତ ଅନ୍ତର୍ଗତ ନିଘାମନିଗୁଡ଼ା କ୍ରିକେଟ ଟିମ ଦ୍ୱାରା ଆୟୋଜିତ ବିଜୟ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଆୟୋଜକ ନିଘାମାନିଗୁଡ଼ା କ୍ରିକେଟ କ୍ଲବ ଓ ଡୁମୁରିପୁଟ କ୍ରିକେଟ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଚୈତନ୍ ଜାନି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜଗଦୀଶ ଖୋସଲା ଅତିଥି ଭାବେ ଯୋଗ ଦେଇ ଫାଇନାଲ ମ୍ୟାଚ



ଶୁଭାରମ୍ଭ କରିଥିଲେ। ନିଘାମାନିଗୁଡ଼ା କ୍ରିକେଟ କ୍ଲବ ଡୁମୁରିପୁଟ କ୍ରିକେଟ ଟିମକୁ ପରାସ୍ତ କରି ଚମ୍ପିଆନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ବରିଷ୍ଠ ସାମ୍ବାଦିକ ସୁବୋଧ କୁମାର ଚେଟୀ, ସମାଜସେବୀ ବିଷ୍ଣୁ ପ୍ରସାଦ ଦାସ, ଏମ୍ ,ସୁରେଶ କୁମାର, ସୁକାନ୍ତ ନାୟକ , ନୀଳ ପୂଜାରୀ, ମଙ୍ଗଳା ନାୟକ ଅତିଥି ଭାବେ ଯୋଗଦେଇ ବିଜେତା, ଉପ ବିଜେତା ଦଳ ସହ ଶ୍ରେଷ୍ଠ ଖେଳାଳୀ ମାନଙ୍କୁ ଟ୍ରଫି, ନଗଦ ଟଙ୍କା ପୁରସ୍କାର ବିତରଣ କରିଥିଲେ। ନିଘାମାନିଗୁଡ଼ା କ୍ରିକେଟ କ୍ଲବର ନବୀନ ଚୌଧୁରୀ, ରମାକାନ୍ତ କଂସାରୀ, କ୍ରାନ୍ତି କୁମାର କଂସାରୀ, ମହେଶ ମାଝୀଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି କ୍ରୀଡ଼ା ଆୟୋଜନ ଓ ପରିଚାଳନା କରିଥିଲେ।

# ୧୨ ଜିଏମ୍‌ଏପିଭି ବିଦ୍ୟାଳୟର ଶିଳାନ୍ୟାସ



କୋରାପୁଟ/ଲମତାପୁଟ, ୭।୬(ସମିସ): କୋରାପୁଟ ଜିଲ୍ଲାର ୧୨ଟି ଚୟନିତ ଜିଏମଏପିଭି ବିଦ୍ୟାଳୟର ନୂତନ ଭବନ ନିର୍ମାଣ ପାଇଁ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ୍ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି। ଲମତାପୁଟ ବ୍ଲକ ଅନ୍ତର୍ଗତ ମାଛକୁଣ୍ଡ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଏହି ଯୋଜନାକୁ ଆଦିବାସୀ ବହୁଳ ଜିଲ୍ଲାରେ ଶିକ୍ଷାର ବିକାଶ କ୍ଷେତ୍ରରେ ଏହା ମାଇଲ ଖୁଣ୍ଟ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ ମୁଦୁଲି, ଲମତାପୁଟ ବ୍ଲକ ଅଧ୍ୟକ୍ଷ ତାପସ କୁମାର ଚାଲାଣ, ଚିକେନପୁଟ ସରପଞ୍ଚ ସୁନାଧର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଭବିଷ୍ୟତର କାଳଖଣ୍ଡକୁ ଆମେ ଦେବାକୁ ଚାହୁଁଥିବା ଜୀବନ୍ତ ସନ୍ଦେଶର ଅନ୍ୟ ନାମ ହେଉଛି 'ଶିଶୁ'!
-ଜନ୍ ଏଫ୍ କେନେଡ଼ି

ସକାଳ THE SAKALA

## ଟନିକ୍ ବଳରେ କେତେଦିନ?

ଭାରତର ଅର୍ଥନୀତି ମହାସଙ୍କଟର ଦ୍ୱାରଦେଶରେ। ଉଭୟ ମାକ୍ରୋ ଓ ମାଇକ୍ରୋ ଇକୋନୋମିର ସ୍ଥିତି ଅତି ଗମ୍ଭୀର। ରପ୍ତାନି ତୁଳନାରେ ଆମଦାନୀ ବଢ଼ି ଚାଲିଥିବାରୁ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଦୁର୍ବଳ ହୋଇଚାଲିଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ବୈଦେଶିକ ମୁଦ୍ରାଭଣ୍ଡାର ଉପରେ ପଡ଼ିଛି। ସାର ଯୋଗାଣ ସଂକୁଚିତ ହେବା ଫଳରେ ଚଳିତ ଖରିଫ୍ ଋତୁରେ ସାର ମୂଲ୍ୟ ଆକାଶଛୁଆଁ ହେବା ଏକପ୍ରକାର ନିଶ୍ଚିତ। ଏହାଫଳରେ କୃଷି ଖର୍ଚ୍ଚ ବୃଦ୍ଧି ପାଇ ଶସ୍ୟବଜାର ମହଙ୍ଗା ହେବ। ପୁଣି ଚଳିତ ମୌସୁମୀରେ ଏଲ୍‌ନିନୋ ଖଳନାୟକ ଭାବେ ଉଭା ହେବାର ଆଶଙ୍କା ବୃଦ୍ଧି ପାଉଛି। ତେଣୁ ଖାଦ୍ୟ ମୁଦ୍ରାସ୍ଫୀତି ଆହୁରି ବଢ଼ିବ। ପଶ୍ଚିମ-ଏସିଆ ଯୁଦ୍ଧସଙ୍କଟ ଯୋଗୁଁ ଭାରତରେ ଇନ୍ଧନ ମୂଲ୍ୟ ଇତିମଧ୍ୟରେ ତିନିଦଫାରେ ଲିଟର ପିଛା ୭.୫୦ ଟଙ୍କା ବଢ଼ିଛି ଏବଂ ଆଗକୁ ଆହୁରି ବଢ଼ିବାକୁ ଯାଉଛି। ଫଳରେ ପରିବହନ ଖର୍ଚ୍ଚ ବୃଦ୍ଧି ପାଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ମଧ୍ୟ ବଢ଼ିବାରେ ଲାଗିଛି। ତେଣୁ ଆଗାମୀ ଦିନରେ ମୁଦ୍ରାସ୍ଫୀତି ଆହୁରି ବଢ଼ିବ ବୋଲି ଆରବିଆଇ ଆକଳନ କରିଛି। ଏହି ପୃଷ୍ଠଭୂମିରେ ସୁଧ ହାର(ରିପୋ ରେଟ୍) ବୃଦ୍ଧି ପାଇବା ଏକପ୍ରକାର ନିଶ୍ଚିତ ବୋଲି ଜଣାପଡୁଥିଲା। କିନ୍ତୁ ଗତ ସପ୍ତାହରେ ଅନୁଷ୍ଠିତ ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ନିର୍ଦ୍ଧାରଣ ବୈଠକରେ ସୁଧ ହାରକୁ ୫.୨୫%ରେ ଅପରିବର୍ତ୍ତିତ ରଖାଯାଇଥିବା ଘୋଷଣା କରାଯାଇଛି। ଆରବିଆଇ ମୁଦ୍ରାସ୍ଫୀତି ପ୍ରଭାବକୁ ଗୌଣ କରି ଅଭିବୃଦ୍ଧି ପାଇଁ ନିବେଶକୁ ଗୁରୁତ୍ୱ ଦେଇ ସୁଧ ହାର ଅପରିବର୍ତ୍ତିତ ରଖିଛନ୍ତି।

ସମ୍ପ୍ରତି ଭାରତୀୟ ଅର୍ଥନୀତି ଯେଉଁ ସଙ୍କଟ ଦେଇ ଗତି କରୁଛି ସେଥିରୁ ମୁକୁଳିବାର ବାଟ ଏତେ ସହଜ ନୁହେଁ। ବୈଦେଶିକ ମୁଦ୍ରାଭଣ୍ଡାର ହ୍ରାସ ପାଇ ଚାଲିଥିବା ବେଳେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଐତିହାସିକ ନିମ୍ନସ୍ତରକୁ ଖସି ଆସିଛି। ବୈଦେଶିକ ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରୁ ବିପୁଳ ପରିମାଣର ପୁଞ୍ଜି ପ୍ରତ୍ୟାହାର କରି ଚାଲିଛନ୍ତି। ଭାରତୀୟ ଅର୍ଥନୀତି ଆଗରେ ଏବେ ମୁଖ୍ୟ ଆହ୍ୱାନ ହେଉଛି କିଭଳି ବଜାର ଅର୍ଥନୀତି ଓ କରେଣ୍ଟ ଆକାଉଣ୍ଟ ନିଅଣ୍ଟର ନିୟନ୍ତ୍ରଣ ମଧ୍ୟରେ ଭାରସମ୍ୟ ରକ୍ଷା କରିବା। ଏହି ଲକ୍ଷ୍ୟରେ ଆରବିଆଇ ସୁଧ ହାରକୁ ଅପରିବର୍ତ୍ତିତ ରଖିବା ଫଳରେ ଋଣ ଉପରେ ସୁଧ ହାର ଓ କିସ୍ତି ପରିମାଣରେ ସେଭଳି ବିଶେଷଧରଣର ପରିବର୍ତ୍ତନ ହେବ ନାହିଁ। ଅପରପକ୍ଷରେ ପାଇକାରୀ ଓ ଖାଉଟି ମୁଦ୍ରାସ୍ଫୀତିରେ ଯେଉଁ ଉପରମୁହାଁ ଧାରା ଆରମ୍ଭ ହୋଇଛି ତାହା ମୁଖ୍ୟତଃ ରୋଷେଇ ଘର ଖର୍ଚ୍ଚ ଯୋଗୁଁ ପ୍ରଭାବିତ ହୋଇଛି। ସୁଧ ହାର ବୃଦ୍ଧି କଲେ ମଧ୍ୟ ସେଥିରେ ବିଶେଷ ପ୍ରଭାବ ପଡ଼ିବାର ଆଶା ନାହିଁ। ତେଣୁ ଅଧିକ ପରୀକ୍ଷା ନିରୀକ୍ଷା କରି ଆରବିଆଇ କୌଣସି ବିପଦ ଆଶଙ୍କା ମୁଣ୍ଡାଇବାକୁ ଚାହିଁନାହାନ୍ତି। ଅଧିକନ୍ତୁ ଅର୍ଥନୀତିକୁ ତାହାର ସ୍ଥିତିରେ ସ୍ଥିର ରଖିବାକୁ ଛାଡ଼ି ଦେଇ କେବଳ ନିରୀକ୍ଷଣ କରିବାକୁ ପସନ୍ଦ କରିଛନ୍ତି।

ଭାରତର ଅର୍ଥନୀତିକୁ ସୁଧାରିବା ପାଇଁ ଆରବିଆଇ କେତେକ ନୀତିଗତ ଘୋଷଣା କରବା ସହିତ କେତେକ କଟକଣାକୁ କୋହଳ କରିଛନ୍ତି। ଭାରତର ମୁଦ୍ରଭଣ୍ଡାରରେ ବୈଦେଶିକ ପ୍ରତ୍ୟକ୍ଷ ନିବେଶ(ଏଫ୍‌ଡିଆଇ) ଏବଂ ବୈଦେଶିକ ପ୍ରତିଭୂତି ନିବେଶ(ଏଫ୍‌ପିଆଇ)ର ଅବଦାନ ଅଧିକ। କିନ୍ତୁ ଗତ ଦୁଇ/ତିନିବର୍ଷ ଧରି ଭାରତକୁ ଏଫ୍‌ଡିଆଇ ଆଗମନ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିବା ବେଳେ ଏଫ୍‌ପିଆଇରୁ ବୈଦେଶିକ ପୁଞ୍ଜି ପ୍ରତ୍ୟାହାର ଉଦ୍‌ବେଗଜନକ ଭାବେ ବଢ଼ି ଚାଲିଛି। ଗତ ମାର୍ଚ୍ଚ ମାସରୁ ଅଦ୍ୟାବଧି ୩୮୦୦ କୋଟି ଡଲାର ମୂଲ୍ୟର ପୁଞ୍ଜି ପ୍ରତ୍ୟାହାର ହୋଇସାରିଛି। ଏହାପଛରେ ମୂଳ କାରଣ ରହିଛି କେନ୍ଦ୍ର ସରକାରଙ୍କ ଏଫ୍‌ଡିଆଇ ନୀତି। ୨୦୨୩ ପୂର୍ବରୁ 'ୱିଥହୋଲଡିଂ ଟାକ୍ସ'(ଏଫ୍‌ପିଆଇ ବା ଭାରତୀୟ ବଣ୍ଡରେ ନିବେଶ କରିଥିବା ବୈଦେଶିକ ପୁଞ୍ଜିପତିମାନଙ୍କର ସୁଧ ଆୟ ଉପରେ ଭାରତ ସରକାର କାଟି ରଖୁଥିବା ଟିକସ) ୫% ଥିବା ବେଳେ ୨୦୨୩ ପରେ କେନ୍ଦ୍ର ସରକାର ଏହାକୁ ଏକାଥରକେ ୨୦%କୁ ବୃଦ୍ଧି କରିଥିଲେ। ଏଣୁ ବୈଦେଶିକ ପୁଞ୍ଜିପତିମାନେ ଭାରତର ପ୍ରତିଭୂତି ବଜାରରୁ ମୁହଁ ଫେରାଇବା ଆରମ୍ଭ କରିଛନ୍ତି, ଯାହାର ପ୍ରଭାବ ଆମ ବୈଦେଶିକ ମୁଦ୍ରାଭଣ୍ଡାର ଉପରେ ପଡ଼ିଛି। ଏବେ ଯାଇ ସରକାରଙ୍କ ଚେତା ପଶିଛି ଏବଂ ୱିଥହୋଲ୍ଡିଂ ଟ୍ୟାକ୍ସକୁ ପ୍ରତ୍ୟାହାର କରିଛନ୍ତି। କିନ୍ତୁ ବୈଦେଶିକ ପୁଞ୍ଜି ନିବେଶକଙ୍କୁ ଏହା ସହସା ଆକୃଷ୍ଟ କରିବା ଭଳି ଲାଗୁନାହିଁ। କାରଣ ନେଡ଼ି ଗୁଡ଼ କହୁଣୀକୁ ବୋହିଗଲାଣି। ତେଣୁ ଆରବିଆଇ ମଧ୍ୟ ଏ ଦିଗରେ କେତେକ ପଦକ୍ଷେପ ନେଇଛନ୍ତି।

ଭାରତୀୟ ଅର୍ଥନୀତି ଏବେ ବଡ଼ ଧରଣର ନୀତିଗତ ସଂସ୍କାର ଲୋଡୁଛି। ସଂସ୍କାରଗତ ନିଷ୍ପତ୍ତି ସମ୍ପୂର୍ଣ୍ଣ ରୂପେ ସରକାରଙ୍କ ଉପରେ ନିର୍ଭର କରୁଥିବା ବେଳେ ବର୍ତ୍ତମାନ ସରକାରଙ୍କ ମତିଗତି ଯାହା ସେଥିରେ 'କ୍ଷମତା' ତୁଳନାରେ ଯେ 'ଅର୍ଥନୀତି'କୁ ଅଗ୍ରାଧିକାର ମିଳିବ ସେ ଆଶା ଦେଖାଯାଉନାହିଁ। ଯେଉଁଠି ଅସ୍ତ୍ରୋପଚାର ଆବଶ୍ୟକ ସେଠାରେ ଔଷଧ ବିଶେଷ କାମ୍ଭ କରିବ ନାହିଁ। ଆରବିଆଇର ନୀତିଗତ ନିଷ୍ପତ୍ତି କେବଳ ଟନିକ୍ ଭଳି ଆଉ କିଛିଦିନ ଅର୍ଥନୀତିକୁ ଚଳାଇ ନେବାରେ ସହାୟକ ହେବ। କିନ୍ତୁ ଏଭଳି ପ୍ରୟାସରେ ଅର୍ଥନୀତିକୁ କେତେଦିନ ସୁସ୍ଥ ରଖିହେବ ତାହା ସନ୍ଦେହରେ। ●

## ୨୦୩୬: ବିକଶିତ ଓଡ଼ିଶାର ଖସଡ଼ା

**ମୋ ସ୍ୱପ୍ନର ଓଡ଼ିଶା**

ପଞ୍ଚାନନ କାନୁନ୍‌ଗୋ

*ପୂର୍ବପ୍ରକାଶିତ ଉତ୍ତାରୁ...*

କୃଷିଭିତ୍ତିକ ଅର୍ଥନୀତି ଅନୁସୃତ ହେଲେ ମଧ୍ୟ ଅନ୍ୟ ଆୟର ବ୍ୟବସ୍ଥା ଯଥା- ଶିଳ୍ପ ଉତ୍ପାଦନ ଓ ସେବା କ୍ଷେତ୍ରକୁ ଅଦରକାରୀ ବିବେଚନା କରାଯାଇ ପାରିବ ନାହିଁ। ବଡ଼ ବଡ଼ ଶିଳ୍ପାନୁଷ୍ଠାନ ଦେଶରେ ଗଢ଼ି ଉଠିଛି। ଓଡ଼ିଶାରେ ଲୋକଙ୍କର ଆବଶ୍ୟକତା ଏବଂ ରାଜ୍ୟରେ ମିଳୁଥିବା ସହଜଲବ୍ଧ ଓ ବଜାରର ଆବଶ୍ୟକତାକୁ ଲକ୍ଷ୍ୟ ରଖି ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ଗଢ଼ି ଉଠିବାର ଆବଶ୍ୟକତା ରହିଛି। ଏହିସବୁ ଶିଳ୍ପ ମଧ୍ୟରେ କୃଷିଜାତ ସଂପଦ ଓ ଜଙ୍ଗଲ ଜାତ ସଂପଦକୁ ବ୍ୟବହାର କରି ଶିଳ୍ପ ସମୂହ ଗଢ଼ିବା ପାଇଁ ପ୍ରାଥମିକତା ଦିଆଯିବ। ପ୍ରସାଧାନ ସାମଗ୍ରୀ ଉତ୍ପାଦକ ସଂସ୍ଥା ଜଙ୍ଗଲଜାତ ସଂପଦ ସଂଗ୍ରହକରି ଔଷଧ ଓ ବିଳାସ ସାମଗ୍ରୀ ପ୍ରସ୍ତୁତ କାରଖାନା ପ୍ରତିଷ୍ଠା କରିବା ଦରକାର। ଆବଶ୍ୟକତା ପାଇଁ ବଡ଼ ଇସ୍ପାତ କାରାଖାନା ସବୁ ତିଆରି ସରିଛି। ତା' ଠାରୁ ଅଧିକ ହେବା ଦରକାର ନାହିଁ। ଆଧୁନିକ ବଜାରର ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟା ଏବେ ଗୁରୁତ୍ୱ ଲାଭ କରିଛି। ଅର୍ଥାତ୍ ଆଇ-ଓ-ଡାଇଡ୍ ସଲ୍ଟ ପ୍ରସ୍ତୁତ କରି ବଜାର ଆବଶ୍ୟକତା ମେଣ୍ଟାଇବା ଦରକାର। ଶିଳ୍ପ ଜଗତରେ ପର୍ଯ୍ୟଟନକୁ ଅନ୍ତର୍ଭୁକ୍ତ କରାଯାଇ ତା'ର ଭୂତ୍ତିଭୂମି ଆବଶ୍ୟକତା ଯଥା ହୋଟେଲ, ରାସ୍ତା, ନୌ-କ୍ୟାଣ୍ଟିନ୍, ନୌ-ବିହାରର ଆଦି ନିର୍ମାଣ ହେବାର ଅଛି।

ରାଜ୍ୟର ଖଣିଜ ବ୍ୟବହାର କରି ବଡ଼ ବଡ଼ କଳକାରଖାନା ରାଜ୍ୟ ଭିତରେ ଓ ପଡ଼ୋଶୀ ରାଜ୍ୟରେ ଗଢ଼ି ଉଠିଛି। ଅଥଚ ଏ ରାଜ୍ୟର ଆବଶ୍ୟକ ଥିବା ସାଇକେଲ ବା ଅଟୋ ଉତ୍ପାଦନ ହୋଇ ପାରିଲା ନାହିଁ। ଲୁଗାକଳ, ଚିନିକଳ, ତେଲକଳ ପାଇଁ ବଡ଼ କାରଖାନା ସହିତ ଚୁକ୍ତି କରିବାକୁ କେହି କ'ଣ ବିରୋଧ କରନ୍ତେ? ଟ୍ରାକ୍ଟର, ମୋଟର ସାଇକେଲ, ଅଟୋ କାରଖାନା ନିର୍ମାଣକୁ କ'ଣ କେହି ବିରୋଧ କରିଛି? ରାଜ୍ୟରେ ବ୍ୟାପକ ସୌର ଉତ୍ପାଦନ ସମ୍ଭବ ଥାଇ ମଧ୍ୟ କୋଇଲାରୁ ଶକ୍ତି ଉତ୍ପାଦନକୁ ନିଶ୍ଚୟ ବିରୋଧ ଅଛି। ଏ ସମସ୍ତ ଉପରେ ଦୃଷ୍ଟି ନ ଦେଇ ରାଜ୍ୟ ସରକାର ରାଜ୍ୟରେ ଥିବା ବିପୁଳ ଖଣିଜ ସଂପଦକୁ ଖୋଲି ଅଯଥା ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ବୃଦ୍ଧି କରିବାରେ ଲାଗିଛନ୍ତି। ରାଜ୍ୟର ଜଳବାୟୁ ପରିବର୍ତ୍ତନ ଓ ଧ୍ୱଂସାଭିମୁଖୀ ବ୍ୟବସ୍ଥାକୁ ବିରୋଧ କରିବା ସବୁ ସଚେତନ ନାଗରିକର କର୍ତ୍ତବ୍ୟ। ମୋଟ ଶିଳ୍ପ ଉତ୍ପାଦନ ରାଜ୍ୟର ସାମଗ୍ରିକ ଉତ୍ପାଦନ (ଏସ୍‌ଜିଡିପି)ର ୩୦% ରେ ରହିବା ସହିତ ସେବା କ୍ଷେତ୍ରରୁ ୩୦% ସହଯୋଗ ମିଶି ୨୦୩୬ ମସିହା ବେଳକୁ ଏକ ସୁଚିନ୍ତିତ ଅଗ୍ରଗତିର ଖସଡ଼ା ପ୍ରସ୍ତୁତ ହେବା ଦରକାର। ଏଥିପାଇଁ ବାର୍ଷିକ ଅଗ୍ରଗତି ଓ ଆର୍ଥିକ ବ୍ୟବସ୍ଥା (ବଜେଟ) ରଖାଯିବା ସହିତ ପ୍ରତି ତିନିବର୍ଷରେ ଅଗ୍ରଗତି ଓ ଫଳାଫଳ ନିର୍ଣ୍ଣୟ କରାଗଲେ କେହି କାହାକୁ ଠକି ପାରିବେ ନାହିଁ ଅବା ସମାଲୋଚନା କରିବେ ନାହିଁ।

ଓଡ଼ିଶାର ସମୁଦ୍ର ତଟବର୍ତ୍ତୀ ଦୈର୍ଘ୍ୟ ପ୍ରାୟ ୪୪୨ କି.ମି ବୋଲି ଧରାଯାଇଥାଏ। ଏହି ଅଞ୍ଚଳରେ ରାଜ୍ୟରୁ ଏବଂ ରାଜ୍ୟ ବାହାରୁ ପ୍ରବାହିତ ହୋଇ ଆସିଥିବା ଅନେକ ଛୋଟ ବଡ଼ ନଦୀ ସମୁଦ୍ରରେ ପଡ଼ିଥା'ନ୍ତି। ଏହିସବୁ ନଦୀକୁ ସଂଯୋଗୀକରଣ କରାଯାଇ ଏକ ବିସ୍ତୃତ ନାଳ (ନୂଆ ନଦୀ) ତିଆରି କରାଯାଇପାରିଲେ ଏକ ଦୀର୍ଘ ଜଳପଥ ସୃଷ୍ଟି ହୋଇପାରିବ, ଯାହାକି ପ୍ରଦୂଷଣ ମୁକ୍ତ ହେବ ଏବଂ ମଧୁର ଜଳ ଧାରଣ କରିବାକୁ ସକ୍ଷମ ହେବ। ଏହି ନଦୀଟି ମଧ୍ୟ ପର୍ଯ୍ୟଟକମାନଙ୍କ ପାଇଁ ଅତ୍ୟନ୍ତ ଆକର୍ଷଣୀୟ ହେବ। ନଦୀର ଦୁଇ ପାର୍ଶ୍ୱରେ ଥିବା ଦୁଇଟି ପ୍ରଶସ୍ତ ବନ୍ଧ ନିର୍ମାଣ କରାଯାଇ ବିଭିନ୍ନ ସ୍ଥାନମାନଙ୍କରେ ଛୋଟ ଓ ଉନ୍ନତମାନର ସହର ମଧ୍ୟ ଗଢ଼ି ଉଠିବ। ଏଥିରୁ ରାଜ୍ୟ ଅନେକ ଆୟ ସଂଗ୍ରହ କରିବା ସହିତ ଗୋଟିଏ ବଡ଼ ନିଯୁକ୍ତି କ୍ଷେତ୍ର ପାଇପାରିବ।

ଓଡ଼ିଶାରେ ହାରାହାରି ବୃଷ୍ଟିପାତ ବାର୍ଷିକ ୧୫୦୦ ମି.ମି ଥାଇ ଅତ୍ୟନ୍ତ ଚାଷୋପଯୋଗୀ ହୋଇଥିଲେ ମଧ୍ୟ ଅନିୟମିତତା ବୃଷ୍ଟି, ବନ୍ୟା ଓ ମରୁଡ଼ି ପ୍ରାୟତଃ ଦେଖାଯାଏ। ବାତ୍ୟା ମଧ୍ୟ ଅନେକ ସମୟରେ ପ୍ରଭୂତ କ୍ଷତି ଘଟାଇଥାଏ। ପ୍ରାକୃତିକ ବିପର୍ଯ୍ୟୟ ସବୁକୁ ବିଜ୍ଞାନର ଅଗ୍ରଗତି ସହିତ ମଣିଷ ନିୟନ୍ତ୍ରଣ କରିବାର ସମ୍ଭାବନା ଥିବାରୁ ଓଡ଼ିଶାର ଶାସକବର୍ଗ ଚାହିଁଲେ କରିପାରିବେ। ବର୍ଷାଜଳକୁ ନିୟନ୍ତ୍ରିତ କରି ଉତ୍ତମ ଓ ସୁପରିଚାଳନା କଲେ ଉଭୟ ମରୁଡ଼ି ଓ ବନ୍ୟାର ନିୟନ୍ତ୍ରଣ କରାଯାଇପାରିବ। ଏଥିସହିତ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଉଚ୍ଚ ସବୁଜ ପ୍ରାଚୀର ନିର୍ମାଣ କରାଯାଇ ବାତ୍ୟାର ପ୍ରକୋପ ହ୍ରାସ କରାଯାଇପାରିବ।

ଏପରି ଏକ ବିକାଶର ଧାରା ବାସ୍ତବରେ ଏକ ଦୃଢ଼ ଓ କ୍ରମବର୍ଦ୍ଧିଷ୍ଣୁ ବିକାଶ ଆସିବା ସମ୍ଭବ କରିଥାଏ। ରାଜ୍ୟର ଆବଶ୍ୟକତା ମେଣ୍ଟାଇବା ସହିତ ପଡ଼ୋଶୀଙ୍କର ଆବଶ୍ୟକତା ଶସ୍ତାରେ ଯୋଗାଇଥାଏ। ସବୁବର୍ଗର ବେକାରୀ କର୍ମସଂସ୍ଥାନ ସହ ଉପଯୁକ୍ତ ରୋଜଗାର ଲାଭ କରିଥା'ନ୍ତି। ଦରଦାମ୍ ସ୍ଥିର ରହିବା ସହିତ ଖାଉଟି ଶୋଷଣ ଉପରେ ଅଙ୍କୁଶ ଲାଗେ। ପ୍ରତିଦ୍ୱନ୍ଦ୍ୱିତା ନିମନ୍ତେ ଶକ୍ତ ରାଜ୍ୟ ପ୍ରସ୍ତୁତ ହୁଏ। ଆମଦାନୀ କମିବା ସହିତ ରପ୍ତାନୀ ବୃଦ୍ଧିର ସମ୍ଭାବନା ଦେଖାଯାଏ। ଏ ସଂପର୍କରେ ରାଜ୍ୟରେ ଏବେ ସୃଷ୍ଟି ହୋଇଥିବା ଦୁଇଟି ରପ୍ତାନୀକାରୀ ବ୍ୟବସ୍ଥାର ଉଦାହରଣ ରଖାଯାଇପାରେ। ରାଜ୍ୟର ମତ୍ସ୍ୟ ଉତ୍ପାଦନ (ସମୁଦ୍ରଜାତ) ରପ୍ତାନୀ ସହିତ ମସଲା ଉତ୍ପାଦନ ଏବଂ ରପ୍ତାନୀ କ୍ଷେତ୍ରରେ ଅନେକ ସଫଳତା ହାସଲ କରିଚାଲିଛି। ଗତ ୩୦ ବର୍ଷ ମଧ୍ୟରେ ରାଜ୍ୟ ଓ ଦେଶର ଆଭ୍ୟନ୍ତରୀଣ ବଜାରର ଆବଶ୍ୟକତା ମେଣ୍ଟାଇବା ସହିତ କିଛି ବିଦେଶୀ ରାଷ୍ଟ୍ରକୁ ରପ୍ତାନୀ ବୃଦ୍ଧି କରିଥିବାର ଦେଖାଯାଇଛି। ଅନେକ କିଛି ସମ୍ଭାବନା ଥିବା ବେଳେ ଲାଗେ ସରକାରଙ୍କର ଦୃଷ୍ଟିଭଙ୍ଗୀରେ ଦୁର୍ବଳତା ଅବା ନିଜ ଭିତରେ ଥିବା ଅଜ୍ଞତା ହେତୁ ସଂପଦଭରା ରାଜ୍ୟଟି ଅତି ବିପଦପୂର୍ଣ୍ଣ ଆର୍ଥିକ ଦୁର୍ଗତି ଭିତରେ ଗତି କରୁଛି। ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ନହେଲେ, ଭିତରେ ଥିବା ଇଚ୍ଛାଶକ୍ତି ଜାଗ୍ରତ ନହେଲେ ଏବଂ ସମୟଭିତ୍ତିକ କାର୍ଯ୍ୟ କରା ନ ଗଲେ ୨୦୩୬ ପାଇଁ ବାଣ୍ଟୁଥିବା ସ୍ୱପ୍ନ ଅଣ୍ଟିରେ ରହିଯିବ। ଗଳା ଫଟେଇ ଯେତେ ବିଜ୍ଞାପନ ଉପସ୍ଥାପନା କଲେ ଶାସକ ବର୍ଗର ତଣ୍ଟି ଶୁଖିଯିବ ସିନା ରାଜ୍ୟର ରୁଗ୍ଣ ମଣିଷର ଦାରିଦ୍ର୍ୟ ଦୂର ନ ହୋଇ କେତେକିଲୋ ମାଗଣା ଚାଉଳ ପାଇଁ ରାସ୍ତାରେ ଧାଡ଼ିବାନ୍ଧି ଛିଡ଼ା ହେବ। ଦାରିଦ୍ର୍ୟର କଷାଘାତରେ ମଣିଷ ରକ୍ତହୀନତା, କୁପୋଷଣର ଶିକାର ହୋଇ ଦୁର୍ବଳ ଶରୀର ଓ ମାନସିକତାଧାରୀ ହୋଇ ରହିଯିବ। ଆମେ କେବଳ ସଂଖ୍ୟା ଏପଟ ସେପଟ କରି ବାହୁସ୍ଫୋଟ ମାରୁଥିବା।

ବ୍ୟକ୍ତି ବା ଗୋଷ୍ଠୀ ଭିତରେ ଅସାମଞ୍ଜସ୍ୟତାର ଅନେକ ତଫାତ ଥିଲେ ସେ ସମାଜଟି ଅସୁସ୍ଥ ଓ ରୁଗ୍ଣ ହୋଇପଡ଼େ। ଆମ ରାଜ୍ୟରେ ଉତ୍ତର-ଭାରତ ପରି ଜାତିଗତ ବିଦ୍ୱେଷ ନାହିଁ। ମାତ୍ର ସାମନ୍ତବାଦୀ ବ୍ୟବସ୍ଥା ଭିତରେ ଛିଡ଼ା ହୋଇଥିବା ମୁଲିଆ ଶ୍ରେଣୀ ଏବେ ବି କଠିନ ଦାରିଦ୍ର୍ୟ ଭିତରେ ଛଟପଟ ହେଉଛନ୍ତି। ଏପରି ଗୋଷ୍ଠୀ ବା ବର୍ଗଗତ ବିଭେଦ ଦୂର ହେବା ଲକ୍ଷ୍ୟରେ ସରକାର ଓ ସମାଜ ବ୍ରତୀ ହେବା ଦରକାର। ମୁଲିଆ, ମଜୁରିଆ, ସେବାକାରୀ, ଅନ୍ନଦାତାମାନଙ୍କୁ ଯଥୋଚିତ ପ୍ରାପ୍ୟ ସହିତ ସେମାନଙ୍କୁ ସମାନ ସାମାଜିକ ସୁରକ୍ଷା ଦେବାର ନିଷ୍ପତ୍ତି ହେଲେ ହିଁ ତାରତମ୍ୟ ହ୍ରାସ ପାଇବ ଏବଂ ସାମାଜିକ ସ୍ୱୀକୃତି ସହିତ ସମସ୍ତେ ଆଗକୁ ବଢ଼ିବାର ସୁଯୋଗ ପାଇବେ। ଯେଉଁଥିପାଇଁ ବର୍ତ୍ତମାନର ଜାତିଗଣନା ନିଷ୍ପତ୍ତି ସହାୟକ ହେବ। ଏହି ଜନଗଣନା ଫଳରେ ଆଦିବାସୀ, ହରିଜନ (ଦଳିତ) ମାନଙ୍କ ଭିତରେ ଥିବା ଦାରିଦ୍ର୍ୟ ଓ ଅନ୍ୟମାନଙ୍କ ଭିତରେ (ଓବିସି) ଦାରିଦ୍ର୍ୟ ଚିତ୍ର ସ୍ପଷ୍ଟ ହେବ। ଯେଉଁ ଚିତ୍ରକୁ ଲକ୍ଷ୍ୟ ରଖି ସମସ୍ତଙ୍କୁ ଏକଧାରାରେ ଶକ୍ତିଶାଳୀ କରିବାର ଉଦ୍ୟମ ହେଲେ ସମାଜରେ ବିକାଶ ସମସ୍ତଙ୍କୁ ସ୍ପର୍ଶ କରିବା ସହିତ ସମାନ ଭାବରେ ଭାଗିଦାରୀ କରିପାରିବ।

ତେବେ ଯାଇ ଓଡ଼ିଶାର ସମାଜରେ ସମଭାବରେ କ୍ଷିପ୍ର ବିକାଶ ରାଜ୍ୟକୁ ଏକ ବିକଶିତ ରାଜ୍ୟରେ ୨୦୩୬ରେ ପରିଣତ କରିପାରିବ। ସମାଜରେ ସମତା ପାଇଁ ସମସ୍ତ ମଠ ମନ୍ଦିରରେ ବଂଶଗତ ପ୍ରାଧାନ୍ୟ ଲୋପ କରି ଶିକ୍ଷାଭିତ୍ତିକ ପୁରୋହିତ ବା ପୂଜକ ନିଯୁକ୍ତ କରିବା ସହିତ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଧର୍ମବିଶ୍ୱାସ ଓ ପୂଜାରେ ସମସ୍ତଙ୍କୁ ସମାନ ଅଧିକାର ଦେବାରେ ବର୍ତ୍ତମାନର ଯୁବକ ମୁଖ୍ୟମନ୍ତ୍ରୀ ପ୍ରାଥମିକତା ଦେବା ପାଇଁ ଆଇନ ପ୍ରଣୟନ ତଥା ବିଧି ବ୍ୟବସ୍ଥା କରିବା ଆବଶ୍ୟକ। ଏହା ହିଁ ପ୍ରଚଳିତ ପରମ୍ପରାଗତ ବ୍ୟବସ୍ଥାକୁ ଭାଙ୍ଗି ଏକ ନୂଆ ସମାଜ ଗଠନ ପାଇଁ ପଥ ପରିଷ୍କାର କରିବ।

ସାମାଜିକ, ଅର୍ଥନୈତିକ ବିକାଶ ହେଲେ ହିଁ ଏକ ପୂର୍ଣ୍ଣ ବିକଶିତ ଓଡ଼ିଶା ୨୦୩୬ ମସିହାରେ ସାମନାକୁ ଆସିବ। ରାଜନୈତିକ ବ୍ୟବସ୍ଥାରେ ଶକ୍ତି ହାସଲ କରିଥିବା ସମସ୍ତ ଦଳିତ ବର୍ଗ ପୂର୍ଣ୍ଣ ବିକଶିତ ହେବା ପାଇଁ ଆର୍ଥିକ ଓ ସାମାଜିକ ସମତା ପାଇବା ପ୍ରାଥମିକ କର୍ତ୍ତବ୍ୟ ଓ ଦାୟିତ୍ୱ ଅଟେ।(ସମାପ୍ତ) ●

(ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ, ରାଜନୀତିଜ୍ଞ ତଥା ଅର୍ଥନୀତି ବିଶାରଦ)

## ଧନୀ କରିବ କି ଧାନ ଚାଷ?

ଡି ଶୁଭମ୍

ଆମ ହେତୁ ହେବା ଦିନରୁ ଧାନ ଆମର ମୁଖ୍ୟ ଫସଲ ବୋଲି ଆମେ ଶୁଣି ଆସିଛୁ। ପ୍ରକାଶ ପାଇଥିବା ନିକ୍ରାର ଏକ ତଥ୍ୟ ଅନୁସାରେ ୨୦୧୦ ରୁ ୨୦୩୯ ମଧ୍ୟରେ ଭାରତରେ ମୁଖ୍ୟତଃ ଫସଲ ଉତ୍ପାଦନରେ କ୍ଷତି ୪.୫ରୁ ୯ପ୍ରତିଶତ ବୃଦ୍ଧି ପାଇ ପାରେ। ତେଣୁ କେବଳ ଧାନ ଉତ୍ପାଦନ କରି ଆମେ ସଶକ୍ତ, ସକ୍ଷମ ଆଉ ସ୍ୱାବଲମ୍ବନର ନାରା ଦେଇପାରିବା ନାହିଁ। ନିଃସନ୍ଦେହ ଧାନକୁ ବାଦ୍ ନେଇ ଜନମାନସର ପରକଳ୍ପନା ଅସମ୍ଭବ; କିନ୍ତୁ ପ୍ରଶ୍ନ ଆସେ ଆମେ କ'ଣ କେବଳ ଧାନ ଚାଷ କରି ଚିରସ୍ଥାୟୀ କୃଷିର ସଂଜ୍ଞାକୁ ପୂରଣ କରିପାରିବା? ଧାନ କ'ଣ ସତରେ ଆମକୁ ଧନୀ କରିବ? ଏହା ବର୍ତ୍ତମାନ ସମୟର ଯୁକ୍ତିଯୁକ୍ତ ପ୍ରସଙ୍ଗ।

ଆମର ଧାନ ଚାଷରେ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଆଜି ମଧ୍ୟ ଅନେକ ସ୍ଥାନରେ ବ୍ୟବହୃତ ହୁଏ ନାହିଁ। ତେଣୁ ଆମକୁ ଉତ୍ପାଦନର ହାର ବଢ଼ାଇବାକୁ ହେଲେ କେବଳ ଧାନ ଚାଷ ନୁହେଁ, ବରଂ ଅଣ-ଧାନ ଫସଲ ଉପରେ ମଧ୍ୟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଅର୍ଥନୈତିକ ସର୍ଭେର ପରିସଂଖ୍ୟାନକୁ ଲକ୍ଷ୍ୟ କଲେ ୨୦୨୪-୨୫ରେ ଧାନ ଫସଲର ମୋଟ କ୍ଷେତ୍ର ୪୧.୨୪ ଲକ୍ଷ ହେକ୍ଟର। ଏହି ଉପକ୍ରମରେ ଅଣଧାନ ଫସଲ ଯଥା ଡାଲିଜାତୀୟ ଫସଲର କ୍ଷେତ୍ର ୨୦୨୪-୨୫ରେ ୨୧.୦୭ ଲକ୍ଷ ହେକ୍ଟର, ଶ୍ରୀଅନ୍ନ ବା ମିଲେଟରେ ୨.୭୧ ଲକ୍ଷ ହେକ୍ଟର, ପନିପରିବା ୭.୯୧ ଲକ୍ଷ ହେକ୍ଟର, କପା ୨.୩୯ ଲକ୍ଷ ହେକ୍ଟର। ଏହା ଆମ ପାଇଁ ଶୁଭ ସଙ୍କେତ। ଏସବୁ ତଥ୍ୟ ଦେବାର କାରଣ ଚାଷୀମାନେ ଜାଣିରଖିବା ପାଇଁ ଯେ ଆମ ଚାଷଜମିର କ୍ଷେତ୍ର ଅନୁସାରେ ଉତ୍ପାଦନ ବଢୁଛି। ଧାନ ସହ ଅନ୍ୟ ଫସଲର ମଧ୍ୟ ଚାହିଦା ବଢ଼ିଛି। ତେଣୁ ଏଗୁଡ଼ିକ ଆପଣେଇବାରେ ଆମର କୌଣସି ଦ୍ୱିଧା ରହିବା ଅନୁଚିତ୍।

ଓଡ଼ିଶାରେ ଅନେକ ଦିନ ଧରି ଧାନ ଚାଷ ଏକ ପ୍ରମୁଖ ଅଭ୍ୟାସ ହୋଇ ରହିଆସିଛି। ଧାନରୁ ମିଳୁଥିବା ଚାଉଳ ଆମର ଖାଦ୍ୟ ଥାଳିର ଏକ ଅତ୍ୟାବଶ୍ୟକୀୟ ଅଂଶ ହୋଇ ରହିଛି। କିନ୍ତୁ ଏହା ଖାଦ୍ୟ ସୁରକ୍ଷା ପ୍ରଦାନ କରିବା ପାଇଁ ଯଥେଷ୍ଟ ନୁହେଁ। ଚାଷୀମାନଙ୍କ ପାଇଁ ଧାନ ଚାଷରୁ ମିଳୁଥିବା ଆୟ ପ୍ରାୟତଃ ବଜାର ଦରର ଅସମାନତା ଏବଂ ସଂକୀର୍ଣ୍ଣ ଲାଭ ପରି ବିଭିନ୍ନ କାରଣ ଦ୍ୱାରା ସୀମିତ ହୋଇଥାଏ।

ଅଣ-ଧାନ ଚାଷ ପ୍ରକ୍ରିୟାରେ ଅନୁଭୂତ ବିଭନ୍ନ ସମସ୍ୟା ଯୋଗୁଁ ଏହା ସଠିକ ଭାବରେ ଅଧିକରୁ ଅଧିକ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଉନ୍ନତ ଧରଣର କ୍ଷମତାଯୁକ୍ତ ମଞ୍ଜିର ଅଭାବ, କୃଷିରେ ଆଧୁନିକୀକରଣ ସହ ସଠିକ୍ ଭିତ୍ତିଭୂମିର ଅଭାବ, ପ୍ରଯୁକ୍ତିବିଦ୍ୟାର ଉପଯୋଗ ନ ହେବା, ଅମଳ ପରବର୍ତ୍ତୀ କୃଷିଉତ୍ପାଦ ପ୍ରସ୍ତୁତି ତଥା ସଠିକ ଜ୍ଞାନ ଏବଂ କୃଷକମାନଙ୍କ ଭିତରେ ସଚେତନତାର ଅଭାବ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ଧାନ ଚାଷର ସବୁ ଖର୍ଚ୍ଚ ଯଥା- ଜମି ପ୍ରସ୍ତୁତି, ଖତ, ସାର, ଯନ୍ତ୍ରପାତି, ମଜୁରୀକୁ ଧରି ଯଦି ଅମଳର ପରିମାଣକୁ ହିସାବ କରାଯାଏ, ତା'ହେଲେ କେବେହେଲେ ଜଣେ ଚାଷୀ କେବଳ ଧାନ ଚାଷ କରି ଲାଭବାନ ହୋଇପାରିବ ନାହିଁ। ଏଥିପାଇଁ ଆମକୁ ସମନ୍ୱିତ କୃଷି ଉପରେ କାମ କରିବାକୁ ହେବ। ଧାନ ସହ ଅନ୍ୟ ଫସଲଗୁଡ଼ିକୁ ଆମେ ଚାଷ ଜମିରେ ଅନ୍ତର୍ଭୁକ୍ତ କରାଇପାରିଲେ ବର୍ଷ ଶେଷରେ ଆମ ଉତ୍ପାଦନର ହାର ମଧ୍ୟ ବଢ଼ିବ।

ଆଜିର ସମୟରେ କେବଳ ଏମଏସପି ଆଶାରେ ଆମେ ଧାନ ଚାଷ କରି ପରୋକ୍ଷରେ ଆମ ମାଟି ଆଉ ଫସଲର ଗୁଣବତ୍ତା ହ୍ରାସ କରୁଛେ। ଅଣ-ଧାନ ଫସଲରେ ବିବିଧତା ଚାଷୀମାନଙ୍କୁ ଅଧିକ ଲାଭଦାୟକ ସୁଯୋଗ ପ୍ରଦାନ କରେ, ଯାହାଫଳରେ ଚାଷୀଙ୍କ ଆୟ ଏବଂ ସାମଗ୍ରିକ ଆର୍ଥିକ ସୁରକ୍ଷାରେ ଉନ୍ନତି ଆସିପାରେ। ଏହା ଗୋଟିଏ ମୁଖ୍ୟ ଫସଲ ଉପରେ ନିର୍ଭରଶୀଳତା ହ୍ରାସ କରି ଖାଦ୍ୟ ସୁରକ୍ଷା ମଧ୍ୟ ସୁନିଶ୍ଚିତ କରେ। ଏହା ସହିତ ଡାଲି ଓ ବାଜରା ପରି ଅଣ-ଧାନ ଫସଲ ସାଧାରଣତଃ ଅଧିକ ମରୁଡ଼ି ପ୍ରତିରୋଧୀ, ଏବଂ ଜଳ-ଅଭାବ ସମୟରେ ସେଗୁଡ଼ିକର ଚାଷ ବିକଳ୍ପକୃଷି ଭାବରେ କାର୍ଯ୍ୟ କରିପାରେ।

ତେବେ ଅଣ-ଧାନ ଚାଷର ଉତ୍ପାଦକତା ବୃଦ୍ଧି ପାଇଁ ପ୍ରଥମରେ ଗାଁଗାଁରେ କୃଷକ କର୍ମଶାଳା ତଥା ସଚେତନତା ଶିବିର ଆୟୋଜନ କରି ଅଣଧାନ ଚାଷର ଗୁରୁତ୍ୱ ଚାଷୀଙ୍କୁ ବୁଝାଇବାକୁ ହବ। ଦ୍ୱିତୀୟରେ କେବଳ ଧାନ ଆମ ଆୟ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ନୁହେଁ ବରଂ ଏହା ସହ ଆମେ ଅମଳ ପରେ କିପରି ଅଣଧାନ ଚାଷକୁ ଗୁରୁତ୍ୱ ଦେବା ତାହାର କ୍ଷେତ୍ର ପ୍ରଦର୍ଶନର ଦାୟିତ୍ୱ ଗ୍ରାମଞ୍ଚଳ କୃଷି ଅଧିକାରୀ ନିଅନ୍ତୁ। ଚାଷୀ ନିଜ ଜିଲ୍ଲାର କୃଷି ବିଜ୍ଞାନ କେନ୍ଦ୍ରର ଅଗ୍ରଣୀ ବୈଜ୍ଞାନିକମାନଙ୍କ ସହ ସମ୍ପର୍କରେ ରୁହନ୍ତୁ। ତୃତୀୟରେ ବିଭିନ୍ନ ବେସରକାରୀ ସଂସ୍ଥା, କୃଷକ ଉତ୍ପାଦକ ସଂଗଠନ ଏହି ଅଣ-ଧାନ ଚାଷର ବିଭିନ୍ନ ସରକାରୀ ପ୍ରକଳ୍ପକୁ କିପରି ଓଡ଼ିଶାର ସବୁଜିଲ୍ଲାରେ ସହଜ ଓ ସୁବିଧାରେ ପହଁଚାଇପାରିବେ ସେ ଦିଗରେ ଯତ୍ନବାନ ହେବା ଆବଶ୍ୟକ। ଚତୁର୍ଥରେ ଚାଷୀମାନଙ୍କ ନିକଟରେ ଅଧିକ ଅମଳକ୍ଷମ ବିହନ, କୃଷି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଓ ଜ୍ଞାନକୌଶଳର ଉପଯୋଗ ତଥା ଅମଳ ପରେ ସଠିକ ବିପଣନ, ସରକାରଙ୍କ ବିଭିନ୍ନ ନିୟମାବଳୀ କିପରି ଠିକ ସମୟରେ ଉପଲବ୍ଧ ହୋଇପାରିବ, ସେ ଦିଗରେ ଅନୁଧ୍ୟାନ କରାଯିବା ଆବଶ୍ୟକ। ପଞ୍ଚମରେ କୃଷି ସମ୍ପ୍ରସାରଣ ମାଧ୍ୟରେ ଚାଷୀଙ୍କ ପାଖରେ ଏହି ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରମାନ ଆୟୋଜନ କରାଯାଇ ସଫଳ କୃଷକଙ୍କ ଅଣ-ଧାନ ଚାଷ ଫାର୍ମ ପରିଦର୍ଶନରେ ନିଆଗଲେ ଚାଷୀମାନେ ବାସ୍ତବତାକୁ ଉପଲବ୍ଧି କରିପାରିବେ। ସୁତରାଂ ୨୦୩୬ ଶତାୟୁ ଓଡ଼ିଶାର ବିକାଶ ନକ୍ସାରେ ଅଣ-ଧାନ ଚାଷର ପ୍ରାଥମିକତା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ●

(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା)
ଭୁବନେଶ୍ୱର, ମୋ: ୯୪୩୮୪୬୭୦୭୯

## ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

### ଅର୍ଗୁଣା
(Queen Sago Palm -Cycas circinalis)

ସୌଭାଗ୍ୟସୁନ୍ଦର

ଅର୍ଗୁଣା, ସାଧାରଣତଃ 'ରାଣୀ ସାଗୋ ପାମ୍' କିମ୍ବା 'ଫର୍ଣ୍ଣ ପାମ୍' ଭାବରେ ଜଣାଶୁଣା, ଦକ୍ଷିଣ ଭାରତ ଏବଂ ଶ୍ରୀଲଙ୍କାର ଏକ ମୂଳଜାତ ଉଦ୍ଭିଦ। ଏହା ଅନ୍ୟ ଏସୀୟ ଦେଶଗୁଡ଼ିକରେ ମଧ୍ୟ ଦେଖାଯାଏ। ସୁନ୍ଦର ଓ ସୁଦୃଢ଼ ପ୍ରକୃତି ପାଇଁ ଏହା ପ୍ରଶଂସନୀୟ। ଏହା ଏକ ଶାଖାପ୍ରଶାଖା ବିହୀନ ଏକକାଣ୍ଡ ବିଶିଷ୍ଟ ଉଦ୍ଭିଦ, ଯାହା ଏକ କର୍କ ବା ସୋଲ ଭଳି ଛାଲିରେ ଆଚ୍ଛାଦିତ ଥାଏ। ଏହା ଉଚ୍ଚତାରେ ପ୍ରାୟ ୮ ମିଟର ଏବଂ ବ୍ୟାସରେ ୧୨ ରୁ ୨୭ ସେମି ପର୍ଯ୍ୟନ୍ତ ବଢ଼ିପାରେ। ତାଳ ଗଛ ପରି ଦେଖାଯାଉଥିବା ଏହି ବୃକ୍ଷରେ ପତ୍ରଗୁଡ଼ିକ ଗଣ୍ଡିର ଶୀର୍ଷ ଭାଗରେ ଏକ ଗୋଲାକାର ପଦ୍ଧତିରେ ମୁକୁଟ ଭଳି ସଜା ହୋଇ ରହିଥାଏ। ପତ୍ରଗୁଡ଼ିକ ଯୌଗିକ ପିନେଟ ବା ପକ୍ଷଳ, ପ୍ରାୟ ୮ ଫୁଟ ଲମ୍ବା ପର୍ଯ୍ୟନ୍ତ ବଢ଼ିଥାଏ। ପତ୍ରକ ସଂକୀର୍ଣ୍ଣ ଲମ୍ବା ସୁନ୍ଦର ଭାବରେ ତଳକୁ ବଙ୍କା ହୋଇଥାଏ। ନୂତନ ପତ୍ରଗୁଡ଼ିକ ହାଲୁକା ସବୁଜ ଥିବା ବେଳେ ପୁରୁଣା ପତ୍ର ଗଭୀର ସବୁଜ। ଏହା ନଗ୍ନ ବିଜ ବର୍ଗର ଉଦ୍ଭିଦ। ଅଣ୍ଡିରା ଓ ମାଇ ଫୁଲଗୁଡ଼ିକ ପୃଥକ ଗଛରେ ବହନ କରାଯାଏ। ଅଣ୍ଡିରା ଫୁଲଗୁଡ଼ିକ କାଣ୍ଡର ଶୀର୍ଷରେ କେନ୍ଦ୍ରସ୍ଥଳରୁ ପ୍ରାୟ ୩୦ ସେମି ଉଚ୍ଚ ଏକ ହଳଦିଆ-ମାଟିଆ ତ୍ରିକୋଣ ଆକାରର କେଶର ମଣ୍ଡଳ ବିକଶିତ କରନ୍ତି ଯେଉଁଥିରେ ଅନେକ କେଶର ସନ୍ନିବିଷ୍ଟ ଥାଏ। ଏହା ଧଳା କିମ୍ବା ହଳଦିଆ ରଙ୍ଗର, ଗୋଲାକାର ଏବଂ ପ୍ରଚୁର ପରାଗରେଣୁ ଉତ୍ପାଦନ କରେ। ମାଈ ଫୁଲଗୁଡ଼ିକ ମଧ୍ୟ ସେଭଳି କାଣ୍ଡର ଶୀର୍ଷରେ ପୃଥକ୍ ପୃଥକ୍ ଫଳିକା ବହନ କରେ, ଯାହା ଗୋଲାକାର ଆକାରରେ ସଜାଇ ହୋଇଥାଏ। ଏହାକୁ ସ୍ପୋରୋଫିଲ୍ କୁହାଯାଏ, ଯାହା ଡିମ୍ବାଣୁ ଓ ବୀଜ ବହନ କରେ। ବିହନଗୁଡ଼ିକ ଏକ ସ୍ପଞ୍ଜ ଭଳି ଆବରଣ ବା ସ୍ତର ବହନ କରେ, ଯାହା ପାଣିରେ ଭାସି ରହିବା ପାଇଁ ସହଜ ହୁଏ। ବିହନଗୁଡ଼ିକ ଛୋଟ, ହାଲୁକା ସବୁଜ ରଙ୍ଗର, ପାଚିଗଲେ ସୁଗନ୍ଧ ସହିତ ହଳଦିଆ ମାଂସଳ ଆବରଣରେ ପରିଣତ ହୁଏ। ଏକ ଧୀର ବଢୁଥିବା ଗଛ ଭାବରେ, ବିହନ ଗଜା ହେବାକୁ ୬-୧୮ ମାସ ସମୟ ନେଇପାରେ। ଗଛର କାଣ୍ଡ ଉପରେ ପ୍ରତିବର୍ଷ ଏକ ବଳୟ ଗଣନା କରି ଗଛର ବୟସ ଗଣନା କରାଯାଇପାରିବ। କାରଣ ପ୍ରତି ବର୍ଷ ପୁରୁଣା ପତ୍ର ଝଡ଼ି ପଡ଼ିଯାଏ।

ଏହା ଏଭଳି ଏକ ଉଦ୍ଭିଦ, ଯାହା ଆୟୁର୍ବେଦ ସମେତ ପାରମ୍ପରିକ ଔଷଧରେ ବ୍ୟବହୃତ ହୋଇଆସୁଛି। ଏହା ପ୍ରଦାହ-ବିରୋଧୀ, ବାତ-ବିରୋଧୀ, ଆଣ୍ଠୁ ବିକାର-ରୋଧୀ, ପାଚନ ବିକାର ରୋଧୀ, ପରଜୀବୀ-ରୋଧୀ, ସମ୍ଭାବ୍ୟ କର୍କଟ ରୋଗ-ରୋଧୀ। ଏଥିସହିତ ଏହା ସ୍ନାୟୁ ପ୍ରଣାଳୀକୁ ସୁଦୃଢ଼ କରେ, ମସ୍ତିଷ୍କ କାର୍ଯ୍ୟ ଏବଂ ସାମଗ୍ରିକ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ, ଗଣ୍ଠି ଯନ୍ତ୍ରଣା ହ୍ରାସ କରେ, କ୍ଷତ ଉପଚାର କରେ, ଶ୍ୱାସକ୍ରିୟା ବିକାରକୁ ଠିକ୍ କରେ, କେଶ ବୃଦ୍ଧିକୁ ପ୍ରୋତ୍ସାହିତ କରେ। ପତ୍ରଗୁଡ଼ିକ ମ୍ୟାଟ୍‌ରେ ପ୍ଲେଟିଂ ପାଇଁ ବ୍ୟବହୃତ ହୁଏ। ପିଥ୍ ଔଷଧୀୟ ପ୍ରସ୍ତୁତି ପାଇଁ ବ୍ୟବହୃତ ହୁଏ। ପରିପକ୍ୱ ଅଣ୍ଡିରା କେଶର ମଣ୍ଡଳଗୁଡ଼ିକୁ ଧାନ କ୍ଷେତରେ କୀଟନାଶକ ଭାବରେ ବ୍ୟବହାର କରାଯାଏ। ସାଜସଜ୍ଜା ପାଇଁ ପତ୍ର ଅମଳ କରାଯାଏ। କୋମଳ ପତ୍ର ଖାଦ୍ୟଯୋଗ୍ୟ। ବିହନଗୁଡ଼ିକ ବିଷାକ୍ତ ହୋଇଥିବାରୁ ଅତିକମରେ ପାଞ୍ଚଥର ପାଣିରେ ଭିଜାଇ ଏବଂ ପ୍ରତ୍ୟେକ ଥର ଧୋଇଥିବା ପାଣି ଫୋପାଡ଼ି ବିଷ ବାହାର କରାଯାଏ। ଏହାପରେ ବିହନଗୁଡ଼ିକୁ ଶୁଖାଇ ମଇଦାରେ ପେଷି ଦିଆଯାଏ। ମଇଦାକୁ ଟର୍ଟିଲା, ଟାମାଲେ, ସୁପ୍ ଓ ପୋରିଜ୍ ତିଆରି କରିବାରେ ବ୍ୟବହାର କରାଯାଏ। ଦକ୍ଷିଣ କେରଳରେ, ବିଶେଷକରି ମାଲାବାର ଓ ଇଡୁକ୍କି ଜିଲ୍ଲାରେ ଫଳଗୁଡ଼ିକୁ ପ୍ରକ୍ରିୟାକରଣ ପଦ୍ଧତି ପରେ ବ୍ୟବହାର କରାଯାଏ। ଇଡୁକ୍କି ଜିଲ୍ଲାର 'ମନ୍ନାନ' ନାମକ ଆଦିବାସୀମାନେ କଅଁଳ ଫଳଗୁଡ଼ିକୁ ସଂଗ୍ରହ କରି ଛୋଟ ଛୋଟ ଖଣ୍ଡ କରି ପାଣିରେ ଫୁଟାନ୍ତି ଏବଂ ଏହି ପ୍ରକ୍ରିୟାକୁ ଦୁଇ କିମ୍ବା ତିନି ଥର ପୁନରାବୃତ୍ତି କରନ୍ତି। ଏହା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି କୁହାଯାଏ। ଏଥିରେ ବାଇ-ଫ୍ଲାଭୋନଏଡ୍ସ, ଟେଟ୍ରା-ହାଇଡ୍ରୋ-ଆଇସୋଜିଙ୍କଜେଟିନ୍, ନ୍ୟୁରୋଟକ୍ସିନ୍ ସମେତ ପ୍ରଚୁର ଫାଇଟୋକେମିକାଲ୍ସ ବା ଜୈବ ରାସାୟନିକ ଉପାଦାନ ରହିଛି।

ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସଂଘ(ଆଇୟୁସିଏନ୍) ସୂଚନା ଅନୁଯାୟୀ ଅର୍ଗୁଣା ଏବେ ବିପଦପୂର୍ଣ୍ଣ ବର୍ଗର ଏବଂ ପଶ୍ଚିମଘାଟ ପର୍ବତମାଳାରେ ପ୍ରାୟତଃ ସୀମିତ। ସୌନ୍ଦର୍ଯ୍ୟ, ଭୂଦୃଶ୍ୟ ଓ ଭିତରର ସାଜସଜ୍ଜା ପାଇଁ ଏହି ଉଦ୍ଭିଦକୁ ବ୍ୟାପକ ଭାବରେ ଚାଷ କରାଯାଏ। ଏହା କମ୍ ରକ୍ଷଣାବେକ୍ଷଣ ଆବଶ୍ୟକ କରେ ଏବଂ ବିଭିନ୍ନ ଜଳବାୟୁରେ ସ୍ୱଚ୍ଛନ୍ଦରେ ବଢ଼ିବାର କ୍ଷମତା ରହିଛି। ●

ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୧୦ରେ ସମ୍ବଲପୁରରେ ଛାତ୍ରଯୁବ ଆକ୍ରୋଶ ସମାବେଶ

### ଯୋଗଦେବେ କଂଗ୍ରେସ ନେତା କହ୍ନେୟା କୁମାର

ଭୁବନେଶ୍ୱର, ୭।୬ (ସମିସ): ଦୁଇଥର ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣା ସହ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାର ଓଏସ୍ଏମ୍ ଅନିୟମିତତାର ଉତ୍ତରଦାୟିତ୍ୱ ମୁଣ୍ଡାଇ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଥିଲେ ତାଙ୍କ ସମ୍ମାନ ରହିଥା'ନ୍ତା ଏବଂ ଓଡ଼ିଶାର ସ୍ୱାଭିମାନ ଭୂ-ଲୁଣ୍ଠିତ ହୋଇନଥା'ନ୍ତା। ଉପରୋକ୍ତ ପ୍ରସଙ୍ଗରେ ରାଜ୍ୟର ଛାତ୍ର ଓ ଯୁବସମାଜ ଜାଗ୍ରତ ହୋଇ ସଚେତନ ହେବା ସହ ରାଜରାସ୍ତାକୁ ଓହ୍ଲାନ୍ତୁ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ଆହ୍ୱାନ ଦେଇଛନ୍ତି। ଆସନ୍ତା ୧୦ ତାରିଖରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ସମ୍ବଲପୁରଠାରେ ଛାତ୍ର କଂଗ୍ରେସ ପକ୍ଷରୁ ଆୟୋଜିତ ହେଉଥିବା ଛାତ୍ରଯୁବ ଆକ୍ରୋଶ ସମାବେଶରେ ଯୋଗଦେବା ପାଇଁ ନାହିଁ ନଥିବା ଆଗ୍ରହ ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ସ୍ଥାନୀୟ

**ନିଟ୍ ବିଭ୍ରାଟକୁ ନେଇ ରାସ୍ତାକୁ ଓହ୍ଲାଇବ କଂଗ୍ରେସ**

ଗ୍ରାଣ୍ଡ ଶିବା ହୋଟେଲରେ ଆୟୋଜିତ ଦ୍ୱିତୀୟ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ପିସିସି ସଭାପତି ଶ୍ରୀ ଦାସ କହିଥିଲେ, ଅତୀତରେ ଛାତ୍ର ଆନ୍ଦୋଳନ ରାଜନୀତିକୁ ଅନେକ ମେଧାବୀ ରାଜନେତା ଆଣିବାରେ ସହାୟକ ହୋଇଥିଲା। ୧୦ତାରିଖର ସମାବେଶରେ ବହୁ ସଚେତନ ଛାତ୍ରନେତା ଭାଗ ନେଉଥିବାରୁ ଏହି ସମାବେଶରୁ ବହୁ ପ୍ରତିଭାବାନ ରାଜନେତା ସୃଷ୍ଟି ହେବେ ବୋଲି ସେ ଆଶା ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ, ୧୦ ତାରିଖ ଅପରାହ୍ଣ ୫ଟାରେ ଧନକଉଡ଼ା ବ୍ଲକ୍ ଅଫିସ୍ ପାଖ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଏହି ସମାବେଶରେ କଂଗ୍ରେସ ନେତା କହ୍ନେୟା କୁମାରଙ୍କ ସମେତ ଛାତ୍ର କଂଗ୍ରେସର ଜାତୀୟ ସଭାପତି ବିନୋଦ ଝାଖଡ଼ ଏବଂ ବହୁ ଜାତୀୟସ୍ତରର ଛାତ୍ରନେତା ଯୋଗଦେବେ। ସେଦିନ ଅପରାହ୍ଣ ସାଢ଼େ ୩ଟାରେ ଅଇଁଠାପାଲି ମଙ୍ଗଳା ମନ୍ଦିର ପାଖରୁ ଏକ ବିଶାଳ ବାଇକ୍ ରାଲି ବାହାରି ସଭାସ୍ଥଳରେ ପହଞ୍ଚିବ ବୋଲି ସ୍ଥିର ହୋଇଛି।

## ସୁକିନ୍ଦା ରେଲୱେ କ୍ୟାମ୍ପରେ ଦୁଇ ଶ୍ରମିକଙ୍କ ମୃତ୍ୟୁ

ସୁକିନ୍ଦା, ୭।୬ (ସମିସ): ସୁକିନ୍ଦା ରେଲୱେ ଷ୍ଟେସନ୍ ନିକଟ କ୍ୟାମ୍ପରେ ଦୁଇ ଶ୍ରମିକଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ମୃତକଦ୍ୱୟ ପଶ୍ଚିମବଙ୍ଗ ଅଞ୍ଚଳର। ସେମାନେ ରେଳ ବିଭାଗର ଠିକାସଂସ୍ଥାରେ ଶ୍ରମିକ ଭାବେ କାମକରୁଥିବାଜଣାପଡ଼ିଛି।ସୂଚନାଅନୁସାରେ, ସୁକିନ୍ଦା ରେଲୱେ କ୍ୟାମ୍ପରେ କାର୍ଯ୍ୟରତ ରବି ସୋରେନ୍ ଓ ଲାଦେନ ନାୟକ ନାମକ ଦୁଇ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ଗତ ଶନିବାର ରାତିରେ ଗୁରୁତର ହୋଇଥିଲା। ସେଠାରେ ଥିବା ଅନ୍ୟ ଶ୍ରମିକମାନେ ଉଭୟ ଯୁବକଙ୍କୁ ତୁରନ୍ତ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରବି ସୋରେନ୍‌କୁ ମୃତ ଘୋଷଣା କରିଥିବା ବେଳେ ଲାଦେନ ନାୟକର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲାଦେନର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ପାଇ ସୁକିନ୍ଦା ପୁଲିସ ମୃତ ଯୁବକଙ୍କ ପରିବାରବର୍ଗଙ୍କୁ ସୂଚନା ଦେବା ସହ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଦୁଇ ଯୁବକଙ୍କ ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ଏହି ମୃତ୍ୟୁକୁ ନେଇ ଅନେକ ସନ୍ଦେହ ପ୍ରକାଶ ପାଇଛି। ଏହି ଘଟଣାର ତଦନ୍ତ କରାଗଲେ ମୃତ୍ୟୁର ରହସ୍ୟ ଖୋଲିବ ବୋଲି ଚର୍ଚ୍ଚା ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହାଣ୍ଡିଶାଳକୁ ଗ୍ୟାସ୍...

କରିଥିଲେ। ଫଳରେ ଦିଲ୍ଲୀରେ ବାଣିଜ୍ୟିକ ସିଲିଣ୍ଡର ଦର ୪୨ ଟଙ୍କା ମହଙ୍ଗା ହୋଇ ୩୧୧୩ ଟଙ୍କାରେ ପହଞ୍ଚିଥିଲା। ସେହିପରି ସାଧାରଣ ଲୋକଙ୍କେ ବ୍ୟବହାର କରୁଥିବା ୫କେଜି ବିଶିଷ୍ଟ ସିଲିଣ୍ଡରର ଦାମ୍ ୧୧ଟଙ୍କା ବୃଦ୍ଧି ପାଇ ୮୨୧ଟଙ୍କା ଛୁଇଁଥିଲା। ଘରୋଇ ଏଲପିଜି ସିଲିଣ୍ଡର ମୂଲ୍ୟରେ ବୃଦ୍ଧି ପରେ ବିରୋଧୀ ଦଳଗୁଡିକ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। କଂଗ୍ରେସ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ' ରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ମୁଦ୍ରାସ୍ଫୀତି ମ୍ୟାନ ମୋଦି' ବୋଲି କହିଛି। ସରକାର ସାଧାରଣ ଲୋକଙ୍କ ପକେଟ ଉପରେ ବୋଝ ଲଦୁଥିବା ଦଳ ଅଭିଯୋଗ କରିଛି। କଂଗ୍ରେସ କହିଛି ଯେ, ମୋଦି ସରକାରଙ୍କ ନୀତି ସ୍ପଷ୍ଟ। ଜନସାଧାରଣଙ୍କଠାରୁ ଟଙ୍କା ବାହାର କରି ଏହାର ନିକଟତର ଶିଳ୍ପପତିମାନଙ୍କୁ ଲାଭ ପହଞ୍ଚାଇବା।

### ୮ ରାଜ୍ୟରେ...

ବିଶ୍ୱବ୍ୟାପୀ ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇପାରେ ଏବଂ ଏହା ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିପାରେ। କେରଳ, କର୍ଣ୍ଣାଟକ ଓ ତାମିଲନାଡୁରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା। ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ଝଡ଼ତୋଫାନ ସହ ବର୍ଷା ହୋଇପାରେ। ରାଜସ୍ଥାନ, ପଞ୍ଜାବ, ଦିଲ୍ଲୀ ଏବଂ ମଧ୍ୟପ୍ରଦେଶରେ ପ୍ରବଳ ପବନ ବହିବ। ଓଡ଼ିଶା, ବିହାର, ଝାଡ଼ଖଣ୍ଡ ସମେତ ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକରେ ବର୍ଷା ଜାରି ରହିବ। ରାଜସ୍ଥାନରେ ୩୦ ରୁ ୫୦ କିଲୋମିଟର ବେଗରେ ଗରମ ଓ ପ୍ରବଳ ପବନ ବହିବାର ସୂଚନା ରହିଛି। ମଧ୍ୟପ୍ରଦେଶରେ ଜୁନ୍ ୨୦ ପୂର୍ବରୁ ମୌସୁମୀ ପହଞ୍ଚିବା ନେଇ ଆଶା କରାଯାଉଥିବା ବେଳେ ଉତ୍ତର ପ୍ରଦେଶରେ ଏହା ପ୍ରାୟ ୪ ରୁ ୬ ଦିନ ବିଳମ୍ବରେ ଅର୍ଥାତ୍ ଜୁନ୍ ୨୪ ଆଡ଼କୁ ପହଞ୍ଚିପାରେ। ଛତିଶଗଡ଼ରେ ଆଗାମୀ ୪-୫ ଦିନ ମଧ୍ୟରେ ମୌସୁମୀ ପ୍ରବେଶ କରିବ। ବିହାରର ୨୭ଟି ଜିଲ୍ଲାରେ ଏବଂ ଝାଡ଼ଖଣ୍ଡର ୨୦ଟି ଜିଲ୍ଲାରେ ବଜ୍ରପାତ ଓ ବର୍ଷା ପାଇଁ 'ୟେଲୋ ଆଲର୍ଟ' ଜାରି କରାଯାଇଛି। ପଞ୍ଜାବରେ ଜୁନ୍ ୮ ରୁ ୧୨ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହର ସତର୍କତା ରହିଛି।

### ୩-୪ ଦିନ...

ବଙ୍ଗୋପସାଗରର ଅଧିକ ଅଞ୍ଚଳକୁ ମୌସୁମୀ ବାୟୁ ଅଗ୍ରସର ହେବାର ସମ୍ଭାବନା ରହିଛି। ସେହିପରି ଛତିଶଗଡ଼ ଓ ଓଡ଼ିଶାର କିଛି ଅଞ୍ଚଳ, ଉତ୍ତର-ପୂର୍ବ ଭାରତର ଅବଶିଷ୍ଟ ରାଜ୍ୟଗୁଡ଼ିକ ଏବଂ ଉପ-ହିମାଳୟ ପଶ୍ଚିମବଙ୍ଗ ଓ ସିକ୍କିମର କିଛି ଭାଗରେ ମଧ୍ୟ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ରହିଛି। ଏହାର ପ୍ରଭାବରେ କିଛି ସ୍ଥାନରେ ବର୍ଷା ବୃଦ୍ଧି ପାଇବା ସହ ଗ୍ରୀଷ୍ମ ପ୍ରବାହରୁ ଆଂଶିକ ଆଶ୍ୱସ୍ତି ମିଳିବ ଅର୍ଥାତ ଓଡ଼ିଶାରେ ମଧ୍ୟ ପ୍ରାକ୍ ମୌସୁମୀ ବର୍ଷା ଦେଖାଯିବ। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ବଙ୍ଗୋପସାଗରରେ ମୌସୁମୀ ପ୍ରକ୍ରିୟା ଯାହା ମନ୍ଥର ରହିଥିଲା, ବିଗତ ୨ ଦିନ ମଧ୍ୟରେ ସେଥିରେ ସୁଧାର ଦେଖାଯାଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବଙ୍ଗୋପସାଗରରେ ଆହୁରି ଆଗକୁ ବଢ଼ିଛି ଏବଂ ସାମୁଦ୍ରିକ ଆର୍ଦ୍ରତା ଧୀରେ ଧୀରେ ଓଡ଼ିଶା ଉପରକୁ ବିସ୍ତାର କରୁଛି। ଉପକୂଳ ଏବଂ ଦକ୍ଷିଣ ଜିଲ୍ଲାଗୁଡ଼ିକରେ ପାଗ ଶୁଖିଲା ଗରମରୁ ମେଘୁଆ ଓ ଗୁଳୁଗୁଳିପୂର୍ଣ୍ଣ ଅବସ୍ଥାକୁ ବଦଳିଯାଇଛି ଏବଂ ବାରମ୍ବାର ଘଡ଼ଘଡ଼ି ସହ ବର୍ଷା ହେଉଛି। ଅନ୍ୟପଟେ, ପଶ୍ଚିମ ଓଡ଼ିଶାରେ ତାପମାତ୍ରାରୁ ବିଶେଷ ଆଶ୍ୱସ୍ତି ମିଳିନାହିଁ ଏବଂ ଲୋକେ ଏବେ ମଧ୍ୟ ବର୍ଷାକୁ ଅପେକ୍ଷା କରିଛନ୍ତି। ଯଦିଓ ବଙ୍ଗୋପସାଗରରେ ଏପର୍ଯ୍ୟନ୍ତ କୌଣସି ସୁସଂଗଠିତ ଲଘୁଚାପ କ୍ଷେତ୍ର କିମ୍ବା ଅବପାତ ସୃଷ୍ଟି ହୋଇନାହିଁ, ତଥାପି ମୌସୁମୀ ଦୁର୍ବଳ ହେବାର କୌଣସି ସଙ୍କେତ ନାହିଁ। ଗୋଟିଏ ସପ୍ତାହ ପୂର୍ବର ସ୍ଥିତି ତୁଳନାରେ ବର୍ତ୍ତମାନର ବାୟୁମଣ୍ଡଳୀୟ ପରିବେଶ ମୌସୁମୀର ଅଗ୍ରଗତି ପାଇଁ ଅଧିକ ଅନୁକୂଳ ହେବାରେ ଲାଗିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ବର୍ତ୍ତମାନର ସୂଚନା ଅନୁଯାୟୀ ଉପକୂଳରେ ୮-୧୦ ଜୁନ୍ ମଧ୍ୟରେ ଆକାଶରେ ମେଘର ପରିମାଣ ବୃଦ୍ଧି ପାଇବ, ଗୁଳୁଗୁଳି ବଢ଼ିବ ଏବଂ କାଳବୈଶାଖୀ ଜନିତ ବିଜୁଳି ଘଡ଼ଘଡ଼ି ସହ ବର୍ଷାର ପ୍ରକୋପ ଅଧିକ ଦେଖାଯିବ। ଦିନର ତାପମାତ୍ରା ଧୀରେ ଧୀରେ ହ୍ରାସ ପାଇବ। ଅଧିକାଂଶ ଉପକୂଳ ଓଡ଼ିଶାରେ ୧୦ ରୁ ୧୩ ଜୁନ୍ ମଧ୍ୟରେ ମୌସୁମୀ ପ୍ରବେଶ କରିବାର ସମ୍ଭାବନା ସବୁଠାରୁ ଅଧିକ ରହିଛି। ଲଗାତାର ମେଘୁଆ ପାଗ ଏବଂ ବ୍ୟାପକ ବର୍ଷା ସହ ୧୨ ରୁ ୧୫ ଜୁନ୍ ମଧ୍ୟରେ ମୌସୁମୀ ପାଗ ସମ୍ପୂର୍ଣ୍ଣ ରୂପେ ପ୍ରତିଷ୍ଠିତ ହେବାର ସମ୍ଭାବନା ଅଛି। ପଶ୍ଚିମ ଓଡ଼ିଶାରେ ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଉପକୂଳ ଅଞ୍ଚଳ ତୁଳନାରେ ପଶ୍ଚିମ ଓଡ଼ିଶାରେ ଅଧିକ ଗରମ ଜାରି ରହିବ। ୬ ରୁ ୧୦ ଜୁନ୍ ମଧ୍ୟରେ ସାମୟିକ ଗ୍ରୀଷ୍ମ ପ୍ରବାହ ସହ ମଝିରେ ମଝିରେ ଘଡ଼ଘଡ଼ି ସହ ବର୍ଷାର ପରିମାଣ ବୃଦ୍ଧି ପାଇବ। ୧୦ ରୁ ୧୩ ଜୁନ୍ ମଧ୍ୟରେ ଆର୍ଦ୍ରତା ବୃଦ୍ଧି ଏବଂ ଘନ ମେଘମାଳା ଯୋଗୁଁ ପାଗରେ ପରିବର୍ତ୍ତନ ଆସିବ। ବର୍ତ୍ତମାନର ଆକଳନ ଅନୁଯାୟୀ, ଅଧିକାଂଶ ପଶ୍ଚିମ ଓଡ଼ିଶାରେ ୧୨ ରୁ ୧୬ ଜୁନ୍ ମଧ୍ୟରେ ମୌସୁମୀ ପ୍ରବେଶ କରିବାର ସମ୍ଭାବନା ଅଛି ଏବଂ ଏହାପରେ ୧୫ ରୁ ୧୮ ଜୁନ୍ ମଧ୍ୟରେ ବ୍ୟାପକ ଭାବେ ମୌସୁମୀ ବର୍ଷା ସ୍ଥାପିତ ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ରାଜ୍ୟରେ ଏବେ ଲଗାତାର ଭାବେ କାଳବୈଶାଖୀ ଜନିତ ବର୍ଷା ସ୍ଥିତି ଜାରି ରହିଛି। ରବିବାର ଭୁବନେଶ୍ୱର-କଟକ ସମେତ ରାଜ୍ୟର ଏକାଧିକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଅନୁଭୂତ ହୋଇଛି। ସାଢ଼େ ୫ ଟା ସୁଦ୍ଧା କଟକରେ ସର୍ବାଧିକ ୩୧ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବାରିପଦାରେ ୧୧ ଓ ଭୁବନେଶ୍ୱରରେ ୬ ମିମି ବର୍ଷା ହୋଇଛି। ମୌସୁମୀ ଆସିବା ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଦିନ ବେଳା ଭୀଷଣ ଗୁଳୁଗୁଳି ସହ ଅପରାହ୍ଣ ପରେ କାଳବୈଶାଖୀ ଜନିତ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### ବଜ୍ରପାତରେ ଭାଙ୍ଗିଲା...

ଉପରେ ବଜ୍ରାଘାତ ହେବା ଘଟଣା ପ୍ରଥମ ବୋଲି ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ବର୍ତ୍ତମାନ ଚଣ୍ଡୀମନ୍ଦିରର ବ୍ୟାପକ ସୌନ୍ଦର୍ଯ୍ୟୀକରଣ ଓ ନବକଳେବର କାର୍ଯ୍ୟ ବ୍ୟୟବହୁଳ ଭାବେ ଜାରି ରହିଛି। ନୂତନ ମନ୍ଦିର ନିର୍ମାଣ ସହ ମାତ୍ର କିଛି ଦିନ ତଳେ ହିଁ ଏହି ନୂଆ ଦଧିନଉତି ମନ୍ଦିର ଚୂଡ଼ାରେ ସ୍ଥାପନ କରାଯାଇଥିଲା। ମାତ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହେବା ପୂର୍ବରୁ ଆଜିର ଏହି ଦୁର୍ଭାଗ୍ୟଜନକ ଘଟଣା ସରକାରୀ ସୁରକ୍ଷା ବ୍ୟବସ୍ଥାର ବଡ଼ ତ୍ରୁଟିକୁ ପଦାରେ ପକାଇଛି। ମନ୍ଦିର ଉପରେ ବଜ୍ରପାତ ନିରୋଧକ 'ଆର୍ଥିଂ' ବ୍ୟବସ୍ଥା କରାଯାଇଥିବା ସତ୍ତ୍ୱେ ତାହା କାହିଁକି କାମ କଲା ନାହିଁ ଏବଂ ଏତେ ବଡ଼ କ୍ଷତି ଘଟିଲା, ତାହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ମନ୍ଦିରର ଉନ୍ନୟନ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ବଜ୍ରପାତ ଭଳି ସମ୍ବେଦନଶୀଳ ସୁରକ୍ଷା ବ୍ୟବସ୍ଥା ପ୍ରତି କାହିଁକି ଯଥେଷ୍ଟ ଗୁରୁତ୍ୱ ଦିଆଯାଇନି, ସେନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତୁରନ୍ତ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀ ଓ ଦେବୋତ୍ତର ବିଭାଗକୁ ଅବଗତ କରାଯାଇଛି। ଆଗକୁ ବଡ଼ ଦୁର୍ଘଟଣା ଏଡ଼ାଇବା ପାଇଁ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ବିପଜ୍ଜନକ ଭାବେ ଝୁଲୁଥିବା ପଥରଗୁଡ଼ିକୁ ତୁରନ୍ତ ହଟାଇବା ସହ ଦଧିନଉତିର ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ପାଇଁ ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁମାନେ ଦାବି କରିଛନ୍ତି।

### ବକୁଳବନ ଢାଞ୍ଚାରେ...

କାର୍ଯ୍ୟକ୍ରମରେ ଯୋଗଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଯେଉଁ ଜାତି ତା'ର ଶିକ୍ଷା ବ୍ୟବସ୍ଥାକୁ ବିକଶିତ କରିଛି, ସେ ଜାତି ଆଗକୁ ବଢ଼ିଛି । ସେହିପରି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପିଲାମାନେ ଉତ୍ତମ ଶିକ୍ଷା ଗ୍ରହଣ କଲେ ନିଜର ଉଜ୍ୱଳ ଭବିଷ୍ୟତ ଗଠନ ସହ ଦେଶ ଓ ରାଜ୍ୟର ପ୍ରଗତିରେ ଯୋଗଦାନ ଦେବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଅନ୍ୟତମ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ଯୋଜନା ମାଧ୍ୟମରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂ, ଖୋର୍ଦ୍ଧା ଜିଲ୍ଲାପାଳ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାରୁ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ଯୋଡ଼ି ହୋଇଥିଲେ। ଗଣଶିକ୍ଷା ବିଭାଗ ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଭାରତରେ ହ୍ରାସ...

ପାଇଁ ଏକ ବଡ଼ ଦାୟିତ୍ୱ ପାଳଟିଛି। ଟେଲିଭିଜନ ଏବଂ ଆଧୁନିକ ଜୀବନଶୈଳୀ ପ୍ରଭାବରେ ଛୋଟ ପରିବାର ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ଏହି ରିପୋର୍ଟକୁ ନେଇ ବିଶ୍ୱର ପ୍ରସିଦ୍ଧ ଶିଳ୍ପପତି ଏଲନ୍ ମସ୍କ ମଧ୍ୟ ସୋସିଆଲ ମିଡିଆରେ ଚିନ୍ତା ପ୍ରକଟ କରି ଲେଖିଛନ୍ତି ଯେ, ଭାରତର ଉଚ୍ଚ ଶିକ୍ଷିତ ଶ୍ରେଣୀ ମଧ୍ୟରେ ଅନେକ ବର୍ଷ ପୂର୍ବରୁ ପ୍ରଜନନ ହାର ହ୍ରାସ ପାଇସାରିଥିଲା ଏବଂ ଏବେ ସମଗ୍ର ଦେଶରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି।

### +୩ ଆଡମିସନ୍...

ଅଭାବରୁ ନିଜର ଆଡ଼ମିସନ୍ କିପରି କରିବେ, ସେନେଇ ଚିନ୍ତାରେ ପଡ଼ିଛନ୍ତି। +୩ ଆଡମିସନ୍ ସହ ପୁଅର ଉଚ୍ଚଶିକ୍ଷା ପାଇଁ ସରକାର ସହାୟତା କରିବାକୁ ଆକୁଳ ନିବେଦନ କରିଛନ୍ତି ମାନସଙ୍କ ମା'।

## ମହେନ୍ଦ୍ର ମେଳାରେ ଜମୁଛି ଭିଡ଼
## ଟ୍ରାଫିକ୍ ଓ ପରିବହନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ




ପାରଳାଖେମୁଣ୍ଡି, ୭।୬(ସମିସ): ଗଜପତି ଜିଲ୍ଲାର ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ଚାଲିଥିବା ମହେନ୍ଦ୍ରମେଳାରେ ପ୍ରବଳ ଭିଡ଼ ଜମୁଛି। ମେଳା ଆଉ ଦୁଇଦିନ ଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ି ଚାଲିଥିବା ବେଳେ ପରିବହନ ଓ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାକୁ ନେଇ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି କଇଁପୁର ତଥା ବୁରଖତ ଯିବା ପାଇଁ ପର୍ଯ୍ୟାପ୍ତ ବସ୍ ବା ଯାତ୍ରୀବାହୀ ଗାଡ଼ି ମିଳୁ ନଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଲାଞ୍ଜିପଦର ଛକଠାରୁ ଆରମ୍ଭ କରି ପାରଳାଖେମୁଣ୍ଡି ସହରରେ ଶ୍ରଦ୍ଧାଳୁମାନେ ମହେନ୍ଦ୍ର ଯିବା ପାଇଁ ଆଗଭର ହେଉଥିଲେ ହେଁ ପର୍ଯ୍ୟାପ୍ତ ଯାତ୍ରୀବାହୀ ସେବା ମିଳୁନଥିବାରୁ ଲୋକେ ଅସହ୍ୟ ଖରାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି।

ସେହିପରି ମହେନ୍ଦ୍ରାଞ୍ଚଳରେ ଆଜି ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲେ ହେଁ ସେଠାରେ ଉପୁଜିଥିବା ଟ୍ରାଫିକ ସମସ୍ୟା ଓ ମହେନ୍ଦ୍ର ଶିଖରକୁ ଯିବା ପାଇଁ ବ୍ୟବସ୍ଥା ଶ୍ରଦ୍ଧାଳୁଙ୍କୁ ଅତିଷ୍ଠ କରିଥିଲା। ତେବେ ପ୍ରଶାସନ ଓ ପୁଲିସ ପକ୍ଷରୁ ପର୍ଯ୍ୟାପ୍ତ ବ୍ୟବସ୍ଥା ହୋଇଥିଲେ ମଧ୍ୟ ବିପୁଳ ଜନ ସମାଗମ ଯୋଗୁଁ ଶ୍ରଦ୍ଧାଳୁମାନେ ନାନାଦି ସମସ୍ୟାରେ ପଡ଼ିଥିଲେ। ମହେନ୍ଦ୍ରଗିରିକୁ ଯାଉଥିବା ରାସ୍ତାରେ ଗାଡ଼ିର ଲମ୍ବା ଧାଡ଼ି ଲାଗି ରହିଥିଲା। ଶହ ଶହ ଯାନବାହାନ ଅଟକି ରହିଥିଲା। ସେହିପରି ବସ୍‌ଗୁଡ଼ିକରେ ମଧ୍ୟ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଅନ୍ୟପକ୍ଷରେ ପାନୀୟଜଳ, ବିଶ୍ରାମସ୍ଥଳୀ ଓ ଛାୟା ବ୍ୟବସ୍ଥାର ଅଭାବ ଯୋଗୁଁ ଶ୍ରଦ୍ଧାଳୁମାନେ ହନ୍ତସନ୍ତ ହୋଇଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ମୁତୟନ ହୋଇଥିଲେ ମଧ୍ୟ ପ୍ରବଳ ଭିଡ଼ ଯୋଗୁଁ ବହୁ ସ୍ଥାନରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ପାରଳାଖେମୁଣ୍ଡି ସହରରୁ ମହେନ୍ଦ୍ର ଯିବା ପାଇଁ ଆଜି ୭ଟି ବସ୍‌ର ବ୍ୟବସ୍ଥା ହୋଇଥିଲା। ତେବେ ସଠିକ୍ ପରିଚାଳନା ହୋଇପାରିନଥିବାରୁ ଅନେକ ଶ୍ରଦ୍ଧାଳୁ ଯାଇନପାରି ଅସନ୍ତୋଷ ଜାହିର କରିଥିଲେ।

## ପିକଅପ୍ ଓଲଟି ଜଣେ ମୃତ; ୩୦ରୁ ଊର୍ଦ୍ଧ୍ୱ ଆହତ



ପାତ୍ରପୁର, ୭।୬(ସମିସ): ପବିତ୍ର ମହେନ୍ଦ୍ର ମେଳା ଦର୍ଶନ ସାରି ଫେରିବା ବାଟରେ ବ୍ରେକ-ଫେଲ୍ ହେବାରୁ ପିକଅପ୍ ଓଲଟି ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତାହତଙ୍କ ପରିଚୟ ମିଳିପାରିନଥିବା ବେଳେ ସମସ୍ତେ ଚିକିଟି ନୂଆଁସାହିର ବାସିନ୍ଦା ବୋଲି ଜଣାପଡ଼ିଛି। ଏକ ପିକ୍-ଅପ୍‌ରେ ୩୦ରୁ ଊର୍ଦ୍ଧ୍ୱ ଲୋକ ଆସୁଥିବା ବେଳେ ଜରଡ଼ା ଥାନା ଅଣ୍ଡଅଣ୍ଡା ନିକଟରେ ବ୍ରେକ ଫେଲ୍ ହୋଇଥିବା ବେଳେ ଭାରସାମ୍ୟ ହରାଇ ଗାଡ଼ିଟି ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ପୁଲିସ ସହାୟତାରେ ଆହତଙ୍କୁ ଉଦ୍ଧାର କରି ଅଟୋ ଯୋଗେ ମେଡିକାଲ ପଠାଇଥିଲେ। ଘଟଣାସ୍ଥଳରେ ଜରଡ଼ା ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

■ କ୍ଷତିପୂରଣ ଅର୍ଥ ପଇଠ ସତ୍ତ୍ୱେ ଲୁହାପଥର ଖଣି ଲିଜ୍ ବାତିଲ ପ୍ରସଙ୍ଗ

## ସ୍ଥିତାବସ୍ଥା ବଜାୟ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୭।୬(ସମିସ): କେନ୍ଦୁଝର ଜିଲ୍ଲାରେ ଅବସ୍ଥିତ ଦେଓଝର ଲୁହାପଥର ଖଣିର ଲିଜ୍ ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୧୧.୫୩୭ ହେକ୍ଟର୍ ପରିମିତ ଏହି ଖଣି ଲିଜ୍ ମାମଲାରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବର୍ତ୍ତମାନର ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ହାଇକୋର୍ଟଙ୍କ ଅବକାଶକାଳୀନ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ ମୃଗାଙ୍କ ଶେଖର ସାହୁ ଓ ଜଷ୍ଟିସ ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ କୁନାଲ କିଶୋର ଦାସଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟଙ୍କ ସେଲିବ୍ରେଟେଡ୍ 'କମନ କଜ୍' ମାମଲାର ରାୟ ଆଧାରରେ ଏମଏମଡିଆର ଆକ୍ଟର ଧାରା ୨୧(୫) ଅନୁଯାୟୀ, ଅତିରିକ୍ତ ଉତ୍ପାଦନ ଓ ଅବ୍ୟବହୃତ ଖଣିଜ ପଦାର୍ଥ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉପରୋକ୍ତ ଖଣି ଲିଜଧାରୀଙ୍କଠାରୁ କ୍ଷତିପୂରଣ ଦାବି କରାଯାଇଥିଲା। କ୍ଷତିପୂରଣ ରାଶି ଠିକ୍ ସମୟରେ ପୈଠ ନ ହେବା କାରଣରୁ ରାଜ୍ୟ ସରକାର ୨୦୧୮ ସେପ୍ଟେମ୍ବର ୨୦ ତାରିଖରେ ଏହି ଖଣି ଲିଜ୍‌କୁ ରଦ୍ଦ କରିଦେଇଥିଲେ। ରିଭିଜିନାଲ ଅଥରିଟି ଗତ ୨୦୨୫ ଜାନୁଆରୀ ୨୭ରେ ଆବେଦନକାରୀଙ୍କ ଆବେଦନକୁ ଫେରାଇଦେବା ପରେ ସେ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ।

ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ଅବଗତ କରାଯାଇଥିଲା ଯେ ବର୍ତ୍ତମାନ ସୁଦ୍ଧା ସମସ୍ତ ବେଆଇନ ଉତ୍ପାଦନ ଏବଂ ଅବ୍ୟବହୃତ ଖଣିଜ ପଦାର୍ଥ ବାବଦକୁ ଧାର୍ଯ୍ୟ କରାଯାଇଥିବା ସମସ୍ତ କ୍ଷତିପୂରଣ ରାଶି ସୁଧ ସହ ସମ୍ପୂର୍ଣ୍ଣ ଭାବେ ଜମା କରାଯାଇ ସାରିଛି। ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟ ଇସ୍ପାତ ଓ ଖଣି ବିଭାଗକୁ ଲେଖାଯାଇଥିବା ଚିଠି ଅନୁଯାୟୀ, ବର୍ତ୍ତମାନ ଆବେଦନକାରୀଙ୍କ ନାମରେ କୌଣସି ବକେୟା ରାଶି ନାହିଁ। ସମସ୍ତ ଅର୍ଥ ପ୍ରଦାନ ସରିଥିବାରୁ ଲିଜ୍ ରଦ୍ଦ ପ୍ରକ୍ରିୟା ପ୍ରତ୍ୟାହାର କରିବାକୁ ଏବଂ କେନ୍ଦୁଝର ଜିଲ୍ଲାପାଳଙ୍କ ଅଦାଲତରେ ଚାଲିଥିବା ସାର୍ଟିଫିକେଟ୍ ମାମଲାକୁ ବନ୍ଦ କରିବାକୁ ପ୍ରାର୍ଥନା କରାଯାଇଛି। କେବଳ କ୍ଷତିପୂରଣ ଅର୍ଥ ବକେୟା ଯୋଗୁଁ ଲିଜ୍ ରଦ୍ଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଯେହେତୁ ସମସ୍ତ ଅର୍ଥ ସୁଧ ସହ ପୈଠ ହୋଇସାରିଛି, ତେଣୁ ସେ ଲିଜ୍ ଫେରିପାଇବାକୁ ଯୋଗ୍ୟ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ହାଇକୋର୍ଟ ଏହି ମାମଲାରେ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ଜୁଲାଇ ୧୦ ସୁଦ୍ଧା ଜବାବ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଦେଓଝର ଲୁହାପଥର ଖଣି ଲିଜ୍ ଉପରେ ସ୍ଥିତାବସ୍ଥା ଜାରି ରହିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

## ଆର୍‌ପିଏଫ ଇନ୍ସପେକ୍ଟର ନିଲମ୍ବିତ

ରାଉରକେଲା, ୬।୬(ସମିସ): ରାଉରକେଲାର ଆରପିଏଫ ଇନ୍ସପେକ୍ଟର କମଲେସ ସମାଦାରଙ୍କୁ ଆଜି ବିଭାଗୀୟ କର୍ତ୍ତୃପକ୍ଷ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ତାଙ୍କ ନାମରେ ସିବିଆଇ ମାମଲା ରୁଜୁ ହେବା ପରେ ବିଭାଗୀୟ କର୍ତ୍ତୃପକ୍ଷ ଏପରି ପଦକ୍ଷେପ ଗ୍ରହଣ କରିଥିବା ସୂଚନା ମିଳିଛି। ରାଉରକେଲା ରେଳଷ୍ଟେସନ୍ ପ୍ଲାଟଫର୍ମରେ ବିକ୍ରୀ କରୁଥିବା ଭେଣ୍ଡରମାନଙ୍କ ଠାରୁ ଦଲାଲଙ୍କ ଜରିଆରେ ମାସିକିଆ ବଟି ଆଦାୟ କରିବା ଅଭିଯୋଗରେ ସିବିଆଇ ତାଙ୍କ ନାମରେ ଗତ କାଲି ମାମଲା ରୁଜୁ କରିଥିଲେ।

## ବଜ୍ରପାତରେ ନାବାଳକ ମୃତ

ଭଦ୍ରକ, ୭।୬(ସମିସ): ରବିବାର ସନ୍ଧ୍ୟାରେ ପ୍ରଚଣ୍ଡ ବଜ୍ରପାତରେ ଥରିଥିଲା ଭଦ୍ରକ ଅଞ୍ଚଳ। ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ବଜ୍ରପାତ ସହ ବର୍ଷା ଲାଗି ରହିଥିଲା। ଏହି ବଜ୍ରପାତରେ ସନ୍ଧ୍ୟାରେ ଜଣେ ନାବାଳକର ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବନ୍ଧଗାଁର ସୁବାସ ସାମଲଙ୍କ ପତ୍ନୀ ଘରପାଖ ଗୁହାଳରେ ଥିଲେ। ବର୍ଷା ଯୋଗୁଁ ତାଙ୍କର ଏକମାତ୍ର ପୁଅ ଜୀବନଜ୍ୟୋତି ସାମଲ(୧୦) ନିଜ ମାଆଙ୍କୁ ଘରକୁ ଆଣିବାକୁ ଛତା ନେଇ ଯାଉଥିବାବେଳେ ବଜ୍ରପାତରେ ଟଳିପଡ଼ିଥିଲେ। ଏହି ଦୁଃଖଦ ଘଟଣାରେ ବନ୍ଧଗାଁ ପଞ୍ଚାୟତରେ ଶୋକ ପ୍ରକାଶ ପାଇଛି। ସ୍ଥାନୀୟ ସମିତିସଭ୍ୟଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ମହାପାତ୍ର ଓ ସରପଞ୍ଚ ନିରୋଜ ରାଉତ ପ୍ରମୁଖ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସରକାରୀ ସହାୟତା ଦେବାକୁ ଦାବି କରିଛନ୍ତି।


**Notice**
(above 18 years of age)

By virtue of an affidavit sworn before Notary Public, Udala, Mayurbhanj dated 05-06-2026 I, Josadamani Katial, Wife of Late Upendranatha Katiala, Address Villege - Deuladihi, P.O- Talkunda, P.S- Khunta, Dist- Mayurbhanj, Pin- 757074 declare that I have changed my name from Josada Katiala to Josadamani Katial. Henceforth, I shall be known as Josadamani Katia for all purposes.
(Josadamani Katial)

**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**
ଇ-ଟେଣ୍ଡର ବିଜ୍ଞପ୍ତି

ଟେଣ୍ଡର ନଂ. SnT_RTM_26_12, ତାରିଖ 04.06.2026। 1) S&T ସାମଗ୍ରୀର ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ କାର୍ଯ୍ୟ ସମ୍ବନ୍ଧରେ ଇ-ଟେଣ୍ଡର ଆହ୍ୱାନ କରାଯାଇଛି। ୧) କାର୍ଯ୍ୟରେ ଗୋଧରା–ନାଗଦା ସେକ୍ସନରେ ସୁରକ୍ଷା ଏବଂ ବିଶ୍ୱସନୀୟତା ବୃଦ୍ଧି ପାଇଁ ତ୍ରୁଟିପୂର୍ଣ୍ଣ ଓ ଆୟୁଷ୍ୟ ଅତିକ୍ରମ କରିଥିବା ମିଡ୍-ଲାଇଫ୍ ସିଗ୍ନାଲିଂ ଗିଅର ଏବଂ ଉପକରଣଗୁଡ଼ିକର ପରିବର୍ତ୍ତନ, 2) RDSO ଅନୁମୋଦିତ ଆର୍ଥିଂ ସିଷ୍ଟମ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ S&T ସ୍ଥାପନା ପାଇଁ ବର୍ତ୍ତମାନ ଥିବା ଆର୍ଥିଂ ବ୍ୟବସ୍ଥାର ଉନ୍ନତି, ପରିବର୍ତ୍ତନ ଓ ସୁଦୃଢ଼ୀକରଣ, ଏବଂ 3) ରତଲାମ ଡିଭିଜନରେ ଏନାଲଗ୍ 25-ୱାଟ୍ VHF ସେଟଗୁଡ଼ିକର ପରିବର୍ତ୍ତନ ସହ ଡିଜିଟାଲ୍ V H F ସେଟ୍ ଦ୍ୱାରା ଉନ୍ନତିକରଣ ଅନ୍ତର୍ଭୁକ୍ତ ଅଛି। ୨) ଟେଣ୍ଡରର ବିଜ୍ଞାପିତ ମୂଲ୍ୟ ଟ.10,83,98,569.82/- ଏବଂ ୩) ବିଡ୍ ସୁରକ୍ଷା/ଅର୍ନେଷ୍ଟ ମନି (EMD) ଟ.21,68,000.00/-। ୪) ପ୍ରାଯୁକ୍ତିକ ବିଡ୍ 30.06.2026 ତାରିଖ ଅପରାହ୍ନ 3.30 ଘଣ୍ଟା ପରେ ଖୋଲାଯିବ। ୫) କାର୍ଯ୍ୟ ସମାପ୍ତିର ଅବଧି 12 ମାସ ନିର୍ଦ୍ଧାରିତ ଅଛି। ୬) ଟେଣ୍ଡର ବିଭାଗର ଦାୟିତ୍ୱପ୍ରାପ୍ତ ଅଧିକାରୀ ବରିଷ୍ଠ DSTE, ରତଲାମ ଏବଂ ବିଡ୍ ଖୋଲିବା ସ୍ଥାନ DRM କାର୍ଯ୍ୟାଳୟ, ରତଲାମ, ମଧ୍ୟ ପ୍ରଦେଶ ଅଟେ। ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ବିବରଣୀ www.ireps.gov.in ଇ-ଟେଣ୍ଡର ପୋର୍ଟାଲରେ ଉପଲବ୍ଧ ଅଛି ଏବଂ ଅଫରଗୁଡ଼ିକ ସେହି ପୋର୍ଟାଲ ମାଧ୍ୟମରେ ଦାଖଲ କରିବାକୁ ହେବ। V/090

Like us on: facebook.com/WesternRly

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା 13001/795/2627
ଜିଲ୍ଲା – ସୁବର୍ଣ୍ଣପୁର
**NOTIFIED AREA COUNCIL, TARBHA**
Dist.- Subarnapur, Odisha-767016
Email: nactarbha@gmail.com
ପତ୍ର ସଂଖ୍ୟା: 969 / ତାରିଖ: 04.06.2026

**QUOTATION CALL NOTICE**

Sealed Quotations/Tenders are invited from the Registered firms/ Entrepreneurs/ Agency/ Contractors/ Private Companies for **"Supplying, Installation and Commissioning of 25 Ft. Height FRP Clock Tower at Durga Mandap Chowk, Tarbha NAC"** as per specification given in the Tender Schedule. All Quotations/Tenders should reach before the undersigned by **Dt.17.06.2026 within 5.00 PM** through Speed Post / Regd. Post / Courier / by hand (Box Drop) accompanied with Registration Certificate, PAN, GSTIN Certificate, ITR Statements of last 3 Years etc. as specified in the DTCN along with Tender Paper Cost of **Rs. 6000/-** in shape of Demand Draft drawn in favour of Executive Officer, NAC Tarbha and **EMD @ Rs.1%** of the estimated cost in shape of TDR pledged in favour of Executive Officer, NAC Tarbha which will be opened on **Dt.18.06.2026 at 11.30 AM** in the Office of Executive Officer, NAC, Tarbha in the presence of Quotationers/Bidders or their authorized representative. Quotations received after the stipulated period shall not be entertained. The undersigned reserves the right to accept or reject any or all the quotations without assigning any reason thereof.

Executive Officer
N.A.C., Tarbha

OIPR-13001/13199/1/26-27/0003

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I, MALKANGIRI
NATIONAL COMPETITIVE BIDDING THROUGH e-Procurement
Identification No. Online Tender 02/RWD-I,MKG/2026-27 dt. 03.06.2026 — 25001/342/2627

01.Name of the work: - Repair & Maintenance work (Detailed in Annexure) 02. Total Number of Works: - Total 31 no (Thirty-one). 03.Estimated Cost: - Rs. 5.08 lakhs to Rs. 73.47 Lakhs ,04. Class of Contractor: "B", "C" & "D" Class contractors 05. Period of Completion: - (As Per Detailed in Annexure), 6. Other Details

| Procurement Officer | Bid Identification No. | No of Works | Availability of Tender on-line for bidding From | Availability of Tender on-line for bidding To | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender - 02/RWD-I, MKG /2026-27 | Total 31 nos (Single & Double Cover) | 11.06.2026 from 11.00 AM | 29.06.2026 up to 5.00 PM | 25.06.2026 up to 5.00 PM | Tech Bid opening:- 30.06.2026 at 11.00 AM Financial Bid opening:- to be intimated separately |

Further details can be seen from the website www.tendersorissa.gov.in

Sd/- Sujata Dishari
Executive Engineer
R.W. Division-I, Malkangiri

OIPR-25001/25058/1/26-27/0002

Government of Odisha — 25001/352/2627
Office of the Superintending Engineer
Rural Works Division-I, Nabarangpur
e-mail: eerw1ngp@rediffmail.com
Letter No.: 3631 Date: 05.06.26
**e-Procurement Notice**

Name of the work : Road Works
Total No. of works : 08 (Eight) Nos.
Approx. Estimated Cost : Rs. 48.98 lakhs to Rs. 84.75 lakhs
Class of Contractor : "B" Class Contractor
Period of completion : 3 (Three) Calendar Months

| Procurement Officer | Bid Identification No. | No. of Works | Availability of Tender Online for Bidding | Date & Time of Opening of Tender |
|---|---|---|---|---|
| Rural Works Division-I, Nabarangpur | EERWNGP – Online – 04/2026-27 | 08 (Eight) No's. | From: 10.06.2026 at 11.00 AMTo: 24.06.2026 up to 05.00 PM | Technical: 25.06.2026 at 11.00 AMFinancial: To be intimated separately |

For details can be seen from the Government website: www.tendersorissa.gov.in

Executive Engineer
Rural Works Division-I, Nabarangpur

OIPR-25001/25092/1/26-27/0004

# ଡଙ୍ଗରିଆଙ୍କୁ ରାସ୍ତା ନାଁରେ ଠକିଦେଲା ଠିକା ସଂସ୍ଥା





ରାୟଗଡ଼, ୭।୬(ସମିସ): ରାୟଗଡ ଜିଲ୍ଲାର ନିୟମଗିରି ପାହାଡ ଅଞ୍ଚଳରେ ବସବାସ କରୁଥିବା ଡ଼ଙ୍ଗରିଆ ଆଦିମ ଜନଜାତିଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଘୋଷଣା ହେଉଥିଲେ ମଧ୍ୟ ତାହାର ଅଧିକାଂଶ ସୁଫଳ ସେମାନଙ୍କୁ ମିଳୁନାହିଁ। ଯୋଜନାରେ ଅନିୟମିତତା ସହ ମୌଳିକ ସୁବିଧା ବିଶେଷକରି ଯାତାୟାତ ବ୍ୟବସ୍ଥାର ଅଭାବ ଏବେ ମଧ୍ୟ ଗୁରୁତର ସମସ୍ୟା ଭାବେ ରହିଛି। କୋଟି କୋଟି ଟଙ୍କା ବ୍ୟୟରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧୀନରେ ନିର୍ମିତ ରାସ୍ତା ନିମ୍ନମାନର କାମ ହେତୁ ଅଳ୍ପ ସମୟରେ ନଷ୍ଟ ହୋଇ ମାଟି ଗୋଡିରେ ପରିଣତ ହୋଇଛି। ଏହି ଅନିୟମିତତା ନେଇ ସ୍ଥାନୀୟ ସରପଞ୍ଚ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି। ରାୟଗଡ ଜିଲ୍ଲାର ମୁନିଗୁଡ଼ା, କଲ୍ୟାଣସିଂହପୁର ଓ ବିଷମକଟକ ବ୍ଲକକୁ ସଂଯୋଗ କରୁଥିବା ନିୟମଗିରି ଅଞ୍ଚଳରେ ଡ଼ଙ୍ଗରିଆ ଜନଜାତି ବସବାସ କରୁଛନ୍ତି। ମୁନିଗୁଡା ବ୍ଲକର ମୁନିଖୋଲ ପଞ୍ଚାୟତ ଅଧୀନରେ ଡେଙ୍ଗୁଣୀ, ଡାମଣପାଙ୍ଗା,

## ତଦନ୍ତ ଦାବି କଲେ ସରପଞ୍ଚ

ସୁଟାଙ୍ଗୁଣି, ମଣ୍ଡା ସହ ୧୫ରୁ ଅଧିକ ଗ୍ରାମର ଲୋକଙ୍କ ଯାତାୟାତ ସୁବିଧା ପାଇଁ ସକଟା ଛକରୁ ଆମ୍ବଧୁନୀ ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଥିଲା। ତେବେ ୨୦୧୭ ମସିହାରୁ ପ୍ରାୟ ୧୨.୫ କି.ମି. ଦୈର୍ଘ୍ୟର ଏହି ପ୍ରକଳ୍ପ ଆରମ୍ଭ ହୋଇଥିବା ସତ୍ତ୍ୱେ, ଆଠ ବର୍ଷ ବିତିଲେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହି ପ୍ରକଳ୍ପର କାମ ଏନ୍‌ବିସିସି ସଂସ୍ଥାକୁ ଦିଆଯାଇଥିବା ବେଳେ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ନିଷ୍ପାଦନ ନେଇ ଗୁରୁତର ଅଭିଯୋଗ ଉଠିଛି। କିଛି ସ୍ଥାନରେ ପିଚୁ ଉଠିଯାଇଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ରାସ୍ତା ଗୋଡିରେ ପରିଣତ ହୋଇଛି। ନିୟମ ଅନୁସାରେ ଦୁଇ ପର୍ଯ୍ୟାୟର ମେଟାଲିଂ ପରେ ପିଚୁମିଶ୍ରିତ ଚିପ୍ସ ଓ ଶେଷରେ ବଜରୀ ପକାଯିବା ଦରକାର ଥିଲେ ମଧ୍ୟ ଅନେକ ସ୍ଥାନରେ ମାତ୍ର ଗୋଟିଏ ପର୍ଯ୍ୟାୟ ମେଟାଲିଂ କିମ୍ବା ମୋରମ ପକାଇ ରୋଲିଂ କରାଯାଇଛି। ଫଳସ୍ୱରୂପ, ସାଧାରଣ ବାଇକ୍ ଚଳାଚଳରେ ମଧ୍ୟ ରାସ୍ତାର ପିଚୁ ଖସିଯାଉଛି। ଏହି ଅବସ୍ଥା ନେଇ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଙ୍ଗଲଜାତ ଉତ୍ପାଦ ବିକ୍ରୟ କିମ୍ବା ଚିକିତ୍ସା ପାଇଁ ଡ଼ଙ୍ଗରିଆମାନେ ମୁଖ୍ୟତଃ ମୁନିଗୁଡା ଉପରେ ନିର୍ଭର କରୁଥିବା ସତ୍ତ୍ୱେ, ଏହି ଖରାପ ରାସ୍ତା ଯୋଗୁଁ ସେମାନଙ୍କ ଜୀବନ ଦୁର୍ବିସ୍ଥାର ସମ୍ମୁଖୀନ ହେଉଛି। ଭଲ ରାସ୍ତା ଏବେ ସ୍ୱପ୍ନ ହୋଇଯାଇଛି ବୋଲି ସ୍ଥାନୀୟ ବାସିନ୍ଦା କରକାରିଆ ଓ ଅଭିରାମ ଟାକ୍ରୀ କହିଛନ୍ତି। ଏପରିକି କାର୍ଯ୍ୟରତ ଶ୍ରମିକ ସୁବାଷ ପଲକିଆ କହିଛନ୍ତି ଯେ ଉପରୁ ଯେମିତି ନିର୍ଦ୍ଦେଶ ମିଳୁଛି, ସେହି ଅନୁଯାୟୀ କାମ କରାଯାଉଛି। ଏହି ବିଷୟରେ ଏନବିସିସି ପକ୍ଷରୁ ମତାମତ ପାଇବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସଂସ୍ଥାର କାର୍ଯ୍ୟାଳୟ ଜିଲ୍ଲା ବାହାରେ ଥିବାରୁ ସମ୍ପର୍କ ସ୍ଥାପିତ ହୋଇପାରିନାହିଁ। ଏହି ପରିସ୍ଥିତିକୁ ଗୁରୁତ୍ୱ ଦେଇ ସ୍ଥାନୀୟ ସରପଞ୍ଚ ପାଇକ୍ ଜାକାକା ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଏହି ରାସ୍ତା କାମର ଭିଜିଲାନ୍ସ କିମ୍ବା କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି।

# ମା' ଅଗ୍ନିଗଙ୍ଗାମ୍ମା କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍‌ର ବାର୍ଷିକ ସାଧାରଣ ସଭା

ରାୟଗଡ, ୭।୬(ସମିସ):



ରାୟଗଡ଼ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କୁମ୍ଭିକୋଟା ଗ୍ରାମ ପଞ୍ଚାୟତର ପିଚୁଡ଼ି ଗ୍ରାମରେ ମା' ଅଗ୍ନିଗଙ୍ଗାମ୍ମା ଫାର୍ମର୍ସ ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍‌ର ବାର୍ଷିକ ସାଧାରଣ ସଭା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କୁଟୁଲି, କୁମ୍ଭିକୋଟା ଓ ନାକିଟି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ପ୍ରାୟ ୧୫୦ ଜଣ ଚାଷୀ ସଦସ୍ୟ ଓ ଅଂଶୀଦାର ଯୋଗଦାନ କରିଥିଲେ। ସଭା ଆରମ୍ଭରେ କମ୍ପାନୀର ନିର୍ଦ୍ଦେଶକମଣ୍ଡଳୀ ଓ ପଦାଧିକାରୀ ପ୍ରମୋଦ କୁମାର ପଣ୍ଡା ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ଗତ ଆର୍ଥିକ ବର୍ଷର କାର୍ଯ୍ୟକଳାପ, ଆର୍ଥିକ ବିବରଣୀ, କମ୍ପାନୀର ଉପଲବ୍ଧି ଏବଂ ଚାଷୀମାନଙ୍କ ଉନ୍ନତି ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା। ବାର୍ଷିକ ରିପୋର୍ଟ ଏବଂ ଆୟ-ବ୍ୟୟ ବିବରଣୀ ସଭାରେ ଉପସ୍ଥାପନ କରାଯାଇଥିଲା ଓ ସଦସ୍ୟମାନଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା। ସଭାରେ ଚାଷୀମାନଙ୍କର ଆୟ ବୃଦ୍ଧି, ଜୈବିକ ଚାଷର ପ୍ରସାର, ମିଲେଟ୍ ଓ ପନିପରିବା ଚାଷର ପ୍ରୋତ୍ସାହନ, କୃଷି ଉତ୍ପାଦର ସାମୂହିକ ବିପଣନ ଏବଂ ଉତ୍ପାଦର ଉଚିତ ମୂଲ୍ୟ ପ୍ରାପ୍ତି ଉପରେ ବିଶେଷ ଆଲୋଚନା ହୋଇଥିଲା। ଚାଷୀମାନେ ନିଜ ନିଜ ଅଞ୍ଚଳର କୃଷି ସମସ୍ୟା ଏବଂ ସମ୍ଭାବନା ସମ୍ପର୍କରେ ମତାମତ ରଖିଥିଲେ। କମ୍ପାନୀ ମାଧ୍ୟମରେ ଚାଷୀମାନଙ୍କୁ ଉନ୍ନତ ବିହନ, କୃଷି ପ୍ରଶିକ୍ଷଣ, ବଜାର ସଂଯୋଗ ଏବଂ ବିଭିନ୍ନ ସରକାରୀ ଯୋଜନାର ସୁବିଧା ପହଞ୍ଚାଇବା ପାଇଁ ଆଗାମୀ ଦିନରେ ଅଧିକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ କୃଷି ଉତ୍ପାଦର ମୂଲ୍ୟ ସଂଯୋଜନ, ପ୍ରକ୍ରିୟାକରଣ ଏବଂ ବଜାରୀକରଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଚାଷୀମାନଙ୍କର ଆର୍ଥିକ ସଶକ୍ତିକରଣ ଏବଂ ସାମୂହିକ କୃଷି ବ୍ୟବସାୟକୁ ସୁଦୃଢ଼ କରିବା ନିମନ୍ତେ ସମସ୍ତ ସଦସ୍ୟ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ଶେଷରେ ଆଗାମୀ ବର୍ଷ ପାଇଁ କମ୍ପାନୀର କାର୍ଯ୍ୟଯୋଜନା ଉପସ୍ଥାପନ କରାଯାଇଥିଲା ଏବଂ ଚାଷୀମାନଙ୍କ ଆୟ ବୃଦ୍ଧି ସହ ଅଞ୍ଚଳର କୃଷି ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ସଦସ୍ୟ ସଂକଳ୍ପ ନେଇଥିଲେ। କୁଟୁଲି, କୁମ୍ଭିକୋଟା ଓ ନାକିଟି ଗ୍ରାମ ପଞ୍ଚାୟତରୁ ଆସିଥିବା ୧୫୦ ଜଣ ଚାଷୀଙ୍କ ସକ୍ରିୟ ଅଂଶଗ୍ରହଣ ମଧ୍ୟରେ ସଭା ସଫଳତାର ସହ ସମାପ୍ତ ହୋଇଥିଲା।

# ଦୟା ଚାଲାଣ ବଣ୍ଡା ଉନ୍ନୟନ ସଂସ୍ଥାର ବିଧାୟକ ପ୍ରତିନିଧି



ମାଲକାନଗିରି, ୭।୬(ସମିସ): ମାଲକାନଗିରି ଜିଲ୍ଲା ଖଇରିପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡାସ୍ଥିତ ବଣ୍ଡା ଉନ୍ନୟନ ସଂସ୍ଥାର ବିଧାୟକ ପ୍ରତିନିଧି ଭାବେ ଦୟା ଚାଲାଣ ମନୋନୀତ ହୋଇଛନ୍ତି। ଏନେଇ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଏକ ଲିଖିତ ପତ୍ର ଜାରି କରି ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ନୂତନ ଦାୟିତ୍ୱ ଗ୍ରହଣ ପରେ ଦୟା ଚାଲାଣ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ବଣ୍ଡା ଅଞ୍ଚଳର ସାମଗ୍ରିକ ବିକାଶ, ଲୋକଙ୍କ ସମସ୍ୟାର ସମାଧାନ ଏବଂ ଉନ୍ନୟନମୂଳକ କାର୍ଯ୍ୟକୁ ଅଧିକ ଗତିଶୀଳ କରିବା ପାଇଁ ସେ ନିଷ୍ଠାର ସହ କାର୍ଯ୍ୟ କରିବେ।

# ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ପୋଡ଼ାଗଡ,୭।୬(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୂଲା ଗ୍ରାମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଲୁଲା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଦଶମନ୍ତପୁର ବ୍ଲକ ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ଧନପତି ସାଉନ୍ତା , ସ୍ଥାନୀୟ ସରପଞ୍ଚ ଚଞ୍ଚଳା ମୁଦୁଲି ସମିତି ସଭ୍ୟ ସଭ୍ୟା ସମେତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନାଧର ସାଗର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପାଇଁ ଏହି ଆଦର୍ଶ ବିଦ୍ୟାଳୟ ମୂଳ ଉଦ୍ଦେଶ୍ୟ ରଖି ଗଢ଼ିଉଠିବ। ପାଞ୍ଚ ଏକରରୁ ଅଧିକ ଜମିରେ ଏହାର ନିର୍ମାଣ ହେବ ସୂଚନା ମିଳିଛି।

# ସ୍ୱାଭିମାନ ଅଞ୍ଚଳରେ ଜାଫ୍ରା ନର୍ସରୀ ପରିଦର୍ଶନ କଲେ ଜିଲ୍ଲାପାଳ



ମାଲକାନଗିରି, ୭।୬(ସମିସ): ଆଜି ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ପପୁଲୁର ଗ୍ରାମପଞ୍ଚାୟତର ନାଗଲୁର ଗ୍ରାମରେ ଅବସ୍ଥିତ ଜାଫ୍ରା ନର୍ସରୀ ପରିଦର୍ଶନ କରିଥିଲେ। ଏହି ନର୍ସରୀକୁ ଆଇଟିଡିଏ ମାଲକାନଗିରି ପକ୍ଷରୁ ସେତୁ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟାନ୍ୱୟନ କରାଯାଇଛି। ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳରେ ମୋଟ ୩ଟି ଜାଫ୍ରା ନର୍ସରୀ ସ୍ଥାପିତ ହୋଇଥିବାବେଳେ ସେଥିରେ ପ୍ରାୟ ୮ ଲକ୍ଷ ଚାରା ଉତ୍ପାଦନ କ୍ଷମତା ରହିଛି। ଜିଲ୍ଲାପାଳ ନର୍ସରୀରେ ଚାରାଗୁଡିକର ସ୍ଥିତି ଓ ରକ୍ଷଣାବେକ୍ଷଣ ଦେଖି ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରିଥିଲେ। ଏହି ପରିଦର୍ଶନ ଦଳରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ହଳଧର ଶବର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅନିଲ ପ୍ରହରାଜ ଏବଂ ପ୍ରକଳ୍ପ ପରିଚାଳକ ଆଇଟିଡିଏ ବିଶ୍ୱନାଥ ମିଶ୍ର ଉପସ୍ଥିତ ଥିଲେ। ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଖାଲ ଖୋଳା ଓ ଚାରା ରୋପଣ କାର୍ଯ୍ୟ ସମୟସୀମା ମଧ୍ୟରେ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜାଫ୍ରା ଚାଷୀମାନଙ୍କ ଠାରୁ ଜାଫ୍ରା ମଞ୍ଜି ସଠିକ ଭାବେ କ୍ରୟ ଓ ବିପଣନ ପାଇଁ ଏକ ଜାଫ୍ରା ମଣ୍ଡି ସ୍ଥାପନ କରିବାକୁ ପ୍ରକଳ୍ପ ପ୍ରଶାସକ ଆଇଟିଡିଏଙ୍କୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ପପୁଲୁର ଗ୍ରାମପଞ୍ଚାୟତର ସ୍ଥାନୀୟ ଲୋକମାନେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ପାନୀୟ ଜଳ ଓ ଜଳସେଚନ ସୁବିଧା ପାଇଁ ଗ୍ରାଭିଟି ଭିତ୍ତିକ ପାଇପ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଏହା ସହିତ ସେମାନେ ଏଫଆରଏ ପଟ୍ଟା ପ୍ରଦାନ ସମ୍ପର୍କରେ ମଧ୍ୟ ଦାବି ଉଠାଇଥିଲେ। ଏହାର ଉତ୍ତରରେ ଜିଲ୍ଲାପାଳ ୭୫ ବର୍ଷରୁ ଅଧିକ ସମୟ ଧରି ଦଖଲରେ ଥିବା ଜମି ସମ୍ବନ୍ଧୀୟ ତଥ୍ୟ ଦାଖଲ କରିବାକୁ ପରାମର୍ଶ ଦେଇଥିଲେ। କୋଣ୍ଡା ରେଡ୍ଡି ସମ୍ପ୍ରଦାୟର ଲୋକମାନେ ଜାଫ୍ରା ଚାଷ ମାଧ୍ୟମରେ ଜୀବିକା ନିର୍ବାହ କରିବା ପାଇଁ ସମ୍ମତି ପ୍ରକାଶ କରିଥିବା ସହ ଯଦି ଜାଫ୍ରା ଚାଷ ପାଇଁ ସହଯୋଗ ମିଳେ, ତେବେ ଗଞ୍ଜେଇ ଚାଷ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରିଦର୍ଶନ ଶେଷରେ ଜିଲ୍ଲାପାଳ ଜାଫ୍ରା ଚାଷୀ ଓ ହିତାଧିକାରୀମାନଙ୍କ ସହ ଗ୍ରୁପ ଫଟୋ ଉଠାଇଥିଲେ ଏବଂ ଏହି ପ୍ରୟାସ ପ୍ରତି ସନ୍ତୋଷ ପ୍ରକାଶ କରି ସ୍ଥାନୀୟ ଲୋକଙ୍କୁ ସକ୍ରିୟ ଭାଗିଦାରି ପାଇଁ ଉତ୍ସାହିତ କରିଥିଲେ।

● ଜିଓ ଓ ବିଏସ୍‌ଏନ୍‌ଏଲ ଟାୱାର ଅଛି

# ନେଟ୍‌ୱର୍କ ନଥିବାରୁ ଛାତ୍ରଛାତ୍ରୀ ହନ୍ତସନ୍ତ



ଚନ୍ଦ୍ରପୁର,୭।୬(ସମିସ): ରାୟଗଡ଼ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍‌ର ଲୋକ ସଂଖ୍ୟା ପ୍ରାୟ ୫୦,୦୦୦। ତେବେ ଲୋକମାନେ ମୋବାଇଲ୍ ନେଟ୍‌ୱର୍କ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ୍ ମଧ୍ୟରେ ମାଳ ମାଳ ଜିଓ ଟାୱାର ଥାଇ ବିଶେଷ କରି ଚାରୋଟି ହାଇସ୍କୁଲ ଏବଂ କଲେଜ , ବିଭିନ୍ନ ସରକାରୀ ଅଫିସ ଥିଲେ ମଧ୍ୟ କୌଣସି ଅନୁଷ୍ଠାନରେ ୱାଇଫାଇ କାର୍ଯ୍ୟ କରୁନାହିଁ। ସମସ୍ତ ଅଫିସ କାମରେ ବାଧା ସୃଷ୍ଟି ହେଉଛି। ବର୍ତ୍ତମାନ ଛାତ୍ରଛାତ୍ରୀ ମାନେ କଲେଜରେ ଜଏନ୍ ହେବା ପାଇଁ ଜନସେବା କେନ୍ଦ୍ରକୁ ଯାଇ ଫର୍ମ ପକାଇ ପାରୁନାହାନ୍ତି। ସରକାରଙ୍କୁ ବାରମ୍ବାର ନେଟ୍‌ୱର୍କ ପାଇଁ ନିବେଦନ କଲେ ମଧ୍ୟ କେହି ଶୁଣିବାକୁ ନାରାଜ। ସେହିଭଳି ବ୍ଲକ୍ ହେଡକ୍ୱାର୍ଟର ହୋଇଥିଲେ ମଧ୍ୟ ନେଟ୍‌ୱର୍କ ସୁବିଧା ନାହିଁ। ସବୁବେଳେ ନେଟ୍‌ୱର୍କ ସ୍ଲୋ ରହୁଛି। ଏହି ବ୍ଲକ୍ ରେ ଅଧିକାଂଶ ଜାତି ଓ ଜନଜାତି ଲୋକ ବସବାସ କରୁଛନ୍ତି। ହେଲେ ନୂଆ ସରକାରକୁ ଆଶା ରଖି ଜନସାଧାରଣଙ୍କ ମନରେ ଆଶା ଆଛି। କିନ୍ତୁ ଚନ୍ଦ୍ରପୁର ବ୍ଲକରେ ଟାୱାର ସମସ୍ୟାର ସମାଧାନ ଆଜି ପର୍ଯ୍ୟନ୍ତ ହେଉନାହିଁ। ସରକାର ତୁରନ୍ତ ନେଟ୍‌ୱର୍କର ସମାଧାନ କରିବା ପାଇଁ ନିରୀହ ଆଦିବାସୀ ଛାତ୍ରଛାତ୍ରୀ ନିବେଦନ କରିଛନ୍ତି।

# ମନୋରମା ଦୋରାଙ୍କ ପରଲୋକ



ରାୟଗଡ, ୭।୬(ସମିସ): ପରୋପକାରୀ ତଥା ଧର୍ମପରାୟଣା ମହିଳା ମନୋରମା ଦୋରାଙ୍କର ରାୟଗଡ଼ ସହର ପିଏଚ୍‌ଡି କଲୋନୀ ସ୍ଥିତ ସରକାରୀ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ସମୟରେ ତାଙ୍କ ବଡ଼ପୁଅ ଜଗଦୀଶ ଚନ୍ଦ୍ର ଦୋରା, ସାନପୁଅ ସାମ୍ବାଦିକ ରଶ୍ମିରଞ୍ଜନ ଦୋରା, ଦୁଇ ବୋହୂ, ନାତି ନାତୁଣୀ ଓ ଅନ୍ୟାନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

# ସୋରିଷ ମାଳି ଜଳପ୍ରପାତ ପାଇବ ନୂଆ ଜୀବନ



ଚନ୍ଦ୍ରପୁର, ୭।୬(ସମିସ) ରାୟଗଡ଼ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକର ବୁଡୁବାଲି ପଞ୍ଚାୟତ ଅନ୍ତର୍ଗତ ଯାର୍ଗିମା ଗ୍ରାମ ନିକଟରେ ପ୍ରକୃତି ନିଜ ହାତରେ ଗଢ଼ିଥିବା ଏକ ଅପୂର୍ବ ଉପହାର ହେଉଛି ସୋରିଷମାଳି ଜଳପ୍ରପାତ। ଘନ ଜଙ୍ଗଲ, ଉଚ୍ଚ ପାହାଡ଼ ଆଉ ସବୁଜିମାର କୋଳରେ ଶହ ଶହ ଫୁଟ ଉଚ୍ଚରୁ ଖସିପଡୁଥିବା ଶୁଭ୍ର ଜଳଧାରା ଯେ କୌଣସି ପ୍ରକୃତି ପ୍ରେମୀଙ୍କ ହୃଦୟକୁ ପୁଲକିତ କରିଦିଏ। ବର୍ଷାଦିନେ ଏହାର ରୂପ ଆହୁରି ମନମୋହକ ହୋଇଉଠେ । ପଥର ଉପରେ ନାଚୁଥିବା ପାଣି, ଚାରିଆଡ଼େ ସବୁଜ ଚାଦର, ଆଉ ପକ୍ଷୀଙ୍କ କଳରବ ମନକୁ ଏକ ସ୍ୱର୍ଗୀୟ ଅନୁଭବ ଦିଏ। ଏତେ ସୌନ୍ଦର୍ଯ୍ୟ ସତ୍ତ୍ୱେ ସୋରିଷମାଳି ଆଜି ପର୍ଯ୍ୟନ୍ତ ଅବହେଳିତ। ପ୍ରଚାର-ପ୍ରସାର ଅଭାବ, ସୂଚନା ଫଳକର ଅନୁପସ୍ଥିତି ଆଉ ସଠିକ୍ ରାସ୍ତାର ଅସୁବିଧା ଯୋଗୁଁ ଏହି ପ୍ରାକୃତିକ ସମ୍ପଦ ପର୍ଯ୍ୟଟକଙ୍କ ନଜରରୁ ଦୂରରେ ରହିଯାଇଛି। ଯାର୍ଗିମା ଠାରୁ ପ୍ରାୟ ୭ କି.ମି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକରେ ଯିବା ପରେ ଶେଷ ୫୦୦ ମିଟର ପାଦରେ ଚାଲିବାକୁ ପଡ଼େ। ରାସ୍ତା କଷ୍ଟ ଯୋଗୁଁ ବୟସ୍କ ଓ ପରିବାର ସହ ଆସୁଥିବା ପର୍ଯ୍ୟଟକ ଫେରିଯାଉଛନ୍ତି। ଫଳରେ ସ୍ଥାନୀୟ ଯୁବକଙ୍କ ରୋଜଗାର ଓ ଅଞ୍ଚଳର ବିକାଶ ବି ବାଧାପ୍ରାପ୍ତ ହେଉଛି। ଉକ୍ତ ଖବର ଗତ ଫେବୃୟାରୀ ମାସରେ "ସକାଳ" ଖବରକାଗଜରେ "ସୋରିଷମାଳି ଜଳପ୍ରପାତ ଅବହେଳିତ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ବିଳମ୍ବରେ ହେଲେ ମଧ୍ୟ ଚିତ୍ର ବଦଳିଗଲା। 'ସକାଳ' ଖବରକାଗଜର ପ୍ରଭାବରେ ଚନ୍ଦ୍ରପୁର ବିଡିଓ ଓ ଅଧିକ୍ଷଣ ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ ପାଇଁ ଯାଇ ନିରୀକ୍ଷଣ କରିଥିଲେ। ଗତ ମାସରେ ରାସ୍ତା କାର୍ଯ୍ୟ ଆରମ୍ଭ କରିଛନ୍ତି। ଖବର ପ୍ରକାଶ ପରେ ବିଳମ୍ବ ହେଲେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହୋଇଯାଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ସୋରିଷମାଳିକୁ "ଇକୋ-ଟୁରିଜିମ୍ ସ୍ପଟ୍' ଭାବେ ବିକଶିତ କରିବା ପାଇଁ ପ୍ରସ୍ତାବ ପ୍ରସ୍ତୁତ ହେଉଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ମୁହଁରେ ଏବେ ଖୁସିର ଲହରୀ। ଚନ୍ଦ୍ରପୁର ବ୍ଲକବାସୀ "ସକାଳ" ଖବରକାଗଜକୁ ଧନ୍ୟବାଦ ଜଣାଇଛନ୍ତି।।

'ସକାଳ' ପ୍ରଭାବ

# ବିଶ୍ୱ ପରିବେଶ ଦିବସରେ ଚାରାରୋପଣ



ଚନ୍ଦ୍ରପୁର, ୭।୬(ସମିସ): ରାୟଗଡ ଜିଲ୍ଲା ଚନ୍ଦ୍ରପୁରରେ ଥିବା ଏଫ/୪ ବି କେନ୍ଦ୍ରୀୟ ସୁରକ୍ଷା ବଳ ପକ୍ଷରୁ ଆଜି ଚନ୍ଦ୍ରପୁର ନୋଡ଼ାଲ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ସିଆରପିଏଫ କୋମାଣ୍ଡାଣ୍ଟ ଫିରୋଜ କୁଜୁରଙ୍କ ନିର୍ଦ୍ଦେଶ କ୍ରମେ ଶହରୁ ଅଧିକ ବିଭିନ୍ନ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କ୍ୟାମ୍ପ ଅଫିସର ଓମ୍ ପ୍ରକାଶ ଓ କେନ୍ଦ୍ରୀୟ ସୁରକ୍ଷା ବଳ ଉପସ୍ଥିତ ଥିଲେ। ପରିବେଶ ସୁରକ୍ଷା, ଜଳ ବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏଁ ବୃକ୍ଷ ଲଗାଇବା ନିହାତି ଆବଶ୍ୟକ ବୋଲି କମାଣ୍ଡ ଶ୍ରୀ ଓମ ପ୍ରକାଶ ମତ ପ୍ରକାଶ କରିଛନ୍ତି।

# ଏସ୍‌ଆଇଆର୍ ପାଇଁ ଭୋଟର ସଚେତନତା ଶୋଭାଯାତ୍ରା



ରାୟଗଡ଼,୭।୬(ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର )-୨୦୨୬ କାର୍ଯ୍ୟକ୍ରମକୁ ସଫଳ ଓ ସର୍ବସମାବେଶୀ କରିବା ଉଦ୍ଦେଶ୍ୟରେ ୧୪୦ ରାୟଗଡ଼ ବିଧାନସଭା ମଣ୍ଡଳୀରେ ଏକ ଭୋଟର ଜନସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ସହମତି କ୍ରମେ ଏବଂ ଉପ-ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ରମେଶ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଉପ-ଜିଲ୍ଲାପାଳ ତଥା ଇଆରଓ ଶ୍ରୀ ଜେନା ସମସ୍ତ ନାଗରିକଙ୍କୁ ବୁଥ୍ ଲେବୁଲ୍ ଅଫିସର (ବିଏଲଓ) ମାନଙ୍କ ଘର ପରିଦର୍ଶନ ସମୟରେ ସହଯୋଗ କରିବା ସହ ନିଜର ଏବଂ ଯୋଗ୍ୟ ପରିବାର ସଦସ୍ୟମାନଙ୍କର ନାମ ଭୋଟର ତାଲିକାରେ ସଠିକ୍ ଭାବେ ଅନ୍ତର୍ଭୁକ୍ତ ହୋଇଥିବା ନିଶ୍ଚିତ କରିବାକୁ ନିବେଦନ କରିଥିଲେ। ଆୟୋଜିତ ଜନସଚେତନତା ଶୋଭାଯାତ୍ରା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ରିଙ୍ଗ ରୋଡ଼, ଲାୟନ୍ସ କ୍ଲବ ଛକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଓଭରବ୍ରିଜ୍ ଦେଇ ମହାତ୍ମା ଗାନ୍ଧୀ ପାର୍କଠାରେ ସମାପ୍ତ ହୋଇଥିଲା। କାର୍ଯ୍ୟକ୍ରମରେ ଏଇଆରଓ ତଥା ରାୟଗଡ଼ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର, ଜିଲ୍ଲା ଡେପୁଟି ନିର୍ବାଚନ ଅଧିକାରୀ ସୁଶ୍ରୀ ମାନୁଏଲା ପ୍ରିୟଦର୍ଶିନୀ, ମ୍ୟୁନିସିପାଲିଟି ଅଧିକାରୀ କୁଳଦୀପ କୁମାର, ଜିଲ୍ଲା ସହକାରୀ ନିର୍ବାଚନ ଅଧିକାରୀ ସୁଶ୍ରୀ ବିଚିତ୍ରା ସେଠୀ, ଉପ-ଜିଲ୍ଲାପାଳ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ସିଦ୍ଧାର୍ଥ ଆନନ୍ଦ ପଣ୍ଡା, ସୁଶ୍ରୀ ରୂପାଲୀ ପାତ୍ର, ସହକାରୀ କଲେକ୍ଟର ପ୍ରଫୁଲ୍ଲ କୁମାର ବେହେରା, ଶୁଭେନ୍ଦୁ କୁମାର ସାହୁ, କୈଳାଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ତହସିଲ, ବ୍ଲକ, ପୌର ପରିଷଦ ଏବଂ ଉପ-ଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ସିସି ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ

# ନିମ୍ନମାନର କାର୍ଯ୍ୟ; ରାସ୍ତା ନଷ୍ଟ ହେବା ଆଶଙ୍କା



କାଲିମେଳା, ୭।୬(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଟିଗଲ ପଞ୍ଚାୟତ ଅନ୍ତର୍ଗତ ଏମପିଭି -୪୫ ଗ୍ରାମରେ ଚାଲିଥିବା ସିସି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିମ୍ନମାନର କାର୍ଯ୍ୟ ଯୋଗୁଁ ଅଳ୍ପ ଦିନରେ ରାସ୍ତା ନଷ୍ଟ ହେବା ଆଶଙ୍କା ରହିଥିବା ବେଳେ ରାସ୍ତା କାମକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ରାସ୍ତା ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଗ୍ରାମବାସୀଙ୍କ ଦୀର୍ଘ ଦିନର ଦାବି ପରେ ଏହି ସିସି ରାସ୍ତା ନିର୍ମାଣ କରାଯାଉଛି। କିନ୍ତୁ ନିୟମାବଳୀକୁ ଜଳାଞ୍ଜଳି ଦେଇ ଠିକାଦାର ନିଜ ଇଚ୍ଛା ମୁତାବକ କାମ କରୁଥିବା ଅଭିଯୋଗ ହୋଇଛି। ରାସ୍ତାରେ ଆବଶ୍ୟକ ପରିମାଣର ସିମେଣ୍ଟ ଓ ଚିପ୍ସ ବଦଳରେ ଅଧିକ ପରିମାଣର ବାଲି ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ଏହାସହ କଂକ୍ରିଟ୍‌କୁ ମଜବୁତ କରିବା ପାଇଁ ଆବଶ୍ୟକ କିଓରିଂ କାର୍ଯ୍ୟ ମଧ୍ୟ କରାଯାଉନଥିବା ଅଭିଯୋଗ ହୋଇଛି। ଫଳରେ ନିର୍ମାଣ ହେବା ମାତ୍ରେ ରାସ୍ତାରୁ କଂକ୍ରିଟ୍ ଉଠିବାକୁ ବସିଲାଣି। କାମ ଆରମ୍ଭରୁ ରାସ୍ତାର ଏଭଳି ଅବସ୍ଥା ଦେଖି ଭବିଷ୍ୟତରେ ଏହା ସ୍ଥାୟୀ ହୋଇପାରିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକାଶ ପାଇଛି। ଏହାସହ ବିନା ସୂଚନା ଫଳକରେ ଏହି କାର୍ଯ୍ୟ କରାଯାଉଥିବା ବେଳେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କିମ୍ବା ଅନ୍ୟ କୌଣସି ଅଧିକାରୀ ତଦାରଖ ପାଇଁ ଆସୁନଥିବା ଗ୍ରାମବାସୀ ନିଜ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି। ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏହି ଘଟଣାର ତଦନ୍ତ କରି କାର୍ଯ୍ୟର ମାନ ସୁଧାର କରିବାକୁ ଦାବୀ ହେଉଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

## ତହସିଲଦାର, ମନ୍ଦିର ପରିଚାଳନା କମିଟି ଉପସ୍ଥିତିରେ ହେଲା ମାପଚୁପ

# ଶ୍ରୀଜଗନ୍ନାଥଙ୍କ ପାଖକୁ ଫେରିଲା ଜମି



ବିଷମ କଟକ,୭।୬(ସମିସ): ରାୟଗଡ଼ ଜିଲ୍ଲା ବିଷମ କଟକ ସହରର ମହାପ୍ରଭୁ ଜଗନ୍ନାଥଙ୍କ ଜମିକୁ ନେଇ ହୋଇଥିବା ବିବାଦ ଘଟଣାରେ ବିଷମ କଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡ୍ଡିଙ୍କ ନେତୃତ୍ୱରେ ଆଜି ଜମିର ମାପଚୁପ କରାଯାଇଛି। ଗତ ମାସ ୨୦ ତାରଖରେ ବିଷମ କଟକ ସହରର ସଚିଦାନନ୍ଦ ମାଇହାତି ମହାପ୍ରଭୁଙ୍କ ଜମିକୁ ତାଙ୍କ ପୈତୃକ ସମ୍ପତି ବୋଲି ଦାବି କରି ଜମି ମରାମତି କାର୍ଯ୍ୟକୁ ଅଟକାଇଥିବାର ନଜରକୁ ଆସିବା ପରେ ସ୍ଥାନୀୟ ତହସିଲଦାର ଏଭଳି ପଦକ୍ଷେପ ନେଇଛନ୍ତି। ଦେବତ୍ତୋର ବିଭାଗ ଅଧିନରେ ରହିଥିବା ବିଷମ କଟକ ଜଗନ୍ନାଥ ମନ୍ଦିରର ସ୍ଥାବର ସମ୍ପତି ଗୁଡିକର ତାଲିକା ପ୍ରସ୍ତୁତ କରିବା ସହ ଜଗନ୍ନାଥ ମନ୍ଦିର ସମ୍ପତି ଚିହ୍ନଟ ଏବଂ ସ୍ଥାବର ଏବଂ ଅସ୍ଥାବର ସମ୍ପତି ଗୁଡିକ ନିଜ ଅକ୍ତିଆରକୁ ନେଇ ଉକ୍ତ ଜମି ଗୁଡକର ମରାମତି ପାଇଁ ତହସିଲଦାର ଶ୍ରୀ ରେଡି ଏହି କାର୍ଯ୍ୟ ଆରମ୍ଭ କରିବା ସମୟରେ ପୂର୍ବ ଖାତାଦାର ସ୍ୱର୍ଗତ ରତନା ମାଇହାତିଙ୍କ ଉତରାଧିକାରୀ ସଚିଦାନନ୍ଦ ମାଇହାତି ମନ୍ଦିର ନାମରେ ଖାତା ନଂ୬୭/୭୩୩ ପ୍ଲଟ ନଂ୯୯ ଏ.୦.୮୪ ଜମି ରହିଥିବା ରେକର୍ଡ ରହିଛି। ଏହି ଜମି ବିଷମ କଟକର ସ୍ୱର୍ଗତ ରତନା ମାଇହାତି ଶ୍ରୀ ଜଗନ୍ନାଥ ମନ୍ଦିରକୁ ଗତ ୨୦୧୦ ମସିହାରେ ଦାନପତ୍ର

### ଜେଜେ ମା’ ଦାନ ଦେଇଥିବା ଜମିକୁ ନାତିର ଜବରଦଖଲ ଉଦ୍ୟମ

ଉକ୍ତ ଜମି ତାଙ୍କ ନିଜର ବୋଲି ଦାବି କରି ଜମି ମରାମତି କାର୍ଯ୍ୟକୁ ବନ୍ଦ କରିଥିଲେ। ଏଭଳି ବିବାଦ ଉପୁଜିବା ପରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ମହାପ୍ରଭୁଙ୍କ ଜମିର ଉତ୍ତରାଧିକାରୀ ଦାବି କରୁଥିବା ସଚିଦାନନ୍ଦ ମାଇହାତିଙ୍କ ପରିବାରର ଉପସ୍ଥିତି ଖାତା ନଂ୬୭/୭୩୩ ପ୍ଲଟ ନଂ୯୯ ଏ.୦.୮୪ ଜମି ରେ ଜମିର ଡିମାର୍କେଶନ କରାଯାଇଥିଲା। ଜମିର ଡିମାର୍କେଶନ ଶେଷ ହେବା ପରେ ଏହା ଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତି ହୋଇଥିବା ସ୍ପଷ୍ଟ ଜଣାପଡିଛି। ବିଷମ କଟକ ଜଗନ୍ନାଥ ଦଲିଲ ସୂତ୍ରରେ ପ୍ରଦାନ କରିଥିଲେ। ଦାନ ସୂତ୍ର ଦଲିଲ ବଳରେ ଉକ୍ତ ଜମି ଜଗନ୍ନାଥ ମହାପ୍ରଭୁଙ୍କ ଖାତାକୁ ଆସିଥିବା ନେଇ ଡିମାର୍କେଶନ ମାଧ୍ୟମରେ ଜବରଦଖଲ ଉଦ୍ୟମ କରୁଥିବା ସଚିଦାନନ୍ଦ ମାଇହାତିଙ୍କ ପରିବାର ନିକଟରେ ତହସିଲଦାର ଶ୍ରୀ ରେଡି ଏହା ସ୍ପଷ୍ଟ କରାଇଦେବା ପରେ ତାଙ୍କ ପରିବାର ଏହା ସ୍ୱୀକାର କରିଛନ୍ତି। ଜେଜେମାଁ ଜଗନ୍ନାଥ ମନ୍ଦିରକୁ ଜମି ଦାନ କରି ୧୬ ବର୍ଷ ବିତିଯାଇଥିବା ବେଳେ ନାତି ସଚିଦାନନ୍ଦ ମାଇହାତି ଏହି ଜମିକୁ ଜବରଦଖଲ ଉଦ୍ୟମ ଆରମ୍ଭ କରିଥିଲେ। ହେଲେ ଶେଷ ରେ ଏହି ଉଦ୍ୟମ ବିଫଳ ହୋଇଛି। ଡିମାର୍କେଶନ ଶେଷ ହେବା ପରେ ଜବରଦଖଲକାରୀଙ୍କ ଉପସ୍ଥିତିରେ ତହସିଲଦାର ଉକ୍ତ ଜମିକୁ ମନ୍ଦିର ପରିଚାଳନା କମିଟିକୁ ହସ୍ତାନ୍ତର କରିଛନ୍ତି। ବିଷମ କଟକ ରାଜସ୍ୱ ନିରୀକ୍ଷକ ଅନିତା ଶବର, ଅମିନ ବଳରାମ ନାୟକ ଓ ରାମ ସବର ମନ୍ଦିର ଡିମାର୍କେଶନ କାର୍ଯ୍ୟରେ ନିୟଜିତ ରହିଥିବା ବେଳେ ମନ୍ଦିର ପରିଚାଳନା କମିଟି ସଦସ୍ୟ ରାଜ କିଶୋର ସାହୁ, ଜଗନ୍ନାଥ ପାଢ଼ି, ପୃଥିବୀରାଜ ସାହୁ, ଅକ୍ଷୟ ରଣା, ଦେବି ପ୍ରସାଦ ପଟ୍ଟନାୟକ, ଜି.ରବି କୁମାର, ବି.ରବିନ୍ଦ୍ରା କୁମାର ଉପସ୍ଥିତ ରହିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଷମ କଟକ ଥାନା ଏଏସଆଇ ଅଶୋକ କୁମାର ପାଢ଼ୀଙ୍କ ନେତୃତ୍ୱରେ ଘଟଣା ସ୍ଥଳରେ ପୁଲିସର ଏକ ଟିମ୍ ନିୟୋଜିତ ରହିଥିଲେ।

■ କାଳବୈଶାଖୀ ତାଣ୍ଡବ

## ଘର ଉପରେ ଗଛ ପଡ଼ି ବ୍ୟାପକ କ୍ଷୟକ୍ଷତି

କାଳିମେଳା,୭।୬(ସମିସ): ମାଲକାନଗିରି ଜିଲ୍ଲାରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଗତ ଦୁଇ ଦିନ ରାତିରେ ପାଗ ହଠାତ୍ ବଦଳିଯାଇଥିଲା। ପ୍ରାୟ ଘଣ୍ଟାଏ ଧରି ଧୂଳିଝଡ଼ ସହ ପ୍ରବଳ ବେଗରେ ପବନ, ବଜ୍ରପାତ ଓ ବର୍ଷା ହେବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହି କାଳବୈଶାଖୀ ପ୍ରଭାବରେ କାଳିମେଳା ବ୍ଲକର ବିଭିନ୍ନ ଅଞ୍ଚଳରେ ବହୁ



ଘର ଭାଙ୍ଗିଯିବା ସହିତ ରାସ୍ତାଘାଟରେ ଗଛ ପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ସବୁଠାରୁ ଦୁଃଖଦ ଖବର ହେଉଛି, ଏହି ଝଡ଼ ପବନ ସମୟରେ ଭେଜଙ୍ଗିଗୁଡା ପଞ୍ଚାୟତର ଏମପିଭି - ୩୯ ଗ୍ରାମର ବିଜଲୀ ରାଣୀ ବାଇନ (୭୦)ଙ୍କ ଘର ଉପରେ ଏକ ବିରାଟକାୟ ଗଛ ଉପୁଡ଼ି ପଡ଼ିବାରୁ ବୃଦ୍ଧା ଜଣକ ଅଳ୍ପକେ ବର୍ତ୍ତି ଯାଇଥିଲେ ହେଁ ତାଙ୍କ ଘରର ଆଜବେଷ୍ଟସ୍ ଏବଂ ଚାଳ ଉଡ଼ିଯାଇ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗଛ ମାଡ଼ ହେବା ଫଳରେ ଘରର କାନ୍ଥ ଏବଂ ଆସବାବପତ୍ର ଭାଙ୍ଗି ଚୁରମାର ହୋଇଯାଇଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଥିବା ବେଳେ କ୍ଷତିଗ୍ରସ୍ତ ବୃଦ୍ଧାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ମେରା ଯୁବ ଭାରତ ପକ୍ଷରୁ ବିଶ୍ୱ ପରିବେଶ ଦିବସ




ରାୟଗଡ,୫।୬(ସମିସ): ରାୟଗଡ ଜିଲ୍ଲା ସଦର ବ୍ଲକ କାର୍ଲାକଣା ପଞ୍ଚାୟତ କୁରୁମପେଟା ଗ୍ରାମରେ ନେତାଜୀ ଯୁବକ ସଂଘ ଏବଂ ମେରା ଯୁବ ଭାରତ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ରାୟଗଡ ଜିଲ୍ଲା ମେରା ଯୁବ ଭାରତ ଶାଖାର ଜିଲ୍ଲା ଯୁବ ଅଧିକାରୀ କିଶୋର ବେମୁଲୱାଡା, କାର୍ଲାକଣା ଗ୍ରାମ ପଞ୍ଚାୟତର ସମିତି ମେମ୍ବର ବନ୍ଦନା ଅଟକା, ସମାଜସେବୀ ଓ ଯୁବ ସାମ୍ବାଦିକ ସଦାନନ୍ଦ ପେଦେଣ୍ଟୀ, କାର୍ଲାକଣା ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ମେମ୍ବର ମୁୱାଲା ହେମା ସୁନ୍ଦର, ନେତାଜୀ ଯୁବକ ସଂଘ ର ଉପଦେଷ୍ଟା ମୁନା କାଡ୍ରକା ପ୍ରମୁଖ ଯୋଗ ଦେଇଥିଲେ। ନେତାଜୀ ଯୁବକ ସଂଘର ପ୍ରାୟ ୬୦ ଯୁବକ ଯୁବତୀ ଏହି ଦିବସରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମେ ପରିବେଶ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତା ପ୍ରାୟ ୨୨ ଜଣ ଅଂଶଗ୍ରହଣ କରିଥିଲେ ଏବଂ ସେଥି ମଧ୍ୟରୁ ୭ ଜଣ ବିଜେତା ହୋଇଥିଲେ। ପରେ ବିଜେତା ମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ବକ୍ତାମାନେ ପରିବେଶକୁ କିପରି ସୁରକ୍ଷା ଦେଇ ହେବ ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଶେଷରେ ମେରା ଯୁବା ଭାରତ ତରଫରୁ ନେତାଜୀ ଯୁବକ ସଂଘକୁ ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା।

## ପିଲାଙ୍କ କ୍ଲାସ୍‌ରୁମ୍‌ରେ ‘ଚୁନାବ’ ପାଠଶାଳା

# ଭୋଟରଙ୍କୁ ସଚେତନ କରୁଛି ଜିଲ୍ଲା ପ୍ରଶାସନ




ମାଲକାନଗିରି, ୭।୬(ସମିସ): ଆଗାମୀ ନିର୍ବାଚନକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ମାରାଥନ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଜି ଜିଲ୍ଲାର ବିଭିନ୍ନ ବ୍ଲକରେ ବଡ଼ ଧରଣର ସମୀକ୍ଷା ବୈଠକ ସହ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୪୭-ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଇଆରଓ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମାଥିଲି ବ୍ଲକଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଭୋଟର ତାଲିକାଭୁକ୍ତ ଫର୍ମ ବଣ୍ଟନ ଓ ସ୍ପେଶାଲ ଇନଫରମେସନ ରେଜିଷ୍ଟ୍ରେସନର ଅଗ୍ରଗତି ସମୀକ୍ଷା କରାଯିବା ସହ କ୍ଷେତ୍ର କର୍ମଚାରୀଙ୍କ ସମସ୍ତ ସନ୍ଦେହ ଦୂର ପାଇଁ ଏକ ଡ଼ାଉଟ୍ କ୍ଲିଓର ସେସନ୍ କରାଯାଇଥିଲା। ବୈଠକରେ ମାଥିଲି ବିଡିଓ, ସହକାରୀ ଜିଲ୍ଲାପାଳ ନିର୍ବାଚନ ଓ ନୋଡାଲ ଅଫିସରମାନେ ସାମିଲ ଥିଲେ। ଅନ୍ୟପଟେ ଚିତ୍ରକୋଣ୍ଡା ବ୍ଲକରେ ନିର୍ବାଚନ କାର୍ଯ୍ୟରେ ଅବହେଳାକୁ ବରଦାସ୍ତ କରାଯାଇନାହିଁ। ଯେଉଁ ବୁଥ ସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜରମାନଙ୍କର ପ୍ରଦର୍ଶନ ୫୦ ପ୍ରତିଶତରୁ କମ୍ ରହିଥିଲା, ସେମାନଙ୍କୁ ନେଇ ଚିତ୍ରକୋଣ୍ଡା ବିଡିଓ, ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ଏକ କଡ଼ା ଆଭିମୁଖ୍ୟ ସହ ସମୀକ୍ଷା କରିଛନ୍ତି ଏବଂ କାର୍ଯ୍ୟରେ ତୁରନ୍ତ ସୁଧାର ଆଣିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭୋଟରମାନଙ୍କୁ ସଚେତନ କରିବା ପାଇଁ ୧୪୬-ମାଲକାନଗିରି ନିର୍ବାଚନ ମଣ୍ଡଳୀର ଉପ ଜିଲ୍ଲାପାଳ ତଥା ଇଆରଓ ଦୁର୍ଯ୍ୟୋଧନ ଭୋଇ ସ୍ୱୟଂ ମଇଦାନକୁ ଓହ୍ଲାଇଛନ୍ତି। ଆଜି ମାଲକାନଗିରିର ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବିବିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଚୁନାବ ପାଠଶାଳା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ଭୋଟର ପଞ୍ଜୀକରଣ ଏବଂ ଗଣତନ୍ତ୍ରରେ ସେମାନଙ୍କ ଅଧିକାର ବିଷୟରେ ଶିକ୍ଷା ଦିଆଯାଇଛି।

## ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ଲମତାପୁଟ,୭।୬(ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକର ଚାରିଗୋଟି ପଞ୍ଚାୟତ ମାଛକୁଣ୍ଡ ,ଜଲାହଞ୍ଜର, ମାଟାମପୁଟ ଓ ପେଟାରେ ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଓଡ଼ିଶା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକର ତିନିଗୋଟି ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନର ଉଦ୍‌ଘାଟନ କରିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଏହି ଅଞ୍ଚଳଟି ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଏବଂ ଆନ୍ଧ୍ର ସୀମାନ୍ତବର୍ତ୍ତି ଅଞ୍ଚଳ ହୋଇଥିବା ଏବଂ ବିଗତ ଦିନରେ ମାଓ ପ୍ରଭାବିତ ଅଞ୍ଚଳ ରହିଥିବା ଯୋଗୁଁ ଶିକ୍ଷା ଓ ଅଞ୍ଚଳର ବିକାଶ କ୍ଷେତ୍ରରେ ଅଙ୍କୁଶ ଲାଗି ରହିଥିଲା। କିନ୍ତୁ ମାଓ ମୁକ୍ତ ହେବା ପରେ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ହୋଇଛି। ଆଜି ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ମାଧ୍ୟମରେ ମାଛକୁଣ୍ଡ ଠାରେ ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉପସ୍ଥିତ ରହିଥିଲେ। ମାଛକୁଣ୍ଡ ଭଳି ଉପାନ୍ତ ଅଞ୍ଚଳରେ ଗୁଣାତ୍ମକ ମାନର ଶିକ୍ଷା ଏବଂ ଛାତ୍ର ଛାତ୍ରୀଙ୍କ ପାଇଁ ସ୍ମାର୍ଟ କ୍ଲାସ ରୁମ୍ ହଷ୍ଟେଲର ବ୍ୟବସ୍ଥା ଭଳି ସୁବିଧା ସୁଯୋଗ ପାଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ରଘୁରାମ ମାଛ, କୋରାପୁଟ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ବିଡ଼ିଓ ଜୟନ୍ତ କୁମାର ମେହେର ଓ ବ୍ଲକର ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ଖଇରପୁଟ,୭।୬(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମାସ୍ଥିତ ପିଏମ୍ ଶ୍ରୀ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଆଡମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଅସିତ କୁମାର ମିସ୍ତ୍ରୀ, ସାଂସଦ ପ୍ରତିନିଧି ଅକ୍ଷୟ କୁମାର ବିଶ୍ୱାଳ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କୃପାସିନ୍ଧୁ ଆମ୍ବଗୁଡ଼ିଆ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ କର୍ମଚାରୀ ଅବନୀକାନ୍ତ ଦାସ ଓ ଅରୁଣ କୁମାର ରାୟ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ପୂଜାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିବାକର ସୁନା, ସମାଜସେବୀ ସାଧୁ ହନ୍ତାଳ, ଗୋପୀ ପାଙ୍ଗୀ, ଭଗବାନ ସାହୁ, ଜ୍ୟୋତିରଞ୍ଜନ ବେହେରା ଓ ତ୍ରିନାଥ ଶଗରିଆ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦ୍ୱିତୀୟ ପର୍ଯ୍ୟାୟର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖାଯାଇଥିଲା। ପରବର୍ତ୍ତୀ ସମୟରେ ଅତିଥିମାନେ ବିଦ୍ୟାଳୟ ପରିସରରେ ପ୍ରସ୍ତାବିତ ନିର୍ମାଣ କାର୍ଯ୍ୟ ସମ୍ପର୍କିତ ଫଳକ ଉନ୍ମୋଚନ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକୁ ଔପଚାରିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହେବା ଦ୍ୱାରା ଅଞ୍ଚଳର ଛାତ୍ରଛାତ୍ରୀମାନେ ଉନ୍ନତ ଶିକ୍ଷା ପରିବେଶ ପାଇବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଆଜିର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିବାରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅର୍ଜୁନ ଗଡଙ୍ଗୀ, ସୁଧାକର ନାୟକ, ଉମାଶଙ୍କର ଦାସ ଏବଂ ରମେଶ ଚନ୍ଦ୍ର ନେଲୁର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ସଭା ଶେଷରେ ସମସ୍ତ ଅତିଥି, ଶିକ୍ଷକ, ଅଭିଭାବକ ଓ ସ୍ଥାନୀୟ ବାସିନ୍ଦାଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପନ କରାଯାଇଥିଲା।

## ବ୍ୟାରେଜ୍‌ରେ ଗାଧୋଇବା ବେଳେ ପାଣିରେ ବୁଡ଼ି ଯୁବକ ମୃତ

ମାଲକାନଗିରି/କୋରୁକୋଣ୍ଡା,୭।୬ (ସମିସ): ବ୍ୟାରେଜକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି ଯୁବକ। ଆଜି ଏପରି ଏକ ଦୁଃଖଦ ଘଟଣା ମାଲକାନଗିରି ଜିଲ୍ଲା ବାଲିମେଳା ସ୍ଥିତ ପୋଟେରୁ ଜଳ ସେଚନ ପ୍ରକଳ୍ପ ଅଧୀନରେ ଥିବା ସୋରଲୁକୋଣ୍ଡା ବ୍ୟାରେଜରେ। ସୂଚନା ମୁତାବକ ରବିବାର



ହେତୁ ସୋମନାଥପୁର ପଞ୍ଚାୟତ ଅନ୍ତର୍ଗତ ଏମଭି-୩୬ ଗ୍ରାମର ରୂପଚାନ୍ଦ ଧରଙ୍କ ପରିବାର ସମେତ ପାଖପଡୋଶୀର ୫ଟି ପରିବାର ମିଶି ଅପରାହ୍ନ ସମୟରେ ଗାଧୋଇବାକୁ ସୋରଲୁକୋଣ୍ଡା ବ୍ୟାରେଜ ଯାଇଥିଲେ। ତେବେ ସମସ୍ତେ ଗାଧୋଇବା ସମୟରେ ବ୍ୟାରେଜର ଜଳ ପ୍ରଖର ସ୍ରୋତରେ ମାଡି ଆସିବାରୁ ରୂପଚାନ୍ଦଙ୍କ ପୁଅ ଅନୁପ ଧର(୨୩) ପଥର ମଧ୍ୟରେ ଥିବା ଏକ ଗଭୀର ସ୍ଥାନରେ ଫସି ଯାଇଥିଲେ। ପରିବାର ମିଶି ଏକତ୍ର ହୋଇ ଗାଧୋଇବା ସମୟରେ ନିଜ ମା ସମ୍ମୁଖରେ ପୁଅଟି ଗଭୀର ଜଳରେ ବୁଡି ମୃତ୍ୟୁବରଣ କରିବା ଭଳି ହୃଦୟ ବିଦାରକ ଘଟଣା ଘଟିଯାଇଛି। ଖବର ପାଇ ବ୍ୟାରେଜରେ ଓରକେଲ ପୋଲିସର ଏକ ଟିମ ଏଏସଆଇ ଅଜିତ ଟାକରୀଙ୍କ ନେତୃତ୍ୱରେ ସେଠାରେ ପହଞ୍ଚିଥିଲା। ଦୀର୍ଘ ସମୟର କସରତ ପରେ ଓରକେଲ ପୁଲିସର ଏକ ଟିମ୍ ଏବଂ ପରିବାର ବର୍ଗ ଅନୁପଙ୍କୁ ପାଣି ମଧ୍ୟରୁ ଖୋଜି ବାହାର କରିଥିଲେ। ଏହାପରେ ସଙ୍ଗେ ସଙ୍ଗେ ଅନୁପଙ୍କୁ ବାଲିମେଳା ସ୍ଥିତ ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତରସେଠାରେଅନୁପକୁମୃତଘୋଷଣାକରିଥିଲେ। ପରେଅନୁପରମୃତଶରୀରଶବବ୍ୟବଚ୍ଛେଦନିମନ୍ତେ ପୁଲିସ ମାଲକାନଗିରି ପଠାଇଥିବା ବେଳେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଏଏସଆଇ ଶ୍ରୀ ଟାକରୀ ସୂଚନା ଦେଇଛନ୍ତି। ଏହି ଘଟଣା ଶୁଣି ସୋରଲୁକୋଣ୍ଡା ବ୍ୟାରେଜ ନିକଟରେ କିଛି ସମୟ ପାଇଁ ଶତାଧିକ ଲୋକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। ତେବେ ଏଭଳି ଦୁଃଖଦ ଘଟଣା ଘଟିବା ଦ୍ୱାରା ଏମଭି-୩୬ ଗ୍ରାମ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକରର ଛାୟା ଖେଳିଯାଇଛି।

## ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ବୈଠକ

ଗୁଣୁପୁର, ୭।୬(ସମିସ): ଗୁଣପୁର ସହର ସ୍ଥିତ ଆରଏମ୍‌ସି ନିକଟସ୍ଥ ବିସିଟି ପ୍ରଶିକ୍ଷଣ ଗୃହ ଠାରେ ଗୁଣପୁର ବ୍ଲକ ସ୍ତରୀୟ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ମାନଙ୍କ ବୈଠକ ସଭାପତି ଯଶ୍ୱନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକକୁ ସମ୍ପାଦିକା ସନ୍ଧ୍ୟା ଦାସ, ପୂର୍ବତନ ସଭାପତି ସନ୍ଥନି ଶବର, ପୂର୍ବତନ ସମ୍ପାଦିକା ବୀଣା ଓ ଅନ୍ୟମାନେ ପରିଚାଳନା କରିଥିଲେ। ବୈଠକରେ ବିଭିନ୍ନ ସମସ୍ୟା ଯଥା ଘରଭଡ଼ା ପ୍ରଦାନ, ରନ୍ଧା ଖାଦ୍ୟ ଅର୍ଥ ପ୍ରଦାନ, ଅଣ୍ଡା ବାବଦକୁ ମାସିକ ଦେୟ ପ୍ରଦାନ, ବିଦ୍ୟୁତ୍ ଦେୟ ପ୍ରଦାନ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହା ସହ ବୈଠକରେ ଗୁଣପୁର ସିଡିପିଓଙ୍କ ଦ୍ୱାରା ହୋଇ ଆସୁଥିବା ଦୁର୍ନୀତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗତ ଦିନ ଗୁଡିକରେ ଅଡିଟ ନିମନ୍ତେ ପ୍ରତ୍ୟେକ କର୍ମୀଙ୍କ ଠାରୁ ଏକ ହଜାର ଟଙ୍କା ଆଦାୟ କରାଯିବା, ଘର ଭଡ଼ା ଦୁଇବର୍ଷ ନିମନ୍ତେ ପାଇବାକୁ ଥିବା ସତ୍ତ୍ୱେ ଏକ ବର୍ଷର ଭଡ଼ା ପ୍ରଦାନ କରାଯାଇ ଏଥିରୁ ପ୍ରତ୍ୟେକ କର୍ମୀ ଠାରୁ ପାଞ୍ଚ ହଜାର ପ୍ରତ୍ୟେକ କର୍ମୀ ଠାରୁ ଆଦାୟ କରାଯିବା, ଷାଠିଏ ବର୍ଷରୁ ୬୨ ବର୍ଷକୁ କାର୍ଯ୍ୟକାଳ ବୃଦ୍ଧି ନିମନ୍ତେ କର୍ମୀ ଠାରୁ ପାଞ୍ଚ ହଜାର ଆଦାୟ କରାଯିବା, ଅଣ୍ଡା ବିକ୍ରୟ କେନ୍ଦ୍ରକୁ ଯାଇ ଅର୍ଥ ଆଦାୟ କରୁଥିବା ଇତ୍ୟାଦିକୁ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା। ଏତତ୍‌ବ୍ୟତୀତ କର୍ମୀ ମାନଙ୍କ ପ୍ରତି ଅଶାଳୀନ ଭାଷା ପ୍ରୟୋଗ କରିବା, ଅଯଥାରେ ସ୍ୱାସ୍ଥ୍ୟ କର୍ମୀଙ୍କୁ କ୍ଷମା ମାଗିବା ପାଇଁ ନିର୍ଦ୍ଦେଶ ଦେବା, କାଜୁ , କ୍ଷୀର, କଦଳୀ, ମାଂସ ଘରକୁ ଆଣିବା ପାଇଁ ବାଧ କରିବା ଓ ଏସବୁ ନକଲେ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କୁ କହି ଚାକିରିରୁ ବରଖାସ୍ତ କରିବାର ଧମକ ଦେଉଥିବା ଘଟଣାକୁ ନେଇ ଆଜିର ବୈଠକରେ କ୍ଷୋଭ ପ୍ରକାଶ ସହ ତୁରନ୍ତ ବଦଳି ଦାବି କରିବାକୁ ନିଷ୍ପତି ନେଇଥିଲେ। ଏହି ସମସ୍ତ କାର୍ଯ୍ୟ ସୁପର୍ଭାଇଜର ମାନଙ୍କ ମାଧ୍ୟମରେ କରାଯାଉଥିବାର କର୍ମୀ ବୃନ୍ଦ ଜଣାଇଥିଲେ।



## ଶିଶୁଙ୍କ ଥଇଥାନ ପାଇଁ ସ୍ୱତନ୍ତ୍ର କ୍ୟାମ୍ପ୍




ଜୟପୁର,୭।୬ (ସମିସ): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶକ୍ରମେ ଗତ ଶନିବାର ଜୟପୁର ବ୍ଲକର ପାରାବେଡା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ପିତୃମାତୃହୀନ ଏବଂ ଏକକ ଅଭିଭାବକ ଶିଶୁଙ୍କ ଉପଯୁକ୍ତ ଥଇଥାନ ନିମନ୍ତେ ସ୍ୱତନ୍ତ୍ର କ୍ୟାମ୍ପର ଆୟୋଜନ କରାଯାଇଥିଲା। ଏହି କ୍ୟାମ୍ପରେ ମୋଟ ୧୩୦ ଜଣ ସୁରକ୍ଷା ଏବଂ ଯତ୍ନ ଆବଶ୍ୟକ କରୁଥିବା ଶିଶୁଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନା କରାଯାଇଥିଲା। ଶିଶୁମଙ୍ଗଳ ସମିତିର ତଦନ୍ତ ସମାପ୍ତ ପରେ ସେହି ଶିଶୁମାନଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣ ମୂଳକ ଯୋଜନାରେ ସାମିଲ କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କ ସର୍ବାଙ୍ଗୀନ ବିକାଶକୁ ସୁନିଶ୍ଚିତ କରାଯିବାକୁ ଆଶ୍ୱାସନା ଦିଆଯାଇଥିଲା। କୋରାପୁଟ ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ସମ୍ମିଳିତ ଶିଶୁ କଲ୍ୟାଣ ସମିତି ଏବଂ ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଉକ୍ତ କ୍ୟାମ୍ପର ଆୟୋଜନ କରାଯାଇଥିଲା। ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷା ଏବଂ ସଦସ୍ୟ,ସଦସ୍ୟା ଉପସ୍ଥିତ ରହି ଶିଶୁମାନଙ୍କ ଉପସ୍ଥାପନା କରିଥିଲେ। ଜିଲ୍ଲାଶିଶୁ ସୁରକ୍ଷା ୟୁନିଟର ବିଭିନ ସଦସ୍ୟ, ଉତ୍କଳ ବାଳାଶ୍ରମର ଅଧିକ୍ଷକ, ଜୟପୁର ସମ୍ମିଳିତ ଶିଶୁ ମଙ୍ଗଳ ଅଧିକାରୀ, ସୁପରଭାଇଜର, ଶୋଭାର କର୍ମକର୍ତ୍ତା, ଚାଇଲ୍ଡ ହେଲ୍ପ ଲାଇନ ସଂଯୋଜିକା ଏବଂ ଅଙ୍ଗନବାଡି କର୍ମୀ ମାନେ ପରିଚାଳନାରେ ସହାୟକ କରିଥିଲେ।

## ଘରୋଇ ଗ୍ୟାସ ବିତରଣ ବ୍ୟବସ୍ଥା

# ସହରାଞ୍ଚଳ ସୁବିଧାରୁ ବଞ୍ଚିତ ଗୁଡାରୀବାସୀ

ଗୁଡାରୀ,୭।୬(ସମିସ): ଗୁଡାରୀ ମଧ୍ୟ ପ୍ରାଚ୍ୟ ଯୁଦ୍ଧ ପରେ ଦେଶରେ ଗ୍ୟାସ ବିତରଣ ଉତ୍କଟ ହେବାରେ ଲାଗିଛି। ଦିନ ଥିଲା ଗ୍ରାହକ ଗ୍ୟାସ୍ ଅନଲାଇନରେ ବୁକିଙ୍ଗ କରିବା ମାତେ ହାତ ପାହାନ୍ତାରେ ମିଳିଯାଉଥିଲା । କିନ୍ତୁ ଏବେ ଗୋଟିଏ ଗ୍ୟାସ ହାଣ୍ଡି ପାଇଁ ୪୫ ଦିନ ଅପେକ୍ଷା କରିବାକୁ ପଡୁଛି। ଏମିତିରେ ସହର ପାଇଁ ୨୫ ଦିନରେ ହିତାଧିକାରୀ ଗ୍ୟାସ ସିଲିଣ୍ଡର ପାଇଁ ଯୋଗ୍ୟ ଥିଲେ ମଧ୍ୟ ଗୁଡାରୀ ହିନ୍ଦୁସ୍ଥାନ ଏଲପିଜି ଗ୍ୟାସ ଗ୍ରାମୀଣ କ୍ଷେତ୍ରରେ ଅନ୍ତର୍ଭୂକ୍ତ ଥିବା ଯୋଗୁଁ ପରିଷଦର ଗ୍ୟାସ ଉପଭକ୍ତା ୨୫ ଦିନ ବଦଳରେ ଗ୍ୟାସ ସିଲିଣ୍ଡର ପାଇଁ ୪୫ ଦିନ ଅପେକ୍ଷା କରୁଛନ୍ତି। ଯାହାକି ୨୦ ଦିନ ବ୍ୟବଧାନ ରହୁଛି। ଏହାକୁ ନେଇ ଗ୍ରାହକ ଅସନ୍ତୁଷ୍ଟ ଥିବା ପ୍ରକାଶ କରିଛନ୍ତି। ସହରାଞ୍ଚଳ ବ୍ୟବସ୍ଥାକୁ ନେଇ ଲିପ୍ସା ମାଲିକ ସେନାପତିଙ୍କୁ ପଚାରି ବୁଝିବାରୁ ସେ କହିଛନ୍ତି ଏଚ୍‌ପି ଗ୍ୟାସ ଟେଣ୍ଡର ସମୟରେ ପଞ୍ଚାୟତ ଗୁଡ଼ିକୁ ଗ୍ୟାସ ବିତରଣ ପାଇଁ ଟେଣ୍ଡର ବାହାରିଥିଲା। ଏହା ଯେତେବେଳେ କାର୍ଯ୍ୟକ୍ଷମ ହେଲା, ପ୍ରଥମେ କାର୍ଯ୍ୟାଳୟଟିକୁ ଅସଡା ପଞ୍ଚୟତାରେ ରଖିବା ପାଇ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ସରକାରଙ୍କ ନିୟମ ଅନୁସାରେ ୧୫ କିମି ପରିଧି ଭିତରେ କାର୍ଯ୍ୟାଳୟ ରଖାଯିବା ବ୍ୟବସ୍ଥା ଥିବାରୁ ସମସ୍ତ ଅଭ୍ୟନ୍ତରୀଣ ବ୍ୟବସ୍ଥାକୁ ଚିନ୍ତାକରି ଗୁଡାରୀରେ କାର୍ଯ୍ୟାଳୟ ସ୍ଥାପନ କରାଯାଇଛି। ସହରାଞ୍ଚଳ, ଗ୍ରାମାଞ୍ଚଳ ଅଲଗା ପାଇଁ ଚିନ୍ତାକଲେ ପୁଣି ସରକାର ଟେଣ୍ଡରକୁ ଅପେକ୍ଷା କରିବାକୁ ପଡିବ ବୋଲି କହିଛନ୍ତି। ଜିଲ୍ଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ତୁରନ୍ତ ସମାଧାନ କଲେ, ସହରାଞ୍ଚଳ ଖାଉଟି ଅଳ୍ପ ଦିନ ବ୍ୟବଧାନରେ ଗ୍ୟାସ୍ ସୁବିଧା ପାଇପାରନ୍ତେ ବୋଲି ମତ ପ୍ରକାଶ ପାଉଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୯୫ ● ପାଉଣ୍ଡ ୧୨୮.୫୩
- ୟୁରୋ ୧୧୧.୧୯ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୦,୦୦୦ (ଭୁବନେଶ୍ୱର)
- ରୁପା : ୨,୭୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୨୪୩.୦୦
- ନିଫ୍ଟି ୨୩,୩୬୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



### ଏଲ୍-ନିନୋର ଭୟଙ୍କର ପ୍ରଭାବ

# ଏସିଆ ମହାଦେଶରେ ଧାନ ଚାଷ ପ୍ରଭାବିତ

ନୂଆଦିଲ୍ଲୀ,୭।୬(ଏଜେନ୍ସି): ଏସିଆରେ ସମ୍ଭାବ୍ୟ ଏଲ୍-ନିନୋର ପ୍ରଭାବ ବିଷୟରେ ବଢୁଥିବା ଚିନ୍ତା ମଧ୍ୟରେ ଚଳିତ ସପ୍ତାହରେ ଭିଏତନାମ୍‌ରେ ଚାଉଳ ରପ୍ତାନି ମୂଲ୍ୟ ବୃଦ୍ଧି ପାଇଛି। ଜୁନ୍‌ରୁ ଅଗଷ୍ଟ ମାସ ମଧ୍ୟରେ ଦେଶରେ ଏଲ୍-ନିନୋ ସୃଷ୍ଟି ହେବାର ସମ୍ଭାବନା ୮୦% ରହିଛି। ଏହି ସମୟରେ, ବାଂଲାଦେଶରେ ପ୍ରବଳ ଗରମ ଏବଂ ଫସଲ କ୍ଷତି ଯୋଗୁଁ ମୂଲ୍ୟ ଉଚ୍ଚ ରହିଛି। ବିପରୀତରେ, ପର୍ଯ୍ୟାପ୍ତ ଷ୍ଟକ୍ ଏବଂ ଭଲ ଯୋଗାଣ ଯୋଗୁଁ ଭାରତରେ ଚାଉଳ ମୂଲ୍ୟ ବର୍ତ୍ତମାନ ସ୍ଥିର ରହିଥିବାବେଳେ ଭାରତ ଉପରେ କିନ୍ତୁ ଏହାର ପ୍ରଭାବକୁ ନେଇ ଆଶଙ୍କା ବଢ଼ିବାରେ ଲାଗିଛି।

ରଏଟର୍ସ ଅନୁଯାୟୀ, ଭିଏତନାମରୁ ୫% ଭଙ୍ଗା ଚାଉଳର ରପ୍ତାନି ମୂଲ୍ୟ ଗତ ସପ୍ତାହରେ ପ୍ରତି ଟନ୍ ୪୦୫-୪୧୦ ଡଲାର ତୁଳନାରେ ଏହି ସପ୍ତାହରେ ୪୧୫-୪୨୦ ଡଲାର ପ୍ରତି ଟନ୍ ବୃଦ୍ଧି ପାଇଛି। ସରକାରୀ ତଥ୍ୟ ଅନୁଯାୟୀ, ଭିଏତନାମ ମେ' ମାସରେ



## ଆଶଙ୍କାରେ ଭାରତର ଖରିଫ୍ ଫସଲ

## ଜୁନ୍-ଅଗଷ୍ଟ ଏଲ୍-ନିନୋ ସମ୍ଭାବନା ୮୦%

ପ୍ରାୟ ୯୨.୫ ନିୟୁତ ଟନ୍ ଚାଉଳ ରପ୍ତାନି କରିଥିଲା, ଯାହା ଗତ ବର୍ଷର ସମାନ ସମୟ ତୁଳନାରେ ୧୯% ବୃଦ୍ଧି। ଚଳିତ ବର୍ଷର ପ୍ରଥମ ପାଞ୍ଚ ମାସରେ ମୋଟ ରପ୍ତାନି ୪.୩ ନିୟୁତ ଟନ୍‌ରେ ପହଞ୍ଚିଛି, ଯାହା ବର୍ଷ ବର୍ଷ ଧରି ୨.୪% ବୃଦ୍ଧି ପାଇଛି। ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍‌ଓ) ଅନୁଯାୟୀ, ଜୁନ୍ ଏବଂ ଅଗଷ୍ଟ ମଧ୍ୟରେ ଏଲ୍ ନିନୋ ସୃଷ୍ଟି ହେବାର ୮୦% ସମ୍ଭାବନା ରହିଛି, ଯେତେବେଳେ କି ନଭେମ୍ବର ପର୍ଯ୍ୟନ୍ତ ଏହା ଲାଗି ରହିବାର ସମ୍ଭାବନା ୯୦% ଆକଳନ କରାଯାଇଛି। ଜଣେ ଭିଏତନାମ ବ୍ୟବସାୟୀ ବ୍ୟାଖ୍ୟା କରିଛନ୍ତି ଯେ ଏସିଆରେ ଏଲ୍ ନିନୋ ଦ୍ୱାରା ଉତ୍ପାଦନ ପ୍ରଭାବିତ ହେବାର ଭୟ ଯୋଗୁଁ ବଜାର ଗତିବିଧି ବଢ଼ିଯାଇଛି। ଭିଏତନାମ ପୂର୍ବରୁ ପ୍ରତିକୂଳ ପାଗର ଶିକାର ହୋଇଛି, ତେଣୁ ବ୍ୟବସାୟୀମାନେ ସମ୍ଭାବ୍ୟ ଯୋଗାଣ ସଙ୍କଟକୁ ନେଇ ସତର୍କ ଅଛନ୍ତି।

ବାଂଲାଦେଶରେ ହାଲ୍‌କାରୁ ମଧ୍ୟମ ଗରମ ଲହରୀ ଧାନ ଅମଳକୁ ପ୍ରଭାବିତ କରୁଛି। ଚାଷୀମାନେ କହିଛନ୍ତି ଯେ ବୃଦ୍ଧି ପାଉଥିବା ତାପମାତ୍ରା ଫସଲ ଅମଳ ସହ ଗଛଗୁଡ଼ିକରେ ଦ୍ରୁତ ଆର୍ଦ୍ରତା ହ୍ରାସ କରୁଛି। ଏହା ବ୍ୟତୀତ, ପ୍ରବଳ ପ୍ରାକ-ମୌସୁମୀ ବର୍ଷା ୨୦୦,୦୦୦ ଟନ୍‌ରୁ ଅଧିକ ଚାଉଳକୁ କ୍ଷତି ପହଞ୍ଚାଇଛି, ଯାହା ଯୋଗାଣ ଉପରେ ଅତିରିକ୍ତ ଚାପ ପକାଇଛି।

ଗତ ସପ୍ତାହରେ ଭାରତରୁ ୫% ଭଙ୍ଗା ପାର୍ବୋଇଲ୍ଡ ଚାଉଳର ମୂଲ୍ୟ ପ୍ରତି ଟନ୍ ୩୩୭-୩୪୫ ଡଲାରରେ ସ୍ଥିର ରହିଥିଲା। ଏହି ସମୟରେ, ୫% ଭଙ୍ଗା ଧଳା ଚାଉଳର ମୂଲ୍ୟ ପ୍ରତି ଟନ୍ ୩୩୮.୩୪୪ ଡଲାର ରହିଛି। ନୂଆଦିଲ୍ଲୀର ଜଣେ ରପ୍ତାନିକାରୀଙ୍କ ଅନୁଯାୟୀ, ଅନ୍ୟ ପ୍ରମୁଖ ରପ୍ତାନିକାରୀ ଦେଶମାନଙ୍କ ପାଖରେ ସୀମିତ ଅତିରିକ୍ତ ଷ୍ଟକ୍ ଅଛି ଏବଂ ଏଲ୍ ନିନୋ ଯୋଗୁଁ ପରବର୍ତ୍ତୀ ଋତୁରେ ଉତ୍ପାଦନ ହ୍ରାସ ଆଶଙ୍କା କରି ସେମାନେ ମୂଲ୍ୟ ବୃଦ୍ଧି କରୁଛନ୍ତି।

ଅନ୍ୟପକ୍ଷରେ, ଥାଇଲାଣ୍ଡରେ ୫% ଭଙ୍ଗା ଚାଉଳର ମୂଲ୍ୟ ପ୍ରତି ଟନ୍ ୪୫୦ ଡଲାର ରହିଛି। ବ୍ୟାଙ୍କକ୍ ବ୍ୟବସାୟୀଙ୍କ ଅନୁଯାୟୀ, ପଶୁ ଖାଦ୍ୟରେ ବ୍ୟବହୃତ ଭଙ୍ଗା ଚାଉଳର ମୂଲ୍ୟ ଦ୍ୱାରା ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଯୋଗୁଁ ଚାଉଳର ମୂଲ୍ୟ ସ୍ଥିର ରହିଛି। ତଥାପି, ବଜାର ବର୍ତ୍ତମାନ ନୂତନ ଫସଲ ଉପରେ ନଜର ରଖିଛି, ଯାହା ଆଗାମୀ ତିନି ମାସ ମଧ୍ୟରେ ଆଶା କରାଯାଉଛି।

# ବଢୁଛି ଭାରତୀୟ ଆମ୍ବର ଚାହିଦା

ନୂଆଦିଲ୍ଲୀ,୭।୬(ଏଜେନ୍ସି): ଭାରତର ଝାଡ଼ଖଣ୍ଡରୁ ୧.୫ ଟନ୍ ପ୍ରସିଦ୍ଧ ଆମ୍ରପାଲି ଆମ୍ବ ପଠାଯାଇଛି। ପୂର୍ବରୁ, ଜାପାନ ଦ୍ୱାରା ଭାରତୀୟ ଆମ୍ବ ଉପରେ ପ୍ରତିବନ୍ଧକ ଲଗାଯିବା ପରେ ଦେଶରେ ହଇଚଇ ସୃଷ୍ଟି ହୋଇଥିଲା, ଅନେକ ଲୋକ ଆମ୍ବଗୁଡ଼ିକର ଗୁଣବତ୍ତା ଏବଂ ପରିଚାଳନା ଉପରେ ପ୍ରଶ୍ନ ଉଠାଇଥିଲେ। ତଥାପି, ଝାଡ଼ଖଣ୍ଡ ଚାଷୀଙ୍କ ପାଇଁ ଏବେ କିଛି ଆଶ୍ୱସ୍ତି ଆସିଛି କାରଣ ୟୁକେରେ ସେମାନଙ୍କର ପ୍ରସିଦ୍ଧ ଆମ୍ରପାଲି ଆମ୍ବ ଚାହିଦା ରହିଛି। କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଏହି ସୂଚନା ସେୟାର କରିଛନ୍ତି। ୟୁକେ ପଠାଯାଇଥିବା ଆମ୍ବଗୁଡ଼ିକ ବେଉରା ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ଦ୍ୱାରା ବିକ୍ରି କରାଯାଇଥିଲା। ଏହି କମ୍ପାନୀ ମହିଳା ଚାଷୀଙ୍କ ଦ୍ୱାରା ପରିଚାଳିତ। ଏହାର ଅଧିକାଂଶ ଦାୟିତ୍ୱ ମହିଳାମାନେ ତୁଲାଇଥାନ୍ତି। ଏହି ଆମ୍ବଗୁଡ଼ିକୁ ପ୍ରଥମେ ଝାଡ଼ଖଣ୍ଡରୁ କୋଲକାତା ପଠାଯାଇଥିଲା, ଯେଉଁଠାରୁ ଏଗ୍ରୋ ଫ୍ରେସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ରପ୍ତାନି କରାଯାଇଥିଲା।

ମେ' ମାସରେ ଏପିଇଡିଏ ଚାଷୀ ଉତ୍ପାଦକ ସଂଗଠନ, ଅଂଶୀଦାର ଚାଷୀ ଉତ୍ପାଦକ କମ୍ପାନୀ ଏବଂ ଚାଷୀମାନଙ୍କୁ ରପ୍ତାନି ନିୟମ, ଆନ୍ତର୍ଜାତୀୟ ବଜାର ଚାହିଦା ଏବଂ ଗୁଣାତ୍ମକ ବିଚାର ଉପରେ ଶିକ୍ଷା ଦେବା ପାଇଁ ସିମଡେଗାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହାପରେ, ମହିଳା ଚାଷୀ ଉତ୍ପାଦକମାନଙ୍କ ଦ୍ୱାରା ପରିଚାଳିତ ବେଉରା ଏଫ୍‌ପିସି, ରପ୍ତାନି କମ୍ପାନୀ ସହିତ ଯୋଗାଯୋଗ କରି ୟୁକେକୁ ଆମ୍ବଗୁଡ଼ିକର ପ୍ରଥମ ମାଲ ପଠାଯାଇଥିଲା। ଯଦି ଚାଷୀଙ୍କ ଉତ୍ପାଦ ରପ୍ତାନି କରାଯାଏ, ତେବେ ସେମାନେ ଘରୋଇ ବଜାର ଅପେକ୍ଷା ଅନ୍ତର୍ଜାତୀୟ ବଜାରରେ ଭଲ ମୂଲ୍ୟ ପାଇପାରିବେ। ଯଦି ଚାଷୀମାନଙ୍କୁ ରପ୍ତାନି ପାଇଁ ନିୟମାବଳୀ ଏବଂ ଗୁଣାତ୍ମକ ଆବଶ୍ୟକତା ବିଷୟରେ ଅବଗତ କରାଯାଏ, ତେବେ ସେମାନେ ସେମାନଙ୍କର ଉତ୍ପାଦକୁ ଭଲ ଭାବରେ ପରିଚାଳନା କରିପାରିବେ।ଝାଡ଼ଖଣ୍ଡରେ ଆମ୍ରପାଲି ଆମ୍ବ ଚାଷରେ ବୃଦ୍ଧି ପରିଲକ୍ଷିତ ହେଉଛି, କାରଣ ଏହି ପ୍ରଜାତିର କ୍ଷେତ୍ରର ଜଳବାୟୁ ଏବଂ ମାଟି ପାଇଁ ଉପଯୁକ୍ତ। ସରକାର ଚାଷୀମାନଙ୍କୁ ଉତ୍ସାହିତ କରିବା ପାଇଁ ଅନେକ ଯୋଜନା ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି, ଯେଉଁଥିରେ ବିର୍ସା ସବୁଜ ଗ୍ରାମ ଯୋଜନା ଅନ୍ତର୍ଭୁକ୍ତ। ସରକାର ଚାଷୀମାନଙ୍କୁ ତାଲିମ ମଧ୍ୟ ପ୍ରଦାନ କରନ୍ତି। ଚଳିତ ବର୍ଷ ଝାଡ଼ଖଣ୍ଡରେ ଆମ୍ବ ଉତ୍ପାଦନ ଗତ ବର୍ଷ ତୁଳନାରେ ପ୍ରାୟ ତିନି ଗୁଣ ଅଧିକ ହେବ ବୋଲି ଆଶା କରାଯାଉଛି।

# ସାଓମି ଇଣ୍ଡିଆ ପକ୍ଷରୁ ନୂତନ ସାଓମି ୧୭-ଟି

ନୂଆଦିଲ୍ଲୀ,୭।୬(ଏଜେନ୍ସି): ସାଓମି ଇଣ୍ଡିଆ ପକ୍ଷରୁ ସାଓମି ୧୭ଟିର ଶୁଭାରମ୍ଭ କରାଯାଇଛି, ଯାହା ଏକ ପରିଶୋଧିତ ଫ୍ଲାଗସିପ ଡିଜାଇନରେ ଆଧୁନିକ ଇମେଜିଂ, ନିମଜ୍ଜିତ ମନୋରଞ୍ଜନ,ଶକ୍ତିଶାଳୀ କାର୍ଯ୍ୟଦକ୍ଷତା ଓ ଦୀର୍ଘସ୍ଥାୟୀ ବ୍ୟାଟେରୀ ଲାଇଫକୁ ଏକତ୍ରିତ କରିଛି। ସାଓମି ୧୭ଟିର କେନ୍ଦ୍ରରେ ଏକ ଲେଇକା-ପରିଚାଳିତ ଟ୍ରିପଲ କ୍ୟାମେରା ସିଷ୍ଟମ ରହିଛି ଯେଉଁଥିରେ ଏକ ୫୦ଏମପି ମେନ କ୍ୟାମେରା, ଏକ ଲେଇକା ୫ଏକ୍ସ ପେରିସ୍କୋପ ଟେଲିଫଟୋ କ୍ୟାମେରା ରହିଛି। ସାଓମି ୧୭ଟି ଲେଇକା ଲାଇଭ ମୁମେଣ୍ଟ ମଧ୍ୟ ଆରମ୍ଭ କରିଛି, ଏକ ନୂତନ ଇମେଜିଂ ଅନୁଭୂତି ଯାହା କେବଳ ନିର୍ଣ୍ଣାୟକ ମୂହୁର୍ତ୍ତକୁ କ୍ୟାପଚର କରିବା ପରିବର୍ତ୍ତେ ଦୈନନ୍ଦିନ ସ୍ମୃତିଗୁଡିକୁ ସମୃଦ୍ଧ ଭିଜୁଆଲ କାହାଣୀରେ ପରିବର୍ତ୍ତନ କରିଥାଏ। ଏହି ଡିଭାଇସରେ ୩୫୦୦ ନିଟ୍‌ସ ପର୍ଯ୍ୟନ୍ତ ପିକ୍ ବ୍ରାଇଟନେସ୍ ସହ ୬.୫୯ ଇଞ୍ଚ୍ ୧.୫କେ ଆମୋଲେଡ ଡିସପ୍ଲେ ଓ ୧୨୦ଏଚଜେଡ ରିଫ୍ରେଶ ରେଟ ରହିଛି, ଯାହା ଉଜ୍ଜ୍ୱଳ ସୂର୍ଯ୍ୟାଲୋକରେ ମଧ୍ୟ ସ୍ପଷ୍ଟ ରଙ୍ଗ ଓ ଚମତ୍କାର ଭିଜିବିଲିଟି ଦେଇଥାଏ। ଲଞ୍ଚ୍ ଅବଧି ପାଇଁ ସାଓମି ୧୭ଟି ୧୨ଜିବି+୨୫୬ଜିବି ଓ ୧୨ଜିବି+୫୧୨ଜିବି ଭାରିଆଣ୍ଟରେ ଉପଲବ୍ଧ ହେବ ଯାହାର ମୂଲ୍ୟ ଯଥାକ୍ରମେ ୫୯,୯୯୯ ଟଙ୍କା ଓ ୬୪,୯୯୯ ଟଙ୍କା ରହିଛି। ଗ୍ରାହକମାନେ ଉଭୟ ଫୁଲ ସ୍ୱାଇପ ଓ କ୍ରେଡିଟ କାର୍ଡ ଟ୍ରାଞ୍ଜାକ୍ସନ ଉପରେ ୫୦୦୦ ଟଙ୍କାର ତତ୍କାଳ ବ୍ୟାଙ୍କ ରିଆତି ପାଇପାରିବେ, ଯାହା ଏହାର ପ୍ରଭାବୀ ମୂଲ୍ୟକୁ ୫୪,୯୯୯ ଟଙ୍କାକୁ ହ୍ରାସ କରୁଛି।

# ତେଲ ଉତ୍ପାଦନ ବଢ଼ାଇଲେ ୨୨ ଦେଶ

ନୂଆଦିଲ୍ଲୀ,୭।୬(ଏଜେନ୍ସି): ଭିଏନାରେ ଅନୁଷ୍ଠିତ ଓପେକ୍ ପ୍ଲସ୍ (ଓପେକ୍ ପ୍ଲସ୍) ମନ୍ତ୍ରୀସ୍ତରୀୟ ବୈଠକରେ ଜୁଲାଇ ମାସ ପାଇଁ ତେଲ କୋଟାକୁ ଦୈନିକ ମୋଟ ୧,୮୮,୦୦୦ ବ୍ୟାରେଲ୍ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଏହି ପଦକ୍ଷେପ ଦ୍ୱାରା ତେଲ ଦର ଉପରେ କୌଣସି ବିଶେଷ ପ୍ରଭାବ ପଡ଼ିବାର ସମ୍ଭାବନା ନାହିଁ। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଆଗରୁ ହିଁ ଦାମ ବଢ଼ି ରହିଛି।

ଓପେକ୍ ପ୍ଲସର ଏହି ପଦକ୍ଷେପ ସତ୍ତ୍ୱେ କ୍ରୁଡ୍ ଅଏଲ୍ ଅଶୋଧିତ ତେଲ ଦର କମିବ ନାହିଁ, ଯାହାଫଳରେ ଭାରତକୁ ମହଙ୍ଗା ଇନ୍ଧନରୁ କୌଣସି ଆଶ୍ୱସ୍ତି ମିଳିବ ନାହିଁ। ଏହାଦ୍ୱାରା ଦେଶର ତେଲ ଆମଦାନୀ ବିଲ୍ ଏବଂ କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ଉଚ୍ଚ ସ୍ତରରେ ରହିବ। ଡଲାରର କ୍ରମାଗତ




## ଭାରତକୁ ମିଳିବନି କିଛି ବି ଲାଭ

ଚାହିଦା ବୃଦ୍ଧି ଯୋଗୁଁ ଭାରତୀୟ ଟଙ୍କା ଉପରେ ଚାପ ଜାରି ରହିବ। ରାଏଷ୍ଟର୍ଡ ଏନର୍ଜୀ'ର ଆନାଲିଷ୍ଟ ଜର୍ଜ ଲିଓନଙ୍କ କହିବା ଅନୁସାରେ, ଯେ ପର୍ଯ୍ୟନ୍ତ 'ହର୍ମୁଜ ପ୍ରଣାଳୀ' ବନ୍ଦ ରହିଛି, ସେପର୍ଯ୍ୟନ୍ତ ଏହି ବୃଦ୍ଧିର କୌଣସି ବିଶେଷ ଗୁରୁତ୍ୱ ନାହିଁ। ବଜାରରେ ଘୋଷଣାର ଅଭାବ ନାହିଁ, ଅଭାବ ଅଛି ପ୍ରକୃତ ବ୍ୟାରେଲର ଯାହାକୁ ରପ୍ତାନୀ କରାଯାଇପାରିବ। ତେଣୁ ଦୈନିକ ୧,୮୮,୦୦୦ ବ୍ୟାରେଲର ବୃଦ୍ଧି ବାସ୍ତବ ଯୋଗାଣ ଅପେକ୍ଷା କେବଳ ଏକ ନୀତିଗତ ସଂକେତ ସଦୃଶ।

ରବିବାର ଭିଡିଓ କନଫରେନ୍ସିଂ ଜରିଆରେ ଓପେକ୍ ପ୍ଲସ୍‌ର ପ୍ରମୁଖ ଦେଶ ଯଥା- ସାଉଦି ଆରବ, ରୁଷ, ଇରାକ, କୁଏତ, କଜାକିସ୍ତାନ, ଆଲଜେରିଆ ଏବଂ ଓମାନର ତେଲ ମନ୍ତ୍ରୀମାନଙ୍କ ବୈଠକରେ ଏହି ଉତ୍ପାଦନ ବୃଦ୍ଧି ଉପରେ ସହମତି ପ୍ରକାଶ ପାଇଛି। ଓପେକ୍ ପ୍ଲସରେ ମୋଟ ୨୨ଟି ଦେଶ ସାମିଲ ଅଛନ୍ତି। ଓପେକ୍ ପ୍ଲସ୍ ବ୍ୟାନରରେ କୁହାଯାଇଛି ଯେ, ବର୍ତ୍ତମାନର ବୃଦ୍ଧିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତେଲ ବଜାରରେ ସ୍ଥିରତା ବଜାୟ ରଖିବା। କିନ୍ତୁ ୭ଟି ଦେଶ ଏହି ଦର ବୃଦ୍ଧି ସମୟରେ ନିଜର କ୍ଷତିପୂରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାର ସୁଯୋଗ ମଧ୍ୟ ଦେଖିଛନ୍ତି। ମନ୍ତ୍ରୀମାନେ ସତର୍କତା ଅବଲମ୍ବନ କରିବା ସହ ସ୍ୱେଚ୍ଛାକୃତ ଉତ୍ପାଦନ ହ୍ରାସକୁ ଧୀରେ ଧୀରେ ଶେଷ କରିବା ପ୍ରକ୍ରିୟାକୁ ବଢ଼ାଇବା କିମ୍ବା ବନ୍ଦ କରିବା ପାଇଁ ସମ୍ପୂର୍ଣ୍ଣ ଫ୍ଲେକ୍ସିବିଲିଟି ରଖିବା ଉପରେ ଗୁରୁତ୍ୱ ଦେଇଛନ୍ତି। ବିଶେଷଜ୍ଞଙ୍କ ମତରେ, ଅଧିକ ଉତ୍ପାଦନ ମଧ୍ୟ ଚିନ୍ତା ବଢାଇପାରେ। ଯଦି ମଧ୍ୟପ୍ରାଚ୍ୟ ଯୁଦ୍ଧର ସ୍ଥିତି ବଦଳେ ଏବଂ ହର୍ମୁଜ ପ୍ରଣାଳୀ ଉପରେ ଇରାନ କୋହଳ ହୁଏ, ତେବେ ବଜାରରେ ହଠାତ ତେଲର ଅଭାବ ଦୂର ହେବ। ଏହା ବଦଳରେ ବଳକା ତେଲ ବା ଓଭର-ସପ୍ଲାଇର ସମସ୍ୟା ଦେଖାଦେଇପାରେ।

# ରୋସ୍‌ନେଫ୍ଟ ଦେଲା ସଙ୍କେତ; ଭାରତକୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୭।୬(ଏଜେନ୍ସି) : ପଶ୍ଚିମ ଏସିଆ ସଙ୍କଟ ଓ ବୈଶ୍ୱିକ ତୈଳ ବଜାରରେ ଜାରି ଅନିଶ୍ଚିତତା ମଧ୍ୟରେ ଭାରତ ଲାଗି ଏକ ସକରାତ୍ମକ ଖବର ଆସୁଛି। ରଷିଆ ସରକାରୀ ତୈଳ କମ୍ପାନୀ ରୋସନେଫ୍ଟ ଏକ ବୟାନରେ ଭାରତକୁ ଅଶୋଧିତ ତୈଳ ଯୋଗାଣ ଜାରି ରହିବ ବୋଲି ପୁଷ୍ଟି କରିଛି। ବର୍ତ୍ତମାନ ସମୟରେ ଯେତେବେଳେ ଯୋଗାଣ ଓ ସିପିଂ ମାର୍ଗକୁ ନେଇ ଚିନ୍ତା ଲାଗି ରହିଛି ସେଥିରେ ରଷିଆର ଏହି ଆଶ୍ୱାସନ ଭାରତର ଉର୍ଜା ସୁରକ୍ଷା ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଏଥିରୁ ଦେଶକୁ



## ରୁଷିଆରୁ ଜାରି ରହିବ ତେଲ ଯୋଗାଣ

ତୈଳର ଉପଲବ୍ଧତା ଓ ଦର ନିୟନ୍ତ୍ରଣରେ ସହାୟତା ମିଳିବ ବୋଲି କୁହାଯାଉଛି। ରୋସନେଫ୍ଟ ମୁଖ୍ୟ ଇଗୋର ସେଚିନ କହିଛନ୍ତି ଯେ ଭାରତ ଓ ଚୀନକୁ ରଷିଆ ତୈଳ ଯୋଗାଣ ସ୍ଥିର ରହିବ। ସେ କହିଛନ୍ତି ଯେ ବୈଶ୍ୱିକ ଉର୍ଜା ବଜାରର ରଷିଆ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଓ ଏହାକୁ ଯୋଗାଣ ଶୃଙ୍ଖଳାରୁ ପୃଥକ କରାଯାଇ ପାରିବନି। ତାଙ୍କ ଅନୁସାରେ ଭାରତ ଓ ଚୀନ ସହିତ ରଷିଆର ଉର୍ଜା ଭାଗିଦାରୀ ଦୁଇ ଦେଶଙ୍କ ନିମନ୍ତେ ଲାଭକାରୀ ପ୍ରମାଣିତ ହୋଇଛି। ସେଚିନ ଏହା ବି ଦାବି କରିଛନ୍ତି ଯେ ଏପ୍ରିଲ ୨୦୨୨ରୁ ଏ ପର୍ଯ୍ୟନ୍ତ ଭାରତ ଓ ଚୀନ୍ ରିହାତି ଦରରେ ରଷିୟ ତୈଳ ମିଳିବାରୁ ୪୦ ବିଲିୟନ ଡଲାରରୁ ଅଧିକ ଆର୍ଥିକ ଲାଭ ପାଇଛନ୍ତି। ଏଣୁ ଦୁଇ ଦେଶଙ୍କ ମହଙ୍ଗା ଅନ୍ତର୍ଜାତୀୟ ବଜାର ଉପରେ ନିର୍ଭରତା ହ୍ରାସ ହୋଇଛି। ୟୁକ୍ରେନ ଯୁଦ୍ଧ ପରଠାରୁ ରଷିଆ ଅନେକ ଦେଶଙ୍କୁ ରିହାତୀ ଦରରେ ତୈଳ ବିକ୍ରି କରିଆସୁଛି। ଏହାର ସବୁଠୁ ଅଧିକ ଲାଭ ଭାରତକୁ ମିଳିଛି।

ରଷିଆରୁ ଭାରତ ତୈଳ ଆମଦାନୀ ବଢାଇଛି, ଏଣୁ ଆମଦାନୀ ବାବଦ ବ୍ୟୟ ହ୍ରାସ ହୋଇଥିବା ବେଳେ ଘରୋଇ ବଜାରରେ ଇନ୍ଧନ ମୂଲ୍ୟ ଉପରେ ଚାପ ହ୍ରାସ ହୋଇଛି। ଏବେ ଭାରତକୁ ତୈଳ ଯୋଗାଇ ଦେବାରେ ରଷିଆ ପ୍ରମୁଖ ଦେଶ ପାଲଟିଛି ଓ ଭାରତ ତାର ମୋଟ ତୈଳ ଆବଶ୍ୟକତାର ଏକ ବଡ଼ ଅଂଶ ରଷିଆରୁ ଆମଦାନୀ କରୁଛି। ଏଣୁ ସ୍ଥିର ଓ ଶସ୍ତା ଯୋଗାଣ ଦେଶର ଅର୍ଥ ବ୍ୟବସ୍ଥା ନିମନ୍ତେ ଏକ ଜରୁରି ଆବଶ୍ୟକତା ପାଲଟିଛି।

### ଆଇଡିଏଫ୍‌ସି ଫାଷ୍ଟ-ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଠକେଇ ମାମଲା

# ୬୬୧ କୋଟି ଠକେଇ; ଚଣ୍ଡିଗଡ଼ରୁ ଦିଲ୍ଲୀ ପର୍ଯ୍ୟନ୍ତ ସିବିଆଇ ଚଢ଼ଉ

ନୂଆଦିଲ୍ଲୀ,୭।୬(ଏଜେନ୍ସି): ଆଇଡିଏଫ୍‌ସି ଫାଷ୍ଟ-ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଠକେଇ ମାମଲାରେ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। ହରିୟାଣା ସରକାରୀ ବିଭାଗ ଏବଂ ଚଣ୍ଡିଗଡ଼ ପ୍ରଶାସନରୁ ସରକାରୀ ପାଣ୍ଠିର ଆତ୍ମସାତ ସହିତ ଜଡିତ ୬୬୧ କୋଟି ଟଙ୍କାର ଠକେଇ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଚଢ଼ଉ କରିଛି। ସିବିଆଇ ପକ୍ଷରୁ ଚଣ୍ଡିଗଡ଼, ପଞ୍ଚକୁଲା ଏବଂ ଦିଲ୍ଲୀ-ଏନ୍‌ସିଆର୍‌ରେ ୬ଟି ସ୍ଥାନରେ




ତଲାସୀ ଚଳାଇଛି। ଏହି ୬୬୧ କୋଟି ଟଙ୍କାର ଠକେଇ ଆଇଡିଏଫ୍‌ସି ଫାଷ୍ଟ-ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଠକେଇ ମାମଲା ସହିତ ଜଡିତ। ଏକ ସରକାରୀ ବିବୃତ୍ତି ଅନୁଯାୟୀ, ଆଇଡିଏଫ୍‌ସି ଫାଷ୍ଟ-ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କରେ ରଖାଯାଇଥିବା ପାଣ୍ଠିର ଅପବ୍ୟବହାର ସମ୍ପର୍କରେ ଚାଲିଥିବା ତଦନ୍ତର ଅଂଶ ଭାବରେ ବରିଷ୍ଠ ହରିୟାଣା କ୍ୟାଡର ସରକାରୀ ଅଧିକାରୀ ଏବଂ ନୋଏଡା-ଭିପମ୍ କନସଲ୍ଟାନ୍ସି ପ୍ରାଇଭେଟ୍ ଲିମିଟେଡ୍ ଏବଂ ଏହାର ନିର୍ଦ୍ଦେଶକମାନଙ୍କ ସହ ଜଡିତ ସ୍ଥାନଗୁଡ଼ିକରେ ତଲାସୀ କରାଯାଇଥିଲା।

ମିଡିଆ ରିପୋର୍ଟ ଅନୁଯାୟୀ, ଏହି ଠକେଇ ହରିୟାଣା ସରକାରଙ୍କ ୮ଟି ବିଭାଗ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଚଣ୍ଡିଗଡ଼ର ଦୁଇଟି ବିଭାଗ (ଚଣ୍ଡିଗଡ଼ ମ୍ୟୁନିସିପାଲ କର୍ପୋରେସନ ଏବଂ ଚଣ୍ଡିଗଡ଼ ନବୀକରଣୀୟ ଶକ୍ତି ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତି ପ୍ରୋତ୍ସାହନ ସମାଜ)କୁ ପ୍ରଭାବିତ କରିଥିଲା। ଚଢାଉରୁ ପ୍ରମାଣ ମିଳିଛି ଯେ ସରକାରୀ ଅଧିକାରୀମାନେ ବ୍ୟାଙ୍କ ଅଧିକାରୀଙ୍କ ସହିତ ମିଶି ଆକାଉଣ୍ଟ ଖୋଲିବା, ପାଣ୍ଠି ସ୍ଥାନାନ୍ତର କରିବା ଏବଂ ପରବର୍ତ୍ତୀ ସମୟରେ ଅନ୍ୟତ୍ର ଯିବାକୁ ସହଜ କରିଥିଲେ। ସିବିଆଇ ଅଭିଯୋଗ କରିଛି ଯେ ସରକାରୀ ଅଧିକାରୀମାନେ କାରବାରକୁ ସହଜ କରିବା ଏବଂ ଅନିୟମିତତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ବଦଳରେ ଅନୁଚିତ ଲାଭ ପାଇଥିଲେ।

ସିବିଆଇ ଏହା ମଧ୍ୟ ଅଭିଯୋଗ କରିଛି ଯେ ଭିପମ୍ କନସଲ୍ଟାନ୍ସି ପ୍ରାଇଭେଟ୍ ଲିମିଟେଡ୍ ଏହାର ବ୍ୟାଙ୍କ ଆକାଉଣ୍ଟରେ ଅପରାଧରୁ ଅର୍ଥ ପାଇଥିଲା, ଯାହାକୁ ପରେ ଏହାର ନିର୍ଦ୍ଦେଶକଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଚଢାଉ ସମୟରେ ସିବିଆଇ ଅପରାଧୀ ଡକ୍ୟୁମେଣ୍ଟ, ଡିଜିଟାଲ୍ ଡିଭାଇସ୍, ସମ୍ପତ୍ତି ଡକ୍ୟୁମେଣ୍ଟ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ସାମଗ୍ରୀ ଜବତ କରିଛି। ତଦନ୍ତ ହରିୟାଣା ରାଜ୍ୟ ସତର୍କତା ଏବଂ ଦୁର୍ନୀତି ନିବାରଣ ବ୍ୟୁରୋ ଦ୍ୱାରା ନିଆଯାଇଥିବା ଏକ ମାମଲା ଏବଂ ଚଣ୍ଡିଗଡ଼ର ଅର୍ଥନୈତିକ ଅପରାଧ ଶାଖା ପୋଲିସ ଷ୍ଟେସନ ଦ୍ୱାରା ମୂଳତଃ ପଞ୍ଜିକୃତ ଦୁଇଟି ମାମଲା ସହିତ ଜଡିତ। ଏଜେନ୍ସି କହିଛି ଯେ ଏହି ମାମଲାଗୁଡ଼ିକ କଥିତ ଅପରାଧିକ ଷଡ଼ଯନ୍ତ୍ର, ସାଧାରଣ ପାଣ୍ଠିର ଅପବ୍ୟବହାର ଏବଂ ବ୍ୟାଙ୍କ ଅଧିକାରୀ ଏବଂ ସରକାରୀ ଅଧିକାରୀଙ୍କ ସହ ମିଶି କରାଯାଇଥିବା ସମ୍ପର୍କିତ ଅପରାଧ ସହିତ ଜଡିତ।

### ବିଶ୍ୱର ସବୁଠାରୁ ଶକ୍ତିଶାଳୀ ମୁଦ୍ରା

# କୁଏତ୍ ଦିନାର ଏକ ନମ୍ବର

ନୂଆଦିଲ୍ଲୀ, ୭।୬ (ଏଜେନ୍ସି): ଭାରତୀୟ ମୁଦ୍ରା ଟଙ୍କା ସମ୍ପ୍ରତି ଡଲାର ତୁଳନାରେ ଏକ ନୂତନ ସର୍ବନିମ୍ନ ରେକର୍ଡ ସ୍ତରକୁ ଖସିଯାଇଛି। ବର୍ତ୍ତମାନ ଏକ ଆମେରିକୀୟ ଡଲାର ତୁଳନାରେ ଟଙ୍କା ୯୫.୭୯ ସ୍ତରରେ କାରବାର କରୁଛି। ହେଲେ ଏହା ସତ୍ତ୍ୱେ, ଡଲାର ବିଶ୍ୱର ସବୁଠାରୁ ଶକ୍ତିଶାଳୀ ମୁଦ୍ରା ନୁହେଁ। ଆପଣ ଆଶ୍ଚର୍ଯ୍ୟ ଲାଗିବ ଯେ ଡଲାର ବିଶ୍ୱର ଶ୍ରେଷ୍ଠ ୫ଟି ମୁଦ୍ରା ତାଲିକାରେ ମଧ୍ୟ ନାହିଁ। କୁଏତ୍ ଦିନାର ବିଶ୍ୱର ଏକ ନମ୍ବର ରହିଥିବାବେଳେ ଇରାନୀ ରିଆଲ୍‌କୁ ସବୁଠୁ ଦୁର୍ବଳ ମୁଦ୍ରା ବିବେଚନା କରାଯାଉଛି।

ଏହି ତାଲିକାରେ କୁଏତ୍ ଦିନାର ବିଶ୍ୱର ଏକ ନମ୍ବର ମୁଦ୍ର ପାଲଟିଛି। ବର୍ତ୍ତମାନ, ୧ କୁଏତ୍ ଦିନାର ୩.୨୩ ଡଲାର ସହିତ ସମାନ। ଭାରତୀୟ ମୁଦ୍ରା ତୁଳନାରେ ୧



**ଶୀର୍ଷ ୫ରେ ଆମେରିକା ଡଲାର ନାହିଁ**

**ଇରାନୀ ରିଆଲ ସବୁଠୁ ଦୁର୍ବଳ ମୁଦ୍ରା**

କୁଏତ୍ ଦିନାର ମୂଲ୍ୟ ବର୍ତ୍ତମାନ ୩୦୮.୪୭ ଟଙ୍କା ରହିଛି। ତେଣୁ କୁଏତ୍ ଦିନାର ହେଉଛି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ମୁଦ୍ରା। କୁଏତ୍, ବାହାରିନ ଏବଂ ଓମାନର ଅର୍ଥନୀତି ମୁଖ୍ୟତଃ ତୈଳ ଏବଂ ପ୍ରାକୃତିକ ଗ୍ୟାସ ରପ୍ତାନି ଉପରେ ନିର୍ଭରଶୀଳ। ଅନ୍ତର୍ଜାତୀୟ ବଜାରରେ ତେଲ ଆମେରିକୀୟ ଡଲାରରେ କାରବାର ହୁଏ, ଯାହା ଏହି ଦେଶଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ବୈଦେଶିକ ମୁଦ୍ରା ପ୍ରଦାନ କରେ। କୁଏତ୍ ଦିନାରକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ମୁଦ୍ରା ଭାବରେ ବିବେଚନା କରାଯାଏ, କାରଣ କୁଏତ୍ ରେ ବିପୁଳ ତୈଳ ଭଣ୍ଡାର ରହିଛି। ଏହାର ବହୁତ କମ୍ ଜନସଂଖ୍ୟା ଏବଂ ଏକ ବଡ଼ ସାର୍ବଭୌମ ସମ୍ପତ୍ତି ପାଣ୍ଠି ରହିଛି। ବାହାରିନ ଏବଂ ଓମାନ ମଧ୍ୟ ଦୀର୍ଘ ସମୟ ଧରି ଏକ ସ୍ଥିର ବିନିମୟ ହାରରେ ଆମେରିକୀୟ ଡଲାର ସହିତ ସେମାନଙ୍କର ମୁଦ୍ରା ମୂଲ୍ୟକୁ ସ୍ଥିର କରିଆସିଛନ୍ତି। ଏହା ମୁଦ୍ରା ସ୍ଥିରତା ପ୍ରଦାନ କରେ ଏବଂ ନିବେଶକଙ୍କ ବିଶ୍ୱାସ ବଜାୟ ରଖେ। ଯେତେବେଳେ ଡଲାର ମଜବୁତ ହୁଏ, ସେମାନଙ୍କର ମୁଦ୍ରା ସ୍ୱୟଂଚାଳିତ ଭାବରେ ଅଧିକ ଶକ୍ତିଶାଳୀ ଦେଖାଯାଏ।

ଏହି ଚାରୋଟି ଦେଶର ଜନସଂଖ୍ୟା ଭାରତ କିମ୍ବା ଚୀନ ପରି ଦେଶ ତୁଳନାରେ ବହୁତ କମ୍। କ୍ଷୁଦ୍ର ଜନସଂଖ୍ୟା ଅର୍ଥ ହେଉଛି ସରକାରଙ୍କ ପାଖରେ ମୁଣ୍ଡପିଛା ଅଧିକ ସମ୍ବଳ ବଣ୍ଟନ କରିବା ପାଇଁ ଅଛି, ଯାହା ମୁଦ୍ରା ଯୋଗାଣକୁ ନିୟନ୍ତ୍ରଣ କରିବା ସହଜ କରିଥାଏ। କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରଣରେ କଠୋର ଶୃଙ୍ଖଳା ବଜାୟ ରଖେ। ଓମାନ ଏବଂ ଜୋର୍ଡାନ ସମାନ ଭାବରେ ସେମାନଙ୍କର ମୁଦ୍ରା ମୂଲ୍ୟକୁ ଉଚ୍ଚ ଏବଂ ସୀମିତ ଯୋଗାଣ ରଖିଛନ୍ତି। ଜର୍ଡାନ୍‌ରେ କୁଏତ୍ କିମ୍ବା ଓମାନ ପରି ଅଧିକ ତେଲ ନାହିଁ, ତଥାପି ଜୋର୍ଡାନ ଦିନାର ବହୁତ ଶକ୍ତିଶାଳୀ ରହିଛି। ଏହା ୧୯୯୫ ମସିହାରୁ ଜୋର୍ଡାନର କଠୋର ମୁଦ୍ରା ନୀତି ଏବଂ ଡଲାର ପ୍ରତି ସ୍ଥିର ସ୍ତର ଯୋଗୁଁ ହୋଇଛି। ସରକାର ଏବଂ କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିଛନ୍ତି ଏବଂ ବିଦେଶୀ ସହାୟତା ଏବଂ ନିବେଶ ମାଧ୍ୟମରେ ଦୃଢ଼ ଭଣ୍ଡାର ବଜାୟ ରଖିଛନ୍ତି। ବାହାରିନ ଉପସାଗରରେ ଏକ ପ୍ରମୁଖ ବ୍ୟାଙ୍କିଙ୍ଗ ହବ୍, ତେଣୁ ଆର୍ଥିକ ସ୍ଥିରତା ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଓମାନ ମଧ୍ୟ ଏହାର ତୈଳ ରାଜସ୍ୱକୁ ସଂରକ୍ଷଣ କରିଥିଲା ଏବଂ ଧୀରେ ଧୀରେ ଏହାର ଅର୍ଥନୀତିକୁ ବିବିଧ କରିବାକୁ ଚେଷ୍ଟା କରିଥିଲା।


**ବିଶ୍ୱର ଶକ୍ତିଶାଳୀ ୧୦ ମୁଦ୍ରା**

| ମୁଦ୍ରା | ଡଲାର | ଟଙ୍କା |
|---|---|---|
| କୁଏତ୍ ଦିନାର | ୩.୨୩ | ୩୦୮.୪୭ |
| ବାହାରିନ୍ ଦିନାର | ୨.୬୫ | ୨୫୩.୦୧ |
| ଓମାନ୍ ରିୟାଲ୍ | ୨.୬ | ୨୪୮.୧୬ |
| ଜୋର୍ଡାନ୍ ରିୟାଲ୍ | ୧.୪୧ | ୧୩୪.୫୮ |
| ପାଉଣ୍ଡ ଷ୍ଟର୍ଲିଂ | ୧.୩୪ | ୧୨୭.୧୪ |
| କେମେନ୍ ଡଲାର | ୧.୨୦ | ୧୧୪.୪୭ |
| ସ୍ୱିସ୍ ଫ୍ରାଙ୍କ୍ | ୧.୧୧ | ୧୨୦.୦୧ |
| ୟୁରୋ | ୧.୦୪ | ୧୧୦.୧୫ |
| ଆମେରିକା ଡଲାର | ୧ | ୯୪.୯୫ |
| ବାହାମାସ୍ ଡଲାର | ୧ | ୯୪.୯୫ |

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରସନ୍ନ କୁମାର ମିଶ୍ର
ବାହାଡ଼ା, ଖଣ୍ଡପଡ଼ା, ନୟାଗଡ଼
ଆବିର୍ଭାବ : ୦୨/୧୧/୧୯୪୨
ତିରୋଧାନ : ୨୮/୦୫/୨୦୨୬
ତୁମର ଆଦର୍ଶ ଓ କର୍ମ ଆମ ହୃଦୟରେ ସର୍ବଦା ଅମର ହୋଇ ରହିବ। ଆଜି ମଧ୍ୟ ବିଶ୍ୱାସ କରିହେଉ ନାହିଁ ଯେ ତୁମେ ଆମ ସମସ୍ତଙ୍କୁ ଛାଡ଼ି ଆର ପାରିକୁ ଚାଲି ଯାଇଛ। ତୁମ ଅମ୍ଳାନ ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଭଣଜା, ଭାଣେଜୀ ଓ ପରିବାର ବର୍ଗ



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ଭାଇଙ୍କ ସହଯୋଗ ମିଳିପାରେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ସାମାଜିକ ପ୍ରତିଷ୍ଠା ବଢ଼ିପାରେ। ଇଚ୍ଛା ମୁତାବକ କାମ କରିବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିପାରେ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** ବ୍ୟବସାୟରେ ସଫଳତା ମିଳିବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ନିଜ ଲୋକ ଶତ୍ରୁ ସାଜିପାରନ୍ତି।

**ସିଂହ:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବନ୍ଧୁଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ। ମାନସିକ ଶାନ୍ତି ମିଳିବ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାର ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ଆୟଠୁ ବ୍ୟୟ ଅଧିକ ହେବ। ମହିଳାମାନେ ଘର ପାଇଁ ନୂଆ ଜିନିଷ କିଣିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ।

**ଧନୁ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଚାନକ ଖୁସି ଖବର ମିଳିବ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ଅଟକିଥିବା କାମ ପୂରା ହେବ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ନୂଆ ଆୟର ଉତ୍ସ ସୃଷ୍ଟି ହେବ। ମାନ ସମ୍ମାନ ବୃଦ୍ଧି ପାଇବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ।

**କୁମ୍ଭ:** ନିବେଶରୁ ଲାଭ ମିଳିପାରେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୬୫୮ - ଔରଙ୍ଗଜେବ ଆଗ୍ରା କିଲ୍ଲା ଉପରେ କବ୍‌ଜା କଲେ।
- ୧୯୩୬- ଇଣ୍ଡିଆନ୍ ଷ୍ଟେଟ୍ ବ୍ରଡ୍‌କାଷ୍ଟିଂ ସର୍ଭିସ୍‌ର ନାମ ବଦଳାଯାଇ 'ଅଲ୍ ଇଣ୍ଡିଆ ରେଡିଓ' ରଖାଗଲା।
- ୧୯୪୮ - ଏୟାର୍ ଇଣ୍ଡିଆ ଭାରତ ଓ ବ୍ରିଟେନ୍ ମଧ୍ୟରେ ବିମାନ ସେବା ଆରମ୍ଭ କଲା।
- ୧୯୮୨- ବ୍ରାଜିଲ୍‌ର ବିମାନ ବି-୭୨୭ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୩୫ ଲୋକଙ୍କ ପ୍ରାଣହାନି।
- ୧୯୯୨- ବ୍ରାଜିଲ୍‌ରେ ପ୍ରଥମ ଥର ବିଶ୍ୱ ମହାସାଗର ଦିବସ ପାଳନ କରାଗଲା।



## ବିଶ୍ୱ ମହାସାଗର ଦିବସ

ପ୍ରତିବର୍ଷ ଜୁନ୍ ୮ ତାରିଖରେ ସାରା ବିଶ୍ୱରେ ବିଶ୍ୱ ମହାସାଗର ଦିବସ ପାଳନ କରାଯାଏ। ଆମର ଦୈନନ୍ଦିନ ଜୀବନରେ ମହାସାଗରର ଭୂମିକା ଏବଂ ଏହାର ସଂରକ୍ଷଣ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ ଅଟେ। ଆମ ପୃଥିବୀର ପ୍ରାୟ ୫୦ ପ୍ରତିଶତରୁ ଅଧିକ ଅମ୍ଳଜାନ ମହାସାଗରରୁ ହିଁ ମିଳିଥାଏ। ଏହାବାଦ୍ ବିଶ୍ୱର କୋଟି କୋଟି ଲୋକ ନିଜର ପ୍ରୋଟିନ୍ ଆବଶ୍ୟକତା ଓ ଜୀବିକା ପାଇଁ ମହାସାଗର ଉପରେ ନିର୍ଭର କରନ୍ତି। ମହାସାଗରଗୁଡ଼ିକ ବାୟୁମଣ୍ଡଳର ଅତ୍ୟଧିକ ଉତ୍ତାପ ଏବଂ କାର୍ବନ ଡାଇଅକ୍ସାଇଡ୍ ଶୋଷଣ କରି ଜଳବାୟୁକୁ ସନ୍ତୁଳିତ ରଖନ୍ତି। ବର୍ତ୍ତମାନ ସମୟରେ ଅତ୍ୟଧିକ ପ୍ଲାଷ୍ଟିକ୍ ପ୍ରଦୂଷଣ, ବେଆଇନ ମାଛ ଧରା ଏବଂ ଗ୍ଲୋବାଲ୍ ୱାର୍ମିଂ ଯୋଗୁଁ ସାମୁଦ୍ରିକ ଜୀବନ ଓ ମହାସାଗରର ପରିବେଶ ଗମ୍ଭୀର ସଙ୍କଟ ଦେଇ ଗତି କରୁଛି। ତେଣୁ ଏହି ଦିବସରେ ମହାସାଗରକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ପାଇଁ ସଂକଳ୍ପ ନିଆଯାଏ। ୧୯୯୨ରୁ ପ୍ରତିବର୍ଷ ବିଶ୍ୱବ୍ୟାପୀ ଏହି ଦିବସ ପାଳିତ ହୋଇ ଆସୁଛି।

୨୦୦୮ ରୁ ଏହାକୁ ଜାତିସଂଘ ତରଫରୁ ପୃଷ୍ଠପୋଷକତା ମିଳିଥିଲା। ୨୦୦୯ ରେ ଆମ ସମୁଦ୍ର ଆମ ଦାୟିତ୍ୱ ନାମକ ଏକ ସ୍ଲୋଗାନ ସହ ଜାତିସଂଘ ତରଫରୁ ପ୍ରଥମ ଥର ବିଶ୍ୱସ୍ତରୀୟ ମହାସାଗର ଦିବସ ପାଳନ କରାଯାଇଥିଲା। ମହାସାଗର ହିଁ ଅନ୍ତର୍ଜାତୀୟ ବାଣିଜ୍ୟ ବ୍ୟବସାୟର ପ୍ରମୁଖ ଭୂମିକା ଗ୍ରହଣ କରିଛି। ଜନସଂଖ୍ୟା ବିସ୍ଫୋରଣ ଏବଂ ମଣିଷ ଅଧିକରୁ ଅଧିକ ମହାସାଗର ଉପରେ ନିର୍ଭରଶୀଳ ହୋଇପଡ଼ିଥିବାରୁ ସାମୁଦ୍ରିକ ଜୀବଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ପ୍ରଦୂଷଣ ଯୋଗୁଁ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ସାମୁଦ୍ରିକ ଜୀବଙ୍କ ପ୍ରାଣହାନି ଘଟିବା ସହ ଜୈବିକ ପରିବେଶ ଉପରେ ଘୋର ପ୍ରଭାବ ମଧ୍ୟ ପଡୁଛି। ସାମୁଦ୍ରିକ ପ୍ରଦୂଷଣର ମୁଖ୍ୟ କାରଣଗୁଡ଼ିକ ମଧ୍ୟରୁ ପ୍ରମୁଖ କାରଣ ହେଉଛି ମନୁଷ୍ୟକୃତ। କଳ କାରଖାନା, ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ବର୍ଜ୍ୟ, ଜାହାଜମାନଙ୍କରୁ ବାହାରୁଥିବା ଧୂଆଁ ଧୂଳି ତଥା ଅନ୍ୟାନ୍ୟ ବର୍ଜ୍ୟ, ଗଭୀର ସମୁଦ୍ରରେ ଖଣି ଖନନ, ପରିବେଶ ପ୍ରଦୂଷଣ, କେମିକାଲ ତଥା କୀଟନାଶକ ଇତ୍ୟାଦିର ପ୍ରବାହ ସମଗ୍ର ସାମୁଦ୍ରିକ ଜୈବବିବିଧତା ଉପରେ କୁପ୍ରଭାବ ପକାଏ। ସାମୁଦ୍ରିକ ଆବର୍ଜନାର ପ୍ରାୟ ୮ ପ୍ରତିଶତ ଅର୍ଥାତ୍ ପ୍ରାୟ ୧୦ କୋଟି ଟନ୍ ହେଉଛି ପ୍ଲାଷ୍ଟିକ୍ ଆବର୍ଜନା, ଯାହା ଛୋଟ ମାଛ ଠୁ ନେଇ ବିଶାଳ ତିମି ପର୍ଯ୍ୟନ୍ତ ସମସ୍ତ ସାମୁଦ୍ରିକ ଜୀବଗୁଡ଼ିକ ପାଇଁ ରୋଗ ଓ ମୃତ୍ୟୁର କାରଣ ସାଜିଛି। ୨୦୨୬ ମସିହା ପାଇଁ ବିଶ୍ୱ ମହାସାଗର ଦିବସ ପାଳନର ବିଷୟବସ୍ତୁ ରହିଛି "ଆମର ନୀଳ ଗ୍ରହ ପାଇଁ ସଶକ୍ତ ସାମୁଦ୍ରିକ ସଂରକ୍ଷିତ ଅଞ୍ଚଳ"। ପୃଥିବୀର ସ୍ଥଳ ଓ ଜଳଭାଗକୁ ୨୦୩୦ ମସିହା ସୁଦ୍ଧା ସୁରକ୍ଷିତ କରିବା ପାଇଁ ଆଇନଗତ ଭାବେ ଦୃଢ଼ ସାମୁଦ୍ରିକ ସୁରକ୍ଷିତ ଅଞ୍ଚଳ ଗଠନ କରିବା ଉଦ୍ଦେଶ୍ୟରେ ଏହି ବିଷୟବସ୍ତୁ ରଖାଯାଇଛି।

## ବରର ବଦାନ୍ୟତା

# ଗାଁ ଲୋକଙ୍କୁ ୩୩.୬ କୋଟିର ବୀମା ଉପହାର

ମହାରାଷ୍ଟ୍ରର ବହାଦୁରପୁରା ଗାଁରେ ନିକଟରେ ଏକ ବିବାହ ଉତ୍ସବ ସମୟରେ ଏକ ନିଆରା ଘଟଣା ଦେଖିବାକୁ ମିଳିଛି। ଏହି ଘଟଣାଟି ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଏଠାରେ ଜଣେ ବର ନିଜ ରିସେପସନ୍‌ରେ ସାମିଲ ହୋଇଥିବା ଅତିଥିମାନଙ୍କୁ ରିଟର୍ଣ୍ଣ ଗିଫ୍ଟରେ ଦୁର୍ଘଟଣା ବୀମା ପ୍ରଦାନ କରି ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବର ସିଦ୍ଧେଶ୍ୱର ପେଠକର ଓ ତାଙ୍କ ପରିବାର ଲୋକେ ବିବାହ ଭୋଜିରେ ଯୋଗ ଦେଇଥିବା ଗ୍ରାମର ପ୍ରାୟ ୩୫୦୦ ଲୋକଙ୍କୁ ୧-୧ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ସାର୍ଟିଫିକେଟ ଦେଇଥିଲେ। ଏଭଳି ଭାବେ ସମଗ୍ର ଗ୍ରାମବାସୀଙ୍କୁ ସମୁଦାୟ ପ୍ରାୟ ୩୪ କୋଟି ଟଙ୍କାର ବୀମା କଭର ମିଳିଛି। ବର ସିଦ୍ଧେଶ୍ୱରଙ୍କ କହିବାନୁଯାୟୀ, "ଗ୍ରାମର ଅଧିକାଂଶ ଲୋକ ଗରିବ ଚାଷୀ ଓ ଦିନମଜୁରିଆ ହୋଇଥିବାରୁ ବିଲରେ କାମ କରିବା ସମୟରେ ସର୍ପାଘାତ, ବଜ୍ରପାତ କିମ୍ବା ବନ୍ୟଜନ୍ତୁଙ୍କ ଆକ୍ରମଣ ଯୋଗୁ ସେମାନଙ୍କ ପରିବାର ଉଜୁଡ଼ିଯାଏ। ପରବର୍ତ୍ତୀ ମୁହୂର୍ତ୍ତରେ ସେମାନଙ୍କ ପରିବାର ଗଭୀର ଆର୍ଥିକ ସଙ୍କଟର ସାମ୍ନା କରିଥାନ୍ତି। ତେଣୁ ସେ ନିଜ ବିବାହକୁ ସମାଜସେବା ସହ ଯୋଡ଼ିବା ପାଇଁ ଏହି ନିଆରା ନିଷ୍ପତ୍ତି ନେଇଛନ୍ତି।" ପେଠକର ପରିବାର ବୀମା କମ୍ପାନିକୁ ଗାଁର ଭୋଟର ତାଲିକା ହସ୍ତାନ୍ତର କରିବା ପରେ ସ୍ଥାନୀୟ ଗ୍ରାମପଞ୍ଚାୟତ ନାମରେ ଏକ 'ଗ୍ରୁପ୍ ଆକ୍ସିଡେଣ୍ଟ ପଲିସି' କିଣାଯାଇଥିଲା। ଏହାଦ୍ୱାରା ଗାଁର ପ୍ରତ୍ୟେକ ବାସିନ୍ଦା ଏହି ବୀମା ରାଶିର ଲାଭ ଉଠାଇ ପାରିବେ। ତେବେ ଏହି ପଲିସି ବର୍ଷେ ପାଇଁ ବୈଧ ରହିବ ଏବଂ ଏହାର ରିନିୟୁଆଲ୍ ବିଷୟରେ ପରବର୍ତ୍ତୀ ସମୟରେ ଆଲୋଚନା କରାଯିବ ବୋଲି ପେଠକର ପରିବାର ପକ୍ଷରୁ କୁହାଯାଇଛି। ବିବାହ ଭଳି ଏକ ଖୁସିର ଦିନରେ ରିଟର୍ଣ୍ଣ ଗିଫ୍ଟରେ ଏଭଳି ଏକ ସୁରକ୍ଷା ବୀମା ମିଳିବା କଥାକୁ ସମସ୍ତେ ପ୍ରଶଂସା କରୁଛନ୍ତି।



## ଦୀପିକାଙ୍କ ପାଇଁ ଅଟକିଛି 'ରାକା'



ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍, ଏବେ ଏଟ୍‌ଲିଙ୍କ ଫିଲ୍ମ 'ରାକା'କୁ ନେଇ ଚର୍ଚ୍ଚାରେ। ବିଗତ କିଛି ମାସ ଧରି ସେ ଏହାର ସୁଟିଂରେ ବ୍ୟସ୍ତ ଥିଲେ। ହେଲେ ଏବେ ଫିଲ୍ମର ସୁଟିଂ ଅଧାରେ ଅଟକିଥିବା ଜଣାପଡ଼ିଛି। ତେବେ ସୁଟିଂ ଅଟକିବାର ମୂଳ କାରଣ ନାୟିକା ଦୀପିକା ପାଦୁ୍ୟକୋନ୍ ବୋଲି କୁହାଯାଉଛି। କାରଣ ଦୀପିକା ତାଙ୍କ ଭାଗର ସୁଟିଂ କରିନାହାନ୍ତି। ଏଥିପାଇଁ ଫିଲ୍ମ ନିର୍ମାତା ଏହାର ସୁଟିଂକୁ ରୋକି ଦେଇଛନ୍ତି। ଜୁନ୍‌ରେ ଫିଲ୍ମର ଏକ ବଡ଼ ସିନ୍ ସୁଟ୍ ହେବାର ଥିଲା। ଏଥିରେ ଅଧିକ ଆକ୍ସନ୍ ସିନ୍ ରହିଥିଲା। ସୁଟିଂ ସମୟରେ ଅଲ୍ଲୁ ଅର୍ଜୁନ୍, ଦୀପିକା, ଜିମ୍ ସାର୍ଭ, ଫେମିନା ଜର୍ଜ ଆଦି ଉପସ୍ଥିତ ରହିବାର ଥିଲା। ହେଲେ ଦୀପିକା ଡେଟ୍ ଦେଇ ନ ପାରିବାରୁ ସୁଟିଂ ହୋଇ ପାରି ନଥିଲା। 'ରାକା'ର ପୋଷ୍ଟର୍ ରିଲିଜ୍ ହେବାର ଇତିମଧ୍ୟରେ ଦୁଇ ମାସ ହୋଇ ଗଲାଣି। ଏଟ୍‌ଲି ଜୁନ୍‌ରେ କିଛି ଫିଲ୍ମ ସମ୍ପର୍କରେ ଅପ୍‌ଡେଟ୍ ଦର୍ଶକଙ୍କୁ ଦେଇଥାନ୍ତେ। ସେ ଜୁନ୍‌ରେ ଦୀପିକାଙ୍କ ଲୁକ୍ ରିଭିଲ୍ କରିଥାନ୍ତେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଏବେ ଏଟ୍‌ଲି ଦୀପିକାଙ୍କ ଯୋଗୁଁ ଅନ୍ୟ କଳାକାରମାନଙ୍କୁ ପୁଣି ଥରେ ସୁଟିଂ ପାଇଁ ସମୟ ବାହାର କରିବାକୁ କହିଛନ୍ତି। ଦୀପିକା ଏବେ 'କିଙ୍ଗ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମର ସୁଟିଂ ସାରିବା ପରେ ହିଁ ସେ 'ରାକା'ର ସୁଟିଂରେ ଯୋଗ ଦେବେ ବୋଲି କୁହାଯାଉଛି।

## ସ୍ୱସ୍ତି

# ମୁଖ୍ୟ ଦ୍ୱାରରେ ନାମ ଫଳକ ଲଗାଉଥିଲେ...

**ବାସ୍ତୁ ଶାସ୍ତ୍ରରେ ଘରେ ଲଗାଯାଉଥିବା ନାମଫଳକ ଶକ୍ତି ଏବଂ ପରିବେଶ ସହ ଜଡ଼ିତ। କୁହାଯାଏ, ମୁଖ୍ୟ ଦ୍ୱାରରେ ଲାଗିଥିବା ନାମ ଫଳକ ଘରକୁ ଆସୁଥିବା ସକାରାତ୍ମକ ଏବଂ ନକାରାତ୍ମକ ଶକ୍ତିକୁ ପ୍ରଭାବିତ କରିପାରେ। ତେଣୁ ଘରର ନେମ୍ ପ୍ଲେଟ୍ ଠିକ୍ ଭାବେ ନ ଲଗାଇଲେ, ଘରର ବାତାବରଣ ପ୍ରଭାବିତ ହୋଇପାରେ।**



**ଭଙ୍ଗା ନାମ ଫଳକ ଲଗାନ୍ତୁନି:** ବାସ୍ତୁ ଅନସାରେ, ଭାଙ୍ଗି ଯାଇଥିବା ତଥା ଅପରିଷ୍କାର ନାମ ଫଳକକୁ ଶୁଭ ବୋଲି କୁହାଯାଏ ନାହିଁ। କୁହାଯାଏ, ଏହାଦ୍ୱାରା ଘରର ସକାରାତ୍ମକ ଶକ୍ତି ବାଧାପ୍ରାପ୍ତ ହୁଏ। ତା'ସହ ନକାରାତ୍ମକ ଶକ୍ତି ବୃଦ୍ଧି ପାଏ। ତେଣୁ ନାମ ଫଳକ ସର୍ବଦା ସଫା ଓ ଭଲ ସ୍ଥିତିରେ ରହିବା ଦରକାର।

**ଠିକ୍ ଦିଗକୁ ଗୁରୁତ୍ୱ:** ଏହାକୁ ମୁଖ୍ୟ ଦ୍ୱାରର ଏଭଳି ସ୍ଥାନରେ ଲଗାଇବା ଦରକାର, ଯେମିତି ଏହା ସ୍ପଷ୍ଟ ଭାବେ ଦୃଷ୍ଟିଗୋଚର ହେଉଥିବ। ଏହାକୁ ପୂରା ତଳକୁ କିମ୍ବା ଲୁଚି ରହିବା ଭଳି ସ୍ଥାନରେ ଲଗାନ୍ତୁ ନାହିଁ। ନାମ ଫଳକକୁ କବାଟର ଡାହାଣ ପାର୍ଶ୍ୱରେ ଲଗାଇବା ଶୁଭ।

**ସମ୍ପୂର୍ଣ୍ଣ ନାଁ ଲେଖନ୍ତୁ:** ଅନେକ ଲୋକ ନେମ୍ ପ୍ଲେଟ୍‌ରେ ସମ୍ପୂର୍ଣ୍ଣ ନାମ ଲେଖନ୍ତି ନାହିଁ। ନଚେତ ଭୁଲ୍ ଲେଖିଥାନ୍ତି। ବାସ୍ତୁ ଅନୁସାରେ ଏହା ଠିକ୍ ନୁହେଁ। ନାଁ ସର୍ବଦା ଠିକ୍ ଓ ସ୍ପଷ୍ଟ ଭାବେ ଲେଖିବାକୁ ଚେଷ୍ଟା କରନ୍ତୁ।

**ପରିଷ୍କାର ନାମଫଳକ ରଖନ୍ତୁ:** ଘରର ନେମ୍ ପ୍ଲେଟ ସବୁବେଳେ ପରିଷ୍କାର, ସ୍ୱଚ୍ଛ ଏବଂ ଭଲ ସ୍ଥିତିରେ ରହିବା ଦରକାର। ମଝିରେ ମଝିରେ ଏହାକୁ ସଫା କରିବା ଉଚିତ। ବହୁତ ପୁରୁଣା ଓ ପଢ଼ି ହେଉ ନ ଥିବା ନାମଫଳକକୁ ବଦଳାଇବା ଉଚିତ।

# କେଉଁ ଦିନ ଅନ୍ନ ଖାଇବା ମନା

**ସନାତନ ଧର୍ମରେ ବ୍ରତ, ଉପବାସ, ନୀତିନିୟମର ଗଭୀର ମହତ୍ତ୍ୱ ରହିଛି। ସାଧାରଣତଃ ବ୍ରତରେ ଅନ୍ନ ଖାଇବାକୁ ବାରଣ କରାଯାଏ। ତେବେ କିଛି ବ୍ରତ, ବାର ଏଭଳି ଅଛି, ଯେଉଁଥିରେ ଅନ୍ନ ବଦଳରେ ଫଳାହାରକୁ ପ୍ରାଥମିକତା ଦିଆଯାଏ।**



**ସୂର୍ଯ୍ୟପରାଗ, ଚନ୍ଦ୍ର ଗ୍ରହଣ:** ସନାତନ ପରମ୍ପରାରେ ସୂର୍ଯ୍ୟପରାଗ ତଥା ଚନ୍ଦ୍ରଗ୍ରହଣରେ ଅନ୍ନ ସେବନ କରିବା ଭଲ ନୁହେଁ। ଏହି ସମୟରେ ଖାଦ୍ୟ, ପାନୀୟ ଦୂଷିତ ହୋଇଯାଏ। ଏହି ସମୟରେ କିଛି ବି ଖାଇବା ବିଷ ସଦୃଶ ହୋଇଥାଏ। ତା'ସହ ଖାଇବା କିମ୍ବା ରୋଷେଇ କରିବାକୁ ବାରଣ କରାଯାଏ। କାରଣ ଗ୍ରହଣ ସମୟରେ ନକାରାତ୍ମକ ଶକ୍ତିର ପ୍ରଭାବ ବଢ଼ିଯାଏ ବୋଲି କୁହାଯାଏ।

**କନ୍ୟାଦାନ:** ହିନ୍ଦୁ ବିବାହରେ କନ୍ୟାଦାନକୁ ବଡ଼ ପୁଣ୍ୟ ବୋଲି ବିଚାର କରାଯାଏ। ଯେଉଁଦିନ ଘରେ ଏହି ମହାଦାନ ହେବ, ସେଦିନ କନ୍ୟାର ବାପାମାଆ କନ୍ୟାଦାନ ପୂରା ନ କରିବା ପର୍ଯ୍ୟନ୍ତ ଅନ୍ନ ସେବନ କରିବା ମନା। ମାଙ୍ଗଳିକ କାର୍ଯ୍ୟ ପୂର୍ବରୁ ଅନ୍ନ ଗ୍ରହଣ କରିବା ଧାର୍ମିକ ଦୃଷ୍ଟିରୁ ଦୋଷପୂର୍ଣ୍ଣ।

**ହରି ଜନ୍ମ ଉତ୍ସବ:** ରାମନବମୀ, ଜନ୍ମାଷ୍ଟମୀ, ହନୁମାନ ଜୟନ୍ତୀ, ନରସିଂହ ଜୟନ୍ତୀ, ସୀତା ନବମୀ ଭଳି ପବିତ୍ର ଅବସରରେ ଦ୍ୱିପହର ତଥା ମଧ୍ୟରାତ୍ରି ପର୍ଯ୍ୟନ୍ତ ଉପବାସ ରଖିବା ଉଚିତ। ଏହିଦିନ ଅନ୍ନ ନ ଖାଇ ଫଳ ଖାଇବା ଭଲ।

**ଦ୍ୱିଜ ଭୋଜନ:** ଧର୍ମ ଶାସ୍ତ୍ର ଅନୁସାରେ, କୌଣସି ସନ୍ଥ, ବ୍ରାହ୍ମଣ ବା କୌଣସି ବ୍ୟକ୍ତିଙ୍କୁ ଘରକୁ ଭୋଜନ ଲାଗି ଆମନ୍ତ୍ରିତ କରିଥିଲେ ସେମାନଙ୍କୁ ଖାଦ୍ୟ ନ ଦେଇ ପ୍ରଥମେ ଅନ୍ନ ଗ୍ରହଣ କରନ୍ତୁ ନାହିଁ। ଏହାଦ୍ୱାରା ନର୍କଗାମୀ ହେବା କୁହାଯାଏ। ଆମନ୍ତ୍ରଣ କରିଥିବା ବ୍ୟକ୍ତି ବ୍ରାହ୍ମଣଙ୍କୁ ଭୋଜନ କରାଇବା ପରେ ହିଁ ଅନ୍ନ ଗ୍ରହଣ କରିବା ଉଚିତ। ଏହା ପୂର୍ବରୁ ଫଳ ଆଦି ସେବନ କରିପାରିବେ।



**ଶୋକ:** ହିନ୍ଦୁ ମାନ୍ୟତାନୁସାରେ, ଘରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ, ମୃତ ଶରୀରର ଘରେ ପଡ଼ି ରହିଥିଲେ ସେହି ସମୟରେ ଅନ୍ନ ଗ୍ରହଣ କରିବା ଅନୁଚିତ। ଏଭଳି ସମୟରେ କରାଯାଉଥିବା ଭୋଜନ ଦୋଷପୂର୍ଣ୍ଣ ହୋଇଥାଏ।

**ଏକାଦଶୀ:** ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଏକାଦଶୀ ବ୍ରତରେ ଅନ୍ନ ଗ୍ରହଣ କରିବା ଅନୁଚିତ। ଏହିଦିନ ଅନ୍ନ ଗ୍ରହଣ କରୁଥିବା ବ୍ୟକ୍ତି ନରକଗାମୀ ହୁଅନ୍ତି। ଏହାକୁ ପାପ ବୋଲି କୁହାଯାଏ।

# ଗଜଲକ୍ଷ୍ମୀ ରାଜଯୋଗ





**ଆଜି (ଜୁନ୍ ୮) କର୍କଟ ରାଶିରେ ଗଜଲକ୍ଷ୍ମୀ ରାଜଯୋଗ ନିର୍ମାଣ ହେବ। କର୍କଟ ରାଶିରେ ଗୁରୁ ଏବଂ ଶୁକ୍ର ଗ୍ରହର ମିଳନ ଯୋଗୁଁ ଏହି ଯୋଗ ସୃଷ୍ଟି ହୋଇଥାଏ। ତେବେ ଏହି ଯୋଗ ୫ ରାଶିଙ୍କୁ ଶୁଭଫଳ ପ୍ରଦାନ କରିବ।**

**ବୃଷ:** ଏହି ଯୋଗ ନିର୍ମାଣ ଯୋଗୁଁ ବୃଷ ରାଶି ବ୍ୟକ୍ତିଙ୍କୁ ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। କ୍ୟାରିୟରରେ ସଫଳତା ପ୍ରାପ୍ତି ହେବ। ସମାଜରେ ମାନ-ସମ୍ମାନ ବଢ଼ିବ। ନୂଆ ବ୍ୟବସାୟର ଯୋଜନା କରିବା। ଆୟର ନୂଆ ମାର୍ଗ ଉନ୍ମୋଚନ ହେବ।

**କର୍କଟ:** କର୍କଟ ରାଶି ବ୍ୟକ୍ତିବିଶେଷଙ୍କୁ ଏହା ଯୋଗୁଁ ବିଶେଷ ଲାଭ ମିଳିବ। ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। ଗୁରୁତ୍ୱପୂର୍ଣ୍ଣ କାମରେ ସଫଳତା ମିଳିବ। ସମାଜରେ ସମ୍ମାନ ବୃଦ୍ଧି ପାଇବ। କର୍ମଜୀବୀ ଏବଂ ବ୍ୟବସାୟୀଙ୍କୁ ଖୁସି ଖବର ମିଳିବ।

**ଧନୁ:** ଆର୍ଥିକ ଦୃଷ୍ଟିରୁ ଗଜଲକ୍ଷ୍ମୀ ଯୋଗ ଧନୁ ରାଶିଙ୍କୁ ଶୁଭ ଫଳ ପ୍ରଦାନ କରିବ। ଅଚାନକ ଧନଲାଭ ହେବ। ଅଫିସ୍‌ରେ ପ୍ରଶଂସା ସାଉଁଟିବେ। କୌଣସି ବଡ଼ ଇଚ୍ଛା ପୂରଣ ହୋଇପାରେ। ବ୍ୟବସାୟୀଙ୍କୁ ଲାଭର ଅବସର ମିଳିବ।

**କନ୍ୟା:** ଆୟ ବୃଦ୍ଧି ପାଇବ। ଏହା ଯୋଗୁଁ ଆର୍ଥିକ ସ୍ଥିତି ମଜଭୁତ ହେବ। ନିବେଶ ଲାଗି ଉତ୍ତମ ସମୟ। କାର୍ଯ୍ୟାଳୟରେ ପଦୋନ୍ନତି ମିଳିବ। ବ୍ୟବସାୟୀଙ୍କୁ ବ୍ୟବସାୟରେ ଲାଭ ମିଳିବ।

**ମୀନ:** ଏହି ଯୋଗ ମୀନ ରାଶିଙ୍କ ପାଇଁ ଅତ୍ୟନ୍ତ ଲାଭକାରୀ। ଶିକ୍ଷାରେ ସଫଳତା ମିଳିବ। ବିଦ୍ୟାର୍ଥୀଙ୍କ ପାଇଁ ଭଲ ସମୟ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଚାନକ ଧନଲାଭ ହେବ।

# କେଉଁ ଅଙ୍ଗୁଳି ପାଇଁ କେଉଁ ରତ୍ନ

**ଜ୍ୟୋତିଷ ଶାସ୍ତ୍ରରେ ରତ୍ନର ବିଶେଷ ମହତ୍ତ୍ୱ ଅଛି। ପ୍ରତ୍ୟେକ ରତ୍ନ କୌଣସି ନା କୌଣସି ଗ୍ରହ ସହିତ ଜଡ଼ିତ। ସେହିପରି କେଉଁ ଅଙ୍ଗୁଳିରେ କେଉଁ ରତ୍ନ ଧାରଣ କରିବା ଦରକାର, ସେ ସମ୍ପର୍କରେ ଜାଣିବା।**



- ଜ୍ୟୋତିଷ ଶାସ୍ତ୍ରରେ ମାଣିକ ରତ୍ନକୁ ଅନାମିକା ଅଙ୍ଗୁଳିରେ ପିନ୍ଧିବା ଉଚିତ। ଏହାକୁ ରବିବାର ଧାରଣ କରିବା ଶୁଭ। ମାନସମ୍ମାନ ଏବଂ ଆତ୍ମବିଶ୍ୱାସ ଏହା ଦ୍ୱାରା ବୃଦ୍ଧି ପାଏ।
- ମୋତିକୁ କନିଷ୍ଠା ଅଙ୍ଗୁଳିରେ ପିନ୍ଧିବା ଶୁଭ। ସୋମବାର ଧାରଣ କରାଯାଉଥିବା ଏହି ରତ୍ନ ପିନ୍ଧିଲେ ମାନସିକ ଶାନ୍ତି, ଭାବନାତ୍ମକ ସନ୍ତୁଳନ ରହେ।
- ମଙ୍ଗଳ ଗ୍ରହର ରତ୍ନ ମୁଗା। ଏହାକୁ ଅନାମିକା ଅଙ୍ଗୁଳିରେ ପିନ୍ଧିବା ଭଲ।
- ସବୁଜ ରଙ୍ଗର ପନ୍ନା ବୁଧ ଗ୍ରହଙ୍କ ରତ୍ନ। ଏହାକୁ କନିଷ୍ଠା ଅଙ୍ଗୁଳିରେ ପିନ୍ଧିବା ଉଚିତ।
- ଗୁରୁବାର ପୁଖରାଜ ରତ୍ନ ଧାରଣ କରିବା ଭଲ। ତର୍ଜନୀ ଅଙ୍ଗୁଳିରେ ଏହାକୁ ପିନ୍ଧିବା ଉଚିତ। ଏହା ଜ୍ଞାନ, ବୈବାହିକ ସୁଖ ଓ ଆର୍ଥିକ ସ୍ଥିତି ସହିତ ଜଡ଼ିତ।
- ଅନାମିକା ଅଙ୍ଗୁଳିରେ ହୀରାକୁ ପିନ୍ଧିଲେ ଶୁଭ ଫଳ ପ୍ରାପ୍ତି ହୁଏ। ଶୁକ୍ରବାର ଏହାକୁ ଧାରଣ କରିବା ଉଚିତ।




**ମହିଳା ଟି-୨୦ ବିଶ୍ୱକପ୍**

ଜୁନ ୧୨ରୁ ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଆରମ୍ଭ ହେବାକୁଯାଉଛି । ଏଥିପୂର୍ବରୁ ରବିବାର ଲଣ୍ଡନସ୍ଥିତ ୱାଟରଲୁ ବ୍ରିଜ ସମ୍ମୁଖରେ ଟ୍ରଫି ସହ ଅଂଶଗ୍ରହଣକାରୀ ୧୨ ଦେଶର ଅଧିନାୟିକାଙ୍କ ଫଟୋ ସେସନ୍

## ଫ୍ରେଞ୍ଚ ଓପନ୍ ମୋନାକୋ ଗ୍ରାଁପ୍ରି ଜିତିବାରେ ଆଣ୍ଟୋନେଲି ସର୍ବକନିଷ୍ଠ

ମୋନାକୋ, ୭ ।୬ (ଏଜେନ୍ସି): ମର୍ସିଡିଜ ଚାଳକ କିମି ଆଣ୍ଟୋନେଲି ଫର୍ମୁଲା ୱାନ ରେସ୍ ମୋନାକୋ ଗ୍ରାଁପ୍ରି'ରେ ଚାମ୍ପିଅନ ହୋଇଛନ୍ତି । ରବିବାର ଅନୁଷ୍ଠିତ ୨୬୦ କିମି ତଥା ୭୮ ଲ୍ୟାପ୍ ବିଶିଷ୍ଟ ଏହି ରେସକୁ ଇଟାଲୀର ଆଣ୍ଟୋନେଲି ୨ ଘଣ୍ଟା ୨୩ ମିନିଟ୍ ୩୧.୨୪୩ ସେକେଣ୍ଡ ସମୟ ନେଇ ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ । ୭ଥରର ବିଶ୍ୱ ଚାମ୍ପିଅନ ଫେରାରୀର କିମ୍ବଦନ୍ତୀ ଚାଳକ ଲୁଇସ ହାମିଲଟନ ୬.୨୭୧ ସେକେଣ୍ଡ ଅଧିକ ସମୟ ନେଇ ପ୍ରଥମ ରନର୍ସଅପ୍ ହୋଇଥିଲେ ।



ମୋନାକୋ ଗ୍ରାଁପ୍ରି ଜିତିବାରେ ୧୯ ବର୍ଷୀୟ ଆଣ୍ଟୋନେଲି ସର୍ବକନିଷ୍ଠ ଚାଳକ ହୋଇଛନ୍ତି । ସେହିଭଳି ଚଳିତ ଫର୍ମୁଲା ୱାନ ସିଜନରେ ତାଙ୍କର ଏହା କ୍ରମାଗତ ୫ମ ଟାଇଟଲ୍ । ଏଥିପୂର୍ବରୁ ସେ ଚାଇନା, ଜାପାନ, ମିଆମି ଓ କାନାଡା ଗ୍ରାଁପ୍ରିରେ ଚାମ୍ପିଅନ ହୋଇଥିଲେ ।

● ତାଇପେଇ ସିଟି ଆଥଲେଟିକ୍ସ ଚାମ୍ପିଅନସିପ୍

## ରୌପ୍ୟ ସହ ଅନିମେଶଙ୍କୁ ରାଜ୍ୟଗୋଷ୍ଠୀ ଯୋଗ୍ୟତା

ଭୁବନେଶ୍ୱର, ୭ ।୬ (ସମିସ): ଓଡ଼ିଶା ତଥା ଦେଶର ତାରକା ଧାବକ ଅନିମେଶ କୁଜୁର ତାଙ୍କ କ୍ୟାରିୟରରେ ଆଉ ଏକ ଅନ୍ତର୍ଜାତୀୟ ପଦକ ଯୋଡ଼ିଛନ୍ତି । ରବିବାର ନ୍ୟୁ ତାଇପେଇ ସିଟି ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଅନିମେଶ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ପୁରୁଷ ୨୦୦ ମିଟର ରେସକୁ ଅନିମେଶ ୨୦.୪୭ ସେକେଣ୍ଡରେ ଫିନିଶ କରି ପୋଡିୟମର ଦ୍ୱିତୀୟ ସ୍ଥାନରେ ରହିଥିଲେ । ଏଥିରେ ଥାଇଲାଣ୍ଡର ପୁରିପୋଲ୍ ବୁନସନ କ୍ୟାରିୟର ଶ୍ରେଷ୍ଠ ୨୦.୦୩ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲେ । ୨୦୦ ମିଟରରେ ଜାତୀୟ ରେକର୍ଡ (୨୦.୩୨ ସେକେଣ୍ଡ)ର ଅଧିକାରୀ ରହିଥିବା ଅନିମେଶ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନଠାରୁ ବେଶ୍ ପଛରେ ରହିଥିଲେ । କିନ୍ତୁ ଚଳିତ ସିଜନରେ ଏହା ତାଙ୍କର ଶ୍ରେଷ୍ଠ ଟାଇମିଂ ଥିଲା । ଏହିକ୍ରମରେ ସେ ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ଲାଗି ରହିଥିବା ଯୋଗ୍ୟତା ମାନଦଣ୍ଡକୁ ମଧ୍ୟ ହାସଲ କରିଛନ୍ତି । ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ ଲାଗି ପୁରୁଷ ୨୦୦ ମିଟର ରେସରେ ମାନଦଣ୍ଡ ୨୦.୬୧ ସେକେଣ୍ଡ ରହିଥିଲା । ଏହି ଧାର୍ଯ୍ୟ ଟାଇମିଂଠାରୁ ଅନିମେଶ ବେଶ୍ ଭଲ ପ୍ରଦର୍ଶନ କରି ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ମଧ୍ୟ ଟିକଟ୍ ହାସଲ କରିଛନ୍ତି ।




ଏକମାତ୍ର ଟେଷ୍ଟ: ପଦାର୍ପଣରେ ମାନବଙ୍କ କମାଲ

# ଫଲୋଅନ ଦ୍ୱାରରେ ଆଫଗାନିସ୍ତାନ

ମୁଲ୍ଲାନପୁର, ୭ ।୬ (ଏଜେନ୍ସି)

ଘରୋଇ ଭାରତ ବିପକ୍ଷରେ ଏଠାରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ଆଫଗାନିସ୍ତାନ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଫଲୋଅନ ଦ୍ୱାରରେ ରହିଛି । ଏହି ମ୍ୟାଚରେ ଭାରତ ପ୍ରଥମ ଇନିଂସରେ ୮ ୱିକେଟରେ ୫୬୪ ରନର ବିଶାଳ ସ୍କୋର କରି ଘୋଷଣା କରିଥିଲା । ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଭ୍ରମଣକାରୀ ଆଫଗାନିସ୍ତାନ ଦଳର ବ୍ୟାଟରମାନେ ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି । ରବିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଆଫଗାନିସ୍ତାନ ୩୯.୫ ଓଭରରେ ୧୧୩ ରନରେ ଅଧା ବ୍ୟାଟରଙ୍କୁ ହରାଇଛନ୍ତି । ଖେଳ ଶେଷବେଳକୁ ରହମତ ଶାହ ୪୩ ରନ କରି ଅପରାଜିତ ରହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ହସମତୁଲ୍ଲା ଶାହିଦୀ ୨୦, ସେଦିକୁଲ୍ଲା ଅଟଳ ୧୭, ଅମଦୁଲ୍ଲା ମଳିକ ୧୬, ରହମନଉଲ୍ଲା ଗୁରବାଜ ୧୨ ଓ ୱିକେଟ୍‌କିପର ଅଫସାର ଜାଜାଇ ୨ ରନ କରି ଆଉଟ୍ ହୋଇଛନ୍ତି । ହାତରେ ୫ ୱିକେଟ୍ ବାକି ରହିଥିବାବେଳେ ଫଲୋଅନ ଏଡ଼ାଇବା ଲାଗି ଆଫଗାନିସ୍ତାନ ଆହୁରି ୨୫୨ ରନ ଆବଶ୍ୟକ କରୁଛି । ଯାହା ଦଳ ପାଇଁ ଅତ୍ୟନ୍ତ କଷ୍ଟସାଧ୍ୟ ହେବ ।

ବୋଲିଂରେ ଘରୋଇ ଭାରତ ପକ୍ଷରୁ ପଦାର୍ପଣକାରୀ ବାମହାତୀ ସ୍ପିନର ମାନବ ସୁତାର ସର୍ବାଧିକ ୩ଟି ଓ ପ୍ରସିଦ୍ଧ କ୍ରିଷ୍ଣା ୨ଟି ୱିକେଟ୍ ନେଇଛନ୍ତି । ରାଜସ୍ଥାନର ମାନବ ବୋଲିଂ କରିଥିବା ତାଙ୍କ ୪ର୍ଥ ବଲରେ ଓପନର୍ ଅବଦୁଲ୍ଲଙ୍କୁ ଆଉଟ୍ କରି ପ୍ରଥମ ଅନ୍ତର୍ଜାତୀୟ ୱିକେଟ୍ ନେଇଥିଲେ । ଫଳରେ ସେ ଭାରତର ୮ମ ବୋଲର ଭାବେ ଟେଷ୍ଟ ପଦାର୍ପଣର ପ୍ରଥମ ଓଭରରେ ୱିକେଟ୍ ପାଇବାରେ ସଫଳ ହୋଇଛନ୍ତି । ୧୯୪୮ରେ ମଣ୍ଟୁ ବାନାର୍ଜୀ ପ୍ରଥମ ଭାରତୀୟ ବୋଲର ଭାବେ ଏଭଳି କୀର୍ତ୍ତିମାନ ସ୍ଥାପନ କରିଥିଲେ ।



**ସଲିମଙ୍କ ସଫଳତା:** ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୬୮/୩ରୁ ରବିବାର ବ୍ୟାଟିଂ ଆରମ୍ଭ କରିଥିବା ଭାରତ ଦମ୍‌ଦାର ପ୍ରଦର୍ଶନ କରିଥିଲା । ଘରୋଇ ଦଳ ୧୨୭ ଓଭର ଖେଳି ୮ ୱିକେଟରେ ୫୬୪ ରନ କରି ପାଳି ଘୋଷଣା କରିଥିଲା । ଭାରତ ପକ୍ଷରୁ ଅଧିନାୟକ ଶୁବମନ ଗିଲ୍ ସର୍ବାଧିକ ୧୨୬ ରନ କରିଥିଲେ । ପୂର୍ବ ଦିନର ସ୍କୋରରେ ସେ ଆଉ ୨୩ ରନ ଯୋଡ଼ି ଆଜି ଦ୍ରୁତ ବୋଲର ସଲିମ ସାଫିଙ୍କ ଶିକାର ବନିଥିଲେ । ସେହିଭଳି ୫୦ ରନରୁ ବ୍ୟାଟିଂ ଆରମ୍ଭ କରିଥିବା ଋଷଭ ପନ୍ତ ୮୧ ରନରେ ପ୍ୟାଭିଲିୟନ ଫେରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ ସୁନ୍ଦର ଅପରାଜିତ ୫୨, ମହମ୍ମଦ ସିରାଜ ୨୨, ଧ୍ରୁବ ଜୁରେଲ ୧୯, ସୁତାର ୨୮, ଲୋକେଶ ରାହୁଲ ୧୦୦, ସାଇ ସୁଦର୍ଶନ ୮୧ ଓ ଯଶସ୍ୱୀ ଜୟସ୍ୱାଲ ୨୪ ରନରେ ଆଉଟ୍ ହୋଇଥିଲେ । ଆଫଗାନିସ୍ତାନ ପକ୍ଷରୁ ଦ୍ରୁତ ବୋଲର ସଲିମଙ୍କୁ ୬ଟି ୱିକେଟ୍ ମିଳିଥିଲା ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୬୪/୮, ୧୨୭ ଓଭର (ଗିଲ୍- ୧୨୬, ରାହୁଲ- ୧୦୦, ସୁଦର୍ଶନ- ୮୧, ପନ୍ତ- ୮୧, ସୁନ୍ଦର- ୫୨*, ସୁତାର- ୨୮, ସିରାଜ- ୨୨, ସଲିମ- ୬/୧୪୦) ।

ଆଫଗାନିସ୍ତାନ ପ୍ରଥମ ଇନିଂସ: ୧୧୩/୫, ୩୯.୫ ଓଭର (ରହମତ- ୪୩*, ଶାହିଦୀ- ୨୦, ସେଦିକୁଲ୍ଲା- ୧୭, ଗୁରବାଜ- ୧୨, ଅବଦୁଲ୍ଲ- ୧୬, ସୁତାର- ୩/୨୧, ପ୍ରସିଦ୍ଧ- ୨/୨୭) ।

## ବିଶ୍ୱ ସାଇକଲ୍ ଦିବସରେ ଭାଗନେଲେ ୪୦୦ ଚାଳକ




ଭୁବନେଶ୍ୱର, ୭ ।୬ (ସମିସ): ଓଡ଼ିଶା ସାଇକ୍ଲିଂ ସଂଘ ଆନୁକୂଲ୍ୟରେ କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ରବିବାର ବିଶ୍ୱ ସାଇକେଲ ଦିବସ ସଫଳତାର ସହିତ ପାଳନ ହୋଇଯାଇଛି । ଯେଉଁଥିରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୪୦୦ ସାଇକେଲ ଚାଳକ ଅଂଶଗ୍ରହଣ କରିଥିଲେ । ଯେଉଁଥିରେ ୧୮୦ଜଣ ମହିଳା ସାଇକ୍ଲିଷ୍ଟ ରହିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କଟକ ଜିଲ୍ଲା ସାଂସଦ ଭର୍ତ୍ତୃହରି ମହତାବ ଓ ସମ୍ମାନିତ ଅତିଥି ଭାବେ ଓଡିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ଅର୍ଜୁନ ପୁରସ୍କାର ବିଜେତା ସୁଜଳ ସିଂହ, ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ ବେହେରା, ଓଡିଶା ସାଇକ୍ଲିଂ ସଂଘର ସମ୍ପାଦକ ପ୍ରସନ୍ନ ରାଉତ ଯୋଗ ଦେଇଥିଲେ । ସାଇକଲ ରାଲି ଇଣ୍ଡୋର ଷ୍ଟାଡିୟମଠାରୁ ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଛକ-ଚଣ୍ଡୀ ଛକ, ସମାଜ ଅଫିସ, ବାରବାଟୀ ଷ୍ଟାଡିୟମ ରୋଡ଼ ଦେଇ ପୁନର୍ବାର ଇଣ୍ଡୋର ଷ୍ଟାଡିୟମରେ ପହଞ୍ଚିଥିଲା ।

## ଲର୍ଡ୍ସ ଟେଷ୍ଟ ଇଂଲଣ୍ଡ ୧୧୫ ରନରେ ବିଜୟୀ

ଲଣ୍ଡନ, ୭ ।୬ (ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ୧୧୫ ରନରେ ବିଜୟୀ ହୋଇଛି । ୨୫୪ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ନ୍ୟୁଜିଲାଣ୍ଡ ରବିବାର ୪ର୍ଥ ଦିବସରେ ୧୩୮ ରନ କରି ଦ୍ୱିତୀୟ ଇନିଂସରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଗତକାଲିର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୫/୫ରୁ ରବିବାର ବ୍ୟାଟିଂ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ପାଇଁ ଗ୍ଲେନ ଫିଲିପ୍ସ ୪୪ ରନ କରି କିଛିଟା ଲଢ଼େଇ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଡେଭନ କନୱେ ୪୧, କେନ ୱିଲିୟମସନ ୧୮ ରନ କରିଥିବାବେଳେ ୮ଜଣ ବ୍ୟାଟର୍ ଦୁଇ ଅଙ୍କ ଛୁଇଁପାରି ନ ଥିଲେ । ଏପରିକି ଅଧିନାୟକ ଟମ୍ ଲଥାମ, ୱିଲିୟମ ଓ'ରୁକ୍ ଓ ଡାରୀଲ ମିଚେଲ ଖାତା ଖୋଲିବାରେ ବିଫଳ ହୋଇଥିଲେ । ବୋଲିଂରେ ଇଂଲଣ୍ଡ ପକ୍ଷରୁ ଗସ୍ ଆଟକିନସନ ସବୁଠୁ ସଫଳ ବୋଲର ରହିଥିଲେ । ସେ ୫ ୱିକେଟ୍ ସଫଳତା ପାଇଥିବାବେଳେ ଓଲି ରବିନସନ, ଜୋଶ୍ ଟଙ୍ଗ ୨ଟି ଲେଖାଏ ଓ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା । ତିନି ମ୍ୟାଚ୍‌ବିଶିଷ୍ଟ ସିରିଜର ଦ୍ୱିତୀୟ ଟେଷ୍ଟ ଜୁନ ୧୭ରୁ କେନ୍ନିଂଟନ ଓଭାଲ ଗ୍ରାଉଣ୍ଡରେ ଆରମ୍ଭ ହେବ ।



## ତନ୍ୱୀଙ୍କୁ ରୌପ୍ୟ

ଭୁବନେଶ୍ୱର, ୭ ।୬ (ସମିସ): ପ୍ରତିଭାବାନ ଓଡ଼ିଆ ବ୍ୟାଡ୍‌ମିଣ୍ଟନ ତାରକା ତନ୍ୱୀ ପତ୍ରି ଲାଟଭିଆ ଇଣ୍ଟରନ୍ୟାସନାଲ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଛନ୍ତି । ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ତନ୍ୱୀ ୧୪-୨୧, ୧୬-୨୧ ସିଧାସଳଖ ଗେମରେ ହଂକଂର ସୁମ ୟାଉ'ଙ୍କ ନିକଟରୁ ହାରି ଟାଇଟଲ୍ ଜିତିବାରୁ ବଞ୍ଚିତ ହୋଇଥିଲେ । ଏଥିପୂର୍ବରୁ ସେମିଫାଇନାଲରେ ତନ୍ୱୀ ୨୧-୯, ୨୧-୧୭ ସିଧାସଳଖ ଗେମରେ ମୋଲଡୋଭାର ଭ୍ଲାଡା ଗିଙ୍ଗାଙ୍କୁ ହରାଇ ଫାଇନାଲରେ ପହଞ୍ଚିଥିଲେ ।

ଆଇଏଚ୍‌ଏଫ୍ ଟ୍ରଫି ଜୁନିଅର ହ୍ୟାଣ୍ଡବଲ୍

## ଭାରତୀୟ ଦଳରେ ସ୍ୱସ୍ତିକ

ଭୁବନେଶ୍ୱର, ୭ ।୬ (ସମିସ): ବାଂଲାଦେଶର ରାଜଧାନୀ ଢାକାଠାରେ ଆସନ୍ତା ୧୦ରୁ ଆରମ୍ଭ ହେବାକୁ ଥିବା ଆଇଏଚ୍‌ଏଫ୍ ଟ୍ରଫି ଜୁନିଅର ହ୍ୟାଣ୍ଡବଲ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି । ଘୋଷିତ ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ସ୍ୱସ୍ତିକ ମହାପ୍ରସାଦ ପତି ସ୍ଥାନ ପାଇଛନ୍ତି । ସୂଚନାଯୋଗ୍ୟ ଯେ ସ୍ୱସ୍ତିକ ଗତ ବର୍ଷ ଏସିଆନ ପ୍ରତିଯୋଗିତା ଜୋର୍ଡାନ ଓ ସେଣ୍ଟ୍ରାଲ ଏସିଆନ ଉଜବେକିସ୍ତାନ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ । ସେ ବର୍ତ୍ତମାନ ଗୌରୀ ଶଙ୍କର ମିଶ୍ରଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି । ଏହି ଅବସରରେ ଓଡିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, କୋଷଦକ୍ଷ ଶୀତେନ୍ଦ୍ରନାଥ ଦାସ, ଭୁବନେଶ୍ୱର ହ୍ୟାଣ୍ଡବଲ ସଙ୍ଘ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ସ୍ୱସ୍ତିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



## ଶୀର୍ଷରେ ରହିବେ ଓଡ଼ିଶା କ୍ରୀଡ଼ାବିତ୍: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୭ ।୬ (ସମିସ): କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା କଳିଙ୍ଗ ଷ୍ଟାଡିୟମ ପରିସରରେ ଆୟୋଜିତ ଦୁଇଦିନିଆ "ଚିନ୍ତନ ଶିବିର'ର ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କ୍ରୀଡ଼ା କେବଳ, ପଦକ, ରେକର୍ଡ କିମ୍ବା ଜୟ-ପରାଜୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଜୀବନରେ ଅନୁଶାସନ, ଟିମ୍ ୱାର୍କ ଏବଂ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ଧୈର୍ଯ୍ୟ ଶିଖାଇଥାଏ । ଓଡ଼ିଶା ଏବେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରର ସ୍ପୋର୍ଟ୍ସ ଇଭେଣ୍ଟ ସଫଳତାର ସହ ଆୟୋଜନ କରି ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଛି । ଆଗାମୀ ଦିନରେ ଓଡ଼ିଶା କେବଳ ଏକ ଭଲ ଆୟୋଜକ ରାଜ୍ୟ ଭାବେ ନୁହେଁ, ବରଂ ବିଶ୍ୱସ୍ତରୀୟ ଚାମ୍ପିଅନ୍ ତାଲିକାରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନଙ୍କ ନାମ ରହିବ । ସେହିଭଳି ଗୋଠପାଟଣାଠାରେ ପ୍ରାୟ ୧୦୦୦ କୋଟି ଟଙ୍କା ବିନିଯୋଗରେ ଏକ ମଲ୍ଟି ପରପୋଜ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଇଛି । ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ମଜବୁତ କରିବା ପାଇଁ ବ୍ଲକସ୍ତରରେ ୪ ହଜାର କୋଟିରୁ ଅଧିକ ଟଙ୍କାର ବିନିଯୋଗରେ ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିଅମ ନିର୍ମାଣ କରାଯାଉଛି । ଏହା ସହିତ "ମୁଖ୍ୟମନ୍ତ୍ରୀ ଟ୍ରଫି' ଜରିଆରେ ଗ୍ରାମାଞ୍ଚଳର ଉଦୀୟମାନ ପ୍ରତିଭାମାନଙ୍କୁ ଚୟନ କରାଯାଇ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ଏହି 'ଚିନ୍ତନ ଶିବିର' ଆଗାମୀ ଦିନରେ କ୍ରୀଡ଼ାର ବିକାଶ ପାଇଁ ଏକ ବଡ଼ ରୋଡମ୍ୟାପ୍ ପ୍ରସ୍ତୁତ କରିବାରେ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି । ଏହି କାର୍ଯ୍ୟକ୍ରମରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର କ୍ରୀଡ଼ା ବିଶେଷଜ୍ଞ, ପ୍ରଶାସକ, କ୍ରୀଡ଼ାବିତ୍ ପ୍ରମୁଖ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ା ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି । କ୍ରୀଡ଼ା ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅଲିମ୍ପିଆନ ଦିଲିପ ତିର୍କୀ ପ୍ରମୁଖ ଯୋଗଦେଇଥିଲେ ।

## ତମିମ୍ ଇକ୍‌ବାଲ ବିସିବି ସଭାପତି

ଢାକା, ୭ ।୬ (ଏଜେନ୍ସି): ପୂର୍ବତନ ଅଧିନାୟକ ତମିମ ଇକବାଲଙ୍କୁ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)ର ନୂତନ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି । ରବିବାର ଢାକାରେ ଅନୁଷ୍ଠିତ ନିର୍ବାଚନରେ ୩୭ ବର୍ଷୀୟ ତମିମ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ।



ଆଡ-ହକ୍ କମିଟିର ମୁଖ୍ୟ ଭାବରେ ତମିମ ଦୁଇ ମାସ ପୂରଣ କରିସାରିଥିଲେ । ଏବେ ସେ ଚାରି ବର୍ଷ ପାଇଁ ବିସିବି ସଭାପତି ଭାବରେ କାର୍ଯ୍ୟ କରିବେ । ଏକ ତଦନ୍ତ କମିଟି ରିପୋର୍ଟ ଆଧାରରେ ଅମିନୁଲ ଇସଲାମଙ୍କ ଅଧୀନରେ ପୂର୍ବ ନିର୍ବାଚିତ ସଂଘକୁ ବାଂଲାଦେଶ ସରକାର ଗତ ଏପ୍ରିଲରେ ଭାଙ୍ଗି ଦେଇଥିଲେ । ବାଂଲାଦେଶ କ୍ରିକେଟର ଉନ୍ନତି ପାଇଁ ସମ୍ବିଧାନରେ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ଅଛୁ ବୋଲି ତମିମ କହିଛନ୍ତି ।

## ଇରାକ ଖେଳାଳିଙ୍କୁ ୭ ଘଣ୍ଟା ଅଟକ ରଖିଲା ଆମେରିକା

**ଫିଫା ବିଶ୍ୱକପ୍ ଆଉ ୩ ଦିନ**

ୱାଶିଂଟନ, ୭ ।୬ (ଏଜେନ୍ସି): ଫିଫା ବିଶ୍ୱକପର ୨୩ତମ ସଂସ୍କରଣ ଜୁନ୍ ୧୧ରୁ ଆମେରିକା, ମେକ୍ସିକୋ ଏବଂ କାନାଡାରେ ମିଳିତ ଭାବରେ ଆରମ୍ଭ ହେବାକୁ ଯାଉଛି । ଏହି ମେଗା ଇଭେଣ୍ଟ ପୂର୍ବରୁ ଏକ ନୂତନ ବିବାଦ ଦେଖାଦେଇଛି । ଇରାକୀ ଫୁଟବଲ ଦଳର ଷ୍ଟ୍ରାଇକର ଆୟମେନ୍ ହୁସେନ୍ ଆମେରିକାରେ ପହଞ୍ଚିବା ପରେ ତାଙ୍କୁ ଚିକାଗୋ ବିମାନବନ୍ଦରରେ ଅଟକ ରଖାଯାଇଥିଲା । ଆମେରିକା କର୍ତ୍ତୃପକ୍ଷ ତାଙ୍କୁ ପ୍ରାୟ ସାତ ଘଣ୍ଟା ପଚରାଉଚରା କରିଥିଲେ । ଏପରିକି ତାଙ୍କ ଫୋନ୍ ମଧ୍ୟ ଯାଞ୍ଚ କରାଯାଇଥିଲା । ପରେ ହୁସେନଙ୍କୁ ଛାଡ଼ିଥିଲେ । ତେବେ ଇରାକୀ ଦଳର ଫଟୋଗ୍ରାଫର ତଲାଲ୍ ସଲାହଙ୍କୁ ମଧ୍ୟ ବିମାନବନ୍ଦରରେ ଅଟକ ରଖାଯାଇଥିଲା । ତାଙ୍କୁ ୧୦ ଘଣ୍ଟା ପଚରାଉଚରା କରାଯାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ସଲାହଙ୍କୁ ପ୍ରବେଶ ଲାଗି ଅନୁମତି ମିଳିନାହିଁ । ଏହି ଘଟଣାକୁ ନେଇ ଇରାକ ଫୁଟବଲ୍ ସଂଘ ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦେଇନାହିଁ ।



### ୱାର୍ମଅପ୍‌ରେ ଆର୍ଜେଣ୍ଟିନା, ବ୍ରାଜିଲ ବିଜୟୀ

ଟେକ୍ସାସ, ୭ ।୬ (ଏଜେନ୍ସି): ଆଉ ଦିନ କେଇଟା ପରେ ଆରମ୍ଭ ହେବ ଫୁଟବଲର ମହାକୁମ୍ଭ ଫିଫା ବିଶ୍ୱକପ୍ । ଏଥିପୂର୍ବରୁ ଅଂଶଗ୍ରହଣକାରୀ ଦଳମାନେ ସେମାନଙ୍କର ଶେଷ ପ୍ରସ୍ତୁତି ଭାବେ ୱାର୍ମଅପ୍ ମ୍ୟାଚ୍ ଖେଳୁଛନ୍ତି । ଏହିକ୍ରମରେ ଅନୁଷ୍ଠିତ ୱାର୍ମଅପ୍ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ସହ ରେକର୍ଡ ପାଞ୍ଚଥରର ବିଜେତା ବ୍ରାଜିଲ ବିଜୟୀ ହୋଇଛନ୍ତି । ଟେକ୍ସାସର କେଲୀ ଫିଲ୍ଡରେ ଅନୁଷ୍ଠିତ ୱାର୍ମଅପ୍ ମ୍ୟାଚରେ ଆର୍ଜେଣ୍ଟିନା ୨-୦ ଗୋଲ୍‌ରେ ହଣ୍ଡୁରାସକୁ ପରାସ୍ତ କରିଛି । ପ୍ରଭାବ ବିସ୍ତାର କରି ଖେଳିଥିବା ଆର୍ଜେଣ୍ଟିନା ପାଇଁ ଲୌଟାରୋ ମାର୍ଟିନେଜ ଓ ଗିଉଲିଆନୋ ସିମେଓନି ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ । ମ୍ୟାଚର ୩୭ତମ ମିନିଟରେ ମିଳିଥିବା ପେନାଲ୍ଟି କିକ୍‌ର ଭରପୁର ଫାଇଦା ଉଠାଇ ମାର୍ଟିନେଜ ଦଳ ପାଇଁ ଖାତା ଖୋଲିଥିଲେ । ସେହିଭଳି ଦ୍ୱିତୀୟାର୍ଦ୍ଧ ତଥା ୫୪ତମ ମିନିଟରେ ସିମେଓନି ଅନ୍ୟତମ ଗୋଲ୍‌ଟି ସ୍କୋର କରିଥିଲେ । ଆହତ ସମସ୍ୟାରୁ ମୁକୁଳି ପାରି ନ ଥିବାରୁ ଏହି ମ୍ୟାଚରେ ଆର୍ଜେଣ୍ଟିନାର ଷ୍ଟାର ଖେଳାଳି ଲିଓନେଲ ମେସି ଖେଳିପାରି ନ ଥିଲେ । ଆର୍ଜେଣ୍ଟିନା ଏହାର ଶେଷ ୱାର୍ମଅପ୍ ମ୍ୟାଚ୍ ଆଇସଲାଣ୍ଡ ସହ ଜୁନ ୯ରେ ଖେଳିବ ।

ଅପରପକ୍ଷରେ ଆମେରିକାର କ୍ଲେଭେଲାଣ୍ଡ ହଣ୍ଟିଂଟନ ବ୍ୟାଙ୍କ ଫିଲ୍ଡରେ ଖେଳାଯାଇଥିବା ଅନ୍ୟ ଏକ ୱାର୍ମଅପ୍ ମ୍ୟାଚରେ ବ୍ରାଜିଲ ୨-୧ ଗୋଲ୍‌ରେ ଇଜିପ୍ଟକୁ ହରାଇଦେଇଛି । ମ୍ୟାଚର ୭ମ ମିନିଟ୍‌ରେ ବ୍ରୁନୋ ଗୁଇମର୍ସଙ୍କ ଗୋଲ୍ ବଳରେ ବ୍ରାଜିଲ ୧-୦ରେ ଅଗ୍ରଣୀ ରହିଥିଲା । ମାତ୍ର ୪ ମିନିଟ୍ ପରେ ମୋସ୍ତଫା ଜିକୋ ଇଜିପ୍ଟ ପାଇଁ ଗୋଲ୍‌ସ୍କୋର କରି ମ୍ୟାଚକୁ ୧-୧ସ୍ଥିତିକୁ ଆଣିଥିଲେ । ତେବେ ୫୨ତମ ମିନିଟ୍‌ରେ ଏଣ୍ଡରିକଙ୍କ ଗୋଲ୍ ବଳରେ ବ୍ରାଜିଲ ୨-୧ରେ ବିଜୟୀ ହୋଇଥିଲା ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS